ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ଜାନୁୟାରୀ ୧୮ /୨୦୨୦ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Rayagada, Saturday, January 18 / 2020 ★
୯ମ ଭାଗ ୩୪୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



## କାର୍ଲୋସ ସେଞ୍ଜ୍‌ଙ୍କୁ ତୃତୀୟ ଟାଇଟଲ

ଭେଟେରାନ ସ୍ପାନିଶ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଶୁକ୍ରବାର ତୃତୀୟ ଥର ଡାକାର ରାଲି ଟାଇଟଲ ଜିତିଛନ୍ତି।

୧୪

୦୭

## 'ଲଭ୍ ଆଜ୍ କଲ୍'ରେ ସାରା

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।



# ୧କୁ ଘୁଞ୍ଚିଲା ଦୋଷୀଙ୍କ ଫାଶୀ

**ନିର୍ଭୟା ମାମଲା**



- ମୁକେଶଙ୍କ ଦୟା ଆବେଦନକୁ ଖାରଜ କଲେ ରାଷ୍ଟ୍ରପତି
- ନୂଆ ଡେଥ୍ ୱାରେଣ୍ଟ ଜାରି କଲେ ପଟିଆଲା ହାଉସ୍ କୋର୍ଟ
- ଫେବୃୟାରୀ ୧ ସକାଳ ୬ଟାରେ ସମସ୍ତ ୪ ଦୋଷୀଙ୍କୁ ଦିଆଯିବ ଫାଶୀ

**ନୂଆଦିଲ୍ଲୀ,୧୭।୧ (ପି.ଟି./ଆଇଏଏନ୍ଏସ୍)**

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫେବୃୟାରୀ ୧ ତାରିଖ ସକାଳ ୬ଟାରେ ତିହାର ଜେଲରେ ଫାଶୀ ଦିଆଯିବ। ଅନ୍ୟତମ ଦୋଷୀ ମୁକେଶ ସିଂ(୩୨)ଙ୍କ ରାଜକ୍ଷମା ଆବେଦନକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଖାରଜ କରିଦେବା ପରେ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ପାଇଁ ଦ୍ୱିତୀୟ ଡେଥ୍ ୱାରେଣ୍ଟ ଜାରି କରିଛନ୍ତି। ଦୋଷୀମାନଙ୍କୁ ଜାନୁୟାରୀ ୨୨ରେ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ଗତ ୭ ତାରିଖରେ ଡେଥ୍ ୱାରେଣ୍ଟ ଜାରି କରିଥିଲେ। ଜୀବନ ବଞ୍ଚାଇବା ପାଇଁ ଶେଷ ଆଶା ନେଇ ମୁକେଶ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଷ୍ଟ୍ରପତି ମର୍ସି ପିଟିଶନ ଖାରଜ କରିବାର ୧୪ ଦିନ ମଧ୍ୟରେ ଫାଶୀ ଦିଆଯାଇ ପାରିବ ନାହିଁ ବୋଲି ଜେଲ୍ ନିୟମରେ ବ୍ୟବସ୍ଥା ଥିବାରୁ ଦୋଷୀମାନଙ୍କ ମରଣ କାଳ ଆସନ୍ତା ୧ ତାରିଖକୁ ଘୁଞ୍ଚିଯାଇଛି। ମୁକେଶ ସିଂ(୩୨), ବିନୟ ଶର୍ମା(୨୬), ଅକ୍ଷୟ ଠାକୁର (୩୧) ଓ ପବନ ଗୁପ୍ତା(୨୫) ଦୟା ଆବେଦନ କଲେ ଏହି ତାରିଖ ଆଗକୁ ଆହୁରି ଘୁଞ୍ଚିପାରେ ବୋଲି କୁହାଯାଉଛି।

୨୦୧୨ ଡିସେମ୍ବର ୧୬ରେ ଉପରୋକ୍ତ ୪ ଦୋଷୀ ଓ ଅନ୍ୟ ୨ ଜଣ ନିର୍ଭୟାଙ୍କୁ ଦିଲ୍ଲୀରେ ଗଣବଳାତ୍କାର କରି ଅକଥନୀୟ ଅତ୍ୟାଚାର ପରେ ଚଳନ୍ତା ବସରୁ ଫିଙ୍ଗିଦେଇଥିଲେ। ପୀଡ଼ିତା ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ହାରିଯାଇଥିଲେ। ଡିସେମ୍ବର ୨୯ରେ ସେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଥିବାବେଳେ ଏଥିରୁ ମୁକୁଳିଯିବା ପାଇଁ ସେମାନେ ଯଥାସମ୍ଭବ ଉଦ୍ୟମ ଚଳାଇଛନ୍ତି। ☞ପୃଷ୍ଠା-୧୧

## ସୁପ୍ରିମକୋର୍ଟ ଗଲେ ପବନ

**ନୂଆଦିଲ୍ଲୀ,୧୭।୧(ପି.ଟି.)**

ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ପବନ କୁମାର ଗୁପ୍ତା ଦିଲ୍ଲୀ ହାଇକୋର୍ଟଙ୍କ ଡିସେମ୍ବର ୧୯ ରାୟକୁ ଶୁକ୍ରବାର ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପବନ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ୨୦୧୨ ଡିସେମ୍ବର ୧୬ରେ ଅପରାଧ ଘଟିଥିବା ସମୟରେ ସେ ନାବାଳକ ଥିଲେ। ତେଣୁ ତାଙ୍କ ମାମଲାର ଶୁଣାଣି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହେବା ଦରକାର ଥିଲା। କିନ୍ତୁ ସେପରି କରା ନ ଯାଇ କୋର୍ଟରେ ବିଚାର ହୋଇଥିଲା। ଏନେଇ ସେ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ପବନଙ୍କ ଓକିଲ ତାଙ୍କୁ ବଞ୍ଚାଇବା ପାଇଁ ଜାଲ୍ ଦସ୍ତାବିଜ ଦାଖଲ କରିଥିବା ଦର୍ଶାଇ ହାଇକୋର୍ଟ ଗତ ଡିସେମ୍ବର ୧୯ରେ ଏହାକୁ ଖାରଜ କରିଦେଇଥିଲେ।

## ୨୦୨୫ ସୁଦ୍ଧା ଭାରତକୁ ମିଳିବ ଏସ୍--୪୦୦ କ୍ଷେପଣାସ୍ତ୍ର



**ନୂଆଦିଲ୍ଲୀ,୧୭।୧(ପି.ଟି.)**

ଭାରତ ପାଇଁ ଏସ୍-୪୦୦ କ୍ଷେପଣାସ୍ତ୍ର ସିଷ୍ଟମ୍ ନିର୍ମାଣ ଆରମ୍ଭ କରିଛି ରୁଷିଆ। ୨୦୨୫ ସୁଦ୍ଧା ଏହା ଭାରତକୁ ମିଳିଯିବ ବୋଲି ରୁଷିଆ ମିଶନର ଉପମୁଖ୍ୟ ରୋମାନ ବାବୁସ୍କିନ୍ କହିଛନ୍ତି। ସେହିପରି ଭାରତ ପାଇଁ ବହୁମୁଖୀ ହାଲୁକା ଲଢୁଆ ହେଲିକପ୍ଟର କାମୋଭ ଦୁଇଦେଶ ମିଳିତ ଭାବେ ଉତ୍ପାଦନ କରିବେ। ଏଥିପାଇଁ ଖୁବ୍‌ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ ବୋଲି ସେ କହିଛନ୍ତି। ରୁଷିଆ ରାଷ୍ଟ୍ରଦୂତ ନିକୋଲାଇ କୁଡାଶେଭ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ବାବୁସ୍କିନ୍ କହିଥିଲେ, ଭାରତକୁ ମିଳିବାକୁ ଥିବା ୫୦୦୦ କଲାଶନିକୋଭ ରାଇଫଲର ପ୍ରଥମ ବ୍ୟାଚ୍ ଚଳିତ ବର୍ଷ ପହଞ୍ଚିବ। ରୁଷିଆରୁ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବା ପାଇଁ ଭାରତ ୨୦୧୮ ଅକ୍ଟୋବରରେ ୫ ବିଲିୟନ ଡଲାର ରାଜିନାମା ସ୍ୱାକ୍ଷର କରିଥିଲା।

## ମୋଦି କ୍ୟାବିନେଟରେ ସାମିଲ ହୋଇପାରନ୍ତି କାମାଥ, ଦାସଗୁପ୍ତା



କେ.ଭି. କାମାଥ



ସ୍ୱପନ ଦାସଗୁପ୍ତା

- ମନ୍ତ୍ରିମଣ୍ଡଳକୁ ଫେରିପାରନ୍ତି ସୁରେଶ ପ୍ରଭୁ
- ଅମିତାଭ କାନ୍ତଙ୍କ ନାଁକୁ ନେଇ ବି ଚର୍ଚ୍ଚା

**ନୂଆଦିଲ୍ଲୀ,୧୭।୧(ଆଇଏଏନ୍ଏସ୍)**

ବ୍ରିକ୍ସ ବ୍ୟାଙ୍କ ଅଧ୍ୟକ୍ଷ କେ.ଭି. କାମାଥ ଏବଂ ଭାଜପାର ରାଜ୍ୟ ସଭା ସଦସ୍ୟ ସ୍ୱପନ ଦାସଗୁପ୍ତାଙ୍କୁ ଖୁବ୍‌ଶୀଘ୍ର କେନ୍ଦ୍ର କ୍ୟାବିନେଟରେ ସାମିଲ କରାଯାଇପାରେ। ଏହି ଦୁଇ ଟେକ୍ନୋକ୍ରାଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ସୂତ୍ରରୁ ପ୍ରକାଶ। ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଦୀର୍ଘ ଅଭିଜ୍ଞତାସମ୍ପନ୍ନ ଭେଟେରେନ୍ ବ୍ୟାଙ୍କର କେ.ଭି. କାମାଥଙ୍କୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ କରାଯାଇପାରେ। ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବାବେଳେ କାମାଥ ଏହାର ସମାଧାନ ଦିଗରେ ସହାୟକ ହୋଇପାରନ୍ତି ବୋଲି ଆଶା କରାଯାଉଛି। ସେହିପରି ପଦ୍ମବିଭୂଷଣ ସ୍ୱପନ ଦାସଗୁପ୍ତାଙ୍କୁ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ପଦ ମିଳିପାରେ। ଦେଶର ମର୍ଯ୍ୟାଦାଜନକ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ଅଶାନ୍ତି ଲାଗି ରହିଥିବାବେଳେ ଏହି ହିନ୍ଦୁତ୍ୱବାଦୀ ବିଚାରକଙ୍କ ଅଭିଜ୍ଞତା ତାକୁ ପ୍ରଶମିତ କରିବାରେ ସହାୟକ ହେବ ବୋଲି ମୋଦି ସରକାର ଚିନ୍ତା କରୁଛନ୍ତି। ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ହେଉଛନ୍ତି ଅନ୍ୟତମ ଟେକ୍ନୋକ୍ରାଟ, ଯାହାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ପାଇଁ ବିଚାର ଚାଲିଛି। ଅନୁରୂପ ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ ପ୍ରଭୁ ମଧ୍ୟ କ୍ୟାବିନେଟକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# 'ଲୋକଙ୍କୁ ମର୍ଯ୍ୟାଦା ଦେଇ ସେବା କର'





କନ୍‌ଭେନ୍‌ଶନ୍ ହଲରେ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ବରିଷ୍ଠ ଅଧିକାରୀ ସମ୍ମିଳନୀ**

- ମନ୍ତ୍ରୀ, ଅଧିକାରୀଙ୍କୁ ଶପଥପାଠ କରାଇଲେ ମୁଖ୍ୟମନ୍ତ୍ରୀ
- ୫ ବର୍ଷ ପାଇଁ ରୋଡ୍ ମ୍ୟାପ ପ୍ରସ୍ତୁତ
- ନୂତନ ଜ୍ଞାନକୌଶଳ, ଜୀବିକା, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଥାନା, ଡାକ୍ତରଖାନା ହେଉ କିମ୍ବା କୌଣସି ସରକାରୀ କାର୍ଯ୍ୟାଳୟ। ସବୁ ଲୋକଙ୍କୁ ସେଠାରେ ସମ୍ମାନର ସହ ଉତ୍ତମ ସେବା ମିଳିବା ଦରକାର। ସାଢେ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋର ପରିବାର। ସେମାନଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଆମର କର୍ତ୍ତବ୍ୟ। ବୃତ୍ତିଗତ ଓ ସେବା ମନୋଭାବ ନେଇ ଲୋକମାନଙ୍କର କାର୍ଯ୍ୟ କରିବାକୁ ପଡ଼ିବ। ରାଜ୍ୟର ବରିଷ୍ଠ ଓ କନିଷ୍ଠ ଆଇଏଏସ ଅଫିସରମାନଙ୍କୁ ଏମିତି ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଶୁକ୍ରବାର ଲୋକସେବା କନ୍‌ଭେନ୍‌ଶନ ହଲରେ ଆୟୋଜିତ ବରିଷ୍ଠ ଅଧିକାରୀ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପରିବାର ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମେ ଚାହୁଁ ଆମ ପିଲାମାନେ ଭଲ ପାଠ ପଢନ୍ତୁ। ଆମର ଭାଇ ଭଉଣୀମାନେ ସବୁଠାରୁ ଭଲ ଚାକିରି ପାଆନ୍ତୁ। ଆମେ ଚାହୁଁ ଯେ ଆମ ମାଆବାପାଙ୍କୁ ଭଲ ସ୍ୱାସ୍ଥ୍ୟ ସୁବିଧା ମିଳୁ। ମୋର ବି ଗୋଟିଏ ପରିବାର ଅଛି। ଓଡ଼ିଶାର ସାଢେ ୪କୋଟି ଲୋକ ହେଉଛନ୍ତି ମୋ ପରିବାର। ସେମାନଙ୍କ ଆଶୀର୍ବାଦରେ ମୁଁ ଗତ ୨୦ ବର୍ଷ ଧରି ସେବା କରି ଆସୁଛି। ମୁଁ ଚାହେଁ ଆମର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଆନ୍ତୁ। ଆମର ଭାଇ ଭଉଣୀମାନେ ଭଲ ଚାକିରି କରନ୍ତୁ। ଆମ ପରିବାରର ବରିଷ୍ଠମାନେ ଭଲ ସ୍ୱାସ୍ଥ୍ୟସେବା ପାଆନ୍ତୁ। ଆପଣମାନେ ହେଉଛନ୍ତି ଏହି ପରିବର୍ତ୍ତନ ଧାରାର ମୁଖ୍ୟ ବାହକ। 'ମୋ ସରକାର' ମୁଖବନ୍ଧରେ ଆମ ପ୍ରଶାସନର ବିଶେଷତ୍ୱ ପ୍ରତିଫଳିତ ହୋଇଛି। ଏହି ସମ୍ମିଳନୀ ସେ ଦିଗରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ରାଜ୍ୟର ବିକାଶ ସହିତ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟାଳୟରେ କିପରି ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ସମସ୍ତ ☞ପୃଷ୍ଠା-୪

ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ
ପୃଷ୍ଠା - ୮-୯

ଆଜିର ସମ୍ପାଦକୀୟ
ୟୁପିରେ କମିଶନରେଟ୍

Vencobb FRESH CHICKEN
Taste the difference!
17.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 77 | 128 | 138 |
| BHM | 75 | 126 | 136 |

*Conditions Apply
Issued in the Interest of Consumers

■ଡିଇଓ ନ ଥିବାରୁ ମଧ୍ୟାହ୍ନଭୋଜନରେ ଅଚଳାବସ୍ଥା

## ବକେୟା ପଡ଼ିଲାଣି ୭୦ ଲକ୍ଷ, ଅଣ୍ଡା ବନ୍ଦ

**ଜୟପୁର,୧୭।୧(ଡି.ଏନ୍.ଏ.)**

ଫୌଜଦାରୀ ମାମଲାରେ କୋରାପୁଟ ଜିଲା ଶିକ୍ଷାଧିକାରୀ ଗିରଫ ଓ ନିଲମ୍ବିତ ହେବା ପରେ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦକୁ ଟଙ୍କା ଉଠାଣ ହୋଇପାରୁ ନାହିଁ। ଫଳରେ ପ୍ରଶାସନ ଉପରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା କେନ୍ଦ୍ରୀୟ ରୋଷେଇ ପରିଚାଳନା ସଂସ୍ଥାର ୭୦ ଲକ୍ଷ ଟଙ୍କା ବକେୟା ପଡ଼ିଲାଣି। ଫଳରେ ଗତ ସପ୍ତାହରୁ ସ୍କୁଲରେ ପିଲାଙ୍କୁ ଆଉ ଅଣ୍ଡା ମିଳୁନି। ଏପରିକି ମଧ୍ୟାହ୍ନଭୋଜନ ଠିକ୍‌ଭାବେ ଦିଆଯାଉଛି କି ନା, ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି।

କୋରାପୁଟ ଜିଲାର ଜୟପୁର, କୋଟପାଡ଼, ସୁନାବେଡ଼ା, କୋରାପୁଟ ପୌରାଞ୍ଚଳ ଏବଂ ଜୟପୁର ବ୍ଲକର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ



ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରି ଯୋଗାଇଥାଏ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କେନ୍ଦ୍ରିୟ ରୋଷେଇଶାଳା। କିନ୍ତୁ ଗତ ଏକ ମାସରୁ ଊର୍ଦ୍ଧ୍ୱ ହେଲାଣି କୋରାପୁଟ ଜିଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତି ଓ ନୂତନ ଭାବେ କାହାକୁ ଦାୟିତ୍ୱ ଦିଆଯାଇ ନ ଥିବା ଯୋଗୁ ଉକ୍ତ କେନ୍ଦ୍ରିୟ ରୋଷେଇ ପରିଚାଳନା ସଂସ୍ଥାକୁ ଦୁଇ ମାସ ହେଲା ଟଙ୍କା ଦିଆଯାଇନାହିଁ। ଫଳରେ ଗତ ସପ୍ତାହରୁ ଜୟପୁର ବ୍ଲକର ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନଭୋଜନରେ ଅଣ୍ଡା ଯୋଗାଣ ବନ୍ଦ କରାଯାଇଛି। ☞ପୃଷ୍ଠା-୪





୧୯୯୩ ମୁମ୍ବାଇ ସିରିଜ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ଜଲୀସ୍ ଅନ୍‌ସାରୀ ଓରଫ ଡକ୍ଟର ବମ୍(୬୮) ପାରୋଲ୍‌ରେ ଯାଇ ଗୁରୁବାର ସକାଳେ ନିଖୋଜ ହୋଇଯାଇଥିଲେ। ଉତ୍ତରପ୍ରଦେଶ ପୋଲିସ ଶୁକ୍ରବାର ତାଙ୍କୁ କାନପୁରରୁ ଗିରଫ କରିଛି। ମୁମ୍ବାଇ ନିବାସୀ ଅନ୍‌ସାରୀ ଏହି ମାମଲାରେ ରାଜସ୍ଥାନ ଜେଲରେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିଲେ। ୨୧ ଦିନ ପାରୋଲ ପରେ ଗୁରୁବାର ସେ ଜେଲକୁ ଫେରିବାର ଥିଲା।



ହିମାଚଳ ପ୍ରଦେଶର ଲାହୁଲ୍-ସ୍ପିତିରେ ପ୍ରବଳ ତୁଷାରପାତ ହେଉଥିବାବେଳେ ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକେ ଜଣେ ରୋଗୀଙ୍କୁ ଷ୍ଟ୍ରେଚରରେ ହସ୍ପିଟାଲକୁ ନେଉଛନ୍ତି।




ସୁଇଜରଲାଣ୍ଡର ଲାଉସାନେରେ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ 'ଫ୍ରାଇଡେ ଫର୍ ଫ୍ୟୁଚର' ଅବସରରେ ୧୭ ବର୍ଷୀୟା ଜଳବାୟୁ ପରିବର୍ତ୍ତନ କର୍ମୀ ଗ୍ରେଟା ଥନ୍‌ବର୍ଗ ଓ ଅନ୍ୟମାନେ।



ବିଏସ୍‌ଏଫ୍‌ର ଓଟ ଆରୋହୀ ଯବାନମାନେ ନୂଆଦିଲ୍ଲୀର ରାଜପଥରେ ସାଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସ କରୁଛନ୍ତି।

# ଧରାପଡ଼ିଲା ପାକ୍‌ର ଆଣବିକ ଚୋରା କାରବାର

**ୱାଶିଂଟନ,୧୭।୧**

ପାକିସ୍ତାନ ତା'ର ଆଣବିକ ଚୋରା କାରବାର ଏବଂ ବେଆଇନ ଭାବେ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ହାସଲ କରିବା କାର୍ଯ୍ୟ ଜାରି ରଖିଥିବା ପୁଣିଥରେ ପଦାକୁ ଆସିଛି। ନିଜ ଦେଶରେ ବିଜ୍ଞାନ ଓ ପ୍ରଯୁକ୍ତିର କୌଣସି ଭିତ୍ତିଭୂମି ନ ଥିବା ସତ୍ତ୍ୱେ ଇସ୍‌ଲାମାବାଦ ଚୋରାରେ ଅନ୍ୟ ଦେଶରୁ ଏହି ଜ୍ଞାନକୌଶଳ ହାସଲ କରି ଅଣୁଅସ୍ତ୍ର ଓ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତା ହାସଲ କରିପାରିଛି। ପୁଣିଥରେ ଏହି ଚୋରା କାରବାର ବେଳେ ରାୱଲପିଣ୍ଡିର ଏକ କମ୍ପାନୀ ସହ ସମ୍ପୃକ୍ତ ୫ ଜଣ ପାକିସ୍ତାନୀ ଧରାପଡିଛନ୍ତି। ଗିରଫ ୫ ଜଣଙ୍କ ବିରୋଧରେ ବେଆଇନ କାରବାର ନେଇ ମାମଲା ରୁଜୁ ହୋଇଛି। ବିଜ୍‌ନେସ୍ ୱାର୍ଲ୍ଡ ନାମକ କମ୍ପାନୀ ପାକିସ୍ତାନର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଆମେରିକୀୟ ଜ୍ଞାନକୌଶଳ ଚୋରା କାରବାରରେ ସମ୍ପୃକ୍ତ ଥିବା ଜଣାପଡିଛି।

ଆମେରିକା ନ୍ୟାୟିକ ବିଭାଗ ଅନୁଯାୟୀ, ଧରାପଡ଼ିଥିବା ୫ ଜଣ ଅଭିଯୁକ୍ତ କାନାଡ଼ା, ହଂକଂ, ବ୍ରିଟେନରେ ରହି ଆଗୁଆ କମ୍ପାନୀଗୁଡ଼ିକର ଏକ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟୱର୍କ



ଆମେରିକା ନ୍ୟାୟିକ ବିଭାଗ

ଚଳାଇଥିଲେ। ଏହି ସଂସ୍ଥା ଆଡଭାନ୍ସଡ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଅର୍ଗାନାଇଜେଶନ (ଏଇଆର୍‌ଓ) ଏବଂ ପାକିସ୍ତାନୀ ଆଣବିକ ଶକ୍ତି କମିଶନ (ପିଏଇସି) ପାଇଁ ଆମେରିକୀୟ ସାମଗ୍ରୀ ସଂଗ୍ରହ କରୁଥିଲା। ସଂଘୀୟ ଆଇନର ଉଲ୍ଲଂଘନ କରାଯାଇ ବିନା ରପ୍ତାନୀ ଲାଇସେନ୍ସରେ ଉକ୍ତ ସଂସ୍ଥା ବିଭିନ୍ନ କମ୍ପାନୀକୁ ସାମଗ୍ରୀ ପଠାଉଥିଲା। ବର୍ଷ ବର୍ଷ ଧରି ଆମେରିକାର ମୂଳ ସାମଗ୍ରୀ ଅନ୍ୟ ଦେଶରେ ଥିବା କମ୍ପାନୀଗୁଡ଼ିକୁ ଚୋରା ଚାଲାଣ ହୋଇଆସୁଥିଲା। ଉକ୍ତ ସଂସ୍ଥାର ପାକିସ୍ତାନ ଅସ୍ତ୍ର କାର୍ଯ୍ୟକ୍ରମ ସହ ସମ୍ପର୍କ ରହିଥିବା ଜଣାପଡିବା ପରେ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି। ଆମେରିକା ବ୍ୟବସାୟରେ ଏଭଳି ତ୍ରୁଟିପୂର୍ଣ୍ଣ କାରବାର ଚାଲିଥିବା ଏହା ଏକ ଉଦାହରଣ ବୋଲି ଏହାର ଜାତୀୟ ସୁରକ୍ଷାର ସହକାରୀ ଆଟର୍ନି ଜେନେରାଲ ଜନ୍ ସି. ଡେମର୍‌ସ କହିଛନ୍ତି। ଦେଶର ରପ୍ତାନୀ ନିୟନ୍ତ୍ରଣ ଓ କଟକଣା କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

ଆଣବିକ ଚୋରା କାରବାରରେ ସମ୍ପୃକ୍ତ ଥାଇ ଗିରଫ ହୋଇଥିବା ୫ ଜଣ ହେଲେ ପାକିସ୍ତାନର ମହମ୍ମଦ କମରନ୍ ୱାଲି (୪୧),କାନାଡାର ମହମ୍ମଦ ଅହସାନ ୱାଲି(୪୮) ଓ ହାଜି ୱାଲି ମହମ୍ମଦ ଶେଖ (୮୨), ହଂକଂର ଅଶ୍ରଫ ଖାନ ମହମ୍ମଦ ଏବଂ ବ୍ରିଟେନ୍‌ର ଏସେକ୍ସରେ ରହୁଥିବା ଅହମଦ ୱାହିଦ(୫୨)। ସେମାନଙ୍କ ବିରୋଧରେ ଅନ୍ତର୍ଜାତୀୟ ଜରୁରୀ ଅର୍ଥନୀତି କ୍ଷମତା ଆଇନ ଏବଂ ରପ୍ତାନି ନିୟନ୍ତ୍ରଣ ସଂସ୍କାର ଆଇନ ଉଲ୍ଲଂଘନ ଷଡ଼ଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଛି। ପାକିସ୍ତାନର ଆଣବିକ ଚୋରା କାରବାର ଧରାପଡିଥିବାରୁ ଭାରତର ସୁରକ୍ଷା ପ୍ରତି ବିପଦ ରହିଥିବା ସୂଚନା ମିଳିଛି।

ଆମେରିକା ନ୍ୟାୟିକ ବିଭାଗର ସୂଚନା ଅନୁଯାୟୀ, ଉଭୟ ଏଇଆର୍‌ଓ ଏବଂ ପିଏଇସି ବାଣିଜ୍ୟ ବିଭାଗର ସଂସ୍ଥା ତାଲିକାରେ ଅଛନ୍ତି। ତେବେ ସେମାନଙ୍କ କାର୍ଯ୍ୟକଳାପ ଆମେରିକା ସୁରକ୍ଷା ଓ ବହିର୍ବ୍ୟାପାର ନୀତି ସ୍ୱାର୍ଥର ବିରୋଧରେ ଯାଉଛି। ୧୯୯୮ରେ ପିଏଇସି ଏଣ୍ଟିଟି ଲିଷ୍ଟରେ ସାମିଲ ହୋଇଥିଲାବେଳେ ୨୦୧୪ରେ ଏଇଆର୍‌ଓକୁ ସାମିଲ କରାଯାଇଥିଲା। ପାକିସ୍ତାନର କ୍ରୁଜ୍ କ୍ଷେପଣାସ୍ତ୍ର ଓ ୟୁଏଭି କାର୍ଯ୍ୟକ୍ରମରେ ବ୍ୟବହାର ପାଇଁ ସାମଗ୍ରୀ ସଂଗ୍ରହ କରିବାରେ ସେମାନେ ମଧ୍ୟସ୍ଥ ଓ ଫ୍ରଣ୍ଟ କମ୍ପାନୀଗୁଡ଼ିକୁ ବ୍ୟବହାର କରୁଥିଲେ ବୋଲି ଆମେରିକା ଜାଣିବାକୁ ପାଇଛି। ଏହି କାରବାରରେ ୨୯ଟି କମ୍ପାନୀ ସମ୍ପୃକ୍ତ ଥିବା ଜଣାପଡିଛି।

ଏହାର ଠିକ୍ ୧୬ ବର୍ଷ ପୂର୍ବେ ପାକିସ୍ତାନ ଆଣବିକ ଚୋରା କାରବାର ଓ ପ୍ରସାର ଦୁର୍ନୀତିରେ ଧରାପଡ଼ିଥିଲା। ପାକିସ୍ତାନୀ ବିଜ୍ଞାନୀ ଏ.କ୍ୟୁ. ଖାନ୍ ଡଚ୍ କମ୍ପାନୀ ୟୁରେନ୍‌କୋଠାରୁ ସେଣ୍ଟ୍ରିଫ୍ୟୁଜ୍ ଡିଜାଇନ ଚୋରିକରି ଆଣିଥିଲେ, ଯାହା ସହାୟତାରେ ପାକିସ୍ତାନ ୮୦ ଦଶକରେ ପରମାଣୁ ବୋମା ନିର୍ମାଣ କରିପାରିଥିଲା। ପରେ ପାକିସ୍ତାନ ଚାଇନା ସହାୟତାରେ ଏହି ଆଣବିକ ଜ୍ଞାନକୌଶଳକୁ ଉତ୍ତର କୋରିଆକୁ ବିକ୍ରି କରି ତାହା ବଦଳରେ ସେଠାରୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଜ୍ଞାନକୌଶଳ ପାଇଥିଲା। ଏପରିକି ଖାନ୍ ଆଣବିକ ଜ୍ଞାନକୌଶଳକୁ ଲିବ୍ୟା ଓ ଇରାନକୁ ବିକିଦେଇଥିଲେ।

- ଗିରଫ ୫ ଜଣଙ୍କ ବିରୋଧରେ ମାମଲା
- ଚଳାଇଥିଲେ ଅନ୍ତର୍ଜାତୀୟ ପ୍ରୋକ୍ୟୁରମେଣ୍ଟ ନେଟ୍‌ୱର୍କ
- ପାକ୍ ଅଣୁଅସ୍ତ୍ର କାର୍ଯ୍ୟକ୍ରମ ପାଇଁ ଯୋଗାଡ଼ କରୁଥିଲେ ଉପାଦାନ
- ଭାରତ ଓ ଆମେରିକାର ଜାତୀୟ ସୁରକ୍ଷା ପ୍ରତି ବିପଦ ଆଶଙ୍କା

# ପୁରସ୍କାର ଊର୍ଦ୍ଧ୍ୱରେ ଗାନ୍ଧିଜୀ

**ନୂଆଦିଲ୍ଲୀ,୧୭।୧(ପି.ଟି.)**



## ଭାରତରତ୍ନ ଲାଗି ଉଦ୍ଦିଷ୍ଟ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଭାରତରତ୍ନ ପ୍ରଦାନକରିବା ଲାଗି ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଔପଚାରିକ ମାନ୍ୟତାଠାରୁ ଗାନ୍ଧିଜୀ ବହୁ ଉଚ୍ଚ ସମ୍ମାନର ଅଧିକାରୀ ବୋଲି କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ଏସ୍.ଏ. ବୋବ୍‌ଡ଼େ, ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ଅନିଲ ଦତ୍ତଙ୍କୁ ଏନେଇ କେନ୍ଦ୍ର ପ୍ରତିନିଧିଙ୍କୁ ଅବଗତ କରାଇବା ଲାଗି କହିଛନ୍ତି। ମହାତ୍ମା ଗାନ୍ଧୀ ହେଉଛନ୍ତି ଜାତିର ପିତା ଓ ତାଙ୍କ ପ୍ରତି ଲୋକଙ୍କ ଉଚ୍ଚ ସମ୍ମାନ ରହିଆସିଛି। କୌଣସି ଔପଚାରିକ ମାନ୍ୟତା ପ୍ରଦାନର ଯଥାର୍ଥତା ନାହିଁ। ଏନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନ୍ୟାୟସଙ୍ଗତ ନୁହେଁ ବୋଲି ଖଣ୍ଡପୀଠ ଦର୍ଶାଇଛନ୍ତି।

# ମ୍ୟାନ୍‌ମାର ଗସ୍ତରେ ଜିନ୍‌ପିଙ୍ଗ୍



ମ୍ୟାନ୍‌ମାର୍ ଷ୍ଟେଟ୍ କାଉନ୍‌ସେଲର ସୁ କୀଙ୍କ ସହ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍

**ନାଏପିଡ଼ା,୧୭।୧ (ଏଏଫ୍‌ପି)**

## ଭାରତର ଚିନ୍ତା ବଢ଼ାଇଲା ଚାଇନା

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଦୁଇଦିନିଆ ମ୍ୟାନ୍‌ମାର୍ ଗସ୍ତରେ ଯାଇ ଶୁକ୍ରବାର ଏହାର ରାଜଧାନୀରେ ପହଞ୍ଚିଛନ୍ତି। ସଙ୍କଟରେ ପଡ଼ିଥିବା ଅଙ୍ଗ୍ ସାନ୍ ସୁ କୀଙ୍କ ସରକାରଙ୍କୁ ସମର୍ଥନ ଜଣାଇବା ଏବଂ ମ୍ୟାନ୍‌ମାର୍ ସହ ବହୁକୋଟି ଡଲାରର ଭିତ୍ତିଭୂମି ପ୍ରକଳ୍ପ ଲାଗି ଚୁକ୍ତିନାମା କାର୍ଯ୍ୟକୁ ଆଗେଇ ନେବା ଜିନ୍‌ପିଙ୍ଗଙ୍କ ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ୧୯ ବର୍ଷ ମଧ୍ୟରେ ଚାଇନା ନେତାଙ୍କର ଏହା ପ୍ରଥମ ମ୍ୟାନ୍‌ମାର୍ ଗସ୍ତ ହୋଇଥିବାବେଳେ ଏହା ଭାରତର ଚିନ୍ତା ବଢ଼ାଇଦେଇଛି। ଜିନ୍‌ପିଙ୍ଗ୍‌ଙ୍କ ଏହି ଗସ୍ତ ଉପରେ ନୂଆଦିଲ୍ଲୀ ନଜର ରଖିଛି। ମିଆଁମାରର ସୈନ୍ୟବାହିନୀ ୭ ଲକ୍ଷରୁ ଊର୍ଦ୍ଧ୍ୱ ସଂଖ୍ୟାଲଘୁ ରୋହିଙ୍ଗ୍ୟା ମୁସଲମାନଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ସେମାନେ ବାଧ୍ୟ ହୋଇ ବାଂଲାଦେଶ ପଳାଇଥିଲେ। ଏହି ମାମଲା ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତରେ ଚାଲିଥିବାବେଳେ ୨୩ରେ ରାୟ ପ୍ରକାଶ ପାଇପାରେ। ଗତ ମାସରେ ଷ୍ଟେଟ୍ କାଉନ୍‌ସେଲର ସୁ କୀ ମ୍ୟାନ୍‌ମାର୍ କାର୍ଯ୍ୟକୁ ସମର୍ଥନ କରି ଅନ୍ତର୍ଜାତୀୟ ଅଦାଲତରେ ପକ୍ଷ ରଖିଥିଲେ। ମ୍ୟାନ୍‌ମାର୍‌ର ଏଭଳି କାର୍ଯ୍ୟକୁ ଆମେରିକା ଓ ୟୁରୋପୀୟ ସଂଘ ନିନ୍ଦା କରିଥିବାବେଳେ ଜାତିସଂଘ ଏହାକୁ ନରସଂହାର ଭଳି କାର୍ଯ୍ୟ ବୋଲି କହିଛି। ଉଇଘୁରଙ୍କୁ ନେଇ ଚାଇନା ସମାଲୋଚିତ ହୋଇଥିବାବେଳେ ମିଆଁମାର ରୋହିଙ୍ଗ୍ୟାମାନଙ୍କୁ ତଡିଦେଇଛି। ଫଳରେ ଚାଇନା ଓ ମ୍ୟାନ୍‌ମାର୍ ମଧ୍ୟରେ କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଛି।

# କଶ୍ମୀର ପ୍ରସଙ୍ଗକୁ ମିଳୁନି ସମର୍ଥନ

**ବନ୍,୧୭।୧**

ପାକିସ୍ତାନ ବିଶ୍ୱ ମଞ୍ଚଗୁଡ଼ିକରେ କଶ୍ମୀର ପ୍ରସଙ୍ଗକୁ ଯେତେ ଉଠାଇଲେ ବି ଏହାକୁ ଅନ୍ତର୍ଜାତୀୟ ସମୁଦାୟର ସମର୍ଥନ ମିଳୁନାହିଁ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୁକ୍ରବାର ଏହା ସ୍ୱୀକାର କରିଛନ୍ତି। ଜର୍ମାନୀର ସରକାରୀ ଟିଭି ଚ୍ୟାନେଲ ଡିଡବ୍ଲ୍ୟୁକୁ ଏକ ସାକ୍ଷାତ୍‌କାର ଦେଇ ଇମ୍ରାନ୍ କହିଛନ୍ତି ଯେ, ପାଶ୍ଚାତ୍ୟ ଦେଶଗୁଡ଼ିକ ପାଇଁ ବ୍ୟବସାୟିକ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସେମାନେ କଶ୍ମୀର ପ୍ରସଙ୍ଗରୁ ମୁହଁ ଫେରାଇ ନେଉଛନ୍ତି। ଭାରତ ଏକ ବଡ଼ ବଜାର ହୋଇଥିବାରୁ କଶ୍ମୀରରେ ବସବାସ କରୁଥିବା ୮୦ ଲକ୍ଷ ଲୋକ ଓ ଦେଶର ଅନ୍ୟ ସଂଖ୍ୟାଲଘୁଙ୍କ ପ୍ରତି ଦେଖାଯାଉଥିବା ବ୍ୟବହାର ଉପରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିଚାର କରୁନାହାନ୍ତି। ଏହା ଦୁର୍ଭାଗ୍ୟଜନକ କଥା ବୋଲି ଇମ୍ରାନ୍ କହିଛନ୍ତି।



ଆମ କଥା ଶୁଣୁନାହାନ୍ତି ପାଶ୍ଚାତ୍ୟ ରାଷ୍ଟ୍ର: ଇମ୍ରାନ

# ହିନ୍ଦୁ ନାବାଳିକାଙ୍କୁ ଅପହରଣ ମାମଲାରେ ପାକ୍ ଉଚ୍ଚାୟୁକ୍ତଙ୍କୁ ସମନ

**ନୂଆଦିଲ୍ଲୀ,୧୭।୧(ଆଇଏଏନ୍‌ଏସ୍):** ପାକିସ୍ତାନର ଦୁଇ ହିନ୍ଦୁ ଝିଅଙ୍କୁ ଅପହରଣ ମାମଲାରେ ଭାରତ ଚିନ୍ତାବ୍ୟକ୍ତ କରିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ଏନେଇ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସମନ୍ ଜାରି କରାଯାଇଛି। ପାକିସ୍ତାନର ସିନ୍ଧ୍ ପ୍ରଦେଶସ୍ଥିତ ଉମାର ଗ୍ରାମର ବାସିନ୍ଦା ଶାନ୍ତି ମେଘୱାଡ଼ ଓ ସର୍ମୀ ମେଘୱାଡ଼ଙ୍କୁ ଗତ ୧୪ ତାରିଖରେ ଅପହରଣ କରାଯାଇଥିଲା। ଏହାର ଦିନକ ପରେ ଜାକୋବାବାଦ ଜିଲାରୁ ମେହକ ନାମ୍ନୀ ଆଉ ଜଣେ ହିନ୍ଦୁ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ୩ ନାବାଳିକାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ପାକିସ୍ତାନରେ ଥିବା ସଂଖ୍ୟାଲଘୁ ହିନ୍ଦୁଙ୍କ ସିଭିଲ୍ ସୋସାଇଟି ପକ୍ଷରୁ ଦାବି କରାଯାଇଛି।

## ଇତିହାସର ଆଇନାରେ | ଜାନୁୟାରୀ ୧୮ର ପ୍ରମୁଖ ଘଟଣା


୧୯୭୭ ଜାନୁୟାରୀ ୧୮ରେ ସିଡ୍‌ନୀର ଗ୍ରାନ୍‌ଭିଲେଠାରେ ରେଳ ଦୁର୍ଘଟଣାରେ ପ୍ରାୟ ୮୫ ଯାତ୍ରୀ ପ୍ରାଣ ହରାଇଥିଲେ। ଯାତ୍ରୀବାହୀ ଟ୍ରେନ ଲାଇନଚ୍ୟୁତ ହୋଇ ନିକଟସ୍ଥ ଓଭରବ୍ରିଜ୍‌ରେ ମାଡ଼ ହେବାରୁ ତାହା ଭାଙ୍ଗିଯାଇଥିଲା।

୨୦୧୮ ଜାନୁୟାରୀ ୧୮ରେ କାଜାଖ୍‌ସ୍ତାନର ସମରା-ସିମ୍‌କେଣ୍ଟ ରାସ୍ତାରେ ଏକ ବସ୍‌ରେ ନିଆଁ ଲାଗିଯିବାରୁ ୫୨ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ବସ୍‌ଟି ଉଜ୍‌ବେକ ଶ୍ରମିକମାନଙ୍କୁ ରୁଷିଆର କଜାନ୍ ଅଭିମୁଖେ ନେଇଯାଉଥିଲା।

# ସିଏଏ ବିରୋଧରେ ସୁପ୍ରିମକୋର୍ଟ ଯିବ ପଞ୍ଜାବ

## ବିଧାନସଭାରେ ସଂକଳ୍ପ ଗୃହୀତ

**ଚଣ୍ଡିଗଡ଼,୧୭।୧(ପି.ଟି.):** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ପଞ୍ଜାବ ବିଧାନସଭାରେ ଶୁକ୍ରବାର ସଂକଳ୍ପ ଗୃହୀତ ହୋଇଛି। ଏଭଳି ସଂକଳ୍ପ ଗୃହୀତ କରାଇବାରେ କେରଳ ପରେ ପଞ୍ଜାବ ଦ୍ୱିତୀୟ ରାଜ୍ୟ। ବିଧାନସଭାରେ ୩ ଘଣ୍ଟାର ବିତର୍କ ପରେ ସିଏଏ ବିରୋଧରେ ସଂକଳ୍ପନାମା ଧ୍ୱନିମତରେ ଗୃହୀତ ହୋଇଥିଲା। କେରଳ ଭଳି ତାଙ୍କ ସରକାର ମଧ୍ୟ ସିଏଏ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ସମସ୍ତ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଶୀତ ଅନୁଭୂତ ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ପ୍ରାୟତଃ ଶୁଖିଲା ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୪ | ୧୨.୭ |
| ଚାନ୍ଦବାଲି | ୨୯.୭ | ୧୩.୬ |
| କଟକ | ୨୯.୮ | ୧୫.୨ |
| ପାରାଦ୍ୱୀପ | ୨୭.୮ | ୧୬.୨ |
| ଭୁବନେଶ୍ୱର | ୩୦.୦ | ୧୬.୫ |
| ଗୋପାଳପୁର | ୨୯.୦ | ୧୭.୮ |
| ପୁରୀ | ୨୬.୨ | ୧୫.୦ |
| ଅନୁଗୋଳ | ୩୦.୧ | ୭.୬ |
| ବାରିପଦା | ୨୯.୦ | ୧୩.୬ |
| ଝାରସୁଗୁଡ଼ା | ୨୯.୦ | ୧୨.୪ |
| କେନ୍ଦୁଝର | ୨୮.୦ | ୧୨.୪ |
| ସମ୍ବଲପୁର | ୩୦.୪ | ୧୩.୨ |
| ସୁନ୍ଦରଗଡ଼ | ୨୬.୦ | ୧୧.୫ |
| ହୀରାକୁଦ | ୩୦.୧ | ୧୨.୮ |
| ତାଳଚେର | -- | ୧୨.୩ |
| ଭବାନୀପାଟଣା | ୩୦.୦ | ୧୩.୨ |
| ବଲାଙ୍ଗୀର | ୩୦.୦ | ୧୪.୦ |
| କୋରାପୁଟ | ୨୯.୦ | ୧୦.୦ |
| ଫୁଲବାଣୀ | ୨୯.୦ | ୮.୫ |
| ଟିଟିଲାଗଡ଼ | ୩୧.୦ | ୧୦.୬ |
| ମାଲକାନଗିରି | ୩୧.୦ | ୧୩.୦ |
| ସୋନପୁର | ୩୦.୪ | ୯.୦ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |


ଡିଗ୍ରୀ ସେଲ୍‌ସିୟସ୍

# ଲଞ୍ଚ ହେଲା ଜିସାଟ୍-୩୦

## ଇସ୍ରୋ ପାଇଁ ବର୍ଷର ପ୍ରଥମ ସଫଳତା



**ବେଙ୍ଗାଲୁରୁ,୧୭।୧(ପି.ଟି.):** ଭାରତର ଉଚ୍ଚଶକ୍ତି ସମ୍ପନ୍ନ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୦କୁ ଭାରତୀୟ ସମୟ ଗୁରୁବାର ରାତି ୨ଟା ୩୫ରେ ଫ୍ରେଞ୍ଚ୍ ଗୁଏନାରୁ ଏରିଆନ୍‌୫ ରକେଟ ସହାୟତାରେ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରାଯାଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପାଇଁ ଏହା ବର୍ଷର ପ୍ରଥମ ସଫଳତା। ଦକ୍ଷିଣ ଆମେରିକାର ଉତ୍ତରପୂର୍ବ ଉପକୂଳରେ ଅବସ୍ଥିତ କୋଉରୋଉ ଲଞ୍ଚ୍ କମ୍ପ୍ଲେକ୍ସରୁ ୟୁରୋପୀୟ ସଂସ୍ଥା ଏରିଆନ୍‌ସ୍ପେସ୍ ଜିସାଟ୍-୩୦କୁ ଲଞ୍ଚ୍ କରିଥିଲା। ଏହା କକ୍ଷପଥରେ ଅବସ୍ଥାପିତ ହେବାକୁ ୩୮ ମିନିଟ ୨୫ ସେକେଣ୍ଡ ଲାଗିଥିଲା। ଏଥିପାଇଁ ଏରିଆନ୍‌ସ୍ପେସ୍‌କୁ ଇସ୍ରୋ ଟୁଇଟ୍ କରି ଧନ୍ୟବାଦ ଜଣାଇଛି। ଉତ୍କ୍ଷେପଣ ବେଳେ ଉପସ୍ଥିତ ଥିବା ଇସ୍ରୋର ୟୁ.ଆର୍. ରାଓ ସାଟେଲାଇଟ୍ ସେଣ୍ଟରର ଡାଇରେକ୍ଟର ପି. କୁନ୍ହିକ୍ରିଷ୍ଣନ୍ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ଏରିଆନ୍‌ସ୍ପେସ୍ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଜିସାଟ୍-୩୦ ଯୋଗୁ ଟେଲିଭିଜନ ପ୍ରସାରଣ, ପାଣିପାଗ ସୂଚନା ଆଦି କାର୍ଯ୍ୟ ଅଧିକ ଭଲ ହେବା ସହ ଇଣ୍ଟରନେଟ୍ ସ୍ପିଡ୍ ବଢ଼ିପାରିବ। ଫଳରେ ଯୋଗାଯୋଗ ବ୍ୟବସ୍ଥାରେ ନୂଆ କ୍ରାନ୍ତି ଆସିପାରିବ। ଜିସାଟ୍-୩୦ର ଓଜନ ୩୧ ଶହ କିଲୋଗ୍ରାମ୍। ଏଥିରେ ୨ଟି ସୋଲାର ପ୍ୟାନେଲ୍ ରହିଛି। ଏହାଦ୍ୱାରା ସ୍ୱାଭାବିକ ଭାବେ କାର୍ଯ୍ୟ କରିବା ଲାଗି ଜିସାଟ୍-୩୦କୁ ଆବଶ୍ୟକ ଶକ୍ତି ମିଳିପାରିବ। ଜିସାଟ୍-୩୦ ଇନସାଟ୍ ଉପଗ୍ରହ ସ୍ଥାନରେ ୧୫ ବର୍ଷ ପାଇଁ କାର୍ଯ୍ୟ କରିବ। ଭାରତରେ ଆବଶ୍ୟକ ସଞ୍ଚାର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସମ୍ପ୍ରତି ମହାକାଶରେ ଜିସାଟ୍ ସିରିଜ୍‌ର ୧୪ଟି ଉପଗ୍ରହ କାର୍ଯ୍ୟ କରୁଛି। ୨୦୨୦ରେ ୧୦ଟି ଉପଗ୍ରହ ମହାକାଶକୁ ଉତ୍କ୍ଷେପଣ କରିବା ଲାଗି ଇସ୍ରୋ ଯୋଜନା କରିଛି।




# ଆହୁରି ୪ ଦିନ ଘୋଟିବ ଘନକୁହୁଡ଼ି

**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

ଅର୍ଦ୍ଧରାତ୍ରିରୁ ମାଡି ଆସୁଛି କୁହୁଡି। ଧୀରେ ଧୀରେ ସମଗ୍ର ଉପକୂଳବର୍ତ୍ତୀ ଜିଲା ଏବଂ ରାଜ୍ୟର ଅଧିକାଂଶ ଭାଗକୁ କବଳିତ କରି ପକାଉଛି। ସକାଳ ୯ଟା ଯାଏ ମଧ୍ୟ ଛାଡୁ ନାହିଁ। ଘନକୁହୁଡି ଯୋଗୁ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଥିଯୋଗୁ ବିମାନ, ରେଳ ସେବା ପ୍ରଭାବିତ ହେଉଛି। ଆସନ୍ତା ୪ ଦିନ ଯାଏ ଉପକୂଳ ସମେତ ଦକ୍ଷିଣ ଓଡିଶାର ଅଧିକାଂଶ ଜିଲାକୁ କୁହୁଡି ଘେରି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରି ଆଦି ୧୫ଟି ଜିଲାର ଅଧିକାଂଶ ଭାଗ ଘନକୁହୁଡିରେ ଆଚ୍ଛାଦିତ ହେବ। ୨୦୦ ମିଟର ପର୍ଯ୍ୟନ୍ତ ଖାଲି ଆଖିରେ ଦେଖାଯିବ ନାହିଁ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । କୁହୁଡିକୁ ଦୃଷ୍ଟିରେ ରଖି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ୧୯ରୁ ୨୧ ତାରିଖ ମଧ୍ୟରେ କୁହୁଡି ପରିମାଣ ସାମାନ୍ୟ ହ୍ରାସ ପାଇବ । ପୁଣି ୨୨ ତାରିଖରେ ଉପକୂଳ ଓଡିଶା ଓ ଦକ୍ଷିଣ ଓଡିଶାର ଅନେକ ସ୍ଥାନରେ କୁହୁଡି ବହୁ ମାତ୍ରାରେ ବଢିଯିବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଆଣ୍ଟି ସାଇକ୍ଲୋନିକ ପରିବେଶ ଯୋଗୁ ଆରବ ସାଗର ପଟୁ ଉପକୂଳକୁ ଅଧିକ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଏଥିଯୋଗୁ କୁହୁଡି ପରିମାଣ ବୃଦ୍ଧି ପାଉଛି । ରାତ୍ରିର ତାପମାତ୍ରା ୧୫ରୁ ୨୦ ଡିଗ୍ରୀ ସେଲସିୟସ ଉପରେ ରହୁଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି।

## ୟେଲୋୱାର୍ନିଂ ଜାରି କଲା ପାଣିପାଗ ବିଭାଗ

କୁହୁଡି ଯୋଗୁ ଗତ ଦୁଇ ତିନିଦିନ ହେବ ରାଜ୍ୟରେ ଥଣ୍ଡା ହଠାତ୍ କମିଯାଇଛି। ଆଭ୍ୟନ୍ତରୀଣ ଓଡିଶାର ଅଳ୍ପ କେତୋଟି ସ୍ଥାନକୁ ଛାଡିଦେଲେ ସବୁଠି ସର୍ବନିମ୍ନ ପାରଦ ଉପରମୁହାଁ ହୋଇଛି। ଶୁକ୍ରବାର ମାତ୍ର ୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮.୫ ଏବଂ ଦାରିଙ୍ଗିବାଡିରେ ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ୨୩ ତାରିଖରୁ କୁହୁଡି କମିବା ସହ ରାଜ୍ୟରେ ଥଣ୍ଡା ପରିମାଣ ସାମାନ୍ୟ ବଢିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଭୋଜିରେ ଗଣ୍ଡଗୋଳକୁ ନେଇ ହତ୍ୟା

**ବୈଶିଙ୍ଗା, ୧୭।୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମରେ ମକର ଭୋଜିରେ ଗଣ୍ଡଗୋଳରୁ ଗୁରୁବାର ରାତିରେ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ମରଣାନ୍ତକ ଆକ୍ରମଣ କରି ଦୁଇଜଣଙ୍କୁ ପୋଖରୀରେ ଫିଙ୍ଗି ଦେଇଥିଲେ। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ରାଧାକୃଷ୍ଣ ବାରିକ(୫୧) । ଏହି ଘଟଣାରେ ପୋଲିସ ଶ୍ୟାମ ସୁନ୍ଦର ବାରିକଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି।


ମୃତ ରାଧାକୃଷ୍ଣ ବାରିକ।

ପୋଲିସ ସୂଚନା ଅନୁଯାୟୀ, ଶରତ ବାରିକ, ଶ୍ୟାମସୁନ୍ଦର ବାରିକ ଓ ବିଶ୍ୱନାଥ ବେହେରାଙ୍କ ସହିତ ମୃତ ରାଧାକୃଷ୍ଣ ଗ୍ରାମରେ ଭୋଜି କରୁଥିଲେ। ମଦ ନିଶାରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ରାଧାକୃଷ୍ଣ ଓ ଶରତଙ୍କୁ ଅଭିଯୁକ୍ତ ଶ୍ୟାମ ସୁନ୍ଦର ମରଣାନ୍ତକ ଆକ୍ରମଣ କରିବା ସହ ଟାଣି ଟାଣି ପାଖ ପୋଖରୀରେ ଫିଙ୍ଗି ଦେଇ ଘଟଣାସ୍ଥଳରୁ ପଳାଇଥିଲେ। ରାତି ପ୍ରାୟ ୮ଟା ସମୟରେ ପୋଖରୀକୁ ଯାଇଥିବା କିଛି ଲୋକ ରାଧାକୃଷ୍ଣ ଓ ଶରତଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ରାଧାକୃଷ୍ଣଙ୍କର ମୃତ୍ୟୁ ଘଟିଥିଲା। ଶରତଙ୍କ ମୁଣ୍ଡକୁ ଏକ କଟୁରୀରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଖବର ପାଇ ବୈଶିଙ୍ଗା ପୋଲିସ ବିଳମ୍ବିତ ରାତିରେ ଗ୍ରାମରେ ପହଞ୍ଚି ମୁଖ୍ୟ ଅଭିଯୁକ୍ତ ଶ୍ୟାମସୁନ୍ଦରଙ୍କୁ ଗିରଫ କରିଥିବା ଆଇଆଇସି ଲକ୍ଷ୍ମୀଧର ସ୍ୱାଇଁଙ୍କ କହିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୨/ ୨୦୨୦) ରୁଜୁ ହୋଇଛି।

# ୨୦ରୁ 'କୃଷି ଓଡ଼ିଶା-୨୦୨୦'

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ରାଜ୍ୟର କୃଷକମାନଙ୍କୁ କୃଷିକ୍ଷେତ୍ରରେ ପ୍ରୟୋଗ ହେଉଥିବା ନୂତନ ଜ୍ଞାନକୌଶଳ ସହିତ ପରିଚିତ କରାଇବା ଲକ୍ଷ୍ୟ ନେଇ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆସନ୍ତା ୨୦ରୁ ଆରମ୍ଭ ହେବାକୁ ଯାଉଛି ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୦'। ଭୁବନେଶ୍ୱର ଜନତା ମଇଦାନରେ ହେବାକୁ ଥିବା ଏହି ମହୋତ୍ସବ ୫ ଦିନ ଧରି ଚାଲିବ। କୃଷିର ଗୁରୁତ୍ୱ ଏବଂ କୃଷକଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ସହିତ କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରଦର୍ଶନ ଲକ୍ଷ୍ୟରେ ଚଳିତବର୍ଷ ୨୨୮ ଷ୍ଟଲ ନିର୍ମାଣ କରାଯାଇଛି। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରାୟ ୧୧୨ କମ୍ପାନୀ ଯୋଗଦେବେ। ଦେଶ, ବିଦେଶରେ କୃଷି କ୍ଷେତ୍ରରେ ଘଟୁଥିବା ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ ସହ ଓଡ଼ିଶାର ଚାଷୀଙ୍କୁ ପରିଚିତ କରାଇବା ନିମନ୍ତେ ପ୍ରତିଦିନ ଆଲୋଚନାଚକ୍ର ଓ ପାଠଶାଳାର ଆୟୋଜନ କରାଯାଇଛି। ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ


କୃଷି ମହୋତ୍ସବ ସମ୍ପର୍କିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅରୁଣ କୁମାର ସାହୁ ସୂଚନା ଦେଉଛନ୍ତି।

- ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ଯୋଗଦେବେ ୧୧୨ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀ
- ଚାଷୀ ଜାଣିବେ ନୂତନ ଜ୍ଞାନକୌଶଳ ଓ କୃଷି ପ୍ରଣାଳୀ

ଆଲୋଚନାଚକ୍ରର ଆୟୋଜନ କରାଯିବ। ଏଥିରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନର ବିଶିଷ୍ଟ କୃଷି ବିଜ୍ଞାନୀ, କୃଷି ବିଶେଷଜ୍ଞ, କୃଷି ଅଧିକାରୀ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ ଯୋଗଦେବେ। ମୁଖ୍ୟତଃ ଜଳବାୟୁ ଆଧାରିତ କୃଷି ଜ୍ଞାନକୌଶଳ, ଜଳସମ୍ପଦର ସୁବିନିଯୋଗ, ବିଭିନ୍ନ କୃଷି ସମସ୍ୟାର ସ୍ଥାୟୀ ସମାଧାନ, ମୂଲ୍ୟଯୁକ୍ତ ଉତ୍ପାଦ ପାଇଁ ବଜାର ସଂଯୋଗ, କୃଷି ଉଦ୍ୟୋଗୀମାନଙ୍କ ପାଇଁ ମୂଲ୍ୟ ଶୃଙ୍ଖଳ ପରିଚାଳନା, ଫସଲ ଅମଳ ପରବର୍ତ୍ତୀ ଯତ୍ନ ଓ ପରିଚାଳନା, କୃଷି କ୍ଷେତ୍ରରେ ବୀମାଭିତ୍ତିକ ଆପଦକାଳୀନ ସ୍ଥିତି ପରିଚାଳନା, ଲାଭପ୍ରଦ କୃଷି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭୂମିକା ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯିବ। 'କୃଷି ଓଡ଼ିଶା-୨୦୨୦'କୁ ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ ଏବଂ ୨୪ରେ ଉଦ୍‌ଯାପନୀ ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେବେ ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବିଭାଗ ପକ୍ଷରୁ ଶୁକ୍ରବାର ଜନତା ମଇଦାନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

# ଜଙ୍ଗଲରେ ଦଳିଦେଲା ହାତୀ

**ରାସୋଳ, ୧୭।୧ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ହାତୀ-ମଣିଷ ସଂଘର୍ଷ ବନ ବିଭାଗର ଚିନ୍ତା ବଢ଼ାଇଛି। କେତେବେଳେ ଶିକାରୀ ଫାଶରେ ପଡ଼ି ହାତୀ ମରୁଛି ତ ଆଉ କେବେ ହାତୀ ମୁହଁରେ ପଡ଼ି ଯାଉଛି ମଣିଷ ଜୀବନ। ଗୁରୁବାର ସନ୍ଧ୍ୟାରେ ରାସୋଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ହାତୀ ଦଳି ମାରିଦେଇଛି। ମୃତକ ହେଲେ ବମ୍ପା ଗ୍ରାମର ଭାସ୍କର ବେହେରା।ଭାସ୍କର ଏବଂ ତାଙ୍କ ସ୍ତ୍ରୀ ବାବନ୍ଧ ଗ୍ରାମ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସ୍ତ୍ରୀଙ୍କୁ ବସ୍‌ରେ ବସାଇ ଦେଇ ଭାସ୍କର ସାଇକେଲରେ ଘରକୁ ଫେରୁଥିଲେ। ଗୁଆଗରିଆ ଛକ ନିକଟରେ ହଠାତ୍ ଜଙ୍ଗଲ ଭିତରୁ ଏକ ହାତୀ ବାହାରି ଗୋଡ଼ାଇଥିଲା। ଭାସ୍କର ପ୍ରାଣ ବିକଳରେ ସାଇକେଲ ଛାଡ଼ିଦେଇ କାଜୁ ଜଙ୍ଗଲ ଭିତରକୁ ଦୌଡ଼ି ଥିଲେ। ହାତୀଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଦଳିଦେଇଥିଲା। ରେଞ୍ଜର ହରମୋହନ ନାୟକ ଘଟଣାର ତଦନ୍ତ କରିବା ସହ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ଦେଇଛନ୍ତି।



**ଆଜିର ମନ୍ତବ୍ୟ**
ଆମେ କଶ୍ମୀର ପ୍ରସଙ୍ଗ ଉଠାଇଲେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ନିଜ ବ୍ୟବସାୟିକ ସ୍ୱାର୍ଥ ଦୃଷ୍ଟିରୁ ତାକୁ ଗୁରୁତ୍ୱ ଦେଉନାହାନ୍ତି।
–ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫୮ ନିୟୁତ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୬୧.୨୧ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଟିଟୁନ୍
ପରିବାରବର୍ଗ


ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବକେୟା ପଡ଼ିଲାଣି...

ସେହିପରି ଶୁକ୍ରବାରଠାରୁ ପୌରାଞ୍ଚଳ ବିଦ୍ୟାଳୟରେ ଅଣ୍ଡା ବନ୍ଦ ହୋଇଥିବା ଜଣାପଡ଼ିଛି। ଜିଲା ଶିକ୍ଷାଧିକାରୀ ଏକ ଫୌଜଦାରୀ ମାମଲାରେ ଫେରାର ଥାଇ ପରେ ଗିରଫ ହୋଇଥିଲେ। ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ବେଳେ ସରକାର ଏଠାରେ ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ଦେଇନାହାନ୍ତି। କେବଳ କର୍ମଚାରୀଙ୍କ ଦରମା ଉଠାଣ ଦାୟିତ୍ୱ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ଦିଆଯାଇଛି। କିନ୍ତୁ ମଧ୍ୟାହ୍ନଭୋଜନର ଟଙ୍କା ଉଠାଣ କିମ୍ବା ପ୍ରଦାନ ଦାୟିତ୍ୱ କେଉଁ ଅଧିକାରୀଙ୍କୁ ମିଳିନାହିଁ। ତେଣୁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ଯୋଗାଣ

**ପ୍ରଥମ ପୃଷ୍ଠାରୁ...**

ବାବଦକୁ ଗତ ଡିସେମ୍ବର ଓ ଜାନୁୟାରୀ ମାସର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରହିଛି। ଏବେ ଅଣ୍ଡା ବନ୍ଦ ହୋଇଥିବା ବେଳେ ବକେୟା ଟଙ୍କା ନ ପାଇଲେ ମଧ୍ୟାହ୍ନଭୋଜନ ଯୋଗାଣରେ ମଧ୍ୟ ସମସ୍ୟା ଦେଖାଦେବ ବୋଲି କେନ୍ଦ୍ରିୟ ରୋଷେଇଶାଳର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରିୟ ରୋଷେଇଶାଳାରୁ ପ୍ରସ୍ତୁତ ମଧ୍ୟାହ୍ନଭୋଜନ ଜୟପୁର ବ୍ଲକର ୧୭୨, ଜୟପୁର ପୌରସଂସ୍ଥାର ୪୫, କୋରାପୁଟର ୪୬, କୋଟପାଡ଼ର ୨୦ ଓ ସୁନାବେଡ଼ାର ୩୦ଟି ବିଦ୍ୟାଳୟକୁ ଯୋଗାଣ ହୋଇଥାଏ।

## 'ଲୋକଙ୍କୁ ମର୍ଯ୍ୟାଦା ...

ମନ୍ତ୍ରୀ ଓ ଅଧିକାରୀଙ୍କୁ ଶପଥପାଠ କରାଇଥିଲେ। ଶପଥପାଠରେ ସେ ଦର୍ଶାଇଥିଲେ ଯେ, 'ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ଗଣତନ୍ତ୍ରରେ ପ୍ରତିଟି ଅନୁଷ୍ଠାନ ଲୋକଙ୍କ କଲ୍ୟାଣ ପାଇଁ, ଲୋକ ପଇସାରେ, ଲୋକଙ୍କ ସେବା ଓ ସଶକ୍ତୀକରଣ ପାଇଁ ସୃଷ୍ଟି ହୋଇଛି। ଏହି ଥାନା/ ଡାକ୍ତରଖାନା/ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ଉଦ୍ଦିଷ୍ଟ। ଲୋକମାନେ ଏହାର ପ୍ରକୃତ ମାଲିକ। ଏହି କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ସହ ବୃତ୍ତିଗତ ଏବଂ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଲୋକମାନେ ହେଉଛନ୍ତି ପ୍ରକୃତ ପରିବାର। ଏଠାରେ କାମ କରୁଥିବା ସମସ୍ତ କର୍ମଚାରୀ ଲୋକଙ୍କ ପଇସାରେ ବେତନ ପାଉଛନ୍ତି।'

ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ପ୍ରମୁଖ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ପ୍ରଶାସକମାନେ ସର୍ବାଧିକ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉନ୍ନୟନ କମିଶନର ସୁରେଶ

**ପ୍ରଥମ ପୃଷ୍ଠାରୁ...**

ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ସମସ୍ତ ବିଭାଗର ସଚିବ ଏବଂ ସବୁ ଜିଲାପାଳ ଯୋଗଦେଇଛନ୍ତି। ଆସନ୍ତା ୫ ବର୍ଷ ପାଇଁ ରାଜ୍ୟର ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ସେମାନେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦିନତମାମ ଚାଲିଥିବା ଏହି ସମ୍ମିଳନୀରେ ରାଜ୍ୟ ସରକାର ନେଇଥିବା ନୂଆ ପଦକ୍ଷେପ ଓ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ସଚିବମାନେ ୫ଟି ଗ୍ରୁପ୍‌ରେ ବିଭକ୍ତ ହୋଇ ନୂତନ ଜ୍ଞାନକୌଶଳ ଓ ପ୍ରୟୋଗାତ୍ମକ ଚିନ୍ତାଧାରା ବିଷୟରେ ସୂଚନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଲୋକମାନଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ପ୍ରଶାସନ ଦିନକୁଦିନ କିପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଓ ଏହାକୁ କିପରି ସମାଧାନ କରାଯାଇ ପାରିବ ସେନେଇ ଆଲୋଚନା ହୋଇଥିଲା। ଜିଲାପାଳମାନେ ଜିଲାରେ ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତୀକରଣ, ପ୍ରଶାସନିକ ସମସ୍ୟା ନେଇ ଆଲୋଚନା କରିଥିଲେ। ପ୍ରତ୍ୟେକ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କେନ୍ଦ୍ରାଧିପ ସପ୍ତମସ୍ଥ ହେତୁ ଯାତ୍ରା, ବାଣିଜ୍ୟ, ପରିବହନ ଓ ନୂତନ କର୍ମାରମ୍ଭ ପାଇଁ ଅସୁବିଧା ହେବନାହିଁ। ଗୃହ ସମସ୍ୟା ସମାଧାନ ହୋଇପାରିବା ସାଙ୍ଗକୁ ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ସଭାସମିତି, ସଙ୍ଗଠନ, ରାଜନୀତି, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂର ହୋଇଯିବ ।

**ବୃଷ**
ଚନ୍ଦ୍ରଙ୍କ ସ୍ଥିତିଜନିତ ଚଳିତ ପରିସ୍ଥିତିରେ ଗୁରୁତ୍ୱ ଉପଲବ୍ଧି କରି ନିକଟସ୍ଥ ବ୍ୟକ୍ତିମାନଙ୍କୁ ମନ ବୁଝିଲା ଭଳି କଥା କହି ଆପଣେଇ ନେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ସାଙ୍ଗକୁ ଯାହା କରନ୍ତୁ ନା କାହିଁକି ସେଥିରେ ସଫଳତା ପାଇପାରିବେ। ନୂତନ ଯୋଜନାରମ୍ଭ ପାଇଁ ଅର୍ଥ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**ମିଥୁନ**
ରବିଙ୍କ ପ୍ରଭାବରେ ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ମନକୁ ହାଲୁକା କରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ବିଭିନ୍ନ ପ୍ରକାର ଯୋଜନା କରିବା ସକାଶେ ମନ ବଳାଇବେ। ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁ କିଛି ଶେଷ ସମୟରେ ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ ।

**କର୍କଟ**
ମଙ୍ଗଳଙ୍କ ଲକ୍ଷ୍ମୀସ୍ଥାନାବସ୍ଥାନ ଯୋଗୁ ଆତ୍ମୀୟମାନଙ୍କ ଅନୁଗ୍ରହରୁ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲରେ ଅତିବାହିତ ହେବ। ପରିବାରରେ ପିଲାମାନଙ୍କ କଳହକୁ କେନ୍ଦ୍ରକରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ବିଶେଷ ଅସୁବିଧା ରହିବ ନାହିଁ। ବାଣିଜ୍ୟ, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**ସିଂହ**
ବୁଧଙ୍କ ସୁପ୍ରଭାବ ରବିଙ୍କ ସଙ୍ଗଦୋଷରୁ ନଷ୍ଟହେବା ଯୋଗୁ ଆର୍ଥିକ ଦୁରବସ୍ଥା ସୃଷ୍ଟି ହେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବାର ସୂଚନା ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ନେଇପାରନ୍ତି। ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ ହୋଇପାରେ।

**କନ୍ୟା**
କେନ୍ଦ୍ରାଧିପ ବୃହସ୍ପତି ସ୍ୱଗୃହସ୍ଥ ହୋଇ ଶନିଙ୍କ ପ୍ରଭାବରେ କାମକୁ ବିଳମ୍ବିତ କରାଇବେ। ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ପ୍ରତିକୂଳ ପ୍ରଭାବଜନିତ ଏକ ପ୍ରକାର ଅଶାନ୍ତି ଅନୁଭବ କରିପାରନ୍ତି। ଭାଙ୍ଗି ପଡିଥିବା ସମ୍ପର୍କ ଆଜି ପୁଣି ଯୋଡି ହୋଇଯିବାର ସମ୍ଭାବନା ରହିଛି। ସାହିତ୍ୟ,ବିଜ୍ଞାନ ପ୍ରଭୃତି କାର୍ଯ୍ୟରେ ସାମାଜିକ ସ୍ତରରେ ସମ୍ମାନିତ ହେବେ ।

**ତୁଳା**
ରାଜଯୋଗକାରକ ଶନି ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ ଧୀରେ ଧୀରେ କାର୍ଯ୍ୟସିଦ୍ଧିର ଝଲକ ଦେଖିବାକୁ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଓ ଧର୍ମକାର୍ଯ୍ୟରେ ବ୍ୟୟଜନିତ ସାମୟିକ ମାନସିକ ସ୍ଥିତି ଭଲ ଦିଗକୁ ଗତି କରିବ। ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

**ବିଛା**
ଅଷ୍ଟମସ୍ଥ ରାହୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ସୃଷ୍ଟିକରି ଶାରୀରିକ ଓ ମାନସିକ ସ୍ଥିତିକୁ ଅସ୍ଥିର କରିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା, ଅବହେଳିତ କାମ,ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାକୁ ନେଇ ବିଚଳିତ ରହିବେ। ଅବଶ୍ୟ ଲେଖାପଢ଼ା, କଳା, ସାହିତ୍ୟ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବାର ଆଶା ରହିଛି। ସମସ୍ତ କାମ ଠିକ୍ ଭାବେ ଚାଲିବ ।

**ଧନୁ**
ରାଶିରେ ମୁଣ୍ଡବିହୀନ ଗ୍ରହ କେତୁ ଆପଣଙ୍କ ତରବରିଆ ନିଷ୍ପତ୍ତିକୁ ନେଇ ସମସ୍ୟା ସୃଷ୍ଟି କରିବେ। କୌଣସି ଛୋଟ ଘଟଣାକୁ ନେଇ ପରିବାର ସଦସ୍ୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗକ୍ରମେ କେତେକ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ।

**ମକର**
ମନଭିତର ଦୁଃଖ ଓ ଅସ୍ଥିରତାକୁ ହୃଦୟରେ ଚାପି ରଖି ମୁହଁରେ ହସ ଫୁଟାଇ କାମ କରିବେ । ଶ୍ରବଣା ନକ୍ଷତ୍ର କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ଆର୍ଥିକ ପ୍ରଗତି, ସାଂଗଠନିକ ଅଗ୍ରଗତି, ଆନୁଷ୍ଠାନିକ କାମରେ ପ୍ରଶସ୍ତି ମନକୁ ସାମୟିକ ହାଲୁକା କରିଦେବ ।

**କୁମ୍ଭ**
ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ପାଇପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବାଣିଜ୍ୟ,ବ୍ୟବସାୟ ସମସ୍ୟା କ୍ରମଶଃ ଜଟିଳ ହେବାର ଆଶଙ୍କା ଦେଖାଦେବ। ଅର୍ଥସଂକଟ ଦୂର ହେବା କାରଣରୁ ଶତଭିଷା ନକ୍ଷତ୍ର ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ପରିବାରରେ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ, କିନ୍ତୁ କିଛି ଅସୁବିଧା ହେବନି। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ପ୍ରଶଂସିତ ହେବେ। ତଥାପି ଆପଣ ସହନଶୀଳତା ଓ ଉଦାରତା ଗୁଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ।

ଆଜି ଜାନୁୟାରୀ ୧୮ତାରିଖ, ମାଘ କୃଷ୍ଣ ନବମୀ ଶନିବାର, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୦୭ମି. ଗତେ ଘ୧।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ, ଘ୧୦।୦୨ମି. ଗତେ ଘ୧।୨୫ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୯।୧୨ମି. ଗତେ ଘ୧୦।୩୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




## SALE

ଭୁବନେଶ୍ୱର New Rly Station ପାଖରେ Yellow zone plot ମିଳୁଛି। 6371406921. D-16190

**Plot sale near AIIMS Hospital, Bhubaneswar, Contact: 8280037688, 8480745797, 8480612300.** D-68467

ସୁନ୍ଦରପଦା- ଜଟଣୀ ରୋଡ ପ୍ରଧାନ ସାହି ଏବଂ ଜାମୁକୋଳିରେ ୩୦ଫୁଟ ରୋଡଥାଇ ଘରବାରି ପୋଜେସନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଅଛି। ଯୋଗାଯୋଗ- 7205504254, 7978554467. D-67528

Bhubaneswar Patia Rlystationରୁ 1.5km. ବାସୋପଯୋଗୀ plot 1200 ବର୍ଗଫୁଟକୁ 6,60,000/-ରେ ମିଳୁଅଛି। 8249005131, 9583328312. D-68469

A four storied Building plot size 2805Sft. at Gopabandhu Nagar, Semiliguda, Koraput is for immediate sale. Houses fourteen independent families monthly rent Rs. 52,500/- Negotiable price 1.5Crore, owner mobiles 7977316634 and 9870325400. D-68645

Plot sale Sundarpada near Hi-Tech Plaza sqft-880/- 9861964818, 9337766961. D-16253

**Immediate sale south open 3BHK 1528sqft. flat with open garage at Balaji Complex (1st floor) Jharpada, Bhubaneswar, 9330617197, 9830137277, 9861177019.** D-67277

Construction of residential and commercial within Rs. 450/-, and Rs. 1000/-, per sqft., 7064105860. D-15988

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି- 9078736851.** D-68471

୩୦' ରାସ୍ତାଥାଇ boundary ସହିତ ଘରବାରି ପ୍ଲଟ୍ ଗୁଡିଆପୋଖରୀ ନିକଟରେ କିଣନ୍ତୁ। 9937166932. D-68541

**ଭୁବନେଶ୍ୱର New Southcity ରେ Infocity-II, New Airport, NH-5 ପାଖାପାଖି ସଙ୍ଗେସଙ୍ଗେ ଘରୋଇ ପଯୋଗ୍ୟ ଘରବାରି ପ୍ଲଟ୍ ମିଳୁଛି। 9348906056.** D-68470

SC house 23,00,000/- finishing Hanspal (bank finance available): 8093465134, 9668194157 D-68646

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-16175

ଛତାବର ଘରବାରି ପାଚେରି ପ୍ଲଟ 6000sqft. 39,00,000/-, IIT Argul Railway station 4000sqft. 6,00,000/-, 9861281504. D-68542

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-16131

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 4,50,000. Contact: 8908492594. D-16256

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-16132

**2800 Sqft. gharabari corner plot sale at Bomikhal, Bhubaneswar, only buyer directly contact Deepak: 9937329999.** D-68049

Bhubaneswar ସୁନ୍ଦରପଦା ନିକଟରେ ଘରବାରି ପ୍ଲଟ୍ 1500 ବର୍ଗଫୁଟକୁ 13,50,000/, ରେ କିଣି ଆଜି ଘର କରନ୍ତୁ। Investment plot 4,00,000/-, Swati, 8249680401. D-68543

**Litigation free, boundarywall, electricity provides plots sale @ Pahala, Hanspal, Phulnakhara, Balianta. Finance available: 9040011888, 9439471272.** D-16257

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ 30' ରାସ୍ତା Electricity, boundary plot ମିଳୁଅଛି। 6372852525.** D-68474

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଭୁବନେଶ୍ୱର Adyanta Science College ପାଖରେ 30' ରାସ୍ତାଥାଇ Developed demarcated plot sqft.-350/-, 650/-, ସୁନ୍ଦରପଦା OEC College ପାଖରେ sqft.-200/, 1st possession/ registration, 7735843008.** D-68475

Khandagiri to Dhauli bypass ଦୟାନଦୀ ବନ୍ଧରୁ Revenue road ଥାଇ 10 ଟି ସ୍ଥିତିବାନ୍ ପ୍ଲଟ୍ ବିକ୍ରିହେବ। sqft. 550/-, 9777236619. D-16252

ପ୍ଲଟ୍ ବିକ୍ରିହେବ- ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପଟ୍ଟାରୁ। 9178660666. D-68967

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି। sqft. 650/-, 7008045582, 9692003948. D-16254

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68760

## PURCHASE

Required used 1/2/3 BHK flats, Duplexes, Simplexes for Akankshya group, 7978736177. D-68229




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-16229




3BHK flat near Biju Pattnaik Energy Park, 350 mtrs. from Khandagiri Square. Contact: 9937235603. D-16196

Furnished houses available for office/ godown/ residence near Bomikhal: 9437001960. D-68647

One, Two roomed house 300sqft. in 3rd floor at Cuttack road, Jyoti Petrol Pump, adjacent to Yamaha Show Room and opposite to Falcon house, Bhubaneswar for immediate occupation, 9438081042, 9438668573. D-16162

One hall for Office 1000sqft. in the first floor suitable for Office, Business units will be vacant on 31st March 2020. Book immediately before others book it. This is on the Cuttack road, Jyoti Petrol Pump compound adjacent to Yamaha Show Room infront of Falcon house, Bhubaneswar, 9438081042, 9438668573. D-16163

3BHK with parking for families only, near AMRI Hospital, Kolathia. Contact No. 9348534277. D-16211




Rejuvenate and ayurvedic full body massage by smart therapist. 9114402304. D-68946

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68756

Ayurvedic full body massage ladies and gents. Contact: 9861064981. D-68759

Refresh your body with smart and expert therapist. Contact: 8457855286. D-68962

Sai herbal spa refresh your body with smart, expert therapist. 7608062524. D-68961

Refresh your mind and soul with best therapy at Orchid Salon/Spa. 9937287222. D-68755

Ayurvedic full body massage ladies/gents smart experts therapist:- 8480939300. D-68753

Newly open full body massage by ladies, gents therapist. 8018656899 D-60863

Ayurvedic full body massage by ladies, gents therapist. 7008773793 D-60864

Full body herbal massage with refreshment expert therapist. 7381239385, 06742540855. D-68963

Experience full body massage with us (expert). Call: 7377048581, 06742597822. D-68964

Herbal full body massage by smart / expert therapist. Contact: 8338067247. D-68965

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68966

Male therapist full body massage with relax, BBSR. Contact: 8328868891. D-16258


## AFFIDAVIT

By virtue of an affidavit before the Notary Chandikhole, I Zainab Shaikh, W/o- Sidiquddin Shaikh, at-Oliman Mohalla, PO-Charinangal, PS-Balichandrapur, Dist-Jajpur, Odisha, India, 754292 declare that after marriage Sidiquddin Shaikh I have changed my name Bindika Pradhan to Zainab Shaikh for all purposes. D-16259

## ନିରୁଦ୍ଦିଷ୍ଟ



ମୋର ନାମ ଫୁରକାନ୍ ଖାନ୍, ମୋ ପୁଅ ସାକିବ ଖାନ୍, ୧୪ବର୍ଷ, ବର୍ଣ୍ଣ-କଳା, ପତଳା, ଉଚ୍ଚତା-୫'୬'', ମୋ ଘର ଭୁବନେଶ୍ୱର ସୁନ୍ଦରପଦାରୁ ତା. ୦୫।୦୧।୨୦୨୦, ୯:୩୦ ରାତିରୁ କୁଆଡ଼େ ପଳେଇଯାଇଛି। ସେ ଯିବା ପୂର୍ବରୁ କଳାରଙ୍ଗର ସାର୍ଟ, ଧଳାରଙ୍ଗର ପ୍ୟାଣ୍ଟ, ନୀଳରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲା। ଯଦି କେହି ସହୃଦୟ ବ୍ୟକ୍ତି ତା'ର କୌଣସି ଠିକଣା ପାଆନ୍ତି ତେବେ ମୋବାଇଲ ନଂ- 8280173616 ରେ ଜଣାଇବାକୁ ଅନୁରୋଧ। ଆମେ ସେ ବ୍ୟକ୍ତିଙ୍କୁ ୧୦,୦୦୦/- ପୁରସ୍କାର ଦେବୁ। ଧ-୬୮୩୨୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ମାନନୀୟ ଶ୍ରୀଯୁକ୍ତ ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡ଼ିଭିଜନ୍, ଭୁବନେଶ୍ୱର
ସିଭିଲ ସୁଟ ନଂ ୪୦୮/ ୨୦୧୦

ରମେଶ ସୋରେଣ ବ୬୧ର୍ଷ ପିତା- ଦୁର୍ଗା ଚରଣ ସୋରେଣ, ସା-ଭାଲିଆଡ଼ିହି, ପୋ.ଅ- ଅଟାନଟୀ, ଜିଲା- ମୟୂରଭଞ୍ଜ।
............ବାଦୀ

ବନାମ

୩- କ୍ଷିରୋଦିନି ମଲ୍ଲିକ (ମୃତ)
୩(କ) ଦୁଃଶାସନ ମଲ୍ଲିକ ବ୬୮ର୍ଷ
୩(ଖ) ଶୁଶାନ୍ତ କୁମାର ମଲ୍ଲିକ ବ୩୮ର୍ଷ, ପିତା- ଦୁଃଶାସନ ମଲ୍ଲିକ
୩(ଗ) ଲକ୍ଷ୍ମୀନାରାୟଣ ମଲ୍ଲିକ ବ୩୬ର୍ଷ, ପିତା-ଦୁଃଶାସନ ମଲ୍ଲିକ ସା-ଫ୍ଲାଟ୍ ନଂ. ସି-୧୦୧, ଇମ୍ପୋସିଟୀ ଗାର୍ଡେନ, ଶୈଳଶ୍ରୀ ବିହାର, ପାୱାରଗ୍ରିଡ଼ଏଭିନ୍ୟୁ, ଭୁବନେଶ୍ୱର, ଜିଲା- ଖୋର୍ଦ୍ଧା
..........ପ୍ରତିବାଦୀମାନେ।

ବିଜ୍ଞାପନ

ଏତଦ୍ୱାରା ତୁମ୍ଭେ ପ୍ରତିବାଦୀମାନଙ୍କ ବିରୁଦ୍ଧେ ବାଦୀସ୍ୱତ୍ୱ ସାବ୍ୟସ୍ତ ଓ ଦଖଲ ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ପ୍ରାର୍ଥନା କରି ମୋକଦ୍ଦମା ଆଗତ କରିଅଛନ୍ତି। କିନ୍ତୁ ଅଦାଲତରୁ ବାରମ୍ବାର ନୋଟିସ୍ ଆଦି ଯାଉଥିଲେ ମଧ୍ୟ ନିଜକୁ ଲୁଚାଇ ଛପାଇ ନୋଟିସ୍ ଗ୍ରହଣ କରୁନାହାନ୍ତି। କିମ୍ବା ଅଦାଲତରେ ହାଜର ହେଉନାହାନ୍ତି। ତେଣୁ ତୁମ୍ଭେ ପ୍ରତିବାଦୀମାନେ ଧାର୍ଯ୍ୟ ତା ୧୪।୦୨।୨୦୨୦ ରିଖେ ସ୍ୱୟଂ କିମ୍ବା ଅଭିବକ୍ତାଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମାର ବିହିତ କାର୍ଯ୍ୟ କରିବେ, ନଚେତ ଧାର୍ଯ୍ୟ ତାରିଖ ଗତେ ଆଇନତଃ ତୁମ୍ଭ ବିରୁଦ୍ଧରେ ମୋକଦ୍ଦମାର ଶେଷ ଆଦେଶ ଗ୍ରହଣ କରାଯିବ। ଅଦ୍ୟ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋହର ଯୁକ୍ତ କ୍ରମେ ଦିଆଗଲା।

ଭୁବନେଶ୍ୱର
ତା. ୩।୧।୨୦୨୦

Sd/- Sri N. R. Lenka
ଦ୍ୱିତୀୟ ଅତିରିକ୍ତ ସିଭିଲ ଜଜ୍ ସିନିୟର ଡ଼ିଭିଜନ୍ ଭୁବନେଶ୍ୱର
ଧ-୧୬୨୪୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ଭାରତର ଲୋକପାଳ ପିନାକୀ ଚନ୍ଦ୍ର ଘୋଷ ସସ୍ତ୍ରୀକ ଶୁକ୍ରବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି।

# ବିଜୟଙ୍କୁ ଫସାଇ ଦିଆଯାଇଛି: ସ୍ତ୍ରୀ ତୁଷିମା

**କଟକ ଅଫିସ, ୧୭।୧**


୧ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗରେ ଭିଜିଲାନ୍ସ ହାତରେ ଗିରଫ ହୋଇଥିବା ଉଦ୍ୟାନ କୃଷି ନିର୍ଦ୍ଦେଶକ ତଥା ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ସ୍ତ୍ରୀ ଡା. ତୁଷିମା ମିଶ୍ର ମୁହଁ ଖୋଲିଛନ୍ତି। ବିଜୟ ନିର୍ଦ୍ଦୋଷ ଏବଂ ତାଙ୍କୁ ଫସାଇ ଦିଆଯାଇଛି ବୋଲି ତୁଷିମା କହିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତୁଷିମା କହିଛନ୍ତି ଯେ, ବିଜୟଙ୍କୁ ରେଡ୍ ହ୍ୟାଣ୍ଡେଡ୍ ଧରାଯାଇନାହିଁ। ଅନ୍ୟ ଜଣଙ୍କଠାରୁ ଟଙ୍କା ମିଳିଥିବାବେଳେ ତାଙ୍କ ସହ ସମ୍ପର୍କ ଥିବା ସନ୍ଦେହକରି ଭିଜିଲାନ୍ସ ବିଜୟଙ୍କୁ ଗିରଫ କରିଛି। ବିଜୟ ଲାଞ୍ଚ ନେବା ଭଳି ଅଭିଯୋଗର କୌଣସି ତଥ୍ୟ ପ୍ରମାଣ ଭିଜିଲାନ୍ସ ପାଖରେ ନାହିଁ। ଭିଜିଲାନ୍ସ ପକ୍ଷରୁ ଆମ ବାସଭବନ ସମେତ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରାଯାଇଥିଲା। ମାତ୍ର ଚଢ଼ାଉ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା କିମ୍ବା ସରକାରୀ ଅର୍ଥ ହେରଫେର ଭଳି କୌଣସି ପ୍ରମାଣ ଭିଜିଲାନ୍ସର ହସ୍ତଗତ ହୋଇନାହିଁ। ଭିଜିଲାନ୍ସ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଗଲା ଯେ, ବିଜୟ ଏଚଡିଏଫସି ଓ ୟେସ୍ ବ୍ୟାଙ୍କରେ ସରକାରୀ ଟଙ୍କା ଜମା ରଖିଛନ୍ତି। କିନ୍ତୁ ଅର୍ଥ ବିଭାଗର ବିଜ୍ଞପ୍ତି (୩୨୬୪୮/ ତା-୧୦/୧୦/୧୮) ଅନୁଯାୟୀ ଏହି ସରକାରୀ ଟଙ୍କା ଘରୋଇ ବ୍ୟାଙ୍କର ସରକାରୀ ଖାତାରେ ରଖାଯାଇଛି। ବିଜୟଙ୍କୁ ଡିସେମ୍ବର ୩୦ରେ ଗିରଫ କରାଯାଇଥିବା ବେଳେ ଜାଣିଶୁଣି ଜାନୁୟାରୀ ୫ରେ କୋର୍ଟଚାଲାଣ କରାଯାଇଥିଲା। ଜାନୁୟାରୀ ୮ରେ ଜାମିନ ଆବେଦନର ତାରିଖ ଧାର୍ଯ୍ୟ ହୋଇଥିଲାବେଳେ ଭାରତ ବନ୍ଦର ଆଳ ଦେଖାଇ ଅବହେଳା କରାଯାଇଥିଲା। ଗିରଫ ହେବାର ୧୨ ଦିନ ପରେ ମଧ୍ୟ କେସ୍ ଡାଏରୀ ପ୍ରସ୍ତୁତ ହୋଇ ନ ଥିଲା। ରାଜ୍ୟରେ ଅଣଓଡ଼ିଆ ଆଇଏଏସ୍ ଅଫିସରଙ୍କୁ ଏକାଧିକ ବିଭାଗ ଦାୟିତ୍ୱ ଦିଆଯାଉଛି। ଓଡ଼ିଆ ଆଇଏଏସ୍ ଅଫିସରମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ବିଜୟଙ୍କୁ ଗିରଫ କରାଯାଇଛି। ତେଣୁ ସେ ମାନସିକ ଦୁଶ୍ଚିନ୍ତାରେ ରହିଛନ୍ତି। ତାଙ୍କର ଯଦି କୌଣସି କ୍ଷତି ହୋଇଯାଏ ତେବେ ସେଥିପାଇଁ ସରକାର, ଭିଜିଲାନ୍ସ ଓ ସରକାରୀ ଓକିଲ ଦାୟୀ ରହିବେ ବୋଲି ତୁଷିମା କହିଛନ୍ତି। ତଥାପି ନ୍ୟାୟ ବ୍ୟବସ୍ଥା ଉପରେ ଭରସା ଓ ବିଶ୍ୱାସ ରହିଛି। ବିଜୟ ଜେଲ୍‌ରୁ ମୁକୁଳିବା ପରେ ଷଡ଼ଯନ୍ତ୍ର ଉପରୁ ପରଦା ହଟିବ ବୋଲି ତୁଷିମା କହିଛନ୍ତି।

# ଭାଜପା ରାଜ୍ୟ ସଭାପତି ଦାୟିତ୍ୱ ନେଲେ ସମୀର

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ଭାଜପା ରାଜ୍ୟ ସଭାପତି ଭାବେ ବରିଷ୍ଠ ନେତା ସମୀର ମହାନ୍ତିଙ୍କୁ ଦଳୀୟ ନେତାମାନେ ଗୁରୁବାର ସହମତି ଭିତ୍ତିରେ ଚୟନ କରିବାପରେ ଶୁକ୍ରବାର ତାଙ୍କ ନୂଆ ଦାୟିତ୍ୱକୁ ବିଧିବଦ୍ଧ ଘୋଷଣା କରାଯାଇଛି। ସମୀର ସକାଳେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ସାରି ଫେରିବା ପରେ ବାଜା, ବାଣରେ ଦଳର ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ କରିବା ଦୃଶ୍ୟ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦେଖିବାକୁ ମିଳିଥିଲା। ଦଳର ସବୁ ବରିଷ୍ଠ ନେତା, ବିଧାୟକ, ଏମ୍‌ପି ଏବଂ ଦୁଇ କେନ୍ଦ୍ରମନ୍ତ୍ରୀ ଗୋଟିଏ ମଞ୍ଚରେ ଏକାଠି ହୋଇ ନୂଆ ସଭାପତିଙ୍କୁ ସ୍ୱାଗତ ଜଣାଇବା ସହ ତାଙ୍କ ସହ ମିଶି କାମ କରିବାର ଭରସା ଦେଇଥିଲେ। ଦଳ ତାଙ୍କୁ ଏତେବଡ଼ ଦାୟିତ୍ୱ ପ୍ରଦାନ କରିଥିବାରୁ ସମୀର ଖୁସି ବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଜଣେ ପୂର୍ବତନ କର୍ପୋରେଟରଙ୍କୁ ଦଳ ରାଜ୍ୟ ସଭାପତି କରିଥିବା କହି ସମୀର ସାମାନ୍ୟ ଭାବବିହ୍ୱଳ ହୋଇଯାଇଥିଲେ।

ଭାଜପା ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲ ଏବଂ ପ୍ରଭାରୀ ଅରୁଣ ସିଂ ମିଳିତଭାବେ ସମୀରଙ୍କୁ ରାଜ୍ୟ ସଭାପତି ଭାବେ ଘୋଷଣା କରିଥିଲେ। ଏହାପରେ ତାଙ୍କୁ ସଭାପତି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପୂର୍ବତନ ସଭାପତି ବସନ୍ତ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରି ସମୀର କହିଥିଲେ ଯେ, ରାଜ୍ୟବାସୀଙ୍କ ସେବା ଏବଂ ୩୭ ହଜାର ବୁଥ ସଙ୍ଗଠନକୁ ମଜଭୁତ କରିବା ପ୍ରାଥମିକତା ହେବ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ନୂତନ ସଭାପତି ସମୀର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

- **‘ସାଧାରଣ କର୍ପୋରେଟରରୁ ସଭାପତି ହେବା ଭାଜପାରେ ସମ୍ଭବ’**
- **ବାଜା, ବାଣରେ ସ୍ୱାଗତ କରାଗଲା**

ଓଡ଼ିଶାକୁ କେନ୍ଦ୍ର ପଠାଉଥିବା ଅନୁଦାନର ଖର୍ଚ୍ଚ କିପରି ବାଟମାରଣ ନ ହୋଇ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ତା’ର ତଦାରଖ କରିବେ। ବିଧାନସଭାରେ ରାଜ୍ୟବାସୀଙ୍କ ସ୍ୱରକୁ ଶାଣିତ କରିବା ଲାଗି ଆମ ପାଖରେ ବିରୋଧୀ ଦଳ ନେତା ଏବଂ ଉଚ୍ଚଶିକ୍ଷିତ ବିଧାୟକମାନେ ଅଛନ୍ତି। ୮ଜଣ ଏମ୍‌ପି ଓଡ଼ିଶା ସମସ୍ୟାକୁ ପାର୍ଲାମେଣ୍ଟରେ ଉଠାଇବେ। ଓଡ଼ିଶାରେ ଭାଜପାର ସଂଗଠନ କାର୍ଯ୍ୟ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ନେଇଥିବା ସମସ୍ତ ନେତୃତ୍ୱଙ୍କୁ ସେ ପ୍ରଶଂସା କରିଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ଏତେ ବଡ଼ ଦଳରେ ସଭାପତି ଚୟନ ଅତି ସୁରୁଖୁରୁରେ ଶେଷ ହୋଇଛି। ବର୍ତ୍ତମାନ ସମୟ ଭାଜପା ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିଛି। ଓଡ଼ିଶାରେ ଆମ ସମସ୍ତଙ୍କୁ ଏକାଠି ରହିବାକୁ ପଡ଼ିବ। ରାଜ୍ୟରେ ସରକାରକୁ ଆସିବା ପର୍ଯ୍ୟନ୍ତ ପରିଶ୍ରମ କରିବାକୁ ପଡ଼ିବ ବୋଲି ଷଡ଼ଙ୍ଗୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ସଭାପତି ଏବଂ ବିଦାୟୀ ସଭାପତି ବସନ୍ତ ପଣ୍ଡାଙ୍କୁ ଶୁଭକାମନା ଜଣାଇଛନ୍ତି। ଏହାସହ ଓଡ଼ିଶାକୁ ଦେଶରେ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି, ଏହା ଅତି ସ୍ମରଣୀୟ ଦିନ। ୩ ବର୍ଷରେ ଥରେ ଭାଜପାର ସାଙ୍ଗଠନିକ ନିର୍ବାଚନ ହୋଇଥାଏ। ସମସ୍ତେ ଏକାଠି ହୋଇ ସମୀର ମହାନ୍ତିଙ୍କୁ ସଭାପତିଭାବେ ଚୟନ କରିଛୁ। ଆଗକୁ ପୌର, ୨୦୨୨ରେ ପଞ୍ଚାୟତ ନିର୍ବାଚନ ହେବ। ଏସବୁ ସମୟରେ ତାଙ୍କ ସହିତ ରହି କାମ କରିବୁ ବୋଲି ଅପରାଜିତା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, କନକବର୍ଦ୍ଧନ ସିଂଦେଓ ପ୍ରମୁଖ ସମୀରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ସବୁ ସାଙ୍ଗଠନିକ ଜିଲାର ନୂତନ ସଭାପତି ନିଜ ଟିମ୍ ସହ ନୂଆ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ୨୬ରେ ସବିତା, ପୂର୍ଣ୍ଣିମାଙ୍କୁ ସାହସିକତା ପୁରସ୍କାର

**ଶୁକ୍ରବାର ଦିଲ୍ଲୀ ଗଲେ**

**କେନ୍ଦ୍ରାପଡା ଅଫିସ, ୧୭।୧:** କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ନିପାଣିଆ ଗ୍ରାମ ନିକଟ ଖୋଲା ନଦୀରେ ଗତବର୍ଷ ଜାନୁୟାରୀ ୨ରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡିଯାଇ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣାରୁ ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । କିନ୍ତୁ ନିପାଣିଆ ଗ୍ରାମର ସବିତା ଗିରି (୧୫) ଓ ପୂର୍ଣ୍ଣିମା ଗିରି(୧୫) କୁମ୍ଭୀର ପ୍ରବଣ ଏହି ନଦୀରୁ ୧୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ମରଣ ମୁହଁରୁ ବଞ୍ଚାଇ ରାଜ୍ୟରେ ଚହଳ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନର ଉଦ୍ୟମ ଓ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଦୁଇ



ସମ୍ପର୍କୀୟ ଭଉଣୀଙ୍କୁ ଜାତୀୟ ସାହସିକତା ପୁରସ୍କାର ଆଗାମୀ ୨୬ ତାରିଖରେ ଦିଆଯିବ ବୋଲି ଶିଶୁ ବିକାଶ ଜାତୀୟ ପରିଷଦ ପକ୍ଷରୁ ଜଣାଇ ଦିଆଯାଇଥିଲା । ଏ ନେଇ ଚିଠି ପାଇବା ପରେ ଦୁଇ ଭଉଣୀ ଗତ ଗୁରୁବାର ଅଭିଭାବକଙ୍କ ସହ ଭୁବନେଶ୍ୱରରେ ପହଞ୍ଚି ଥିଲେ । ସେମାନେ ଶୁକ୍ରବାର ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରିଛନ୍ତି । ଗମନାଗମନ ସୁବିଧା ନ ଥିବା ନିଜ ଗ୍ରାମ ନିକଟ ମହାନଦୀ ଶାଖା ଚୁବି ଘାଟଠାରେ ଏକ ସେତୁ ନିର୍ମାଣ ପାଇଁ ସେମାନେ ଦିଲ୍ଲୀ ଦରବାରରେ ଜଣାଇବେ ବୋଲି କହିଛନ୍ତି । ଦୁହେଁ ମହାକାଳପଡା ବ୍ଲକ ବତୀଘର ପଞ୍ଚାୟତର ଜ୍ଞାନମୟୀ ହାଇସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି ।

**■ରାୟଗଡ଼ା ବିଧାନସଭା ନିର୍ବାଚନୀ ମାମଲା**

# ଜବାବ ଦାଖଲ ପାଇଁ ସମୟ ନେଲେ ବିଧାୟକ

**କଟକ ଅଫିସ,୧୭।୧**

ରାୟଗଡା ବିଧାନସଭା ନିର୍ବାଚନୀ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ମାମଲା ସମ୍ପର୍କରେ ଜବାବ ଦାଖଲ ନିମନ୍ତେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି। ତେବେ ଆସନ୍ତା ୪ ସପ୍ତାହ ମଧ୍ୟରେ ହାଇକୋର୍ଟରେ ଜବାବ ଦାଖଲ କରିବାକୁ ବିଚାରପତି ଜଷ୍ଟିସ ବି.ଆର୍. ଷଡଙ୍ଗୀ ଆଦେଶ ଦେଇଛନ୍ତି। ସୂଚନାଥାଉ କି, ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ରାୟଗଡ଼ା ଅଞ୍ଚଳର ଜଣେ ଭୋଟର ହାଇକୋର୍ଟରେ ଏହି ମାମଲା ରୁଜୁ କରିଥିଲେ। ଏପରି କି ନିର୍ବାଚନୀ ସତ୍ୟପାଠରେ ବିଧାୟକ ଅନେକ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଥିଲେ।


**PREMISES REQUIRED**

**UTKAL GRAMEEN BANK, AMBADALA, RAYAGADA, H.O.: BALANGIR**

Commercial space of 1000 sq.ft.-1500 sqft required with attached washroom and adequate parking space. Internal structure may get suitably modified as per Bank's requirement. Please note that we also require roof top for VSAT installation.

For detail contact: **7377075390** or visit our Ambadala branch.

***BRANCH MANAGER***


# ପୁଣି ୭ ଦିନର ଶିଶୁ କନ୍ୟା ଉଦ୍ଧାର

**ଜଗତ୍‌ସିଂହପୁର ଅଫିସ୍, ୧୭।୧:** ଗୋରଖନାଥ ପୀଠରୁ ଶିଶୁ କନ୍ୟା ଉଦ୍ଧାର ହେବାର ୨ ଦିନ ପରେ ଶୁକ୍ରବାର ଜଗତ୍‌ସିଂହପୁର ଜିଲା ପଳାଶୋଳରୁ ଆଉ ଏକ ୭ ଦିନର ଶିଶୁ କନ୍ୟା ଉଦ୍ଧାର ହୋଇଛି। ପଳାଶୋଳ ଗ୍ରାମର କବିତା ସାହୁ ଓ ତାଙ୍କ ସ୍ୱାମୀ ନିତ୍ୟାନନ୍ଦ ସାହୁ ଶିଶୁଟିକୁ ରଖିଥିଲେ। ଖବରପାଇ ଜଗତ୍‌ସିଂହପୁର ଚାଇଲ୍ଡ ଲାଇନ୍ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢ଼ାଉ କରାଯାଇ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯିବା ପରେ ଶିଶୁଟିକୁ ସ୍ଥାନୀୟ ଶିଶୁ ଆଶ୍ରମରେ ରଖାଯାଇଥିବା ସିଡବ୍ଲ୍ୟୁସି ଅଧ୍ୟକ୍ଷା ବିଶେଶ୍ୱରୀ ମହାନ୍ତି କହିଛନ୍ତି। ନିତ୍ୟାନନ୍ଦଙ୍କ କହିବା ଅନୁସାରେ, ସ୍ତ୍ରୀ କବିତାଙ୍କ ଦେହ ଖରାପ ଥିବାରୁ ଗତ ୧୫ ତାରିଖରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଚିକିତ୍ସାଳୟ ଫାଟକ ନିକଟରେ ଜଣେ ମହିଳା ଶିଶୁଟିକୁ ଧରି କାନ୍ଦୁଥିବା ଦେଖିବାକୁ ପାଇଥିଲେ। ତେବେ କାହିଁକି କାନ୍ଦୁଛନ୍ତି ବୋଲି ପଚାରିବାରୁ ମହିଳା ଜଣକ କହିଥିଲେ, ତାଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ। ପୂର୍ବରୁ ୩ଟି ଝିଅ ଥିବା ବେଳେ ପୁଣି ଏକ ଶିଶୁକନ୍ୟା ଜନ୍ମ ହୋଇଛି। ୪ଟି ପିଲାଙ୍କ ଲାଳନ ପାଳନ କରିବା ତାଙ୍କ ପକ୍ଷେ କଷ୍ଟକର। ଏ ପରିସ୍ଥିତିରେ କେହି ଛୁଆଟିକୁ ନେଇଗଲେ ସେ ଖୁସି ହେବେ ବୋଲି କହିଥିଲେ।

# ଜିଆର୍‌ଏସ୍ ସଂଯୁକ୍ତା ହତ୍ୟା ମାମଲା: ୨ ମିଲିସିଆ ଗିରଫ

**ଫୁଲବାଣୀ ଅଫିସ/ ଫିରିଙ୍ଗିଆ, ୧୭।୧:** ସାଧାରଣ ନିର୍ବାଚନ ବେଳେ କନ୍ଧମାଳ ଜିଲା ଗୋଚ୍ଛାପଡା ଥାନା ଅଞ୍ଚଳରେ ଜିଆର୍‌ଏସ୍ ସଂଯୁକ୍ତା ଦିଗାଲଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ । ଏହି ଘଟଣାରେ ଗୋଚ୍ଛାପଡା ଥାନା ପୋଲିସ ୨ ମିଲିସିଆଙ୍କୁ ଗିରଫ କରିଛି। ସେମାନେ ହେଲେ ପାଙ୍ଗା ଉପରସାହିର ସମିତି ସଭ୍ୟ ଗୁନି ଦିଗାଲ ଓ ସିଡ଼ା ଦିଗାଲ । ତଦନ୍ତ ଆଧାରରେ ଏମାନଙ୍କୁ ଗିରଫ କରାଯାଇଛି ।

ପୋଲିସ ସୂଚନା ଅନୁସାରେ, ଗୁନି ଓ ସିଡ଼ା ମାଓବାଦୀଙ୍କ ସମର୍ଥକ ଥିଲେ । ସବୁ ଖବର ମାଓବାଦୀଙ୍କୁ ପଠାଉଥିଲେ । ମାଓବାଦୀଙ୍କ ସହ ମିଶି ବିଭିନ୍ନ ଆଲୋଚନାରେ ଭାଗ ନେଇ ଗ୍ରାମରେ ଉପସ୍ଥିତି ଜାହିର କରୁଥିଲେ । ନିର୍ବାଚନ ଭଣ୍ଡୁର କରିବା ଏବଂ ପୋଲିଂ ପାର୍ଟି ଉଡ଼ାଇ ଦେବାକୁ ସେମାନେ ନିଷ୍ପତ୍ତି ନେଇଥିଲେ । ଏ ନେଇ ଏସ୍‌ପି ପ୍ରତୀକ ଗୀତା ସିଂ କହିଛନ୍ତି, ମାଓବାଦୀଙ୍କ ସହ ମିଶି ବୈଠକ କରିଥିଲେ । ଗାଁ ଗାଁ ବୁଲି ମାଓବାଦୀଙ୍କ ସପକ୍ଷରେ ପ୍ରଚାର କରିଥିଲେ । ସେମାନଙ୍କ ଟାର୍ଗେଟ ଇଲେକ୍ସନ ପାର୍ଟି ଉପରେ ଥିଲା । ସଂଯୁକ୍ତାଙ୍କ ମୁଣ୍ଡରେ ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଅନ୍ୟମାନେ ବି ସାମିଲ ଥିବା ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୭ ତାରିଖରେ ସାଧାରଣ ନିର୍ବାଚନ ପାଇଁ ପୋଲିଂ ପାର୍ଟି ଚେକିଂ



ଗିରଫ ଦୁଇ ମିଲିସିଆ ।

ପାଇଁ ଏକ ଗାଡ଼ିରେ ଯାଉଥିଲେ । ସେଥିରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପ୍ରକାଶ ଦାସ, ମେସେଞ୍ଜର ତଥା ଲୁଇସିଂ ପଞ୍ଚାୟତ ଜିଆରଏସ୍ ସଂଯୁକ୍ତା ଏବଂ ଅନ୍ୟମାନେ ଥିଲେ । ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାଠାରୁ ୧୦/୧୨ କିମି ଦୂର କୋଏରମାଣ୍ଡୁ ପଞ୍ଚାୟତ ବାରାହାଲାଠାରେ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ଗାଡି ଡ୍ରାଇଭର ତୁରନ୍ତ ଗାଡି ଅଟକାଇ ପଛକୁ ବୁଲାଇ ଫେରିବାକୁ ଚେଷ୍ଟା କରୁଥିବା ବେଳେ ଗୁଳି ଫୁଟିଥିଲା । ଗୁଳିଟି ସଂଯୁକ୍ତାଙ୍କ ମୁଣ୍ଡରେ ବାଜିଥିଲା । ଡ୍ରାଇଭର ଗାଡି ନ ଅଟକାଇ ବାଲନ୍ଦାପଡା ମେଡିକାଲ ନେଇ ଆସିଥିଲେ । ସେଠାରେ ସଞ୍ଜୁକ୍ତାଙ୍କ ମୃତ୍ୟୁ ଘଟିଥିଲା ।

# ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ**

**କଟକ ଅଫିସ, ୧୭।୧:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭବାନୀପାଟଣା ବିଧାନସଭା ଆସନର ପୂର୍ବତନ ବିଧାୟକ ଅନାମ ନାଏକଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଯାଞ୍ଚ କରିଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନର ଅଧିକାରୀମାନେ ନାଏକଙ୍କ ଘର ସମେତ ମୋଟ୍ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଛନ୍ତି। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ହେଉଛି ଭବାନୀପାଟଣା ସହରର ନାକ୍‌ଟିଗୁଡ଼ା ନିକଟରେ ଥିବା ୩ ମହଲା କୋଠା, ମ.ରାମଚନ୍ଦ୍ରପୁର ସହରରେ ଥିବା ଡ୍ୟୁପ୍ଲେକ୍ସ ଲଜ୍, ନାକ୍‌ଟିଗୁଡ଼ାଠାରେ ଥିବା ବ୍ୟବସାୟିକ କୋଠା, ଭବାନୀପାଟଣାର ପୂର୍ଣ୍ଣପଡ଼ାଠାରେ ନିର୍ମାଣାଧୀନ ଲଜ୍ ଓ କୋଠାକୁ ଭିଜିଲାନ୍ସ ଯାଞ୍ଚ କରିଛି। ଉପରୋକ୍ତ ସ୍ଥାନଗୁଡ଼ିକ ଯାଞ୍ଚ କରାଯିବା ପରେ ମୋଟ୍ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଏତଦ୍‌ବ୍ୟତୀତ ତାଙ୍କ ଘରୁ ୮୦ହଜାର ଟଙ୍କାର ସୁନାଗହଣା, ନଗଦ ୧୩,୬୮୦ ଟଙ୍କା, ୬ ଲକ୍ଷ ୨୧ହଜାର ୩୭୭ ଟଙ୍କାର ଗୃହ ଉପକରଣ ସାମଗ୍ରୀକୁ ମଧ୍ୟ ଭିଜିଲାନ୍ସ ଠାବ କରିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ୧୯୯୦ ମସିହାରେ ନାଏକ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ କନିଷ୍ଠ କିରାଣି ଭାବେ ସରକାରୀ ଚାକିରିରେ ଯୋଗଦେଇଥିଲେ। ଏହାପରେ ସେ ଭବାନୀପାଟଣା ତହସିଲଦାରଙ୍କ କାର୍ଯ୍ୟାଳୟ, ଭବାନୀପାଟଣା ବ୍ଲକ ଆଦି ସ୍ଥାନରେ କାର୍ଯ୍ୟ କରିଛନ୍ତି। ୧୫ ବର୍ଷ ତଳେ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ୨୦୧୪ ନିର୍ବାଚନରେ ନାଏକ ଭବାନୀପାଟଣା ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।




> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
> –ଶ୍ରୀମା

# ୟୁପିରେ କମିଶନରେଟ୍



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧରେ ସାମ୍ପ୍ରତିକ ବିକ୍ଷୋଭ ପରିପ୍ରେକ୍ଷୀରେ ତଥା ରାଜ୍ୟର ଆଇନଶୃଙ୍ଖଳାରେ ଉନ୍ନତି ଆଣିବା ଲାଗି ଉତ୍ତରପ୍ରଦେଶ ସରକାର ଅନେକଦିନରୁ ଯୋଜନା ହୋଇ ପଡ଼ିରହିଥିବା ପୋଲିସ କମିଶନର ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ନେଇ ପ୍ରଥମେ ନୋଏଡା ଓ ଲକ୍ଷ୍ନୌରେ ଏହା କାର୍ଯ୍ୟକାରୀ କରିଛନ୍ତି। ଲକ୍ଷ୍ନୌ ଓ ନୋଏଡ଼ାର ପ୍ରଥମ ପୋଲିସ କମିଶନର ଭାବେ ଯଥାକ୍ରମେ ଅତିରିକ୍ତ ପୋଲିସ ଡିଜି ସୁଜିତ ପାଣ୍ଡେ ଓ ଆଲୋକ କୁମାରଙ୍କ ନାମ ଘୋଷଣା କରାଯାଇଛି। ପ୍ରକାଶ୍ୟ ଯେ, ପୋଲିସ କମିଶନର ବ୍ୟବସ୍ଥାରେ କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସ୍ଥାନୀୟ ପୋଲିସ ମୁଖ୍ୟମାନେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ। କିନ୍ତୁ ପୁରୁଣା ବ୍ୟବସ୍ଥା ଅନୁସାରେ ଏଭଳି ପରିସ୍ଥିତିରେ ଜିଲା ପୋଲିସ ମୁଖ୍ୟମାନଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ଅନୁମତି ନେବାକୁ ପଡୁଥିଲା। ତେବେ ସରକାରଙ୍କ ଏହି ପଦକ୍ଷେପକୁ ଆଇଏଏସ୍ ମହଲ ତୀବ୍ର ବିରୋଧ କରିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କିନ୍ତୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ଯେ, ଆଇପିଏସ୍ ସଂଘ 'ଲୋକମାନଙ୍କ ସେବା କରିବା ଲାଗି ଏହା ଏକ ବଡ଼ ସୁଯୋଗ'ବୋଲି କହି ଏହି ପଦକ୍ଷେପକୁ ସ୍ୱାଗତ କରିଛି। ଅତୀତରେ ମଧ୍ୟ କମିଶନରେଟ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟରେ ପଡିରହିଥିଲା। କିନ୍ତୁ ଏବେ ଯୋଗୀ ଆଦିତ୍ୟନାଥ ଆଇଏଏସ୍ ଅଧିକାରୀଙ୍କ ସମସ୍ତ ବିରୋଧକୁ ଶେଷ କରିଦେଲେ। ଯାହା ଜଣାପଡୁଛି, ପୋଲିସ କମିଶନରେଟ୍ ବ୍ୟବସ୍ଥା ଲାଗୁ କରାଯାଇଥିବା ମହାରାଷ୍ଟ୍ର, ଗୁଜରାଟ, ଦିଲ୍ଲୀ ଏବଂ କର୍ନାଟକ ଆଦି ରାଜ୍ୟରେ ପୋଲିସ ବ୍ୟବସ୍ଥାକୁ ଦେଖି ମୁଖ୍ୟମନ୍ତ୍ରୀଙ୍କ ହୃଦ୍‌ବୋଧ ହୋଇଛି ଯେ, ଉତ୍ତରପ୍ରଦେଶରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଯିବା ଅତ୍ୟନ୍ତ ଜରୁରୀ। ଏହି ନୂଆ ବ୍ୟବସ୍ଥାରେ ପୋଲିସ କମିଶନର ଅଧୀନରେ ଲକ୍ଷ୍ନୌରେ ୪୦ଟି ଥାନା ରହିବ। ଏହି ଟିମ୍‌ରେ ଯୁଗ୍ମ କମିଶନର ଭାବେ ଦୁଇଜଣ ଆଇଜି, ୯ ଜଣ ଏସ୍‌ପି ପାହ୍ୟାର ଅଧିକାରୀ, ଜଣେ ଏସ୍‌ପି ପାହ୍ୟାର ମହିଳା ଅଧିକାରୀ ଏବଂ ଜଣେ ଏଏସ୍‌ପି ପାହ୍ୟାର ମହିଳା ଅଧିକାରୀ ରହିବେ।

### ରେଲୱେ ବୋର୍ଡର ପୁନର୍ଗଠନ

ଅନ୍ୟାନ୍ୟ 'ସଂସ୍କାର' କାର୍ଯ୍ୟକ୍ରମ ମଧ୍ୟରେ ସରକାର ଏବେ ରେଲୱେ ବୋର୍ଡର ପୁନର୍ଗଠନ ଆରମ୍ଭ କରିଛନ୍ତି। ଭାରତୀୟ ରେଲୱେର ଶୀର୍ଷ ନୀତିନିର୍ଦ୍ଧାରକ ରେଲୱେ ବୋର୍ଡର ସଦସ୍ୟ ସଂଖ୍ୟା ୮ରୁ ୫କୁ କମାଇ ଦିଆଯାଇଛି। ସରକାର ରେଲୱେର ବିଭିନ୍ନ କ୍ୟାଡରକୁ ଗୋଟିଏ ରେଲୱେ ମ୍ୟାନେଜମେଣ୍ଟ ସିଷ୍ଟମ୍ ସହ ମିଶାଇ ଦେଇଛନ୍ତି। ଏଣୁ ଇଞ୍ଜିନିୟରିଂ, ଟ୍ରାଫିକ୍, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ସମେତ ଏବେ ପ୍ରଚଳିତ ୮ଟି ସେବା ପରିବର୍ତ୍ତେ ଦି ଇଣ୍ଡିଆନ ରେଲୱେ ସର୍ଭିସ୍ ନାମରେ ଗୋଟିଏ କ୍ୟାଡର ରହିବ। ରେଲୱେରେ ବିଭାଗୀକରଣକୁ ଶେଷ କରିବା ଏବଂ ସୁଷ୍ଠୁ ପରିଚାଳନାକୁ ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ପ୍ରାପ୍ତ ତଥ୍ୟ ଅନୁସାରେ, କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ ସହ ପରାମର୍ଶ କରି ରୂପରେଖ ପ୍ରସ୍ତୁତ କରିବା ସହିତ ବର୍ଷକ ମଧ୍ୟରେ ପୂରା ପ୍ରକ୍ରିୟା ଶେଷ କରାଯିବ। କିନ୍ତୁ ଏବେ ରେଲୱେରେ ଥିବା ୮ଟି ସେବାକୁ ଗୋଟିଏରେ ମିଶାଇ ଦିଆଯିବ ବୋଲି ଘୋଷଣା କରାଯିବା ପରେ ରେଳଭବନ ମଧ୍ୟରେ ବାବୁମାନଙ୍କ ଭିତରେ ଆତଙ୍କ ଖେଳିଯାଇଛି। ପ୍ରସ୍ତାବିତ ସଂସ୍କାର ଦ୍ୱାରା ଅନେକ ରେଲୱେ ଅଧିକାରୀ ସେମାନଙ୍କ ବରିଷ୍ଠତା ଓ କ୍ୟାରିୟରରେ ଉନ୍ନତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାର ନୀତି ନିର୍ଦ୍ଧାରଣ କରି ତାହାକୁ ଚୂଡାନ୍ତ ରୂପ ଦେବାପରେ ଏଭଳି ମିଶ୍ରଣ ସମ୍ପର୍କରେ ଘୋଷଣା କରିବା ଉଚିତ ଥିଲା ବୋଲି କୁହାଯାଇଛି। ଇତି ମଧ୍ୟରେ ରେଲୱେ ବୋର୍ଡ ଅଧ୍ୟକ୍ଷ ଭି.କେ. ଯାଦବଙ୍କ କାର୍ଯ୍ୟକାଳ ବୃଦ୍ଧିକରି ଏହି ପଦ ଲାଗି ସରକାର ଜଣେ ଆଇଏଏସ୍ ଅଧିକାରୀ କିମ୍ବା ଘରୋଇ ସେକ୍ଟରରୁ କାହାକୁ ଆଣିବାକୁ ଯାଉଛନ୍ତି ବୋଲି ଯେଉଁ ଗୁଜବ ଉଠିଥିଲା ତାହାର ଅନ୍ତ ଘଟାଇଛନ୍ତି।

### ଜମ୍ମୁ-କଶ୍ମୀର ବାବୁଙ୍କୁ ଝଟକା

ଜମ୍ମୁ-କଶ୍ମୀରରେ ଆଇଏଏସ୍ ଓ ଆଇପିଏସ୍‌ରେ ଥିବା ରାଜ୍ୟସେବା ବାବୁଙ୍କ କୋଟା ହ୍ରାସ କରିବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳର ବାବୁମାନେ ଗ୍ରହଣ କରିପାରି ନାହାନ୍ତି। ଅନେକ ବାବୁ କହିଛନ୍ତି ଯେ, ସରକାରଙ୍କ ଏହି ନିଷ୍ପତ୍ତି କଶ୍ମୀର ପ୍ରଶାସନିକ ସେବା (କେଏଏସ୍) ଏବଂ କଶ୍ମୀର ପୋଲିସ ସେବା (କେପିଏସ୍)ର ଅଧିକାରୀମାନଙ୍କ କ୍ଷୀୟମାଣ କ୍ୟାରିୟର ସମ୍ଭାବନା ଉପରେ ବାଧା ପହଞ୍ଚାଇବ। ୩୭୦ ଧାରା ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ଆଞ୍ଚଳିକ ଅଧିକାରୀଙ୍କ ପାଇଁ ପୂର୍ବରୁ ରହିଥିବା ୫୦ ପ୍ରତିଶତ କୋଟାକୁ ସରକାର କମାଇ ୩୩ ପ୍ରତିଶତ କରିଦେଇଛନ୍ତି। ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳଭାବେ ପୁନର୍ଗଠିତ କରାଯିବା ପରେ କେନ୍ଦ୍ର ସରକାର ଏହାର ସ୍ୱତନ୍ତ୍ର କୋଟା ବ୍ୟବସ୍ଥାକୁ ଉଠାଇଦେଇଛନ୍ତି। ଏହା ଏଣିକି ଦେଶର ଅନ୍ୟ ରାଜ୍ୟରେ ପ୍ରଚଳିତ ୬୭:୩୩ ନିୟମକୁ ମାନିବା ପାଇଁ ବାଧ୍ୟ। ସୂଚନା ଅନୁସାରେ, ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ହେବା ପରଠାରୁ ବିଭିନ୍ନ କେନ୍ଦ୍ର ଆଇନ ଏଠାରେ ସ୍ୱତଃ ଲାଗୁ କରାଯାଇଥିବାବେଳେ ସରକାରଙ୍କ ଏହି ପଦକ୍ଷେପରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ପୁନର୍ଗଠନ ପରେ ଏଣିକି ପ୍ରଶାସନିକ ସେବା ପରୀକ୍ଷା ମାଧ୍ୟମରେ ଚୟନ କରାଯାଉଥିବା ଅଧିକାରୀମାନେ ଜମ୍ମୁ-କଶ୍ମୀର କ୍ୟାଡର ବଦଳରେ ଏଜିଏମ୍‌ୟୁଟି କ୍ୟାଡର ପାଇବେ।

Email: dilipcherian@gmail.com

# କର୍ପୋରେଟ୍‌ଙ୍କ ଝୁଲାରେ ଦେଶ ସମ୍ପତ୍ତି



**ଭାଲଚନ୍ଦ୍ର ଷଡ଼ଙ୍ଗୀ**

କେନ୍ଦ୍ରର ଏନ୍‌ଡିଏ ସରକାର ନିଜର ଦ୍ୱିତୀୟ ପାଳିରେ ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ବଡ଼ ଧରଣର ଘରୋଇକରଣ ଅଭିଯାନ ଆରମ୍ଭ କରିଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ବଜେଟୀୟ ନିଅଣ୍ଟକୁ ଭରିବା ନାଁରେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଶର ୫ଟି ଲାଭଜନକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ସମ୍ପୂର୍ଣ୍ଣ ବିକ୍ରି କରିବାକୁ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍, ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆ, କନ୍‌କୋର କର୍ପୋରେଶନ, ଟିଏଚ୍‌ଡିସି ଇଣ୍ଡିଆ ଏବଂ ଉତ୍ତରପୂର୍ବ ବିଦ୍ୟୁତ୍ ସଂସ୍ଥା ବା ନିପ୍‌କୋ। ଏହା ବ୍ୟତୀତ ସରକାର ଦେଶର ବିମାନ ଚଳାଚଳ, ଇଲେକ୍ଟ୍ରୋନିକ୍ସ, ବନ୍ଦର, ରେଳବାଇ, ପ୍ରତିରକ୍ଷା ଉତ୍ପାଦନ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ୨୮ଟି ରାଷ୍ଟ୍ରାୟତ୍ତ ସଂସ୍ଥାର ତାଲିକା ପ୍ରସ୍ତୁତ କରି ସେଥିରେ ଥିବା ନିଜର ଅଂଶଧନକୁ ବିକ୍ରି କରି ୫୧%ରୁ ତଳକୁ ନେଇ ଆସିବାକୁ ଘୋଷଣା କରିଛନ୍ତି। ଅର୍ଥନୀତିର ଭାଷାରେ ଏସବୁ ସଂସ୍ଥା ସମ୍ପୂର୍ଣ୍ଣ ରୂପେ ବିକ୍ରି ହେଉ ନ ଥିଲେ ମଧ୍ୟ ସେସବୁରେ ସରକାରଙ୍କ ଅଂଶଧନ ୫୦%ରୁ କମ୍ ହେବାକୁ ଯାଉଥିବାରୁ ନିୟମ ଅନୁଯାୟୀ ଉପରୋକ୍ତ ସଂସ୍ଥାମାନଙ୍କର ପରିଚାଳନା ଓ ନିଷ୍ପତ୍ତି ନେବାର ଅଧିକାର ଆଉ ସରକାରଙ୍କର ରହିବନି। ଏଣିକି ସେସବୁର ପରିଚାଳନା ଏବଂ ନୀତିଗତ ନିଷ୍ପତ୍ତି ନେବାର କ୍ଷମତା ସଂଖ୍ୟାଗରିଷ୍ଠ ଅଂଶଧନର ମାଲିକ ରୂପେ ପରିଚିତ ଘରୋଇ କମ୍ପାନୀ ହାତକୁ ଚାଲିଯିବ।

ଏଥିରେ କେହି ଦ୍ୱିମତ ହେବେନି ଯେ ସ୍ୱାଧୀନତୋତ୍ତର ଭାରତ ଅର୍ଥନୀତିର ବିକାଶ ପାଇଁ ଭିତ୍ତିଭୂମିର ବିକାଶ କରିବା ଉଦ୍ଦେଶ୍ୟରେ ଜନଗଣଙ୍କ କଷ୍ଟଲବ୍ଧ ଅର୍ଥରେ ଏହି ଶିଳ୍ପ ଓ ସଂସ୍ଥାଗୁଡ଼ିକ ଦିନେ ତିଆରି ହୋଇଥିଲା। ତାହା ଏଯାଏ ନିରବଚ୍ଛିନ୍ନ ଭାବେ ଦେଶବାସୀଙ୍କୁ ସେବା ଯୋଗାଇବା ସହ ଲାଭ ଏବଂ କର ଟିକସ ବାବଦରେ ସରକାରୀ ରାଜକୋଷକୁ ବିପୁଳ ରାଜସ୍ୱ ଯୋଗାଇ ଆସିଛନ୍ତି। ଏପରି କି ଏସବୁ ସଂସ୍ଥାମାନଙ୍କରୁ ସରକାର ବିପୁଳ ପରିମାଣରେ ପୁଞ୍ଜି ନେଇ ଦେଶର ବିକାଶମୂଳକ କାମରେ ବିନିଯୋଗ କରି ଆସିଛନ୍ତି। ଅତଏବ ଦେଶର ଅର୍ଥନୀତିରେ ରାଷ୍ଟ୍ରାୟତ୍ତ ସଂସ୍ଥାର ଯେଉଁ ଗୁରୁତ୍ୱ ରହିଛି ତାହା ବାରମ୍ବାର ପ୍ରମାଣିତ ହୋଇଛି।

ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଗୃହୀତ ହୋଇଥିବା ଆମର ପ୍ରଥମ ଶିଳ୍ପନୀତିରେ ଦେଶରେ ରାଷ୍ଟ୍ରାୟତ୍ତ ଶିଳ୍ପ ଗଢ଼ିବା ଉପରେ ଜୋର ଦିଆଯାଇଥିଲା। ଦେଶର ଭିତ୍ତିଭୂମି ଯୋଗାଉଥିବା ଭାରି ଶିଳ୍ପମାନଙ୍କରେ ବିପୁଳ ପୁଞ୍ଜିନିବେଶ ଦରକାର ପଡୁଥିବାରୁ ତଥା ତତ୍‌କ୍ଷଣାତ୍ ମୁନାଫାର ସମ୍ଭାବନା ନ ଥିବାରୁ ଦେଶୀ ବିଦେଶୀ ବୃହତ୍ ପୁଞ୍ଜିପତିମାନେ ସେତେବେଳେ ଏନେଇ ଆଗ୍ରହ ଦେଖାଇ ନ ଥିଲେ। ତେବେ ଏସବୁ ଶିଳ୍ପ ପାଇଁ ତତ୍କାଳୀନ ସରକାରଙ୍କ ଗୁରୁତ୍ୱ ଯୋଗୁ ଦ୍ୱିତୀୟ ପଞ୍ଚବାର୍ଷିକୀ ଯୋଜନା କାଳରେ ଏହାର ବ୍ୟାପକ ଭାବେ ପ୍ରୟୋଗ ହେବା ସହ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଇସ୍ପାତ, ବିଦ୍ୟୁତ୍, ତୈଳ ବିଶୋଧନାଗାର, ଯନ୍ତ୍ର ତିଆରି କାରଖାନା, ମେଶିନ୍ ଟୁଲ୍ସ ଆଦିର କାରଖାନା ସବୁ ଗଢ଼ି ଉଠିଥିଲା। ପରେ ୧୯୬୯ ମସିହାରେ ବ୍ୟାଙ୍କ୍ ଶିଳ୍ପର ଏବଂ ୧୯୭୩ ମସିହାରେ ସାଧାରଣ ବୀମା ଏବଂ କୋଇଲା ଶିଳ୍ପର ଜାତୀୟକରଣ ମଧ୍ୟ ଦେଇ ଏହି ପ୍ରକ୍ରିୟା ଆହୁରି ଜୋରଦାର ହୋଇଥିଲା। ଏହା ପରଠାରୁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ବ୍ୟାଙ୍କ୍ ଓ ବୀମା ଶିଳ୍ପ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱରେ ଏକ ଶକ୍ତିଶାଳୀ ଭୂମିକା ଗ୍ରହଣ କରି ଆସିଛି। ଆଜି ଆର୍ଥିକ ସଙ୍କଟ ଆଳରେ ଏସବୁକୁ ଦେଶୀ ବିଦେଶୀ ବୃହତ୍ କର୍ପୋରେଟ୍‌ମାନଙ୍କ ହାତକୁ ଟେକି ଦେବାର ପରିଣତି ହେବ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱକୁ ଜାଣିଶୁଣି ଦୁର୍ବଳ କରିବା।

ସରକାର ସମ୍ପୂର୍ଣ୍ଣ ଭାବେ ବିକ୍ରି କରିଦେବାକୁ ଘୋଷଣା କରିଥିବା ରାଷ୍ଟ୍ରାୟତ୍ତ କମ୍ପାନୀମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିମିଟେଡ୍ ବା ବିପିସିଏଲ୍, ଯାହା କି ଦେଶର ଆଠଟି ମହାରତ୍ନ କମ୍ପାନୀ ମଧ୍ୟରୁ ଅନ୍ୟତମ। ଗତ ୧୬ ବର୍ଷ ଧରି ଏହି କମ୍ପାନୀ ଫର୍ଚ୍ୟୁନ୍ ପତ୍ରିକା ଦ୍ୱାରା କରାଯାଇଥିବା ସର୍ଭେରେ ବିଶ୍ୱର ୫୦୦ଟି ବଡ଼ କମ୍ପାନୀ ମଧ୍ୟରେ ପ୍ରତିବର୍ଷ ସ୍ଥାନ ପାଇ ଆସିଛି। ଏହା ଆମ ଦେଶର ଷଷ୍ଠ ବଡ଼ କମ୍ପାନୀ, ଯେଉଁଥିରେ ସରକାରଙ୍କ ୫୩.୨୯% ଅଂଶଧନ ରହିଛି। ଦେଶର ମୋଟ ତୈଳ ବ୍ୟବସାୟର ଏକ ଚତୁର୍ଥାଂଶ ଏହି କମ୍ପାନୀ ସମ୍ଭାଳୁଛି। ବିପିସିଏଲ୍ ବିକ୍ରି ହେଲେ ଦେଶରେ ଜାଳେଣି ବାଣିଜ୍ୟର ଚିତ୍ରଟି ସମ୍ପୂର୍ଣ୍ଣ ରୂପେ ବଦଳିଯିବ। ଅନ୍ୟତମ ବଡ଼ ତୈଳ କମ୍ପାନୀ ରିଲାଏନ୍ସ ଏହାର ଅଂଶଧନ କିଣିବାକୁ ଲକ୍ଷ୍ୟ ରଖିଥିବାରୁ ଘରୋଇକରଣ ପରେ ଦେଶର ପେଟ୍ରୋଲିୟମ୍ କାରବାରରେ ରିଲାଏନ୍ସର ଏକାଧିପତ୍ୟ ସ୍ଥାପନ ହେବ।

ତେବେ କେବଳ ବିପିସିଏଲ୍ ନୁହେଁ, ଆଗାମୀ ଦିନରେ ସରକାରଙ୍କ ଅଧୀନରେ ଥିବା ସବୁ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାକୁ କର୍ପୋରେଟ୍‌ମାନଙ୍କୁ ବିକ୍ରିକରି ଦିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ସରକାର ଘରୋଇକରଣର ଏଭଳି ଏକ ରୋଡମ୍ୟାପ୍ ତିଆରି କରିଛନ୍ତି, ଯାହା ଫଳରେ ଆଗାମୀ ତିନିବର୍ଷ ମଧ୍ୟରେ ଦେଶର ସମସ୍ତ ସରକାରୀ ଉଦ୍ୟୋଗର ଅଂଶଧନ ୪୯ ପ୍ରତିଶତରୁ ତଳକୁ ଆସିଯିବ। ଇତି ମଧ୍ୟରେ ଦେଶର ରାଷ୍ଟ୍ରାୟତ୍ତ ସଂସ୍ଥା ବିଶେଷ କରି ରାଷ୍ଟ୍ରାୟତ୍ତ ଶିଳ୍ପ, ବ୍ୟାଙ୍କ୍, ବୀମା ଏବଂ କେନ୍ଦ୍ରୀୟ ସରକାରୀ ପରିସେବା ବିଶେଷତଃ ରେଳ, ପ୍ରତିରକ୍ଷା ସରଞ୍ଜାମ ଉତ୍ପାଦନ ବ୍ୟବସ୍ଥା, ଡାକ ବ୍ୟବସ୍ଥା, ବିଏସ୍‌ଏନ୍‌ଏଲ୍ ଇତ୍ୟାଦି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଜୋରଦାର ଆରମ୍ଭ ହୋଇଛି। କିଛିଦିନ ପୂର୍ବରୁ ସରକାର ଦେଶର ଛଅଟି ବିମାନବନ୍ଦରକୁ ଘରୋଇ କମ୍ପାନୀ ହାତକୁ ଟେକି ଦେଇଥିବା ବେଳେ ଆହୁରି ୨୦-୨୫ଟି ବିମାନବନ୍ଦରକୁ ବିକ୍ରି କରିବାକୁ ଘୋଷଣା କରାଯାଇଛି। ଏହାର ଲାଭ ପ୍ରଧାନମନ୍ତ୍ରୀଙ୍କ ନିକଟତମ ଶିଳ୍ପପତି ଆଦାନୀଙ୍କୁ ମିଳିଛି। ଭାରତୀୟ ରେଳକୁ ପର୍ଯ୍ୟାୟକ୍ରମେ ଘରୋଇକରଣ କରିବାର ପ୍ରକ୍ରିୟା ଜାରି ରହିଛି।

ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଗତ ତିନିବର୍ଷ ମଧ୍ୟରେ ବ୍ୟାଙ୍କ୍ ସମ୍ମିଶ୍ରଣ ପର୍ବ ଆରମ୍ଭ ହୋଇଛି। ନିକଟରେ ଦଶଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର ମିଶ୍ରଣ କରି ତାକୁ ଚାରୋଟି ବ୍ୟାଙ୍କ୍‌ରେ ପରିଣତ କରାଯାଇଛି। ଏହି ସମ୍ମିଶ୍ରଣ ଫଳରେ ଦେଶର ହଜାର ହଜାର ବ୍ୟାଙ୍କ୍ ଶାଖା ବନ୍ଦ ହୋଇ ଲୋକେ ପୂର୍ବରୁ ପାଇ ଆସୁଥିବା ସରକାରୀ ବ୍ୟାଙ୍କ୍‌ସେବାରୁ ବଞ୍ଚିତ ହେବା ସହ ଏଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ କର୍ମଚାରୀ ବେକାର ହେବେ। ଗ୍ରାମାଞ୍ଚଳରେ ରହିଥିବା ଏସବୁ ଶାଖାଗୁଡ଼ିକ ବନ୍ଦ ହୋଇଯିବା ଫଳରେ ସୁଦୂର ଗ୍ରାମାଞ୍ଚଳରେ ଗରିବ ଲୋକେ ହିଁ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ସରକାରଙ୍କ ଘରୋଇକରଣ ନୀତିର ସବୁଠାରୁ ବଡ଼ ଶିକାର ହୋଇଛି ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ବିଏସ୍‌ଏନ୍‌ଏଲ୍। ଏହାର ଦେଶବ୍ୟାପୀ ଯେଉଁ ବିଶାଳ ଟେଲିକମ୍ ଭିତ୍ତିଭୂମି ରହିଛି ତାହା ଜନସାଧାରଣଙ୍କ ଅର୍ଥରେ ନିର୍ମିତ ଏବଂ ଦେଶର ନିରାପତ୍ତା ସ୍ୱାର୍ଥରେ ଏହା ସରକାରଙ୍କ ହାତରେ ରହିବା ଜରୁରୀ। କିନ୍ତୁ ଗତ ପାଞ୍ଚବର୍ଷ ମଧ୍ୟରେ ମୋଦି ସରକାର ଘରୋଇ ଟେଲିକମ୍ କମ୍ପାନୀ ବିଶେଷକରି ରିଲାଏନ୍ସ ଜିଓର ସ୍ୱାର୍ଥରେ ଏହାକୁ ଦୁର୍ବଳ କରିବା ସହିତ ଶେଷରେ ସେମାନଙ୍କ ହାତରେ ଟେକିଦେବାକୁ ଉଦ୍ୟମ କରୁଛନ୍ତି।

ଦେଶର ପ୍ରତିରକ୍ଷା କ୍ଷେତ୍ର ବି ସରକାରଙ୍କ ଉପରୋକ୍ତ ଘରୋଇକରଣ ନୀତିରୁ ବାଦ୍ ପଡ଼ିନି। ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ଉତ୍ପାଦନ ବିଭାଗର ଗୋଳାବାରୁଦ କାରଖାନାଗୁଡ଼ିକୁ ଘରୋଇକରଣ କରିବାକୁ ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ନିକଟରେ ସେସବୁରେ କାର୍ଯ୍ୟରତ ହଜାର ହଜାର ଶ୍ରମିକ ଓ କର୍ମଚାରୀ ଧର୍ମଘଟ କରିଛନ୍ତି। ଏହା ବ୍ୟତୀତ ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରତିରକ୍ଷା ବିଭାଗର ୧୭.୫ ଲକ୍ଷ ଏକର ଜମିକୁ ବିବେକପୂର୍ଣ୍ଣ ଉପଯୋଗ କରିବା ନାଁରେ ସରକାର ବିକ୍ରି କରିଦେବାକୁ ଚିନ୍ତା କରୁଛନ୍ତି। ଏହି ଅର୍ଥକୁ ପ୍ରତିରକ୍ଷା ବିଭାଗର ବିଭିନ୍ନ ଜରୁରୀ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବ ବୋଲି ସଫେଇ ଦିଆଯାଉଛି।

ଲାଭଜନକ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ପରିସେବାର ବିକ୍ରି ପଛରେ ସରକାରଙ୍କ ଯୁକ୍ତି ହେଲା, ବଜେଟ୍‌ରେ ରାଜସ୍ୱ ନିଅଣ୍ଟର ଭରଣା। କେନ୍ଦ୍ର ସରକାର ନିଜର ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କ ଏଭଳି ଘରୋଇକରଣ ଜରିଆରେ ଚଳିତବର୍ଷ ମୋଟ ୧.୧ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠେ ଯେ ଦେଶକୁ ପାଞ୍ଚ ଟ୍ରିଲିୟନ୍ ଅର୍ଥନୀତିରେ ପରିଣତ କରିବାକୁ ଘୋଷଣା କରୁଥିବା ମୋଦି ସରକାର ଏଭଳି ଲାଭଜନକ ଶିଳ୍ପସଂସ୍ଥାକୁ ବିକ୍ରି କରିବାକୁ ଏତେ ବ୍ୟାକୁଳ କାହିଁକି? ସରକାରଙ୍କ ଭୁଲ୍ ଆର୍ଥିକ ନୀତି ଲାଗି ଦେଶରେ ଆର୍ଥିକ ମାନ୍ଦାବସ୍ଥା ତୀବ୍ର ହେବାରେ ଲାଗିଥିବା ବେଳେ ଟିକସ ସଂଗ୍ରହର ହାର ବି ହ୍ରାସ ପାଇବାରେ ଲାଗିଛି। ଅନ୍ୟପଟେ ମାନ୍ଦାବସ୍ଥାର ମୁକାବିଲା ନାଁରେ ଦେଶୀ ବିଦେଶୀ କମ୍ପାନୀଗୁଡ଼ିକୁ ଯେଉଁ ୧.୪୮ ଲକ୍ଷ କୋଟି ଟଙ୍କାର କର ଓ ଟିକସ ଛାଡ଼ କରିଛନ୍ତି ତାହା ମାନ୍ଦାବସ୍ଥାକୁ ତ ଦୂର କରିପାରିଲାନି ବରଂ ଟିକସ ଲବ୍ଧ ଆୟ ହ୍ରାସ ପାଇବା ଫଳରେ ସରକାରଙ୍କ ରାଜସ୍ୱ ନିଅଣ୍ଟ ବଢ଼ାଇଦେଲା। କିନ୍ତୁ ନିଜକୁ ରାଷ୍ଟ୍ରବାଦୀ ବୋଲି ଦାବି କରୁଥିବା ଭାଜପା ସରକାର ଦେଶୀ ବିଦେଶୀ ଶିଳ୍ପପତିଙ୍କୁ ହିଁ ଦେଶର ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ବିକ୍ରି କରିବାକୁ ଉଦ୍ୟମ କରୁଛି।

ମୋ. ନଂ. - ୯୪୩୭୧୬୬୩୯୧,
bhalachandra.odisha@gmail.com

# ଦୁଇଟି ଉଦ୍ଭାବନର ଅନ୍ତ



**ଇଂ. ମାୟାଧର ସ୍ୱାଇଁ**

ସଭ୍ୟତାର ବିକାଶରେ ସହାୟକ ହୋଇଥିବା କେତୋଟି ପ୍ରଭାବଶାଳୀ ଉଦ୍ଭାବନ ମଧ୍ୟରୁ ଦୁଇଟିର ବ୍ୟବହାର ବନ୍ଦ ହେବାକୁ ଯାଉଛି। ଗୋଟିଏ ହେଉଛି ତାପଦୀପ୍ତ ବିଜୁଳିବତି ଓ ଅନ୍ୟଟି ହେଉଛି ଆଭ୍ୟନ୍ତରୀଣ ଦହନ ଇଞ୍ଜିନ। ଆମେରିକାର ବିଶିଷ୍ଟ ଉଦ୍ଭାବକ ଟମାସ୍ ଆଲ୍‌ଭା ଏଡିସନ୍ ୧୮୭୯ ମସିହାରେ ବିଜୁଳିବତି ଉଦ୍ଭାବନ କରିଥିଲେ। ସେ ଏହାର ଫିଲାମେଣ୍ଟ ପାଇଁ ଶହେରୁ ଅଧିକ ପଦାର୍ଥ ପରୀକ୍ଷା କରିବା ପରେ ସଫଳ ହୋଇଥିଲେ। ଆଜିକାଲି ଅନ୍ୟ ବିଜୁଳିବତି ବାହାରିବା ପରେ ତାକୁ ସାଧାରଣ ବିଜୁଳିବତି କୁହାଯାଉଛି। ଏହାର ଦକ୍ଷତା ବହୁତ କମ୍। ଏଥିରେ ବିଦ୍ୟୁତ୍ ଶକ୍ତିର ୯୦ ପ୍ରତିଶତ ତାପଶକ୍ତିରେ ପରିଣତ ହୋଇଥାଏ ଏବଂ ଅବଶିଷ୍ଟ ଆଲୋକରେ ପରିଣତ ହୋଇଥାଏ। ଏହି କାରଣରୁ ଏହା ଅଧିକ ବିଦ୍ୟୁତ୍ ବ୍ୟୟ କରିଥାଏ। ମାତ୍ର ୧୨୦ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଆଲୋକ ପ୍ରଦାନରେ ଏହାର ଆଧିପତ୍ୟ ରହି ଆସିଥିଲା। ଏହାପରେ ଅଧିକ ଦକ୍ଷତାସମ୍ପନ୍ନ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ଉଦ୍ଭାବନ ହେବା ପରେ ସାଧାରଣ ବିଜୁଳିବତିର ଚାହିଦା ହ୍ରାସ ପାଇଲା। ୬୦ ୱାଟ୍‌ର ଗୋଟିଏ ସାଧାରଣ ବିଜୁଳିବତି ଯେତିକି ଆଲୋକ ପ୍ରଦାନ କରିଥାଏ, ୧୫ ୱାଟ୍‌ର ଗୋଟିଏ ସିଏଫ୍‌ଏଲ୍ ଓ ୮ ୱାଟ୍‌ର ଗୋଟିଏ ଏଲଇଡି ବତି ସେତିକି ଆଲୋକ ପ୍ରଦାନ କରିଥାଏ। ଏଣୁ ସିଏଫ୍‌ଏଲ୍ ଓ ଏଲ୍‌ଇଡି ବତି ବ୍ୟବହାର କଲେ ବିଦ୍ୟୁତ୍ ବିଲ୍ କମ୍ ଆସିଥାଏ। ଏହି ଦୁଇ ବିଜୁଳିବତିର ମୂଲ୍ୟ ଅଧିକ ଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର କମି ନ ଥିଲା। ବର୍ତ୍ତମାନ ମୂଲ୍ୟ ହ୍ରାସ ହୋଇଥିବାରୁ ସାଧାରଣ ବିଜୁଳିବତିର ବ୍ୟବହାର ଧୀରେ ଧୀରେ କମିଯାଉଛି। ପୁନଶ୍ଚ ସାଧାରଣ ବିଜୁଳିବତି ଯେତିକି ସମୟ କାର୍ଯ୍ୟ କରିପାରେ, ଏଲ୍‌ଇଡି ବତି ତାହାର ୪୧ ଗୁଣ ସମୟ କାର୍ଯ୍ୟ କରିପାରେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଆମ ବିଦ୍ୟୁତ୍‌ର ଅଧିକାଂଶ ଭାଗ (ପ୍ରାୟ ୬୫ ପ୍ରତିଶତ) ତାପଜ ବିଦ୍ୟୁତ୍‌ରୁ ଆସୁଛି, ଯାହା ବାୟୁ ପ୍ରଦୂଷଣ କରିବା ସହ ଜାଗତିକ ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର କାରଣ ହୋଇଛି। ଫଳରେ ଶକ୍ତି ସଂରକ୍ଷଣ ପାଇଁ ସାଧାରଣ ବିଜୁଳିବତିକୁ ପର୍ଯ୍ୟାୟକ୍ରମେ ବନ୍ଦ କରିଦେବା ପାଇଁ ବିଭିନ୍ନ ଦେଶ ଆଗଭର ହୋଇଛନ୍ତି। ଏପରିକି କେତୋଟି ଦେଶରେ ଏହାର ଉତ୍ପାଦନ ଓ ବ୍ୟବହାର ଉପରେ ନିଷେଧାଜ୍ଞା ଘୋଷଣା କରାଯାଇଛି।

ଯାନବାହନରେ ବ୍ୟବହୃତ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ୍‌କୁ ଜର୍ମାନୀର ଉଦ୍ଭାବକ ରୁଡୋଲଫ୍ ଡିଜେଲ ୧୮୯୨ ମସିହାରେ ବିକାଶ କରିଥିଲେ। ଏହାକୁ ବ୍ୟବହାର କରି ଆମେରିକାର ଫୋର୍ଡ କମ୍ପାନୀ ୧୯୦୮ରୁ ୧୯୨୭ ମସିହା ମଧ୍ୟରେ 'ଫୋର୍ଡ ମଡେଲ ଟି' ଗାଡି ଉତ୍ପାଦନ କରି ପରିବହନ କ୍ଷେତ୍ରରେ ବିପ୍ଳବ ଆଣିଥିଲା। ଏହାର ମୂଲ୍ୟ କମ୍ ଥିବାରୁ ଅଧିକ ଲୋକ ଏହାକୁ କିଣିବା ପାଇଁ କ୍ଷମ ହେଲେ। ଆଜି ପର୍ଯ୍ୟନ୍ତ ମୋଟରଗାଡ଼ିରେ ଏହି ଇଞ୍ଜିନ୍ କାର୍ଯ୍ୟ କରିଆସୁଛି। କିନ୍ତୁ ଏହା ଆଉ ଅଧିକ ଦିନ ରହିବ ନାହିଁ। ଏହାର ବିକଳ୍ପ ଭାବେ ବିଦ୍ୟୁତ୍ ଇଞ୍ଜିନ ବାହାରିଲାଣି। ଆଭ୍ୟନ୍ତରୀଣ ଦହନ ଇଞ୍ଜିନରେ ଡିଜେଲ ଓ ପେଟ୍ରୋଲ ଦହନ ହୋଇଥାଏ ଏବଂ ଏହା ଫଳରେ ବାୟୁମଣ୍ଡଳକୁ କାର୍ବନ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରୋଜେନ୍ ଅକ୍ସାଇଡ, ହାଇଡ୍ରୋକାର୍ବନ, କ୍ଷୁଦ୍ରକଣିକା ଆଦି ପଦାର୍ଥ ନିର୍ଗତ ହୋଇ ପ୍ରଦୂଷଣ କରିଥାଏ। ପୁନଶ୍ଚ ପେଟ୍ରୋଲିୟମ୍ ପୃଥିବୀର କେତେକ ନିର୍ଦ୍ଦିଷ୍ଟ ଦେଶରେ ଉପଲବ୍ଧ ଏବଂ ଏହାକୁ ଆମଦାନି କରିବା ପାଇଁ ବୈଦେଶିକ ପୁଞ୍ଜି ବ୍ୟୟ ହୋଇଥାଏ। ଏହାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଇବା ସହିତ ଭୂଗର୍ଭରେ ଏହାର ପରିମାଣ ହ୍ରାସ ପାଇବାରେ ଲାଗିଛି ଏବଂ ଆସନ୍ତା ୩୦ ବର୍ଷ ଭିତରେ ଏହା ନିଃଶେଷ ହୋଇଯିବା ଆଶଙ୍କା ଦେଖାଦେଇଛି। ଏହାର ଅନ୍ୟ ଏକ ଅସୁବିଧା ହେଉଛି ଯେ ଏହା ଇରାନ, ଇରାକ, କୁଏଟ, ସୌଦି ଆରବ ଆଦି ଉପସାଗରୀୟ ଦେଶରେ ଅଧିକ ପରିମାଣରେ ଉପଲବ୍ଧ ଏବଂ ସେହି ଅଞ୍ଚଳଗୁଡ଼ିକରେ ବାରମ୍ବାର ଯୁଦ୍ଧ ଓ ଅଶାନ୍ତି ସୃଷ୍ଟି ହେଉଥିବାରୁ ଏହାର ନିରାପଦ ଆମଦାନିରେ ସନ୍ଦେହ ସୃଷ୍ଟି ହୋଇଛି। ଏହି କାରଣରୁ ଆଭ୍ୟନ୍ତରୀଣ ଦହନ ଇଞ୍ଜିନର ବିକଳ୍ପ ଭାବେ ବୈଜ୍ଞାନିକମାନେ ବିଦ୍ୟୁତ୍ ଇଞ୍ଜିନକୁ ବିକାଶ କରିଛନ୍ତି, ଯାହା ବ୍ୟାଟେରି ଦ୍ୱାରା କାର୍ଯ୍ୟ କରିଥାଏ। କିନ୍ତୁ ଏଥିରେ ଅସୁବିଧା ହେଉଛି ଯେ, ଲିଥିୟମ୍-ଆୟନ୍ ବ୍ୟାଟେରିର ଦାମ୍ ହେଉଛି ଅଧିକ। ୩୦ କିଲୋୱାଟ୍‌ଆୱାର କ୍ଷମତାର ଗୋଟିଏ ବ୍ୟାଟେରିର ମୂଲ୍ୟ ବର୍ତ୍ତମାନ ପାଞ୍ଚରୁ ଛଅ ଲକ୍ଷ ଟଙ୍କା ପଡୁଛି, ଯାହା ଗୋଟିଏ କାରର ମୋଟ ମୂଲ୍ୟର ଅଧାରୁ ଅଧିକ ହେବ। ମାତ୍ର ଉନ୍ନତ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ କରି ଏହି ମୂଲ୍ୟକୁ ଦୁଇଲକ୍ଷ ଟଙ୍କାକୁ ହ୍ରାସ କରିବା ପାଇଁ ଚେଷ୍ଟା ଚାଲିଛି। ଏହି ବ୍ୟାଟେରିର ଅନ୍ୟ ଏକ ଅସୁବିଧା ହେଉଛି ଯେ, ଏହାକୁ ୧୦୦ କି.ମି. ଯିବା ପରେ ପୁନର୍ବାର ଚାର୍ଜ କରିବାକୁ ପଡିଥାଏ। କିନ୍ତୁ ବର୍ତ୍ତମାନ ନୂତନ ପ୍ରଯୁକ୍ତିବିଦ୍ୟାରେ ୩୦୦ରୁ ୪୦୦ କି.ମି. କିମ୍ବା ତା'ଠାରୁ ଅଧିକ ଦୂର ଯିବା ପରେ ଚାର୍ଜିଙ୍ଗ୍ କରିବା ପାଇଁ ଗବେଷଣା ଚାଲିଛି। ଭାରତରେ କେତେକ ସହରରେ ବିଦ୍ୟୁତ୍ ଗାଡି ଚାଲିଲାଣି। ଭାରତ ସରକାର ୨୦୩୦ ପରେ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ ଚାଳିତ ମୋଟରଗାଡିର ବିକ୍ରିକୁ ନିଷେଧ କରିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ ବିଜ୍ଞାନର ଦୁଇ ପ୍ରଭାବଶାଳୀ ଉଦ୍ଭାବନ ମାନବ ସେବାରେ ଶତାଧିକ ବର୍ଷ ଉପଯୋଗ ହେବା ପରେ ଆସନ୍ତା ଦଶବର୍ଷ ମଧ୍ୟରେ ଏହାର ଅନ୍ତ ହେବାକୁ ଯାଉଛି ଏବଂ ଆମେମାନେ ଏହି ଦୁଇଟିକୁ କେବଳ ସଂଗ୍ରହାଳୟରେ ଦେଖିପାରିବା।

ଭୁବନେଶ୍ୱର, ମୋ-୯୪୩୮୬୯୩୭୨୪

## ଏଇ ଭାରତରେ

ବେସାହାରା ଲୋକଙ୍କ ଲାଗି ଯୁବଶକ୍ତିକୁ କାର୍ଯ୍ୟରେ ଲଗାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଲକ୍ଷ୍ନୌର ଜଣେ ହୋଟେଲ ମାଲିକ ପରମ ସିଂ। ସେ ତାଙ୍କ ସାଙ୍ଗମାନଙ୍କ ସହ ମିଶି ଦୁରାରୋଗ୍ୟ ବ୍ୟାଧିରେ ପୀଡିତଙ୍କୁ ମାଗଣାରେ ଔଷଧ ଯୋଗାଉଛନ୍ତି। ପ୍ରତିମାସରେ ସେ ଅଢ଼େଇରୁ ତିନି ଲକ୍ଷ ଟଙ୍କାର ଔଷଧ ବାଣ୍ଟୁଛନ୍ତି। ତାଙ୍କ ସେବାକେନ୍ଦ୍ରର ନାମ ଗୁରୁ ନାନକ ମେଡିକାଲ ସେବା। ସେ ଲକ୍ଷ୍ନୌର କେଜିଏମ୍‌ସି ମେଡିକାଲ କଲେଜରେ ମାଗଣାରେ ଲଙ୍ଗର ଲଗାଇ ନିଜେ ସେବା ଦେଉଛନ୍ତି। ଏହି ଲଙ୍ଗରକୁ ସେ ଯିବା ସମୟରେ ସେଠାରେ କିଛି ଲୋକଙ୍କ ପାଖରେ ଔଷଧ କିଣିବା ଲାଗି ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ତା'ପରେ ୬ ମାସ ନିଜ ପକେଟରୁ ଖର୍ଚ୍ଚ କରି ଲୋକମାନଙ୍କୁ ମାଗଣାରେ ଔଷଧ ଦେବାପରେ ଏହି ସେବାରେ ତାଙ୍କର ସାଙ୍ଗମାନେ ସାମିଲ ହୋଇଥିଲେ ଓ ସେବେଠାରୁ ଏହି ସେବା ଆଗକୁ ବଢିବାରେ ଲାଗିଛି। ପରମଙ୍କ ସାଙ୍ଗମାନେ ବିଭିନ୍ନ ବ୍ୟବସାୟ କରୁଛନ୍ତି ଓ ଏଥିଲାଗି ସାହାଯ୍ୟ ବି କରୁଛନ୍ତି। ଏମାନେ ସୋସିଆଲ ମିଡ଼ିଆ ଓ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର୍ ମାଧ୍ୟମରେ ମୋବାଇଲ ନମ୍ବର ଜଣାଇ ଦେଇଛନ୍ତି। ଯେଉଁମାନଙ୍କର ଆବଶ୍ୟକ ହେଉଛି ସେମାନେ ପରମଙ୍କୁ ସାକ୍ଷାତ କରୁଛନ୍ତି।

## ଚିରନ୍ତନୀ

ହଜିଗଲା କଥା ଗୋଟି ଗୋଟି ଯେତେ ପଡ଼ଇ ମନେ
ବିମୁଖ ପ୍ରଣୟୀ ପରାଏ ଯାହାକୁ ଛାଡିଲି ମୁହିଁ।
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ ଶିମୁଳିପାଳ!
(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୮ ଜାନୁୟାରୀ ୧୯୯୫**

- ଜାପାନରେ ଶକ୍ତିଶାଳୀ ଭୂମିକମ୍ପରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ନେଇ ସୂଚନା।
- ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ କାରବାର ୪ ବିଲିୟନ ଡଲାରକୁ ବୃଦ୍ଧି ନେଇ ରାଜିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | 9 | | | | 1 | 8 | | 4 | | | 0 | E |
| | | 9 | | | A | | 0 | D | | C | | | | 2 |
| | | 4 | | 0 | 2 | | | | | A | | 8 | D | |
| | | | 6 | | | | | | | D | | | | B |
| | 5 | | 8 | | E | | | | | | 7 | | | |
| | | 8 | | | 7 | | | 5 | | | A | 6 | | |
| | 3 | | | | | | | 2 | | 7 | | | | |
| 0 | 7 | | A | | D | | | | 1 | | | | | 9 |
| | | D | | 5 | | 3 | | | 0 | B | | | | 1 |
| A | C | | | 6 | 1 | | | | | | | | | 5 |
| 5 | | 3 | | | | | | | | | E | | C | 0 |
| | | 2 | 1 | 9 | 4 | | | | | | | | | A |
| | 6 | 0 | C | | | | | B | | 8 | | | | |
| | | B | E | | | | | C | 6 | | | 9 | 5 | |
| 4 | E | A | B | | 5 | 2 | 9 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 8 | 4 | A | 9 | 0 | 7 | 6 | 1 | C | D | 2 | 3 | B | 5 |
| 3 | D | B | 8 | 4 | 6 | 5 | 9 | 2 | E | A | 0 | C | 1 | 7 |
| 9 | 1 | 0 | 5 | C | 7 | 4 | E | B | 3 | 6 | 8 | D | 2 | A |
| 6 | 2 | 7 | D | 1 | B | A | 3 | C | 4 | 5 | 9 | 0 | 8 | E |
| 5 | A | C | 3 | E | 2 | 0 | 8 | D | 1 | B | 7 | 6 | 4 | 9 |
| 1 | B | A | 0 | 8 | E | 9 | 2 | 3 | 6 | 7 | 5 | 4 | C | D |
| 4 | 9 | E | 6 | 2 | D | B | C | 5 | A | 1 | 3 | 8 | 7 | 0 |
| C | 7 | 5 | B | 3 | 1 | 6 | 4 | 8 | D | 0 | E | A | 9 | 2 |
| 2 | 3 | D | 9 | A | C | 1 | 7 | 0 | B | 8 | 4 | E | 5 | 6 |
| 8 | 0 | 6 | 7 | 5 | 4 | E | D | A | 9 | 2 | C | 1 | 3 | B |
| A | 5 | 8 | 2 | 0 | 3 | D | 1 | 4 | 7 | 9 | 6 | B | E | C |
| 7 | 6 | 9 | 4 | D | 5 | 3 | 0 | E | 8 | C | B | 2 | A | 1 |
| B | C | 1 | E | 6 | A | 8 | 5 | 7 | 2 | 4 | D | 9 | 0 | 3 |
| D | E | 2 | 1 | 7 | 8 | C | B | 9 | 0 | 3 | A | 5 | 6 | 4 |
| 0 | 4 | 3 | C | B | 9 | 2 | A | 6 | 5 | E | 1 | 7 | D | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍ଧବିଶ୍ୱାସ ଅନ୍ତରାଳେ

ମହାଶୟ,

ଧରିତ୍ରୀ (୩।୧) ପୃଷ୍ଠାରୁ ଅନ୍ନପୂର୍ଣ୍ଣା ପାଣ୍ଡେଙ୍କ 'ଅନ୍ଧବିଶ୍ୱାସ ଅନ୍ତରାଳେ' ଲେଖାଟି ପଢ଼ିଲି। ଲେଖିକା କହିଛନ୍ତି, ଡାକ୍ତରଖାନା ପାଖରେ ନ ଥିବା, ଚାଲି ଚାଲି ପାହାଡ ଓହ୍ଲେଇ ଡାକ୍ତରଖାନାକୁ ଯିବା, ଡାକ୍ତରଖାନା ଗଲେ ବି ତାଙ୍କ କଥା କେହି ନ ଶୁଣିବା ଆଦି କାରଣ ଯୋଗୁ ରୋଗୀ ମୃତ୍ୟୁମୁଖରେ ପଡେ। ତେଣୁ ସ୍ଥାନୀୟ ଗୁଣିଆ ପାଖକୁ ଯାଆନ୍ତି ବିଶ୍ୱାସରେ, ବଞ୍ଚିବାର ଥିଲେ ବଞ୍ଚିବ। ରୋଗୀ ଭଲ ହେବା ପାଇଁ ଗୁଣିଆ ଠାକୁରାଣୀଙ୍କୁ ପ୍ରାର୍ଥନା କରେ। ଡାକ୍ତରଙ୍କ ଉପରେ ଆସ୍ଥା ନ ରଖୁଥିବା ଲୋକଙ୍କ କଥା ବୁଝୁଛି କିଏ? ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ପାହାଡର ଜଡିବୁଟି ଖାଇ ଭଲ ହେଉଥିବା ଲୋକ ଏବେ ବି ପରମ୍ପରାକୁ ମଥାର ତିଳକ କରିଛନ୍ତି। ହେଲେ ବିଜ୍ଞାନୀ ମଣିଷ ଏସବୁ ପ୍ରଣାଳୀ ପ୍ରତି ନାସିକା କୁଞ୍ଚନ କରୁଛି। ଡାହାଣୀ ସନ୍ଦେହରେ ମାରି ଦିଆଯିବାର କାରଣ ବି ଅଧିକାଂଶ କ୍ଷେତ୍ରରେ ଜମିବାଡ଼ି ବିବାଦ ବା ଅନ୍ୟ କିଛି ବୋଲି ପାଣ୍ଡେ ଲେଖିଛନ୍ତି। ଡାହାଣୀ ସନ୍ଦେହ ଖାଲି ଲୋକଙ୍କୁ ଭୁଆ ବୁଲେଇବା ପାଇଁ। ତେଣୁ ସେହି ଅନୁସାରେ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ବଲରା, ବିଲାସୁଣୀ, ନିଆଳି, କଟକ

### ସିଡିଏମ୍‌ଓଙ୍କ ମାନବିକତା

ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଜଣେ ତୀରବିଦ୍ଧ ଯୁବକଙ୍କୁ ସର୍ଜରି ସ୍ପେଶାଲିଷ୍ଟ ତଥା ସିଡିଏମ୍‌ଓ ତତ୍କାଳ ଅପରେଶନ କରି ଜଙ୍ଘରୁ ତୀର ବାହାର କରିବା ଖବର ପ୍ରକାଶ ପାଇଛି। ଯଦିଓ ବହିର୍ଚିକିତ୍ସା ବିଭାଗ ଯୁବକଙ୍କୁ କଟକ ମେଡିକାଲ ଯିବା ଲାଗି ପରାମର୍ଶ ଦେଇଥିଲେ ପୀଡ଼ିତର ପ୍ରଚୁର ରକ୍ତସ୍ରାବ ଦେଖି ସିଡିଏମ୍‌ଓ ସେହି ଡାକ୍ତରଖାନାରେ ତା'ର ତୁରନ୍ତ ଅପରେଶନ କରି ତାକୁ ଯନ୍ତ୍ରଣାମୁକ୍ତ କରିବା ମାନବିକତାର ପରିଚାୟକ। ସିଡିଏମ୍‌ଓଙ୍କ ଏହି ନିଃସ୍ୱାର୍ଥପର ସେବା ଓ ମାନବିକତା ଅନ୍ୟ ଡାକ୍ତରମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଆଶା କରାଯାଏ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଦେଶର ଯବାନ ଶହୀଦ ହେଉଥିବାବେଳେ ଉତ୍ସବ ମନାଉଥିବା ଲୋକଙ୍କୁ ମୁଁ ସମର୍ଥନ କରେନାହିଁ।
-କଙ୍ଗଣା ରାଣାୱତ୍
ବଲିଉଡ୍ ଅଭିନେତ୍ରୀ



# କାଠର ବିକଳ୍ପ ବର୍ଜ୍ୟ ପ୍ଲାଷ୍ଟିକ୍

**ଟରଣ୍ଟୋ:** ସବୁଜ ପୃଥିବୀ ଉପରେ ବୋଝ ହୋଇଗଲାଣି ପ୍ଲାଷ୍ଟିକ୍ ପାହାଡ଼। ଏହାକୁ ପୁନଃ ବ୍ୟବହାର କରାଯିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି ବହୁ ଦୂରଦର୍ଶୀ କମ୍ପାନୀ। କେଉଁଠି ପ୍ଲାଷ୍ଟିକରୁ ରାସ୍ତା ତ ଆଉ କେଉଁଠି ଘର ସାଜସଜ୍ଜା ଉପକରଣ ପ୍ରସ୍ତୁତ କରାଯିବା କଥା ଆମେ ଊଣା ଅଧିକେ ଶୁଣିଥିବା। ହେଲେ ଏବେ କାଠର ବିକଳ୍ପ ହେବାକୁ ଯାଉଛି ପ୍ଲାଷ୍ଟିକ୍ ବର୍ଜ୍ୟ। ଯଦି ଏପରି ଉପକରଣ ଗ୍ରହଣୀୟ ହୁଏ, ତେବେ ଖୁବ୍ କମ୍ ଦିନରେ ସବୁଆଡେ ଝଲସୁଥିବ ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ କାଠ ତିଆରି ଉପକରଣ।



ଏପରି ଏକ ଅଭିନବ ପ୍ରକଳ୍ପ ଆରମ୍ଭ କରିଛି କାନାଡ଼ାର 'ଗୁଡ ଉଡ୍' କମ୍ପାନୀ। ନୋଭା ସ୍କାଟିଆ ପ୍ରାନ୍ତର ହାଲିଫେକ୍ସ ସହରରେ ପ୍ଲାଷ୍ଟିକ୍ ବର୍ଜ୍ୟକୁ ନେଇ ସ୍ଥାନୀୟ ପ୍ରଶାସନ ଚିନ୍ତାରେ ପଡ଼ିଥିଲା। ହେଲେ ଏହାର ସମାଧାନ କରିବାକୁ ଆଗେଇ ଆସିଛି 'ଗୁଡ୍ ଉଡ'। କମ୍ପାନୀ ପକ୍ଷରୁ ସହରର ୮୦% ଅବ୍ୟବହୃତ ପ୍ଲାଷ୍ଟିକ୍‌ର ପୁନଃଚକ୍ରଣ କରାଯିବ। ଏଥିରୁ କଠିନ ପ୍ଲେଟ୍ ପ୍ରସ୍ତୁତ କରାଯିବ, ଯାହା ବଡ଼ ବଡ଼ କୋଠାରେ କାଠର ବିକଳ୍ପ ହୋଇପାରିବ। ଏଥିରେ କାଠ ଭଳି ଛିଦ୍ର କରାଯାଇପାରିବ। ଏଥିସହ ଆବଶ୍ୟକ ଘରୋଇ ସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ। ଅବଶିଷ୍ଟ ୨୦% ଆବର୍ଜନାକୁ ଅନ୍ୟ ଉପାୟରେ ପରିଚାଳନା କରାଯିବ। ଏପରି ଯୋଜନାକୁ ସ୍ଥାନୀୟ ପ୍ରଶାସନ ଏବଂ ଜନ ପ୍ରତିନିଧି ବେଶ୍ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ଅବାଧ ଗଛ କଟା ଉପରେ ରୋକ୍ ଲଗାଯାଇପାରିବ ବୋଲି ହାଲିଫେକ୍ସର ସଲିଡ୍ ୱେଷ୍ଟ ଡିଭିଜନ ମ୍ୟାନେଜର ଆଣ୍ଡ୍ରୁ ଫିଲୋପାଲୁସ୍ କହିଛନ୍ତି।

ଗତ ଡିସେମ୍ବରରେ ହିଁ କମ୍ପାନୀ ନିଜର ନାମ 'ଗୁଡ୍ ଉଡ' ରଖିଛି। ଏଥିପୂର୍ବରୁ କମ୍ପାନୀ ଏକ ଗ୍ରୋସରି ଷ୍ଟୋରକୁ ନୂଆ ରୂପ ଦେଇଥିଲା। ଏଥିରେ ବ୍ୟବହୃତ ପ୍ରତ୍ୟେକଟି ସାମଗ୍ରୀ ପ୍ଲାଷ୍ଟିକ୍‌ରେ ନିର୍ମିତ ହୋଇଥିଲା। ସହରର ଅଧିକାଂଶ ବର୍ଜ୍ୟ ପ୍ଲାଷ୍ଟିକ୍ ଥାଳି। ଏଥିସହ ପ୍ଲାଷ୍ଟିକ୍ ବୋତଲର ଅବଶେଷରୁ ମଧ୍ୟ ବହୁ ଉପକରଣ ପ୍ରସ୍ତୁତ କରାଯାଇପାରିବ। କମ୍ପାନୀ ଅଧ୍ୟକ୍ଷ ମାଇକ୍ ଚେସୀ କୁହନ୍ତି, ଆବର୍ଜନାରୁ ପିକନିକ ଟେବୁଲ, ପାର୍କବେଞ୍ଚଠାରୁ ଆରମ୍ଭ କରି ବହୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏହି ବ୍ୟବସାୟିକ ମଡେଲ ଅନ୍ୟ କ୍ଷେତ୍ରରେ ଲାଗୁ କରାଯିବାକୁ ଯୋଜନା କରାଯାଉଛି। ବର୍ଜ୍ୟ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ନଷ୍ଟ କରାଯିବା କଷ୍ଟକର କାର୍ଯ୍ୟ। ହେଲେ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଅନେକ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି।

# 'ଲଭ୍ ଆଜ୍ କଲ୍'ରେ ସାରା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କ ଅପ୍ କମିଂ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର ରିଲିଜ୍ ହୋଇସାରିଛି। ଏଥିରେ ସାରା, କାର୍ତ୍ତିକ ଆର୍ୟ୍ୟନ ଏବଂ ଆରୁଷି ଶର୍ମାଙ୍କୁ ଦେଖିବାକୁ ମିଳିଛି। ସାରା ଏବଂ କାର୍ତ୍ତିକଙ୍କ କେମିଷ୍ଟ୍ରି ଅନ୍‌ସ୍କ୍ରିନ୍‌ରେ ଖୁବ୍ ଜମିଛି। ଫିଲ୍ମରେ ପୁରୁଣା କାହାଣୀ ନୂଆ ଚେହେରା ବ୍ୟତୀତ ସାରାଙ୍କ ବୋଲ୍ଡନେସ୍‌ର ଝଲକ ମଧ୍ୟ ଦେଖିବାକୁ ମିଳିଛି। କେଦାରନାଥ ଏବଂ ସିମ୍ବା ପରେ ସାରା ୱେଷ୍ଟର୍ଣ୍ଣ ଲୁକ୍‌ରେ ନଜର ଆସିଛନ୍ତି। ଏଥିରେ ସେ କାରିୟର ଗଢ଼ିବା ପାଇଁ ମର୍ଡନ ଯୁବତୀ ଭୂମିକାରେ ଅଭିନୟ କରିଛନ୍ତି। ଯେଉଁ ଭୂମିକା ବେଶ୍ ହଟ୍ ଆଉ ବୋଲ୍ଡ। ଏଥିରେ କାର୍ତ୍ତିକଙ୍କ ସହ ତାଙ୍କର ଲିପ୍‌ଲକ୍ ସିନ୍ ମଧ୍ୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ ସାରା ଦୁଇଟି ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ବୋଲ୍ଡ ସିନ୍ ଦେଇ ନ ଥିଲେ। ଏହି ଫିଲ୍ମଟି ଫେବୃୟାରୀ ୧୪ରେ ରିଲିଜ୍ ହେବ।

# ଗିନିଜ୍ ବୁକ୍‌ରେ ବିଶ୍ୱର ସବୁଠାରୁ ଲମ୍ବା କେକ୍



**ତ୍ରିଶୂର୍(କେରଳ):** ରେକର୍ଡ ପାଇଁ ଲୋକେ ସବୁବେଳେ କିଛି ନିଆରା ଚିନ୍ତା କରିଥାନ୍ତି। ଭାରତ ନାମରେ ଏପରି ଅନେକ ରେକର୍ଡ ସମ୍ମାନଜନକ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଛି। ନିକଟରେ କେରଳର ତ୍ରିଶୂର୍ ରାମନିଳୟମ୍ ରୋଡ୍‌ଠାରେ ବେକର୍ସ ଆସୋସିଏଶନ୍ କେରଳ ପକ୍ଷରୁ ରାଜ୍ୟର ୧୦୦୦ରୁ ଊର୍ଦ୍ଧ୍ୱ ସେଫ୍ ଏବଂ ବେକର୍ ବିଶ୍ୱର ସବୁଠାରୁ ଲମ୍ବା କେକ୍ ପ୍ରସ୍ତୁତ କରି ନୂତନ ରେକର୍ଡ କରିଛନ୍ତି। ନାଇଟ୍ ଶପିଂ ଫେଷ୍ଟିଭାଲ୍ ଅବସରରେ ଏହି କେକ୍ ପ୍ରସ୍ତୁତ ହୋଇଥିଲା। ୨୭ହଜାର କେଜି ଓଜନର ଏହି କେକ୍ ୧୦ ସେଣ୍ଟିମିଟର(୪ଇଞ୍ଚ)ଚଉଡ଼ା ଏବଂ ପ୍ରାୟ ୬.୫ କି.ମି. ଲମ୍ବା ହୋଇଥିବା କେକ୍ ପ୍ରସ୍ତୁତ କରିଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ଏହି କେକ୍ ପ୍ରସ୍ତୁତ ପାଇଁ ୧୨ହଜାର କେଜି ଅଟା ଏବଂ ଚିନି ବ୍ୟବହାର ହୋଇଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚାଇନାର ବେକର୍‌ମାନେ ୩.୨ କି.ମି. ଲମ୍ବା କେକ୍ ପ୍ରସ୍ତୁତ କରି ଏହି ରେକର୍ଡର ଅଧିକାରୀ ହୋଇଥିବାବେଳେ କେରଳର ଏହି ସେଫ୍ ଓ ବେକରମାନେ ଉକ୍ତ ରେକର୍ଡକୁ ଭଙ୍ଗ କରିଛନ୍ତି।

# ଦ୍ୱିତୀୟ, ତୃତୀୟ ବିବାହ ଲାଗି ଡିସ୍‌କାଉଣ୍ଟ ଅଫର

**ଇସଲାମାବାଦ:** ବିବାହ ସିଜିନ୍‌କୁ ଲକ୍ଷ୍ୟକରି ପାକିସ୍ତାନରେ ଏକ ମଣ୍ଡପ ମାଲିକ ଗ୍ରାହକଙ୍କୁ ଜବରଦସ୍ତ ଡିସ୍‌କାଉଣ୍ଟ ଘୋଷଣା କରିଛନ୍ତି। ସବୁଠୁ ରୋଚକ କଥା ହେଉଛି ଏହି ଡିସ୍‌କାଉଣ୍ଟ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବିବାହ କରୁଥିବା ଗ୍ରାହକଙ୍କ ଲାଗି ଉପଲବ୍ଧ ହେବ। ପାକିସ୍ତାନର ବହାବଲପୁରରେ ଖୋଲିଥିବା ଏହି ବିବାହ ମଣ୍ଡପ ଦ୍ୱିତୀୟ ବିବାହ କରୁଥିବା ଗ୍ରାହକଙ୍କୁ ୫୦ ପ୍ରତିଶତ, ତୃତୀୟ ବିବାହ ପାଇଁ ୭୫ ପ୍ରତିଶତ ଏବଂ ଚତୁର୍ଥ ବିବାହ କରିବାକୁ ଥିବା ଯୋଡ଼ିଙ୍କୁ ମାଗଣାରେ ଯୋଗାଇ ଦିଆଯିବ। କିନ୍ତୁ ମଣ୍ଡପ ମାଲିକ ଡିସ୍‌କାଉଣ୍ଟ ଦେବା ପୂର୍ବରୁ କିଛିସର୍ତ୍ତ ରଖିଛନ୍ତି। ଏହା ହେଉଛି, ବିବାହ ପୂର୍ବରୁ ଉକ୍ତ ବ୍ୟକ୍ତିଙ୍କ ପ୍ରଥମ ସ୍ତ୍ରୀ ହିଁ ଏହି ମଣ୍ଡପ ବୁକ୍ କରିପାରିବେ। ତେବେ ଯାଇ ଦ୍ୱିତୀୟ, ତୃତୀୟ କିମ୍ବା ଚତୁର୍ଥ ବ୍ୟକ୍ତି ଏହି ଅଫର୍ ପାଇବାକୁ ଯୋଗ୍ୟ ହେବେ।

# ହେଲ୍‌ମେଟ୍ ନ ପିନ୍ଧିଲେ ଲେଖିବେ ରଚନା

**ଭୋପାଳ:** ନ୍ୟାଶନାଲ ହାଇୱେଜ୍ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଦ୍ୱାରା ପାଳନ କରାଯାଉଛି ସଡ଼କ ସୁରକ୍ଷା ସପ୍ତାହ। ଏହି ଅବସରରେ ମଧ୍ୟପ୍ରଦେଶ ଭୋପାଳ ପୋଲିସ ଦ୍ୱାରା ଏକ ଅଭିନବ ଉପାୟ ପାଳନ କରିବାର ପ୍ରୟାସ କରାଯାଇଛି। ଦୁଇଚକିଆ ଯାନରେ ଯାଉଥିବା ଲୋକେ ଯଦି ହେଲ୍‌ମେଟ୍ ନ ପିନ୍ଧିଥିବେ ଏବେ ସେମାନଙ୍କୁ ୧୦୦ ଶବ୍ଦ ମଧ୍ୟରେ ରଚନା ଲେଖିବାକୁ ପଡିବ ବୋଲି ଭୋପାଳ ପୋଲିସ କହିଛି। ଏହି ରଚନାରେ ସେମାନେ କାହିଁକି ମୋଟର ଯାନ ନିୟମ ଉଲ୍ଲଂଘନ କରିଛନ୍ତି ଆଉ ହେଲ୍‌ମେଟ୍ ନ ପିନ୍ଧି ଗାଡି ଚଳାଇଛନ୍ତି ତାହା ବର୍ଣ୍ଣନା କରିବେ ବୋଲି ପୋଲିସ କହିଛି। ଏଭଳି ପ୍ରୟାସକୁ ନେଇ କୌତୁହଳ ଜାତ ହୋଇଥିବାବେଳେ ଲୋକଙ୍କୁ ସଚେତନ କରାଇବା ଲାଗି ଏହା ଉଦ୍ଦିଷ୍ଟ ବୋଲି ପୋଲିସ କହିଛି।




# ଜାତୀୟ ଏକତା ପୁରସ୍କାର ଲାଗି ନାମାଙ୍କନ ଆରମ୍ଭ



**ନୂଆଦିଲ୍ଲୀ:** ଦେଶର ଏକତା ଏବଂ ଅଖଣ୍ଡତା ବଜାୟ ରଖିବା କ୍ଷେତ୍ରରେ ଅତୁଳନୀୟ ଭୂମିକା ଗ୍ରହଣ କରିଥିବା ନାଗରିକଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ସର୍ଦ୍ଦାର ପଟେଲ ଜାତୀୟ ଏକତା ପୁରସ୍କାର ଘୋଷଣା କରିଥିଲେ। ଶୁକ୍ରବାର କେନ୍ଦ୍ର ସରକାର ଚଳିତ ବର୍ଷ ଲାଗି ଯୋଗ୍ୟ ପ୍ରାର୍ଥୀଙ୍କୁ ନାମାଙ୍କନ ପାଇଁ ଆମନ୍ତ୍ରଣ କରିଛନ୍ତି। ଏପ୍ରିଲ ୩୦କୁ ନାମାଙ୍କନ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଏକ ୱେବ୍‌ସାଇଟ୍ ମାଧ୍ୟମରେ ଯୋଗ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରିପାରିବେ। ଅକ୍ଟୋବର ୩୧, ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ବିଜେତାଙ୍କ ଚୟନ ପାଇଁ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ରାଷ୍ଟ୍ରପତିଙ୍କ ସଚିବ, ସ୍ୱରାଷ୍ଟ୍ର ସଚିବଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ ହୋଇଥିବା ତିନି-ଚାରି ଜଣ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ସଦସ୍ୟ ଥିଲେ।


# ମା'ଙ୍କ ଜନ୍ମଦିନରେ ଦାମୀ କାର୍ ଉପହାର ଦେଲେ କାର୍ତ୍ତିକ



**ମୁମ୍ବାଇ:** ବଲିଉଡ୍‌ର ମୋଷ୍ଟ ପପୁଲାର୍ ହିରୋ କାର୍ତ୍ତିକ ଆର୍ୟ୍ୟନ୍‌ଙ୍କୁ ନେଇ ଆଜିକାଲି ଖୁବ୍ ଚର୍ଚ୍ଚା। ଅଳ୍ପ ଦିନର ବଲିଉଡ୍ କ୍ୟାରିୟର୍ ଭିତରେ ସେ ବେଶ୍ ଲୋକପ୍ରିୟତା ହାସଲ କରିସାରିଲେଣି। କେବେ ନିଜ ଅଭିନୟକୁ ନେଇ ତ କେବେ ଲଭ୍-ଆଫାୟର୍ସ କାରଣରୁ କାର୍ତ୍ତିକ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ନିଜ ମା'ଙ୍କ ଜନ୍ମଦିନରେ ତାଙ୍କୁ ଏକ ଦାମୀ କାର୍ ଉପହାର ଦେଇ କାର୍ତ୍ତିକ ପୁଣି ଖବରକୁ ଆସିଛନ୍ତି। ନିକଟରେ କାର୍ତ୍ତିକ ନିଜ ମା'ଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ମା'ଙ୍କ ସହ ମୁମ୍ବାଇସ୍ଥିତ ମୁକ୍ତେଶ୍ୱର ମନ୍ଦିର ଯିବା ସହ ଏକ ଦାମୀ କାର୍ ମଧ୍ୟ ଉପହାରରେ ଦେଇଛନ୍ତି। ପ୍ରାୟ ୪୩.୩୯ କୋଟି ମୂଲ୍ୟର ମିନି କୁପର୍ କନ୍‌ଭର୍ଟିବଲ କାର୍ କାର୍ତ୍ତିକ ନିଜ ମା'ଙ୍କୁ ଜନ୍ମଦିନରେ ଉପହାର ଦେଇଛନ୍ତି। ସେ ଖାଲି ଉପହାର ଦେଇ ନାହାନ୍ତି, ମା'ଙ୍କୁ କାର୍ ରାଇଡ୍‌ରେ ମଧ୍ୟ ନେଇକି ଯାଇଛନ୍ତି। ତେବେ ଏହି ସବୁ ଦୃଶ୍ୟ କ୍ୟାମେରାରେ କଏଦ ହୋଇ ସୋସିଆଲ ମିଡିଆରେ ଏବେ ଭାଇରାଲ୍ ହେଉଛି। କାର୍ତ୍ତିକଙ୍କ ଫ୍ୟାନ୍ କ୍ଲବ୍ ପକ୍ଷରୁ ଏହାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି। ଏହାସହ କାର୍ତ୍ତିକ ମଧ୍ୟ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ମା'ଙ୍କ ସହ ନିଜ ପିଲାବେଳର ଫଟୋ ଶେୟାର କରି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଯେତେବେଳେ କାର୍ତ୍ତିକ ବଲିଉଡ୍‌ରେ ଷ୍ଟ୍ରଗଲ କରୁଥିଲେ, ସେହି ସମୟରେ ଦିନେ ତାଙ୍କ ମା' ଉକ୍ତ କାର୍ ବିଷୟରେ ତାଙ୍କୁ କହିଥିଲେ। ଆଜି ସଫଳତା ପାଇବା ପରେ କାର୍ତ୍ତିକ ତାଙ୍କ ମା'ଙ୍କୁ ଏହି ଉପହାର ଦେଇ ଖୁସି କରିଦେଇଛନ୍ତି। ଅନ୍ୟପଟେ କାର୍ତ୍ତିକ-ସାରା ଅଲୀ ଖାନଙ୍କ ଅଭିନୀତ ଫିଲ୍ମ 'ଲଭ୍ ଆଜ୍ କଲ୍'ର ଟ୍ରେଲର୍ ଶୁକ୍ରବାର ରିଲିଜ୍ ହୋଇଯାଇଛି। ଏଥିରେ ଉଭୟଙ୍କ ଦମ୍‌ଦାର କେମିଷ୍ଟ୍ରି ଦେଖିବାକୁ ମିଳିଛି। ଇମ୍‌ତିଆଜ୍ ଅଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଫେବୃୟାରୀ ୧୪ରେ ରିଲିଜ୍ ହେବ।


# ୟୁସାକୁଙ୍କ ୨୦ ହଜାର ଗର୍ଲଫ୍ରେଣ୍ଡ

**ଟୋକିଓ:** ଜାପାନର କୋଟିପତି ବ୍ୟବସାୟୀ ୟୁସାକୁ ମାଏଜାବାଙ୍କ ସହ ଚନ୍ଦ୍ରକୁ ଯିବା ପାଇଁ ୨୦ ହଜାରରୁ ଅଧିକ ଯୁବତୀ ଆବେଦନ କରିଛନ୍ତି। ୪୪ ବର୍ଷୀୟ ୟୁସାକୁ ଚନ୍ଦ୍ର ପାଖକୁ ଯିବା ପାଇଁ ଗର୍ଲଫ୍ରେଣ୍ଡ ଖୋଜୁଥିଲେ। ଏଥିପାଇଁ ସେ ଜାନୁୟାରୀ ୧୨ରେ ଏକ ଖୋଲା ଦରଖାସ୍ତ ଆହ୍ୱାନ କରିଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ତାଙ୍କ ସହ ଯିବା ପାଇଁ ଆବେଦନ କରିଥିବା ଜଣାପଡିଛି। ମାଏଜାବା ଜାପାନର ୧୮ତମ ଧନୀ ବ୍ୟକ୍ତି ଭାବେ ଜଣାଶୁଣା। ୨୦୦୪ରେ ସେ ଏକ ଫ୍ୟାଶନ ୱେବସାଇଟ୍ ଜୋଜୋଟାଉନ୍ ଲଞ୍ଚ୍ କରିଥିଲେ। ୨୦୧୮ରେ ବିଶ୍ୱର ୭୨ଟି ଦେଶରେ ଏହାର ଶାଖା ରହିଛି। ସଫଳ ବ୍ୟବସାୟୀ ହେବା ସହିତ ନିଜ କଲେକ୍ସନ ପାଇଁ ମଧ୍ୟ ଲୋକପ୍ରିୟ ଅଟନ୍ତି ସେ। ତାଙ୍କ ପାଖରେ ପିକାସୋର ଅସଲି ପେଣ୍ଟିଙ୍ଗ୍ସ ସହିତ ବୁଗାନୀର ଅନେକ ସୁପର କାର ଏବଂ ଚନ୍ଦ୍ର ପାଖକୁ ଯିବା ପାଇଁ ଏଲନ ମସ୍କର ସ୍ପେସ୍ ଏକ୍ସର ଟିକେଟ ମଧ୍ୟ ରହିଛି। ୨୦୧୮ ସେପ୍ଟେମ୍ବରରେ ସେ ଏହି ଟିକେଟ କିଣିଥିଲେ। ତାଙ୍କୁ ୨୦୨୩ରେ ଚନ୍ଦ୍ରକୁ ଯିବା ପାଇଁ ପ୍ରଥମ ପ୍ରାଇଭେଟ୍ ପାସେଞ୍ଜର ଭାବେ ଚୟନ କରାଯାଇଛି।



ଧରିତ୍ରୀ DHARITRI
ରାୟଗଡ଼ା, ଶନିବାର, ଜାନୁୟାରୀ ୧୮ /୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ



## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART – I (OBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧×୫
(କ) ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ଉପରେ କେଉଁ ଚୁକ୍ତି ଲଦି ଦିଆଯାଇଥିଲା ?
(ଖ) ନାଟାଲ ଭାରତୀୟ କଂଗ୍ରେସ କେଉଁ ପ୍ରକାର ଅନୁଷ୍ଠାନ ଥିଲା ?
(ଗ) ସାଇମନ୍ କମିଶନ୍ ବିରୋଧୀ ଶୋଭାଯାତ୍ରାରେ କେଉଁଠାରେ ଜବାହରଲାଲ ନେହେରୁ ପୋଲିସ୍ ଲାଠିମାଡ଼ର ଶିକାର ହୋଇଥିଲେ ?
(ଘ) ଯୋଧପୁରର ରାଜା ହନ୍ୱନ୍ତସିଂହ କେଉଁ ଦେଶ ସହିତ ମିଶିଯିବାର ମସୁଧା କରୁଥିଲେ ?
(ଙ) ଭାରତର କେନ୍ଦ୍ର ସଂସଦର ଉଚ୍ଚସଦନକୁ କ'ଣ କୁହାଯାଏ ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧×୫
(କ) ୧୮୮୮ଅକ୍ଟୋବର ମାସରେ ଗାନ୍ଧିଜୀ କାହିଁକି ଇଂଲଣ୍ଡ ଯାତ୍ରା କଲେ ?
(ଖ) କିଏ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ ?
(ଗ) କେଉଁ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ ?
(ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ କିଏ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ ?
(ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ କେବେ ବସିଥିଲା ?

୩. ଶୂନ୍ୟସ୍ଥାନ ପୂରଣ କର। [୧×୫
(କ) ଉତ୍କଳ ଭାଷା ଉନ୍ନତି ବିଧାୟିନୀ ସଭା ________ ଠାରେ ପ୍ରତିଷ୍ଠିତ ହୋଇଥିଲା।
(ଖ) ୧୯୩୧ ମସିହାରେ ଗଠିତ ସୀମା ନିର୍ଦ୍ଧାରଣ କମିଟିରେ ________ ଜଣ ସଦସ୍ୟ ଥିଲେ।
(ଗ) ________ ଙ୍କୁ ଲୌହମାନବ ଆଖ୍ୟା ଦିଆଯାଇଛି।
(ଘ) ଆମ ସମ୍ବିଧାନର ________ ଧାରାରେ ସାର୍ବଜନୀନ ସାବାଳକ ମତଦାନ ପ୍ରଥା ବିଷୟରେ ଉଲ୍ଲେଖ ରହିଛି।
(ଙ) ନିର୍ବାଚନ ପ୍ରଚାର ଅଭିଯାନ ମତଦାନ ପାଇଁ ନିର୍ଦ୍ଧାରିତ ଦିନର ________ ଘଣ୍ଟା ପୂର୍ବରୁ ବନ୍ଦ ହୁଏ।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧×୫
(କ) ୧୯୪୮ ମସିହାରେ ଭାଷାଭିତ୍ତିକ ପ୍ରଦେଶ ଆୟୋଗ ଗଠନ କରାଗଲା।
(ଖ) ଓଡ଼ିଶାର ପ୍ରଥମେ ରେଳଗାଡ଼ି ୧୮୫୩ ମସିହାରେ ଚାଲିଥିଲା।
(ଗ) ନାରିକେଳ ଗବେଷଣା କେନ୍ଦ୍ର ସାକ୍ଷୀଗୋପାଳଠାରେ ଅବସ୍ଥିତ।
(ଘ) ପାରଳାଖେମୁଣ୍ଡିର ମହାରାଜା ହରେକୃଷ୍ଣ ମହତାବଙ୍କୁ ପର୍ଶୁରାମ ଆଖ୍ୟା ଦେଇଥିଲେ।
(ଙ) ୧୯୬୨ ମସିହାରେ ଚୀନ୍ ଭାରତ ଉପରେ ଆକ୍ରମଣ କରିଥିଲା।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧×୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ନୀଳଗିରି |
| ଆଦର୍ଶ ଆଚରଣ ବିଧି | ଓ ଡନେଲ୍ କମିଟି |
| ନବମ ପଞ୍ଚବାର୍ଷିକ ଯୋଜନା | ରୁଷିଆ |
| ଗଡ଼ଜାତ ରାଜ୍ୟ | ନିର୍ବାଚନ |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ୧୯୯୭ |

#### ଭୂଗୋଳ ଓ ଅର୍ଥନୀତି

୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧×୫
(କ) ଅପେକ୍ଷାକୃତ ଶୁଷ୍କ ଅଞ୍ଚଳରେ ଦେଖାଯାଉଥିବା ପଟୁମୃତ୍ତିକାକୁ ________ କୁହାଯାଏ।
(ତରାଇ, ଭାଙ୍ଗର, ରେ, କଙ୍କର)
(ଖ) ଭାରତର ରାଜ୍ୟମାନଙ୍କ ମଧ୍ୟରୁ ________ ରାଜ୍ୟରେ ସର୍ବନିମ୍ନ ଅରଣ୍ୟ ରହିଛି।
(ରାଜସ୍ଥାନ, ହରିଆନା, ଗୁଜରାଟ, ପଞ୍ଜାବ)
(ଗ) ________ କୁ ଘାତକ ଶିଳ୍ପ ବୋଲି କୁହାଯାଏ।
(ବସ୍ତ୍ର ବୟନ, ଝୋଟ ଶିଳ୍ପ, ରାସାୟନିକ ଶିଳ୍ପ, ଖଣି ଖନନ)
(ଘ) ________ ରେ ଚମଡ଼ା ଗୁଣ୍ଡ ମିଶାଇ ଅପମିଶ୍ରଣ କରାଯାଏ।
(ଘିଅ, ଚାଉଳ, ଅଟା, ମସଲା)
(ଙ) ପ୍ରତିବର୍ଷ ________ ଦିନଟିକୁ ବିଶ୍ୱ ଖାଉଟି ଅଧିକାର ଦିବସ ରୂପେ ପାଳନ କରାଯାଏ।
(ଅଗଷ୍ଟ ୨୮, ମେ ୧୪, ମାର୍ଚ୍ଚ ୧୫, ଜାନୁୟାରୀ ୩୦)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧×୫
(କ) ରୋଗୋଲିଥ୍ (ଖ) ଖାଡ଼ିନ୍ (ଗ) ଭେନ୍
(ଘ) ଜଗତୀକରଣ (ଙ) ଦାରିଦ୍ର୍ୟ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧×୫
(କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ, ସେଗୁଡ଼ିକ ସର୍ବତ୍ର ସୁଲଭ ସମ୍ବଳ କୁହାଯାଏ।
(ଖ) ଲାଟେରାଇଟ୍ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ।
(ଗ) ଜନସଂଖ୍ୟା ବୃଦ୍ଧି ବିକଶିତ ଦେଶମାନଙ୍କର ମୁଖ୍ୟ ସମସ୍ୟା ଅଟେ।
(ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୨୪୦ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଇଛି।
(ଙ) ଉଚ୍ଚଦର ଖାଉଟି ଶୋଷଣର ଏକ କାରଣ ଅଟେ।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧×୫
(କ) ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୃଶ୍ୟମାନ ହେଉ ନ ଥିବା ଜାତି।
(ଖ) ହିମାଳୟ ପର୍ବତର ୨୭୦୦ ମିଟରରୁ ୪୦୦୦ ମିଟର ଉଚ୍ଚତା ମଧ୍ୟରେ ଥିବା ଅରଣ୍ୟ-
(ଗ) ଗାଈ ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଗ୍ରାମାଞ୍ଚଳରେ ଉତ୍ପାଦନ କରାଯାଉଥିବା ଜୈବ ବାଷ୍ପ।
(ଘ) ଶିକ୍ଷାଗତ ଯୋଗ୍ୟତା ଥାଇ କର୍ମନିଯୁକ୍ତି ନ ପାଇବା।
(ଙ) କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ହୋଇଥିବା ସମସ୍ତ ଦ୍ରବ୍ୟ ଏବଂ ସେବାର ମୁଦ୍ରାଗତ ମୂଲ୍ୟ ଏବଂ ତତ୍ ସହିତ ବହିରାଗତ ଆୟର ସମଷ୍ଟି।

୧୦. (କ) ଭାରତର ରେଖାଙ୍କିତ ମାନଚିତ୍ରରେ ନିମ୍ନଲିଖିତ ଗୁଡ଼ିକ ଦର୍ଶାଅ। [୧×୩
୧. ପାଲାମୁ ବ୍ୟାଘ୍ର ପ୍ରକଳ୍ପ, ୨. ହୀରାକୁଦ, ୩. ନଇଭେଲି
(ଖ) ବାମ ପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିରେ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର। [୧×୨
୧. ଅଙ୍କଲେଶ୍ୱର : ଖଣିଜତୈଳ : : ନଇଗା : ________
୨. ରାଜ୍ୟ : ରାଜ୍ୟ ଖାଉଟି କମିଶନ : : ଜିଲ୍ଲା : ________

### PART – II (SUBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4
(କ) ଭାରତଛାଡ଼ ଆନ୍ଦୋଳନ ପ୍ରଶମନର କାରଣ କ'ଣ ଥିଲା ?
କିମ୍ବା, ଗଞ୍ଜାମ ଜାତୀୟ ସମିତି ସମ୍ପର୍କରେ ଉଲ୍ଲେଖ କର।
(ଖ) ଆଇନ ଅମାନ୍ୟ ଆନ୍ଦୋଳନର କେବେ ଘୋଷଣା କରାଯାଇଥିଲା ଓ ଏହାର କାର୍ଯ୍ୟକ୍ରମ କ'ଣ ଥିଲା ?[4
କିମ୍ବା, ଉତ୍କଳ ସଭା ସମ୍ପର୍କରେ ଏକ ବିବରଣୀ ଦିଅ।

2. ତିରିଶିଟି ଶବ୍ଦରେ ଉତ୍ତର ଦିଅ। [3
(କ) କେଉଁ ବ୍ୟକ୍ତି ସୀମାନ୍ତ ଗାନ୍ଧି ଭାବେ ପରିଚିତ ? ସେ କେଉଁଠାରେ କାହା ସାହାଯ୍ୟରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ ?
କିମ୍ବା, ମଧୁବାବୁ କାହିଁକି କଂଗ୍ରେସ ସହିତ ସଂପର୍କ ଛିନ୍ନ କରିଥିଲେ ?
(ଖ) ସାଇମନ୍ କମିଶନ୍ କେବେ ଓ କେଉଁଠାରେ ପଦାର୍ପଣ କରିଥିଲେ ଓ ଭାରତୟମାନଙ୍କର ଏହି କମିଶନ୍ ପ୍ରତି କି ପ୍ରତିକ୍ରିୟା ଥିଲା ?[3
କିମ୍ବା, କେବେ ଓ କାହିଁକି ହଣ୍ଟର କମିଟି ଗଠନ କରାଯାଇଥିଲା ? ଏହି କମିଟିର ରିପୋର୍ଟ କାହିଁକି ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା ?
(ଗ) କେବେ ଓ କେଉଁ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ମିଳିଛି ? ଏହି ସ୍ୱୀକୃତି ସହିତ ଦିଲ୍ଲୀ ପାଇଁ କ'ଣ ବ୍ୟବସ୍ଥା କରାଯାଇଛି ? [3
କିମ୍ବା, କେବେ ଓ କାହା ସୁପାରିସ କ୍ରମେ ଭାଷାଭିତ୍ତିକ ରାଜ୍ୟ ଆୟୋଗ ଗଠନ କରାଗଲା ଓ କେଉଁମାନେ ଏହାର ସଭ୍ୟ ଥିଲେ ?

3. କୋଡ଼ିଏଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ। [2
(କ) ଇରମ୍ ଗୁଳିକାଣ୍ଡ କେବେ ଘଟିଥିଲା ଓ ଏହି ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ କ'ଣ ?
କିମ୍ବା, କିଏ କାହିଁକି ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ ?
(ଖ) କିଏ ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ଏବଂ କିଏ ଏହାର ମୁଖ୍ୟ ପ୍ରଚାରକ ଥିଲେ ? [2
କିମ୍ବା, ତିଲକ ସ୍ୱରାଜ ପାଣି କାହା ସ୍ମୃତିରେ ଓ କ'ଣ ପାଇଁ ଗଠନ କରାଯାଇଥିଲା ?
(ଗ) କେବେ ସୁଭାଷ ଚନ୍ଦ୍ର ବୋଷ ବର୍ଲିନ୍‌ରେ ପହଞ୍ଚିଥିଲେ ଏବଂ ସେଠାରେ କେଉଁ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ? [2
କିମ୍ବା, ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହା ଜନସାଧାରଣଙ୍କୁ କି ପ୍ରକାର ସଂକେତ ପ୍ରଦାନ କରିଥିଲା ?
(ଘ) କେବେ ଓ କେଉଁମାନଙ୍କୁ ନେଇ ଆନ୍ଧ୍ରପ୍ରଦେଶ ଗଠିତ ହୋଇଥିଲା ? [2
କିମ୍ବା, ମେଘାଳୟ କେବେ ଓ କିପରି ସୃଷ୍ଟି ହେଲା ?

#### ଭୂଗୋଳ ଓ ଅର୍ଥନୀତି

1. ୬୦ଟି ଶବ୍ଦରେ ଉତ୍ତର ଲେଖ। [4
(କ) ସମ୍ବଳ ଯୋଜନାର ବିଭିନ୍ନ ପ୍ରକ୍ରିୟା ଆଲୋଚନା କର।
କିମ୍ବା, ଭାରତର କ୍ଷୁଦ୍ରଶିଳ୍ପ ସମ୍ବନ୍ଧରେ ଲେଖ।
(ଖ) ବାଉଁଶନଳା ଦ୍ୱାରା ବୁନ୍ଦା ଜଳସେଚନ ବ୍ୟବସ୍ଥା ସମ୍ବନ୍ଧରେ ଲେଖ। [4
କିମ୍ବା, ଭାରତରେ ଖରିଫ୍ ଫସଲର ବିଶେଷତ୍ୱ ଓ ବଣ୍ଟନ ସମ୍ବନ୍ଧରେ ଲେଖ।

2. ସଂକ୍ଷେପରେ ଉତ୍ତର ଲେଖ। [3
(କ) ଅରଣ୍ୟ କ୍ଷୟର ମୁଖ୍ୟ କାରଣଗୁଡ଼ିକ ଲେଖ।
କିମ୍ବା, ଗୋବର ଗ୍ୟାସ୍ ପ୍ଲାଣ୍ଟ କ'ଣ ? ଏହାର ଉପାଦେୟତା ବିଷୟରେ ସଂକ୍ଷେପରେ ଲେଖ।
(ଖ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [3
ଫେଡ଼ାଲଫର :
କିମ୍ବା, ଲିଗ୍ନାଇଟ୍ କୋଇଲା :
(ଗ) ପାର୍ଥକ୍ୟ ଲେଖ। [2
ପୂରଣୀୟ ସମ୍ବଳ ଓ ଅପୂରଣୀୟ ସମ୍ବଳ
କିମ୍ବା, କଙ୍କର ଓ ଖାଦର
(ଘ) କାରଣ ଦର୍ଶାଅ। [2
(a) ଲୌହ -ଇସ୍ପାତ ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।
କିମ୍ବା, ଆଲୁମିନିୟମ୍ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ।
(b) ଭାରତର ପଶ୍ଚିମ ଉପକୂଳରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ। [2
କିମ୍ବା, ବ୍ୟାପକ କୃଷିରେ ଯାନ୍ତ୍ରିକ ଉପକରଣ ବ୍ୟବହାର ଅଧିକ ହୋଇଥାଏ।

3. ସଂକ୍ଷେପରେ ଉତ୍ତର ଦିଅ। [3
(a) ବିଶ୍ୱ ବାଣିଜ୍ୟ ସଙ୍ଗଠନ ଯେଉଁ ସବୁ ପ୍ରସଙ୍ଗ ଉପରେ ଗୁରୁତ୍ୱ ପ୍ରଦାନ କରିଛି, ସେଗୁଡ଼ିକୁ ଉଲ୍ଲେଖ କର।
କିମ୍ବା, ବିକାଶୋନ୍ମୁଖୀ ଦେଶଗୁଡ଼ିକର ଲକ୍ଷଣଗୁଡ଼ିକ କ'ଣ ?

4. ପାର୍ଥକ୍ୟ ଦର୍ଶାଅ। [2
(a) ସରକାରୀ ମାଲିକାନା ଓ ଘରୋଇ ମାଲିକାନା।
କିମ୍ବା, ଜାତୀୟ ଖାଉଟି କମିଶନ ଓ ରାଜ୍ୟ ଖାଉଟି କମିଶନ ।

### ଉତ୍ତରମାଳା : PART – I (OBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. (କ) ସେଭର୍ସ (ଖ) ରାଜନୈତିକ (ଗ) ଲକ୍ଷ୍ନୌ (ଘ) ପାକିସ୍ଥାନ (ଙ) ରାଜ୍ୟସଭା

୨. (କ) ୧୮୮୮ ଅକ୍ଟୋବର ମାସରେ ଗାନ୍ଧିଜୀ ବାରିଷ୍ଟରୀ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରାକଲେ। (ଖ) ପୁରୀ ଜିଲ୍ଲାରେ ପଣ୍ଡିତ ନୀଳକଣ୍ଠ ଦାସ ଓ ଜଗନ୍ନାଥ ରଥ ଲବଣ ସତ୍ୟାଗ୍ରହର ନେତୃତ୍ୱ ନେଇଥିଲେ। (ଗ) କଟକର ରେଭେନ୍ସା କଲେଜିଏଟ୍ ସ୍କୁଲରେ ଛାତ୍ର ଥିବା ସମୟରେ ସୁଭାଷଚନ୍ଦ୍ର ବୋଷ ଛାତ୍ରମାନଙ୍କୁ ସଂଗଠିତ କରି ଖୁଦିରାମ ସହିଦ ଦିବସ ପାଳନ କରିଥିଲେ। (ଘ) ୧୯୬୫ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ରିଚାର୍ଡ଼ ନିକ୍ସନ୍ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଥିଲେ। (ଙ) ସମ୍ବିଧାନ ପ୍ରଣୟନ ସଭାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ମାସ ୯ ତାରିଖରେ ବସିଥିଲା।

୩. (କ) ବାଲେଶ୍ୱର (ଖ) ତିନି (ଗ) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ (ଘ) ୩୨୬ (ଙ) ୪୮

୪. (କ) ✓ (ଖ) × (ଗ) ✓ (ଘ) × (ଙ) ✓

୫.

| 'କ'ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମିଖାଇଲ ଗୋର୍ବାଚେଭ୍ | ରୁଷିଆ |
| ଆଦର୍ଶ ଆଚରଣ ବିଧି | ନିର୍ବାଚନ |
| ନବମ ପଞ୍ଚବାର୍ଷିକ ଯୋଜନା | ୧୯୯୭ |
| ଗଡ଼ଜାତ ରାଜ୍ୟ | ନୀଳଗିରି |
| ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ | ଓ ଡନେଲ୍ କମିଟି |

#### ଭୂଗୋଳ ଓ ଅର୍ଥନୀତି


୬. (କ) ରେ (ଖ) ହରିଆନା (ଗ) ଖଣି ଖନନ୍ (ଘ) ଘିଅ (ଙ) ମାର୍ଚ୍ଚ ୧୫

୭. (କ) ଆରାବଳୀ ପର୍ବତର ପାର୍ଶ୍ୱରେ ଦେଖାଯାଉଥିବା ମରୁସ୍ଥଳୀ ମୃତ୍ତିକାକୁ ରୋଗୋଲିଥ୍ କୁହାଯାଏ। (ଖ) ବୃଷ୍ଟିଜଳ ସଂଗ୍ରହ ପାଇଁ ଜୈସାଲମୀର ଅଞ୍ଚଳରେ ନିର୍ମିତ ସଂରଚନାକୁ ଖାଡ଼ିନ୍ କୁହାଯାଏ। (ଗ) ଆଗ୍ନେୟ ଓ ରୂପାନ୍ତରିତ ଶିଳାର ଫାଟ, ଛିଦ୍ର, ଭୂଭ୍ରଂଶ ଏବଂ ଖଞ୍ଜାମାନଙ୍କରେ ଖଣିଜ କମ୍ ପରିମାଣରେ ଥିଲେ ତାହାକୁ ଭେନ୍ କୁହାଯାଏ। (ଘ) ବଜାରଭିତ୍ତିକ ଅର୍ଥନୀତିକୁ ଜଗତୀକରଣ କୁହାଯାଏ। (ଙ) ଜଣେ ବ୍ୟକ୍ତିଙ୍କୁ ଜୀବନଯାପନ କରିବା ପାଇଁ ସର୍ବନିମ୍ନ ଆବଶ୍ୟକତାର ଅଭାବକୁ ଦାରିଦ୍ର୍ୟ କୁହାଯାଏ।

୮. (କ) ଯେଉଁ ସମ୍ବଳଗୁଡ଼ିକ ଭୂପୃଷ୍ଠର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଭାବେ ମିଳିଥାଏ ସେଗୁଡ଼ିକର ସ୍ଥାନୀୟ ସମ୍ବଳ କୁହାଯାଏ। (ଖ) କୃଷ୍ଣ କାର୍ପାସ ମୃତ୍ତିକାକୁ ଆନ୍ତର୍ଜାତିକ ସ୍ତରରେ କ୍ରାନ୍ତୀୟ ଚେର୍ଣ୍ଣୋଜେମ୍ ମୃତ୍ତିକା କୁହାଯାଏ। (ଗ) ଜନସଂଖ୍ୟାବୃଦ୍ଧି ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ସମସ୍ୟା ଅଟେ। (ଘ) ବର୍ତ୍ତମାନ ଆମ ଦେଶରେ ପାଖାପାଖି ୪୬୦ ଟି ଦ୍ରବ୍ୟକୁ ପାଇକାରୀ ଦର ସୂଚକ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଉଛି। (ଙ) ଉଚ୍ଚଦର ଖାଉଟି ଶୋଷଣର ଏକ ପ୍ରକାରଭେଦ ଅଟେ।

୯. (କ) ବିଲୁପ୍ତ ଜାତି (ଖ) ଆଲ୍‌ପୀୟ ଅରଣ୍ୟ (ଗ) ଗୋବରଗ୍ୟାସ୍ ପ୍ଲାଣ୍ଟ୍ (ଘ) ପ୍ରାବିଧିକ ବେକାରୀ (ଙ) ମୋଟ ଜାତୀୟ ଆୟ

୧୦. (କ)




(ଖ) ୧. ପରମାଣୁ ଶକ୍ତି ଉତ୍ପାଦନ, ୨. ଜିଲ୍ଲା ବିଚାର ମଞ୍ଚ

### ଉତ୍ତରମାଳା : PART – II (SUBJECTIVE)

#### ଇତିହାସ ଓ ରାଜନୀତି ବିଜ୍ଞାନ

1. (କ)(i) ନେତୃତ୍ୱ ଓ ସଂଗଠନ ଅଭାବ ଯୋଗୁଁ ଆନ୍ଦୋଳନ ଧୀରେ ଧୀରେ ପ୍ରଶମିତ ହୋଇଥିଲା। କାରଣ ନେତୃତ୍ୱ ଅଭାବରେ ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ନିଜ ବିଚାର ଅନୁଯାୟୀ ଆନ୍ଦୋଳନ ଚାଲୁରଖିବା ସମ୍ଭବପର ହୋଇ ନ ଥିଲା।
(ii) ଦେଶର ବିଭିନ୍ନ ପ୍ରାନ୍ତରେ ଆନ୍ଦୋଳନ କରୁଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ସମନ୍ୱୟ ନ ଥିଲା।
(iii) ଏହି ଆନ୍ଦୋଳନକୁ ଦେଶୀୟ ରାଜା, ଜମିଦାର, ଧନୀ ବ୍ୟବସାୟୀ ଓ କେତେକ ରାଜନୈତିକ ଦଳ ସମର୍ଥନ ଦେଇ ନ ଥିଲେ।
(iv) ସରକାରଙ୍କ ସଶସ୍ତ୍ର ଦମନଲୀଳା ଯୋଗୁଁ ଆନ୍ଦୋଳନ ଦବି ଯାଇଥିଲା।
କିମ୍ବା,
(i) କେତେକ ଉତ୍ସାହୀ ଯୁବକ ୧୯୦୩ ମସିହାରେ ରମ୍ଭାଠାରେ ଏକତ୍ରିତ ହୋଇ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ପ୍ରେରଣାରେ ଗଞ୍ଜାମ ଜାତୀୟ ସମିତି ନାମକ ଏକ ଅନୁଷ୍ଠାନ ଗଠନ କରିଥିଲେ।
(ii) ଗଞ୍ଜାମ ଓ ଅନ୍ୟାନ୍ୟ ଦକ୍ଷିଣାଞ୍ଚଳ ଜିଲ୍ଲା ତଥା ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ଏକ ଶାସନାଧୀନରେ ରଖିବା ପାଇଁ ଉଦ୍ୟମ କରିବା ଏହାର ଉଦ୍ଦେଶ୍ୟ ଥିଲା।
(iii) ୧୯୦୩ ଏପ୍ରିଲରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ଓଡ଼ିଶା, ବଙ୍ଗ, କେନ୍ଦ୍ରୀୟ ପ୍ରଦେଶ ଓ ମାନ୍ଦ୍ରାଜ ପ୍ରେସିଡେନ୍ସିର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ ଓ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ଶ୍ୟାମସୁନ୍ଦର ରାଜଗୁରୁ।
(iv) ମଧୁସୂଦନ ଦାସ ନିମନ୍ତ୍ରିତ ହୋଇ ଏହି ସଭାରେ ଯୋଗ ଦେଇଥିଲେ।
(ଖ)(i) ୧୯୩୦ ମସିହା ଏପ୍ରିଲ ୯ ତାରିଖ ଦିନ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କରାଯାଇଥିଲା।
(ii) ଏହାର କାର୍ଯ୍ୟକ୍ରମ ମଧ୍ୟରେ ଲବଣ ଆଇନ ଭଙ୍ଗ କରି ସମୁଦ୍ରରୁ ଲୁଣ ମାରିବା, ବିଦେଶୀ ଦ୍ରବ୍ୟରେ ଅଗ୍ନି ସଂଯୋଗ କରିବା ଓ ଅସ୍ପୃଶ୍ୟତା ବର୍ଜନ କରିବା।
(iii) ମଦ ଦୋକାନ, ଅଫିମ ବିକ୍ରୟ ସ୍ଥାନ ଓ ବିଦେଶୀ ଲୁଗା ଦୋକାନ ଆଗରେ ସତ୍ୟାଗ୍ରହ କରିବା ଓ ଚରଖାରେ ସୂତା କାଟିବା।
(iv) ଛାତ୍ରମାନେ ସ୍କୁଲ, କଲେଜ ପରିତ୍ୟାଗ କରିବା, ସରକାରୀ କର୍ମଚାରୀମାନେ ଚାକିରିରୁ ଇସ୍ତଫା ଦେବା ଓ ଓକିଲମାନେ ଆଇନ ବ୍ୟବସାୟ ତ୍ୟାଗ କରି ଅହିଂସା ଉପାୟରେ ଆନ୍ଦୋଳନ କରିବା ଏହାର କାର୍ଯ୍ୟକ୍ରମ ଥିଲା।
କିମ୍ବା,
(i) ମଧୁସୂଦନ ଦାସଙ୍କ ଉଦ୍ୟମରେ ୧୮୮୨ ଅଗଷ୍ଟ ୧୬ ତାରିଖରେ କଟକଠାରେ 'ଉତ୍କଳସଭା' ନାମକ ଏକ ରାଜନୈତିକ ଅନୁଷ୍ଠାନ ଗଠନ ହୋଇଥିଲା।
(ii) ଏହାର ପ୍ରଥମ ସଭାପତି ଓ ସମ୍ପାଦକ ଯଥାକ୍ରମେ ଥିଲେ ଚୌଧୁରୀ କାଶୀନାଥ ଦାସ ଓ ଗୌରୀଶଙ୍କର ରାୟ।
(iii) ସ୍ଥାନୀୟ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ସୃଷ୍ଟି କରିବା ଓ ଲୋକହିତକର କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଏହି ଅନୁଷ୍ଠାନର ଉଦ୍ଦେଶ୍ୟ ଥିଲା।
(iv) ଏହା ସର୍ବପ୍ରଥମ ସୁସଂଗଠିତ ରାଜନୈତିକ ଅନୁଷ୍ଠାନ ଥିଲେ ମଧ୍ୟ ଏହାର କାର୍ଯ୍ୟପରିସର ଅତି ସଂକୀର୍ଣ୍ଣ ଥିଲା।

2. (କ)((i) ଖାନ୍ ଅବ୍‌ଦୁଲ୍ ଗଫର ଖାନ୍ ସୀମାନ୍ତ ଗାନ୍ଧି ଭାବରେ ପରିଚିତ।
(ii) ସେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶରେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।
(iii) ତାଙ୍କ ଦ୍ୱାରା ଗଠିତ 'ଖୁଦାଇ ଖିଦ୍‌ମତ୍‌ଗାର' ନାମକ ସଂଗଠନ ମାଧ୍ୟମରେ ସେ ଆଇନ ଅମାନ୍ୟ ଆନ୍ଦୋଳନକୁ ସଂଗଠିତ କରିଥିଲେ।
କିମ୍ବା,
(i) ୧୯୦୩ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ମାନ୍ଦାଜ ଅଧିବେଶନରେ ମଧୁସୂଦନ ଦାସ ଓ ଗୌରୀଶଙ୍କର ରାୟ ଯୋଗଦେଇଥିଲେ।
(ii) ଏହି ଅଧିବେଶନରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ଓ ଗଞ୍ଜାମକୁ ଓଡ଼ିଶା ସହିତ ମିଶ୍ରଣ ପାଇଁ ପ୍ରସ୍ତାବ ମଧୁସୂଦନ ଦାସ ଉପସ୍ଥାପନ କରିଥିଲେ।
(iii) ଏହି ପ୍ରସ୍ତାବକୁ ସେଠାରେ ଗୁରୁତ୍ୱ ଦିଆ ନଯିବାରୁ ମଧୁବାବୁ କ୍ଷୁବ୍ଧ ହୋଇ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିଥିଲେ।
(ଖ)(i) ସାଇମନ୍ କମିଶନ୍ ୧୯୨୮ ମସିହା ଫେବୃଆରୀ ୩ ତାରିଖରେ ବମ୍ବେଠାରେ ପଦାର୍ପଣ କରିଥିଲା।
(ii) ଏହି କମିଶନ୍‌ରେ ୭ ଜଣ ସଭ୍ୟ ଥିଲେ ମଧ୍ୟ ଜଣେବି ଭାରତୀୟ ସଭ୍ୟ ନ ଥିବାରୁ ଭାରତୀୟମାନେ ଅପମାନ ବୋଧ କରିଥିଲେ।
(iii) ତେଣୁ ସେମାନେ 'ସାଇମନ୍ ଫେରିଯାଅ' ଧ୍ୱନି ଦେବାସହ କମିଶନ୍‌ର ସଦସ୍ୟମାନଙ୍କୁ କଳାପତାକା ପ୍ରଦର୍ଶନ କଲେ।
କିମ୍ବା,
(i) ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସରକାରୀ ତଦନ୍ତ କରିବା ପାଇଁ ୧୯୧୯ ଅକ୍ଟୋବର ମାସରେ ହଣ୍ଟର କମିଟି ଗଠନ କରାଯାଇଥିଲା।
(ii) ଏହି କମିଟିର ରିପୋର୍ଟରେ ହତ୍ୟାକାଣ୍ଡର ଖଳନାୟକ ଜେନେରାଲ ଡାୟାରଙ୍କ କାର୍ଯ୍ୟକୁ ଅନୁମୋଦନ କରାଯାଇ ତାଙ୍କୁ ନିର୍ଦ୍ଦୋଷ ଘୋଷଣା କରାଯାଇଥିଲା।
(iii) ତେଣୁ କମିଟି ଗଠନ ଏକ ଧୂଆଁବାଣ ଥିବାରୁ ଏହା ଭାରତୀୟମାନଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା।
(ଗ)(i) ୧୯୯୨ ମସିହା ଫେବୃୟାରୀ ମାସ ୧ ତାରିଖ ଦିନ ଦିଲ୍ଲୀକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟାର ମାନ୍ୟତା ମିଳିଛି।
(ii) ୬୯ ତମ ସମ୍ବିଧାନ ସଂଶୋଧନ ଆଇନରେ କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀକୁ ଏହି ମାନ୍ୟତା ମିଳିଛି।
(iii) ଏହି ସ୍ୱୀକୃତୀ ସ୍ୱୀକୃତି ସହିତ ୧୯୯୩ ମସିହା ପରଠାରୁ ଦିଲ୍ଲୀ ପାଇଁ ଗୋଟିଏ ବିଧାନ ସଭା ଓ ଗୋଟିଏ ମନ୍ତ୍ରି ପରିଷଦର ବ୍ୟବସ୍ଥା କରାଯାଇଛି।
କିମ୍ବା,
(i) ୧୯୪୮ ମସିହାରେ ସମ୍ବିଧାନ ସଭାର ସୁପାରିସ କ୍ରମେ ଭାଷଭିତ୍ତିକ ରାଜ୍ୟ ଆୟୋଗ ଗଠିତ ହୋଇଥିଲା।
(ii) ଏହି ଆୟୋଗରେ ତିନିଜଣ ସଭ୍ୟ ଥିଲେ।
(iii) ସେମାନେ ହେଲେ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ପଟ୍ଟାଭି ସୀତାରାମାୟା।


3.(କ) (i) ଇରମ ଗୁଳିକାଣ୍ଡ ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ହୋଇଥିଲା।
(ii) ଏଥିରେ ପ୍ରାଣ ହରାଇଥିବା ମହିଳାଙ୍କ ନାମ ପରୀ ବେୱା।
କିମ୍ବା,
(i) ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଗାନ୍ଧିଜୀଙ୍କୁ 'ମହାତ୍ମା' ଆଖ୍ୟା ପ୍ରଦାନ କରିଥିଲେ।
(ii) ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ମହାନ୍ ନୀତି ଯୋଗୁଁ ସେ ଏହି ଆଖ୍ୟା ପ୍ରଦାନ କରିଥିଲେ।
(ଖ)(i) ମହିମା ଧର୍ମର ପ୍ରଧାନ ପ୍ରବର୍ତ୍ତକ ଥିଲେ ମହିମା ଗୋସ୍ୱାମୀ।
(ii) ଏହାର ମୁଖ୍ୟ ପ୍ରଚାରକ ଥିଲେ ଭୀମ ଭୋଇ।
କିମ୍ବା,
(i) ବାଲ ଗଙ୍ଗାଧର ତିଲକଙ୍କ ସ୍ମୃତିରେ ତିଲକ ସ୍ୱରାଜ ପାଣ୍ଠି ଗଠନ କରାଯାଇଥିଲା।
(ii) ଅସହଯୋଗ ଆନ୍ଦୋଳନକୁ ଅର୍ଥ ଯୋଗାଇବା ପାଇଁ ଏହି ପାଣ୍ଠି ଗଠିତ ହୋଇଥିଲା।
(ଗ)(i) ସୁଭାଷ ଚନ୍ଦ୍ର ବୋଷ ୧୯୪୧ ମସିହା ମାର୍ଚ୍ଚ ୨୫ରେ ବର୍ଲିନ୍‌ରେ ପହଞ୍ଚିଥିଲେ।
(ii) ସେ ବର୍ଲିନ୍‌ଠାରେ 'ସ୍ୱାଧୀନ ଭାରତ କେନ୍ଦ୍ର' ପ୍ରତିଷ୍ଠା କରିଥିଲେ।
କିମ୍ବା,
(i) ଇଂରେଜ ସରକାରଙ୍କ ଲବଣ ଆଇନ ଭଙ୍ଗ କରିବା ଦାଣ୍ଡିଯାତ୍ରାର ଉଦ୍ଦେଶ୍ୟ ଥିଲା।
(ii) ଏହା ଜନସାଧାରଣଙ୍କୁ ଆଇନ ଅମାନ୍ୟ ଆନ୍ଦୋଳନର ସଂକେତ ପ୍ରଦାନ କରିଥିଲା।
(ଘ)(i) ଆନ୍ଧ୍ରପ୍ରଦେଶ ୧୯୫୩ ମସିହାରେ ଗଠିତ ହୋଇଥିଲା।
(ii) ମାଡ୍ରାସର ତେଲୁଗୁ ଭାଷାଭାଷୀ ଅଞ୍ଚଳକୁ ନେଇ ଏହା ଗଠିତ ହୋଇଥିଲା।
କିମ୍ବା,
(i) ୧୯୬୯ ମସିହା ଆସାମ ପୁନର୍ଗଠନ ଆଇନ ଅନୁସାରେ ଆସାମ ରାଜ୍ୟ ମଧ୍ୟରେ ମେଘାଳୟ ଉପରାଜ୍ୟ ସୃଷ୍ଟି ହେଲା।
(ii) ୧୯୭୧ ମସିହାରେ ଏହା ରାଜ୍ୟ ପାହ୍ୟାକୁ ଉନ୍ନୀତ ହେଲା।

#### ଭୂଗୋଳ ଓ ଅର୍ଥନୀତି

1.(କ) (i)ବିଭିନ୍ନ କାର୍ଯ୍ୟପାଇଁ ସମ୍ବଳର ଆବଶ୍ୟକତା ନିର୍ଦ୍ଧାରଣ ଓ ସମ୍ବଳପ୍ରାପ୍ତି ସ୍ଥାନର ଚିହ୍ନଟିକରଣ ଏବଂ ସମ୍ବଳ ଚାହିଦାର ପରିମାଣ ଆକଳନ କରିବା।
(ii) ସମ୍ବଳର ଗଚ୍ଛିତ ପରିମାଣ ଓ ବିକାଶସ୍ତର ଆକଳନ, ଏହାର ସର୍ବେକ୍ଷଣ, ମାନଚିତ୍ରକରଣ ଏବଂ ସଂଖ୍ୟାତ୍ମକ ତଥା ଗୁଣାତ୍ମକ ମୂଲ୍ୟାୟନ।
(iii) ସମ୍ବଳ ଉତ୍ତୋଳନ, କ୍ରିୟାତ୍ମକ ମୂଲ୍ୟ ଏବଂ ବ୍ୟବହାର ତଥା ଯୋଜନା ସଂରଚନା ପ୍ରସ୍ତୁତିକରଣ।
(iv) ସମ୍ବଳ ଉତ୍ତୋଳନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତିର ଉପଲବ୍ଧ, ଉପଯୁକ୍ତ କୌଶଳ ଓ ପ୍ରଯୁକ୍ତି ବିଦ୍ୟା, ବଜାର ମୂଲ୍ୟ ନିର୍ଦ୍ଧାରଣ, ଅନୁଷ୍ଠାନ, ଅବସ୍ଥାନ ଇତ୍ୟାଦି ସମ୍ବଳ ବିକାଶ ସମ୍ବନ୍ଧୀୟ ପ୍ରକ୍ରିୟାର ଅବଲମ୍ବନ ଉପରେ ଆଧାରିତ ଯୋଜନା ପ୍ରଣୟନ।
କିମ୍ବା,
(i) କ୍ଷୁଦ୍ର ଶିଳ୍ପରେ ଶ୍ରମ ଶକ୍ତି ବ୍ୟତୀତ ଶକ୍ତିଚାଳିତ ଯନ୍ତ୍ରପାତି ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ।
(ii) ଏହି ଶିଳ୍ପରେ ଅଳ୍ପ ପୁଞ୍ଜି ବିନିଯୋଗ ଓ କମ୍ ସଂଖ୍ୟାରେ ମଜୁରିଭୋଗୀ ଶ୍ରମିକ ନିଯୁକ୍ତି ହୋଇଥାନ୍ତି।
(iii) ଆବଶ୍ୟକ କଞ୍ଚାମାଲ ସ୍ଥାନୀୟ ଭାବେ ମିଳୁନ ଥିଲେ ବାହାରୁ ଆଣି ବ୍ୟବହାର କରାଯାଏ। ଉତ୍ପାଦିତ ଦ୍ରବ୍ୟ ଖୋଲାବଜାରରେ ବ୍ୟବସାୟୀମାନଙ୍କ ମାଧ୍ୟମରେ ବିକ୍ରୟ କରାଯାଏ।
(iv) କାଗଜ ତିଆରି ଦ୍ରବ୍ୟ, ଖେଳନା, ଆସବାବପତ୍ର, ଖାଇବା ତେଲ, ଚମଡ଼ା ଦ୍ରବ୍ୟ, ରେଡ଼ିଓ ଓ ଟେଲିଭିଜନ୍ ତଥା ବିଦ୍ୟୁତ୍ ସରଞ୍ଜାମ ଆଦି କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଉତ୍ପାଦନ ହୋଇଥାଏ।
(ଖ)(i) ପାହାଡ଼ ଉପରିସ୍ଥ ଝରଣାରୁ ନିମ୍ନସ୍ଥ ଜାଗାରେ ମାଧ୍ୟାକର୍ଷଣ ଶକ୍ତି ସାହାଯ୍ୟରେ ବାଉଁଶନଳା ସାହାଯ୍ୟରେ ଜଳ ପହଞ୍ଚିଥାଏ। ବାଉଁଶ ନଳାରେ ନିର୍ମିତ ନାଳୀ ଦ୍ୱାରା ଜଳ କୃଷିକ୍ଷେତ୍ରରେ ବିଭିନ୍ନ ଭାଗକୁ ନଳା ବିଛାଯାଇ ପାଣି ମଡ଼ାଯାଏ।
(ii) ଜଳ ସ୍ରୋତର ଗତି ଓ ଦିଗ ବାଉଁଶ ନଳାକୁ ବିଭିନ୍ନ ଜାଗାରେ ଯୋଡ଼ାଯାଇ ନିୟନ୍ତ୍ରଣ କରାଯାଏ।
(iii) ଯଦି ପାଇପ୍‌ଗୁଡ଼ିକ ରାସ୍ତା ପାରି ହେବାର ଥାଏ ତେବେ ସେଗୁଡ଼ିକ ରାସ୍ତାର ବହୁ ଉଚ୍ଚରେ ନିଆଯାଇଥାଏ।
(iv) ପ୍ରାୟ ୧୮ ରୁ ୨୦ ଲିଟର ପାଣି ବାଉଁଶ ନଳା ସାହାଯ୍ୟରେ ଶହ ଶହ ମିଟର ଦୂର ଗତି କଲାପରେ ଗଛ ମୂଳରେ ପ୍ରତି ମିନିଟ୍‌ରେ ୨୦ ରୁ ୮୦ ବୁନ୍ଦା ହିସାବରେ ପଡ଼େ।
କିମ୍ବା,
(i) ଭାରତରେ ଖରିଫ୍ ଫସଲ ମୌସୁମୀ ବାୟୁ ଆଗମନ ସହିତ ଜୁନ୍ ଓ ଜୁଲାଇ ମାସରେ ଆରମ୍ଭ ହୋଇ ଶୀତଋତୁ ପୂର୍ବ ଅକ୍ଟୋବର ଓ ନଭେମ୍ବର ପର୍ଯ୍ୟନ୍ତ ଚାଲିଥାଏ।
(ii) ଅଧିକ ଉତ୍ତାପ ଓ ଅଧିକ ବୃଷ୍ଟିପାତ ଆବଶ୍ୟକ କରୁଥିବା ଶସ୍ୟ ଏହି ଋତୁରେ ଚାଷ କରାଯାଏ।
(iii) ଧାନ, କପା, ଆଖୁ, ଝୋଟ, ମକା, ଜଡ଼ା ଆଦି ଖରିଫ୍ ଫସଲର ଅନ୍ତର୍ଗତ।
(iv) ଦେଶର ଅଧିକାଂଶ କୃଷିଭୂମି, ବନ୍ୟାପ୍ଳାବିତ ଅଞ୍ଚଳ, ସମତଳ ଭୂମି ଓ ଜଳସେଚିତ ଅଞ୍ଚଳରେ ଖରିଫ୍ ଚାଷ କରାଯାଇଥାଏ।

2. (କ)(i) ଜନବସତି ସ୍ଥାପନ ଓ ନଗରୀକରଣ ଯୋଗୁଁ ଭୂମିର ଆବଶ୍ୟକତା ବୃଦ୍ଧି ପାଉଛି।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...



କୃତଜ୍ଞତା ଗୁଣକ ଋଣକୁ ଶୁଝିବା, ଶକ୍ତିର ବାହାରେ ବୋଲି ଉଦାରମନା ଲୋକ ହିଁ ଧରି ନେଇଥାଏ।
-ଫ୍ରାଙ୍କ୍ଲିନ୍



## ସଂକ୍ଷେପରେ

### ସଡ଼କ ସୁରକ୍ଷା ପାଇଁ ଶୋଭାଯାତ୍ରା

ସେମିଳିଗୁଡ଼ା,୧୭।୧(ସ୍ୱ.ପ୍ର.): ବେହେରାଗୁଡ଼ାସ୍ଥିତ ଦେଓମାଳି ପବ୍ଲିକ ସ୍କୁଲ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଦାମନଯୋଡ଼ି ଛକ ନିକଟରୁ ସଡ଼କ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଦେଓମାଳି ପବ୍ଲିକ ସ୍କୁଲର ଅଧକ୍ଷ ଜୟଚନ୍ଦ୍ର ଖେମୁଣ୍ଡୁ, ସମ୍ପାଦକ ରାଜେନ୍ଦ୍ର ପାତ୍ର, ସେମିଳିଗୁଡ଼ା ଥାନା ଅଧିକାରୀ ଧୀରେନ ବେହେରା, ଏସ୍ଆଇ ଅନିତା ନାୟକ ଯୋଗ ଦେଇଥିଲେ। ସ୍କୁଲର ଛାତ୍ରୀଛାତ୍ର ପ୍ଲାକାର୍ଡ଼ ଧରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ଉପରେ ସଚେତନ କରିଥିଲେ। ଏହି ଶୋଭାଯାତ୍ରା ୨୬ ନମ୍ବର ଜାତୀୟ ରାଜପଥର ଦାମନଯୋଡ଼ି ଛକ ନିକଟରୁ ଆରମ୍ଭ ହୋଇ ସେମିଳିଗୁଡ଼ା ଟ୍ରାଫିକ ଛକ ପାଖରେ ଶେଷ ହୋଇଥିଲା।

### ଉତ୍କଳ ସାଂସ୍କୃତିକ ପରିଷଦର ମକର ମିଳନ

ସୁନାବେଡ଼ା,୧୭।୧: ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ମକର ମିଳନ କାର୍ଯ୍ୟକ୍ରମ ସହ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ପରିଷଦ ସଭାପତି ପ୍ରେମାନନ୍ଦ ମାଇତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଲ୍‌ର ଅତିରିକ୍ତ ମହାପ୍ରବନ୍ଧକ ନିରୋଦ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସୁନାବେଡ଼ା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷା ଡ. ବିଦ୍ୟୁତପ୍ରଭା ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀର ମୋହନଙ୍କ ଜୀବନୀ, ଓଡ଼ିଆ ଭାଷା ଓ ସାହିତ୍ୟକୁ ତାଙ୍କର ଅବଦାନ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଅଧାପକ ଦିଗନ୍ତ ଜେନା, ଶାନ୍ତନୁ ନାୟକ ବ୍ୟାସକବିଙ୍କ ରଚନା ଶୈଳୀ ଆଲୋଚନା କରିଥିଲେ। ପରିଷଦର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପାତ୍ର, ସୁଦାମ ବିଷୋୟୀ, ଶେଖ ଇବ୍ରାହିମ ଫକୀର ମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ଅବସରରେ ବୈକୁଣ୍ଠନାଥ ଓଝାଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ନିବେଦିତା ହରିଚନ୍ଦନ, ସ୍ମୃତିରେଖା ମହାନ୍ତି, ସ୍ୱର୍ଣ୍ଣପ୍ରଭା ରାଉଳ, ଉଷାରାଣୀ ଦାସ, ଡ. ବିଦ୍ୟୁତପ୍ରଭା ରଥ, ନୀଳକଣ୍ଠ ଡଲିଆ, ମାନଗୋବିନ୍ଦ ଦାସ, ମାନସ ଦାସ, ଅଚ୍ୟୁତାନନ୍ଦ ବିଷୋୟୀ କବିତା ପାଠ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ନକୁଳ ପ୍ରିୟ ଜେନା ସ୍ୱାଗତ ଭାଷଣ ଓ ଆନନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

### ସିଡିଏମ୍‌ଓଙ୍କ ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଦାମନଯୋଡ଼ି,୧୭।୧(ଡି.ଏନ୍.ଏ.): କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମକରନ୍ଦ ବେଉରା ଶୁକ୍ରବାର ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଡା. ବେଉରା ସ୍ୱାସ୍ଥ୍ୟକେନ୍ଦ୍ରର ବହିଃ ଚିକିତ୍ସା ବିଭାଗ, ଅନ୍ତଃ ଚିକିତ୍ସା ବିଭାଗ (ଇନ୍‌ଡୋର), ଔଷଧ ଗୋଦାମ, ନିରାମୟ ଔଷଧ ବିତରଣ କେନ୍ଦ୍ର, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା ଆଦି ବୁଲି ଦେଖିଥିଲେ। ଚିକିତ୍ସିତ ହେଉଥବା ରୋଗୀଙ୍କ ସହ ଆଲୋଚନା କରି ଭଲମନ୍ଦ ବୁଝିଥିଲେ। ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରି ରୋଗୀଙ୍କ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଜିଲାମୁଖ୍ୟ ଚିକିତ୍ସାଧିକାରୀଙ୍କ ପରିଦର୍ଶନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ, ଭାରପ୍ରାପ୍ତ ପିଏଚ୍‌ଇଓ ମକର ଜାନି, ବିପିଏମ୍ ନୂତନ ସିଂଙ୍କ ସହ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ବୁଲି ଦେଖିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ମଧ୍ୟ ଅନୁଧ୍ୟାନ କରିଥିଲେ।

# ତେଜିଲା ବିଦ୍ୟାଳୟ-ମନ୍ଦିର କମିଟି ବିବାଦ

## ■ ଉପଜିଲାପାଳଙ୍କୁ ଫେରାଦ ହେଲେ ଅଭିଭାବକ, ଦିଆଗଲା ଦାବିପତ୍ର

ଜୟପୁର,୧୭।୧(ଡି.ଏନ୍.ଏ./ନି.ପ୍ର.)

ଜୟପୁର ୧୬ ନମ୍ବର ୱାର୍ଡର ଜମିକୁ ନେଇ ପୁରୁଣାଗଡ଼ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ଏବଂ ମନ୍ଦିର କମିଟି ମଧ୍ୟରେ ଗତ ଶନିବାର ମୁହାଁମୁହିଁ ପରିସ୍ଥିତ ହୋଇଛି। ଏନେଇ ବିଦ୍ୟାଳୟ କମିଟି, ଅଭିଭାବକ, ପୁରୁଣାଗଡ଼, ସୁକିଆଗୁଡ଼ା, କେନାଲଖଣ୍ଡି, ଗୁରୁଲୁଗୁଡାର ଶତାଧିକ ବାସିନ୍ଦା ମିଳିତ ଭାବେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଫେରାଦ ହୋଇଛନ୍ତି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ରାଜେନ୍ଦ୍ର ଖରାଙ୍କୁ ଏନେଇ ଦାବିପତ୍ର ଦିଆଯାଇଛି।



ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକମାନେ।

ବିଦ୍ୟାଳୟରେ ନୂତନ ଭାବେ ଦୁଇଟି ଶ୍ରେଣୀକକ୍ଷ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିଲା। କିନ୍ତୁ ବିଦ୍ୟାଳୟ ପରିସରରେ ଥିବା ହନୁମାନ ମନ୍ଦିର କମିଟି ଏହି ନିର୍ମାଣକୁ ବିରୋଧ କରିଥିଲା। ଏହାକୁ ନେଇ ଉଭୟ କମିଟି ଭିତରେ ବିବାଦ ତେଜିବା ପରେ ଏହାର ସମାଧାନ ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅଭିଭାବକମାନେ ପ୍ରଶାସନ ପାଖରେ ଫେରାଦ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ପରଜା, ସଂପାଦିକା ପ୍ରମିଳା ପ୍ରଧାନ କହିଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୧୧୮ ଜଣ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୩ଟି ଶ୍ରେଣୀ କକ୍ଷ ରହିଛି। ତେଣୁ ଆଉ ଦୁଇଟି ଶ୍ରେଣୀକକ୍ଷ ପାଇଁ ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା ମନ୍ଦିର ପରିଚାଳନା କମିଟିର ବିରୋଧ ଯୋଗୁ ନିର୍ମାଣ କାମ ହୋଇପାରୁ ନାହିଁ। ସେମାନେ ବିଦ୍ୟାଳୟକୁ ଏଠାରୁ ଉଠାଇ ଅନ୍ୟ କୌଣସି ସରକାରୀ ଜମିରେ ନିର୍ମାଣ କରିବାକୁ ଦାବି କରିଛନ୍ତି। ୧୯୭୨ରେ ଏଠାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୧୯୮୮ରେ ନୂତନ ଶ୍ରେଣୀକକ୍ଷ ତିଆରି ହୋଇଥିଲା। କିନ୍ତୁ ମନ୍ଦିର ୨୦୦୩ରେ ନିର୍ମାଣ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ କହିଛନ୍ତି। କିନ୍ତୁ ମନ୍ଦିର କମିଟି କହିଛି, ଏଠାରେ ବହୁବର୍ଷ ପୂର୍ବରୁ ପୁରୁଣାଗଡ଼ ଅଞ୍ଚଳର ଆଖଡ଼ାଶାଳା ଥିବା ସହ ହନୁମାନଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଥିଲା। ପରେ ମନ୍ଦିର ତିଆରି ହୋଇଥିଲା। ଆଖଡାଶାଳା ପକ୍ଷରୁ ହିଁ ବିଦ୍ୟାଳୟ ପାଇଁ ଗୃହ ଦିଆଯାଇଥିଲା।

# ଚକୋଲେଟ୍ ଦେଇ ସଚେତନ କଲା ପୋଲିସ

ଦଶମନ୍ତପୁର,୧୭।୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ପୋଲିସ ପକ୍ଷରୁ ଶୁକ୍ରବାର ୩୧ତମ ଜାତୀୟ ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଛି। ଥାନା ଅଧିକାରୀ ଖିରେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଥାନାରୁ ବାହାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛକରୁ ପ୍ରତ୍ୟେକ ସାହି ଓ ସାପ୍ତାହିକ ଶୁକ୍ରବାର ହାଟ ପରିକ୍ରମା କରିଛି। ନିଶାମୁକ୍ତ ଗାଡ଼ି ଚାଳନା, ମୋବାଇଲ ବ୍ୟବହାର ନ କରିବା, ଗାଡ଼ି ଛାତ କିମ୍ବା ମାଲବୁହା ଗାଡ଼ିର ଛାତ ଉପରେ ଯାତ୍ରୀ ନ ବସିବା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ଦୁଇଚକିଆ ଗାଡ଼ି ଚାଳନା ବେଳେ ହେଲମେଟ୍ ବ୍ୟବହାର, ୪ ଚକିଆ ଗାଡ଼ି ଚାଳନା ବେଳେ ସିଟ୍ ବେଲ୍ଟ ବ୍ୟବହାର ପାଇଁ ସଚେତନ କରାଯାଇଥିଲା। ସଡ଼କ ସୁରକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇବା ସହ ସେମାନଙ୍କୁ ବିସ୍କୁଟ, ମିକ୍ସଚର, ଚକୋଲେଟ୍ ଦେଇଥିଲେ ଥାନା ଅଧିକାରୀ ସାହୁ ଓ ବାବୁଲା ପ୍ରଧାନ।

# ଚନ୍ଦନ କାଠ ଜବତ, ଜଣେ ଗିରଫ

ସୁନାବେଡ଼ା,୧୭।୧

ଚନ୍ଦନ କାଠ ଚୋରି ଘଟଣାରେ ସୁନାବେଡ଼ା ଡିପି କ୍ୟାମ୍ପର ସପନ ଚକ୍ରବର୍ତ୍ତୀଙ୍କୁ ସୁନାବେଡ଼ା ପୋଲିସ ଶୁକ୍ରବାର ଗିରଫ କରିଛି। ତାଙ୍କ ନିକଟରୁ ୪୮ କେଜି ଓଜନର ଚନ୍ଦନ କାଠ ଜବତ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ହାଲ୍ ପରିସରରୁ ଏକ ଚନ୍ଦନ ଗଛ ଚୋରି ହୋଇଥିବା ନେଇ ସିକ୍ୟୁରିଟି ଅଫିସର ରାଜୀବ ରଞ୍ଜନ ସୁନାବେଡ଼ା ଥାନାରେ ଏତଲା ଦେଇଥିଲେ। ଗୁରୁବାର କେସ୍ ନଂ ୧୬/୧ରେ ମାମଲା ରୁଜୁ ହୋଇ ଥାନା ଅଧିକରୀ ସୁମିତ୍ରା ଜେନାଙ୍କ ନେତୃତ୍ୱରେ ଘଟଣାର ତଦନ୍ତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସପନ ଚକ୍ରବର୍ତ୍ତୀ ଶୁକ୍ରବାର ସ୍କୁଟିରେ ଚନ୍ଦନ କାଠ ବିକିବା ପାଇଁ କୋରାପୁଟ ଯାଉଥିବା ବେଳେ ତାଙ୍କୁ ସୁନାବେଡ଼ା ପୋଲିସ ଗିରଫ କରିବା ସହ ଘଟଣାସ୍ଥଳରୁ ୧୨ କେଜି ଚନ୍ଦନ କାଠ ଜବତ କରିଥିଲା। ପରେ ଅଭିଯୁକ୍ତଙ୍କ ବାସଭବନରେ ଚଢ଼ାଉ କରି ଆଉ ୩୬ କେଜି ଚନ୍ଦନ କାଠ ଜବତ କରାଯାଇଥିଲା।



ଜବତ ଚନ୍ଦନ କାଠ ସହ ଗିରଫ ଅଭିଯୁକ୍ତ।

# ସାଙ୍ଗଠନିକ ବୈଠକ: ଖଣି ଲିଜ ବାତିଲ ଦାବି

ପଟ୍ଟାଙ୍ଗି,୧୭।୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ପରଜା ସିପାଇପୁଟ ଗ୍ରାମରେ ସେତୁବନ୍ଧ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ସାଙ୍ଗଠନିକ ବୈଠକରେ ବକ୍ସାଇଟ ପାହାଡ଼ ଲିଜ ବାତିଲ କରିବା ପାଇଁ ଦାବି ହୋଇଛି। ଲୋକଶକ୍ତି ମଞ୍ଚର ପ୍ରଫୁଲ୍ଲ ସାମନ୍ତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଲିଜ୍ ବାତିଲ ନ ହେଲେ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକର ୬ଟି ପଞ୍ଚାୟତବାସୀ ଆନ୍ଦୋଳନ କରିବେ। ଅନ୍ୟତମ ଅତିଥି ପୋଲାଭରମ ପ୍ରକଳ୍ପ ବିସ୍ଥାପିତ ସଂଘର ପ୍ରଭାକର ହନ୍ତାଳ, ମାନବାଧିକାର କର୍ମୀ ସମ୍ବିତ ପଟ୍ଟନାୟକ, କୋଡିଙ୍ଗାମାଳି ପର୍ବତ ସୁରକ୍ଷା ସମିତିର କାହ୍ନୁ କନ୍ଧପାନ ଯୋଗ ଦେଇଥିଲେ। ରାଜ୍ୟ ସରକାର ଏଯାବତ୍ ଜଙ୍ଗଲ ଜମି ଅଧିକାର ଆଇନ ପ୍ରଣୟନ ନ କରିବା, ଗତ ୧୭ ତାରିଖରେ ପଟ୍ଟାଙ୍ଗିରେ ଆଞ୍ଚଳିକ କାର୍ଯ୍ୟାଳୟ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ହୋଇଥିବା ଜନ ଶୁଣାଣିର ରିପୋର୍ଟକୁ ଠିକ ଭାବେ ପ୍ରସ୍ତୁତ କରା ନ ଯିବା ଉପରେ ପ୍ରଶ୍ନ ଉଠାଇଥିଲେ ଅତିଥି। ବିଭିନ୍ନ ଶିଳ୍ପର ବିସ୍ଥାପିତଙ୍କୁ କି ପ୍ରକାର ଥଇଥାନ କରାଯାଇଛି ବୋଲି ବୈଠକରେ ପ୍ରଶ୍ନ ଉଠିଥିଲା। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲା ଜନ ଜାଗରଣ ମଞ୍ଚର ଦାସି ନନ୍ଦିବାଲି, ପୂର୍ଣ୍ଣଚନ୍ଦ୍ର ଜାନି, ସେତୁବନ୍ଧ ସୁରକ୍ଷା ସମିତି ସଭାପତି ରବି ଖରା, ଉପସଭାପତି ସାଦୁ ଗୁଣ୍ଠା, ମୁରଲି ଗୁଣ୍ଠା, ବଳରାମ ଚପଡି, ଜଗନ୍ନାଥ ଜାନୀ, ସମ୍ପାଦକ ଭଗବାନ ଗୋଲରୀ, ଉପଦେଷ୍ଟା ବୈଦ୍ୟନାଥ ଗେମେଲ ଉପସ୍ଥିତ ଥିଲେ।

# ବାରିକ ସଂଘ ପକ୍ଷରୁ ପୋଙ୍ଗଲ କ୍ରିକେଟ୍

ଚାନ୍ଦିଲି(କୋଟପାଡ଼), ୧୭।୧(ଡି.ଏନ୍.ଏ.)

ମକର ସଂକ୍ରାନ୍ତି ଅବସରରେ କୋଟପାଡ଼ ବାରିକ ସଂଘ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ରାଲକୋ ଟାୟାର କମ୍ପାନୀ ପକ୍ଷରୁ ଆୟୋଜିତ କ୍ରିକେଟ ମ୍ୟାଚକୁ କମ୍ପାନୀର ସେଲସ ଏକଜିକ୍ୟୁଟିଭ ଉଦ୍‌ଘାଟନ କରିଥିବା ବେଳେ ବାରିକ ସଂଘ ଆଇନ ଉପଦେଷ୍ଟା ବାବୁଲି ନାୟକ, ଉପଦେଷ୍ଟା କେ. ରାମୁରାଓ, ସଭାପତି କେ. ମୁରଲି, ରାଲକୋ ବିତରକ କୃଷ୍ଣଚନ୍ଦ୍ର ମିଶ୍ର, ଗୌତମ ମେମୋରିଆଲ ଟ୍ରଷ୍ଟ ସଦସ୍ୟ ପ୍ରତାପ ସାହୁ ଉପସ୍ଥିତ ଥିଲେ। ବାରିକ ସଂଘ ପକ୍ଷରୁ ଆୟୋଜିତ ମ୍ୟାଚର ବିଜୟୀ ଦଳକୁ ଟ୍ରଫି ସହ ନଗଦ ରାଶି ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ଶ୍ରେଷ୍ଠ ବୋଲରଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର କୋଷାଧ୍ୟକ୍ଷ କିଶୋର କୁମାର, ପି. ବାସା, କେ. ହରେସ, କେ. ପ୍ରସାଦ, ପି. ଆପନ୍ନା, କେ. ସୁରେଶ, ଦୀନବନ୍ଧୁ ବେହେରା, କେ. ଶ୍ରୀନିବାସ ରାଓ ଆୟୋଜିତ ମ୍ୟାଚରେ ଅଂଶଗ୍ରହଣ କରିଥିଲେ।

# କୋରାପୁଟ ବୁଲିଲେ ୧୭ ଆଇଏଏସ୍ ଅଧିକାରୀ

ପଟ୍ଟାଙ୍ଗି,୧୭।୧(ଡି.ଏନ୍.ଏ.)

ଦିଲ୍ଲୀରୁ ୧୭ ଜଣ ଆଇଏଏସ୍ କୋରାପୁଟ ଜିଲାକୁ ତିନିଦିନିଆ ଗସ୍ତରେ ଆସି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଛନ୍ତି। ଏଠାକାର ଆଦିବାସୀଙ୍କ ଉପରେ ଗବେଷଣା କରିବା ସହ ଜିଲାର ବିଭିନ୍ନ ସମ୍ପ୍ରଦାୟର ଜୀବିକା, ଚାଲିଚଳଣୀ ଅନୁଧ୍ୟାନ କରିଛନ୍ତି। ଶନିବାର ସେମାନେ ପଟ୍ଟାଙ୍ଗି ବ୍ଲକରେ ଥିବା ରାଜ୍ୟର ଉଚ୍ଚତମ ପର୍ବତ ଦେଓମାଳି, ଡୁଡୁମା ଜଳପ୍ରପାତ ବୁଲିବା ସହ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପହଞ୍ଚି ବ୍ୟବସ୍ଥା ତଦାରଖ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ ଦିଲ୍ଲୀର ଏହି ଆଇଏଏସ୍ ଅଧିକାରୀମାନେ ଯୋଗଦେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ। ସେମାନଙ୍କ ଗସ୍ତ ସମୟରେ ଆଇଟିଡିଏ ପିଏ କାରୁ ସୋରେନ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ ପ୍ରତିନିଧି ଭାବେ ଉପସ୍ଥିତ ଥିଲେ। ପଟ୍ଟାଙ୍ଗି କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଆଇଏଏସ୍ ଅଧିକାରୀଙ୍କୁ ଦେଓମାଳି ଗସ୍ତରେ ସହଯୋଗ କରିଥିଲେ।

# କୋରାପୁଟ ଜିଲାରେ ଲାଗିବ ୧୮୯ ସିସିଟିଭି

କୋରାପୁଟ,୧୭।୧(ସ୍ୱ.ପ୍ର.)

କୋରାପୁଟ ଜିଲାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ ପାଇଁ ୨୬ ତାରିଖ ମଧ୍ୟରେ ୧୮୯ଟି ସିସିଟିଭି କ୍ୟାମେରା ଲଗାଯିବ ବୋଲି ଗୁରୁବାର କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋ ସୂଚନା ଦେଇଛନ୍ତି। ସେଥିମଧ୍ୟରୁ ଜିଲାର ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳରେ ୬୨ଟି କ୍ୟାମେରା ଲଗାଯିବାକୁ ଥିବାବେଳେ ଜୟପୁର ଅଞ୍ଚଳରେ ୯୨ଟି, କୋଟପାଡ଼ ଅଞ୍ଚଳରେ ୩୫ଟି କ୍ୟାମେରା, ଏହିପରି ସମୁଦାୟ ୧୮୯ଟି ସିସିଟିଭି ଲଗାଯିବ। ପୂର୍ବରୁ କୋରାପୁଟ ସହରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ୨୬ ତାରିଖ ମଧ୍ୟରେ ଉପରୋକ୍ତ ସମସ୍ତ ସ୍ଥାନରେ ସିସିଟିଭି ଖଞ୍ଜାଯିବ। ଜିଲାରେ ଦିନକୁ ଦିନ ବିଭିନ୍ନ ଅପରାଧ ବଢୁଥିବାରୁ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଜିଲାର ସହରାଞ୍ଚଳ ଓ ପ୍ରମୁଖ ଛକରେ ଟ୍ରାଫିକ ନିୟନ୍ତ୍ରଣରେ ମଧ କାମରେ ଆସିବ।

# କାର୍ ସହ ୧ କୁଇଣ୍ଟାଲ ଗଞ୍ଜେଇ ଜବତ



ଜବତ କାର୍, ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

ବୈପାରୀଗୁଡ଼ା,୧୭।୧(ଡି.ଏନ୍.ଏ.)

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୈପାରୀଗୁଡ଼ା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ମାଝିଗୁଡ଼ା ପଞ୍ଚାୟତ ଝଡ଼ିଆଗୁଡ଼ା ଗ୍ରାମର ରୋମିଓ କନ୍ଧପାନ ଓ ଉପେନ୍ଦ୍ର କନ୍ଧପାନ। ସେମାନେ ଏକ କାର୍ (ଜେଏଚ୍୧୦ ଏପି ୩୪୩୩)ରେ ଗଞ୍ଜେଇ ଭର୍ତ୍ତି କରି ଜୟପୁର ଅଭିମୁଖେ ଯାଉଥିବା ବେଳେ ପୋଲିସ୍ ହାତରେ ଧରାପଡ଼ିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ସ୍ଥାନୀୟ ତହସିଲଦାର ସଞ୍ଜୀବ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇ ଜବତ କରାଯାଇଥିଲା।

# ଭଲିବଲ୍ ଟୁର୍ନାମେଣ୍ଟ

କୋରାପୁଟ,୧୭।୧(ସ୍ୱ.ପ୍ର.)

ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରିପୁଟସ୍ଥିତ ଶହୀଦ ବୀର ସୁରେନ୍ଦ୍ର ସାଏ ପାଠାଗାର ଦ୍ୱାରା ରାତ୍ରକାଳୀନ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମର ୩୦ଟି ଦଳ ଭାଗ ନେଇଥିଲେ। ବୁଧବାର ରାତିରେ ସ୍ଥାନୀୟ ସରପଞ୍ଚ କୁମାରୀ ଲକ୍ଷ୍ମୀ ହଞ୍ଜରିଆ, କ୍ରୀଡ଼ାବିତ୍ ରାମ ଖିଲ, ଯୁବନେତା ସୋନିଆ ହଞ୍ଜରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପାଠାଗାର ସଭାପତି ଏମ୍. ସୁରେଶ କୁମାର, ସମ୍ପାଦକ ଜଗଦୀଶ ଖୋସ୍ଲା, କୋଷାଧ୍ୟକ୍ଷ ତ୍ରିପତି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟକୁ ସହସମ୍ପାଦକ ବିଷ୍ଣୁ ଦାସ, ସଦସ୍ୟ ସୁକାନ୍ତ ନାୟକ, ସୂର୍ଯ୍ୟନାରାୟଣ ସାହୁ, ମଧୁସୂଦନ ଖେମୁଣ୍ଡୁ, ସନ୍ତୋଷ ଶତପଥୀ, ସୁରଜିତ ବାଘ, ସନ୍ତୋଷ ଦାସ, ଧର୍ମେନ୍ଦ୍ର ବେହେରା, ଜିତେନ୍ଦ୍ର ସାହୁ, ସୁଶାନ୍ତ ଶେଖର ପାଣିଗ୍ରାହୀ, ଅରୁଣ ପାଳ, ଅକ୍ଷୟ ମହାନ୍ତି, ଅଜୟ ଖରା, ମନୋଜ କୁମାର ଉପସ୍ଥିତ ଥିଲେ

## ■ ବଣ କୁକୁଡ଼ା ଧରିବାକୁ ଯାଇ ଯୁବକ ନିଖୋଜ ହେବା ଘଟଣା

# ୭ ଦିନ ପରେ ମିଳିଲା ଗଳିତ ମୃତଦେହ

ବୈପାରୀଗୁଡ଼ା,୧୭।୧(ଡି.ଏନ୍.ଏ.)

ଗତ ରବିବାରଠାରୁ ବଣ କୁକୁଡ଼ା ଧରିବାକୁ ଜଙ୍ଗଲକୁ ଯାଇ ନିଖୋଜ ଥିବା ଯୁବକଙ୍କ ଗଳିତ ମୃତଦେହ ଶୁକ୍ରବାର କୁଟୁନି ପାବଲି ନିକଟସ୍ଥ ଜଙ୍ଗଲରେ ଥିବା ଏକ ଝୋଲା (ଝରଣା)ରୁ ଉଦ୍ଧାର କରାଯାଇଛି। ଶରୀରର ବିଭିନ୍ନ ଅଂଶ ସ୍ଥାନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। ଘଟଣା ଚପାଇଦେବାକୁ ଦୁର୍ବୃତ୍ତମାନେ ମୃତଦେହରେ ପଥର ରଖି ପାଣିରେ ପକାଇ ଦେଇଥିଲେ।

ପ୍ରକାଶ ଯେ ଗତ ରବିବାର ପାହାନ୍ତାରେ ଜଙ୍ଗଲଯୋଡ଼ି ଗ୍ରାମର କୁମୁଟି ଗୋଲରୀଙ୍କ ପୁଅ ଲାଛିଆ ଗୋଲରୀ (୩୦) ଘରୁ ଏକ ପୋଷା କୁକୁଡ଼ା ନେଇ ତାହା ଜରିଆରେ ବଣରୁ କୁକୁଡ଼ା ଧରିବା ପାଇଁ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ଗତ ବୁଧବାର ସକାଳେ କଡକିକୁଣ୍ଡଠାରେ ୧୧ କେଭି ତାରରୁ ହୁକ୍ ପକାଯାଇ କିଛି ବାଇଡିଂ ୱେୟାର ତଳେ ବିଛାଯାଇଥିବା ଦେଖିଥିଲେ। ସେଠାରେ ଗୋଟିଏ ସ୍ଥାନରେ ତଳେ ଘାସ ପୋଡ଼ିଯାଇଥିବା ବେଳେ କିଛି ଦୂରରେ ଲାଛିଆ ଘରୁ ନେଇଥିବା ପୋଷା କୁକୁଡାକୁ ଜୀବନ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କେହି ବାରହା ଶିକାର କରିବା ପାଇଁ ଉକ୍ତ ବିଦ୍ୟୁତ ତାର ବିଛାଇଥିବା ଜାଗାରେ ଲାଛିଆ ଫସି ଜୀବନ ଯାଇଥିବା ସନ୍ଦେହ ହୋଇଥିଲା। ମୃତଦେହ ନ ମିଳିବାରୁ ଲାଛିଆଙ୍କ ପିତା ରାମଗିରି ଫାଣ୍ଡିରେ ଏତଲା ଦେଇଥିଲେ। ଶନିବାର ମୃତଦେହ ମିଳିବା ପରେ ସନ୍ଧ୍ୟା ହୋଇଯିବାରୁ ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି। କେତେ ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖାଯାଇ ପଚରାଉଚୁରା ଚାଲିଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।

(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**

(i) ଗାଈ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।

(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।

(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।

(ii) ଏହା ଏକ ଲାଲ ମୃତ୍ତିକା।

(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**

(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।

(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।

(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ - ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।

(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।

**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।

(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**

(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।

(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B)(i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।

(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**

(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।

(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

**3.** (a)(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।

(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।

(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

**4.** (a)(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।

(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**

(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।

(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

□□□

## ସଂକ୍ଷେପରେ

### ଅଳିଆ ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

**ଝରିଗାଁ, ୧୭।୧(ସ୍ୱ.ପ୍ର.)**-ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ବର୍ଜବସ୍ତୁ ଧରି ଉମରକୋଟ ଅଭିମୁଖେ ଯାଉଥିବା ଏକ ଗାଡି (ଓଡି-୦୭ଭି-୬୫୪୦) ଘଲଘଲିଆ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ଜଗଦିଶ ବେନିଆ ଆହତ ହୋଇଛନ୍ତି। ପ୍ରକାଶ ଯେ, ଘଲଘଲିଆ ଛକ ନିକଟରେ ଏକ ବାଇକ୍ ଅଳିଆ ବୋଝେଇ ଗାଡି ଆଡ଼କୁ ଦ୍ରୁତଗତିରେ ମାଡ଼ି ଆସୁଥିଲା। ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଜଗଦିଶଙ୍କ ଗାଡ଼ି ରାସ୍ତା କଡରେ ଥିବା ଏକ ଗଛରେ ପିଟି ହୋଇଥିଲା। ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ଜଗଦିଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରୁ ତାଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ବାଇକ ଚାଳକ ଫେରାର ଅଛନ୍ତି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରିଛି।

### ୨ ନିଶାଶକ୍ତ ବାଇକ୍ ଚାଳକ କୋର୍ଟ ଚାଲାଣ

**ପାଟପୁର,୧୭।୧:** ପାଟପୁର ପୋଲିସ ଶୁକ୍ରବାର ୨ ନିଶାସକ୍ତ ବାଇକ ଚାଳକଙ୍କୁ ମାମଲା ନଂ .୮/୨୦ ମୋଟର ଆଇନର ଦଫା ୧୮୫ ଅନୁଯାୟୀ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶେରଗଡ଼ ଥାନା ଶେରଗଡ଼ ଗ୍ରାମର ବିପ୍ର ଚରଣ ସାହୁ ଓ ହିଞ୍ଜିଳି ଥାନା ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ଟିଙ୍କିରି ଜେନା। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥପୁର ନିକଟରେ ପୋଲିସ ଯାନବାହନ ଯାଞ୍ଚ କରୁଥିବା ବେଳେ ନିଶାସକ୍ତ ଅବସ୍ଥାରେ ବିପ୍ର ଓ ଟିଙ୍କିରି ବାଇକ ଚଳାଉଥିବା ଜଣାପଡିଥିଲା। ବ୍ରେଥ ଆନାଲାଇଜର ମେଶିନ ଦ୍ୱାରା ପୋଲିସ ସେମାନଙ୍କୁ ପରୀକ୍ଷା କରିବା ପରେ ଗିରଫ କରିଥିଲା।

# ଯୁବ ମହୋତ୍ସବରେ ଚମକିଲେ ଆଦିବାସୀ ଛାତ୍ରୀ

**କୋଡିଙ୍ଗା,୧୭।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ସରକାରୀ ଏସ୍ଏସ୍ଡି ହାଇସ୍କୁଲର ଛାତ୍ରୀମାନେ ଓଡ଼ିଶା ଏବଂ ନବରଙ୍ଗପୁର ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି । ଗୁରୁବାର ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ୨୩ତମ ରାଷ୍ଟ୍ରୀୟ ଯୁବ ମହୋତ୍ସବରେ ଛାତ୍ରୀମାନେ ସେମାନଙ୍କ ସହଯୋଗୀଙ୍କ ସହ ଢେମ୍ସା ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ୧.୫ଲକ୍ଷ ଟଙ୍କା ସହ ଟ୍ରଫି ଓ ମାନପତ୍ର ମିଳିଛି। କୋଡିଙ୍ଗା ସରକାରୀ ଏସ୍ଏସ୍ଡି ହାଇସ୍କୁଲର ପ୍ରଧାନଶିକ୍ଷକ ପଙ୍କଜ ଚୌଧୁରୀ ନବରଙ୍ଗପୁର ଢେମ୍ସା ନୃତ୍ୟକୁ ରାଷ୍ଟ୍ରୀୟସ୍ତରରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଥିଲେ। ଏହା ତାହାର ଫଳ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। କୋଡିଙ୍ଗା ହାଇସ୍କୁଲର ମୁକ୍ତାଗଣ୍ଡ, ଜ୍ୟୋସ୍ନା ମାଝି, ରଞ୍ଜିତା ରନ୍ଧାରୀ, ମହେଶ୍ୱରୀ ଭତ୍ରା, ଚମ୍ପାବତୀ ଭତ୍ରା, ତିଳୋତ୍ତମା ଭତ୍ରା, ସୁଶିଳା ସାନ୍ତା, ଜାମୁ ପୂଜାରୀ, ରେବତୀ ଜାନୀ, ସସ୍ମିତା ରାଉତ, ସାଗର ବିଷୋୟୀ, ଶଙ୍କର କୁମାର ନାଏକ, ଶ୍ରୀତମ ସାମନ୍ତରାୟ, ରୁବେନ୍ଦ୍ର ସମରଥ, ଧନସାଇ ହରିଜନ, ନକୁଳ ଧଳିଆ, ଚୈତନ ଭତ୍ରା, ତପନ ଦାସ ଭାଗ ନେଇଥିଲେ। ପ୍ରକାଶ ଯେ, ଏହି ରାଷ୍ଟ୍ରୀୟ ଯୁବ ମହୋତ୍ସବରେ ବିଭିନ୍ନ ରାଜ୍ୟର ପ୍ରତିଯୋଗୀ ସାମିଲ ହୋଇଥିଲେ।

**ଢେମ୍ସା ପରିବେଷଣ କରି କୋଡିଙ୍ଗା ହାଇସ୍କୁଲ ପ୍ରଥମ**



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ସରକାରୀ ଯୋଜନାକୁ ଲୋକାଭିମୁଖୀ କରିବା ଲକ୍ଷ୍ୟ

**ନବରଙ୍ଗପୁର,୧୭।୧(ବି.ପ୍ର.)**

**ସମ୍ପର୍କ ରଥର ଶୁଭାରମ୍ଭ**

ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସମ୍ପର୍କ ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୁତାର ଓ ଡିଆର୍ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ୧୦ଟି ବ୍ଲକରେ ୪ଟି ସମ୍ପର୍କ ରଥର ବ୍ୟବସ୍ଥା କରାଯାଇଛି। ଏହି ରଥ ଗୁଡିକ ୧୦ ଦିନ ପର୍ଯ୍ୟନ୍ତ ଜିଲାର ପ୍ରତି ପଞ୍ଚାୟତକୁ ଯାଇ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ଲୋକାଭିମୁଖୀ କରିବ। କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଣାକାର ଠାକୁର, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସହାୟକ ଜିଲାପାଳ ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଜିଲାର ପ୍ରତି ପଞ୍ଚାୟତ ବୁଲି ସାରିବା ପରେ ୧୦ଟି ବ୍ଲକରେ ଏକ ସମ୍ପର୍କ ଶିବିର କରାଯିବ। ଏହା ଆଗାମୀ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଆଇଟିଡିଏ ସମେତ ଜିଲାର ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ସମ୍ପର୍କ ରଥର ଶୁଭାରମ୍ଭ କରୁଛନ୍ତି।

### ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ଯୁବକ ଗୁରୁତର

**ପାପଡାହାଣ୍ଡି, ୧୭।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଛାଲିପେଟା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଚନ୍ଦ୍ର ଭତ୍ତରା ନାମକ ଜଣେ ଯୁବକଙ୍କୁ କେହି ଦୁର୍ବୃତ୍ତଙ୍କ ଛୁରା ମାଡ଼ କରି ଫେରାର ହୋଇଯାଇଛନ୍ତି। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଚନ୍ଦ୍ରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ଚନ୍ଦ୍ର କୋଡ଼ିଙ୍ଗାରୁ କାମ ସାରି ନିଜ ବାଇକରେ ଛାଲିପେଟା ଫେରିବା ସମୟରେ ନିକଟସ୍ଥ ଜଙ୍ଗଲ ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଦୌଡ଼ି ଦୌଡ଼ି ସେ ଛାଲିପେଟା ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ପୋଲିସ ସେଠାରେ ପହଞ୍ଚିଛି। ଆକ୍ରମଣର କାରଣ ଏଯାଏ ସ୍ପଷ୍ଟ ହୋଇନି।

# ସଚେତନ କଲେ ଛାତ୍ରୀଛାତ୍ର, ପୋଲିସ

**ଜାତୀୟ ସଡ଼କ ସୁରକ୍ଷା ସପ୍ତାହ**



ନବରଙ୍ଗପୁରରେ ଏସ୍ପି ଓ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

**ନବରଙ୍ଗପୁର/ଚନ୍ଦାହାଣ୍ଡି/ରାଇଘର/ଉମରକୋଟ/ତେନ୍ତୁଳିଖୁଣ୍ଟି, ୧୭।୧(ବି.ପ୍ର./ଡି.ଏନ୍.ଏ.)**

ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଶେଷ ଦିନରେ ନବରଙ୍ଗପୁରର ବିଭିନ୍ନ ସ୍ଥାନରେ ପୋଲିସ, ସ୍କୁଲ କଲେଜଛାତ୍ରୀଛାତ୍ର, ଯୁବଗୋଷ୍ଠୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି। ବିଶେଷ କରି ହେଲ୍ମେଟ୍, ସିଟ୍ବେଲ୍ଟ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ମଦ ପିଇ ଗାଡ଼ି ନ ଚଳେଇବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଗାଡ଼ିର ସମସ୍ତ କାଗଜପତ୍ର ବୀମା, ଡ୍ରାଇଭିଂ ଲାଇସେନ୍ସ ସହ ଆବଶ୍ୟକ ସମସ୍ତ କାଗଜପତ୍ର ଠିକ୍ ରଖିବାକୁ କୁହାଯାଇଥିଲା।

ନବରଙ୍ଗପୁର ପୋଲିସ ପକ୍ଷରୁ ଏକ ଶୋଭାଯାତ୍ରା ସ୍ଥାନୀୟ ଚାଉଁଳିଆଗୁଡାରୁ ବାହାରି ଆଦର୍ଶ ଥାନା ପର୍ଯ୍ୟନ୍ତଯାଇଥିଲା। ଏସ୍ପି ନିତିନ କୁସଲକର ସବୁଜ ପତାକା ଦେଖାଇ ଏହାର ଶୁଭରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ସ୍ମାର୍ଟ ଗୁରୁକୁଳ କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିମାଣି ସାପ୍ତାହିକ ହାଟ ଏବଂ ଦଣ୍ଡାମୁଣ୍ଡାରେ ଚନ୍ଦାହାଣ୍ଡି ପୋଲିସ ଏବଂ ସ୍ଥାନୀୟ ଏସ୍ଏସ୍ଡି ହାଇସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା ଦେଇଥିଲେ।

ରାଇଘର ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ, ଶ୍ରୀ ମା' ଅରୋବିନ୍ଦ ସ୍କୁଲ ଛାତ୍ରୀଛାତ୍ର ଓ ପୋଲିସ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ହେଲ୍ମେଟ୍ ପିନ୍ଧିଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ। ଏସ୍ଡିପିଓ ହେମନ୍ତ କୁମାର ପାଢୀ ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରକୁ ସ୍ୱାଗତ କରିଥିଲେ। ଉମରକୋଟସ୍ଥିତ ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟ ପିଲାମାନେ ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ ଓ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦିଲୀପ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସାଇକେଲ ରାଲି କରାଯାଇଥିଲା।

ଖାତିଗୁଡ଼ା ପୋଲିସ ପକ୍ଷରୁ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା ବାହରିଥିଲା। ପ୍ରଧାନ ଶିକ୍ଷକ ସୁଧୀର କୁମାର ନେଗୀ, ରମେଶ ପଟ୍ଟନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖ ଏଥିରେ ଭାଗ ନେଇଥିଲେ।

# ଅସହାୟ ଅବସ୍ଥାରେ ମିଳିଲେ ୨ବର୍ଷ ତଳୁ ନିଖୋଜ ବ୍ୟକ୍ତି

**ନବରଙ୍ଗପୁର,୧୭।୧(ବି.ପ୍ର.)**

ପାପଡାହାଣ୍ଡି ବ୍ଲକ ମକିଆ ପଞ୍ଚାୟତ ଡେଙ୍ଗାଗୁଡା ଗାଁ ନିକଟ ଅଳିଆ ଗଦାରୁ ଖାଦ୍ୟ ସଂଗ୍ରହ କରି ଖାଉଥିବା ଜଣେ ଅସହାୟ ବ୍ୟକ୍ତିଙ୍କୁ ନବରଙ୍ଗପୁର ଚଙ୍କାହାଣ୍ଡି ଗାଁର ଦେବରାଜ ହରିଜନ ଉଦ୍ଧାର କରିଛନ୍ତି। ଦେବରାଜ ତାଙ୍କ ପରିଚୟ ମାଗିବାରୁ ସେ ନିଜ ଗାଁ ବାହାଲବନ୍ଦ ବୋଲି କହିଥିଲେ। ଗାଁଟି ବିହାରର ଭୋଜପୁରରେ ବୋଲି ଦେବରାଜ ଜାଣି ସେଠାକାର ଏସ୍ପିଙ୍କୁ ଯୋଗଯୋଗ କରିଥିଲେ। ଏସ୍ପିଙ୍କଠାରୁ ବାହାଲବନ୍ଦର ଗ୍ରାମରକ୍ଷୀଙ୍କ ନମ୍ବର ନେଇ ସେ ଦେବରାଜ ଯୋଗଯୋଗ କରିଥିଲେ। ଅସହାୟ ବ୍ୟକ୍ତି ଜଣଙ୍କର ନାମ ଜୟ ସରେନ ସିଂ (୫୦)। ତାଙ୍କ ଘର ଭୋଜପୁର ଜିଲା ଚୋରପଖରୀ ଥାନା ଅଧୀନ ବାହାଲବନ୍ଦ ଗାଁରେ ବୋଲି ଜଣାପଡିଥିଲା। ଦେବରାଜ ଜୟ ସରେନଙ୍କ ପରିବାର ସହ କଥା ହୋଇ ସେ ୨ ବର୍ଷ ତଳୁ ନିଖୋଜ ଥବା ଜାଣଇଥିଲେ। ନବବରଙ୍ଗପୁର ପହଞ୍ଚିବା ପର୍ଯ୍ୟନ୍ତ ଜୟଙ୍କୁ ସୁରକ୍ଷିତ ରଖିବାକୁ ତାଙ୍କ ପରିବାର ଲୋକେ ଦେବରାଜଙ୍କୁ ଅନୁରୋଧ କରିଥିଲେ। ଏହାପରେ ଦେବରାଜ ଜୟଙ୍କୁ ପ୍ରଥମେ କୋଡିଙ୍ଗା ଥାନାକୁ ନେଇଥିଲେ। ତାଙ୍କୁ ରଖିବାକୁ ପୋଲିସ କିନ୍ତୁ ମନା କରି ଦେଇଥିଲା। ଦେବରାଜ ଜୟଙ୍କୁ ନିଜ ଘରକୁ ନେଇ ଖାଇବା ଓ ଡ୍ରେସ୍ ଦେଇଥିଲେ। ଦେବରାଜ ଜିଲା ସାମାଜିକ ସୁକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଡିକାଙ୍କୁ ଯୋଗାଯୋଗ କରିବାରୁ ଝାରସୁଗୁଡାସ୍ଥିତ ବୃଦ୍ଧାଶ୍ରମରେ ତାଙ୍କୁ ଛାଡିବାକୁ ସେ କହିଥିଲେ। ଦେବରାଜ କିନ୍ତୁ ଏତେ ଦୂର ଯାଇ ପାରିବେ ନାହିଁ ବୋଲି ନିଜ ଅସାମର୍ଥତା ପ୍ରକାଶ କରିଥିଲେ। ଏହାପରେ ସେ ନବରଙ୍ଗପୁର ପୌର ସଂସ୍ଥା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲଙ୍କୁ ଯୋଗାଯୋଗ କରିବାକୁ ସ୍ଥାନୀୟ ବସ୍ଷ୍ଟାଣ୍ଡ ନିକଟରେ ଥିବା ଆଶ୍ରୟସ୍ଥଳୀରେ ଛାଡିଦେବାକୁ ସେ କହିଥିଲେ। ସେଠାରେ ଛାଡିବାର କିଛି ସମୟ ପରେ ଜୟ ପୁଣି ବହାରକୁ ଚାଲି ଆସିଥିଲେ। ଏନେଇ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀଙ୍କୁ ଘଟଣା ସମ୍ପର୍କରେ ଦେବରାଜ ଜଣାଇଥିଲେ। ଏସ୍ପିଙ୍କ ସହ ଆଲୋଚନା କରି ଜଣାଇବେ ବୋଲି ବିଧାୟକ କହିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ବିଧାୟକଙ୍କଠାରୁ କୌଣସି ଉତ୍ତର ଆସି ନ ଥିଲା।



# ସ୍କୁଲରେ ପିଲାଙ୍କୁ ପାଠ ପଢାଇଲେ ଉପଜିଲାପାଳ

**ଝରିଗାଁ, ୧୭।୧(ସ୍ୱ.ପ୍ର.)**

ନବରଙ୍ଗପୁର ଉପଜିଲାପାଳ ଭାସ୍କର କୁମାର ରଇତ ଶୁକ୍ରବାର ସକାଳୁ ଝରିଗାଁ ବିଡିଓ ଦେବେନ୍ଦ୍ର ବାହାଦୁରସିଂ ଧରୁଆଙ୍କ ସହ ଇଚ୍ଛାପୁର ପଞ୍ଚାୟତ ଗସ୍ତ କରିଛନ୍ତି। ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ସ୍କୁଲରେ ପିଲାଙ୍କୁ ପାଠ ପଢାଇଥିଲେ।

କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ନିର୍ମାଣାଧୀନ ଇଚ୍ଛାପୁର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଓ ପିଇଓଙ୍କ ବାସ ଗୃହକୁ ସେ ପ୍ରଥମେମ ବୁଲି ଦେଖିଥିଲେ। ପରେ ଉପଜିଲାପାଳ ଇଚ୍ଛାପୁର ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଯାଞ୍ଚ କରିଥିଲେ। ଏହାପରେ ଜୁନାପଡା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କୁ ଦିଆଯାଉଥିବା ଖାଦ୍ୟ ଏବଂ ପାଠପଢା ସମ୍ପର୍କରେ ଯାଞ୍ଚ କରିଥିଲେ। ସେଠାରୁ ଆଦିବାସିପଡା ନୂତନ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେଠାରେ ପିଲାଙ୍କୁ ପାଠ ପଢାଇବା ସହ ପଣିକିଆ ପଚାରି ଥିଲେ। ସେ ସେଠାରୁ ଇଚ୍ଛାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀ ସେବା ଓ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ବୁଝିଥିଲେ। ଏହାପରେ ଗ୍ରାମରେ ଥିବା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଠାରେ ମଧ୍ୟ ପାଠପଢା ଓ ଭିତ୍ତିଭୂମି ପରଖି ଥିଲେ। ସ୍କୁଲରେ ଥିବା ବିପଦସଙ୍କୁଳ ଶ୍ରେଣୀ ଗୃହକୁ ଭଙ୍ଗିବାକୁ ସେ ପ୍ରଧାନଶିକ୍ଷକଙ୍କୁ କହିଥିଲେ। ନିଜ ନିଜ ମଧ୍ୟରେ ଗଣ୍ଡଗୋଳ ନ କରି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଶେଷ କରିବାରେ ସହଯୋଗ କରନ୍ତୁ ବୋଲି ସେ ଗ୍ରାମବାସୀଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ପିଇଓ ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଆଦିବାସୀପଡ଼ା ସ୍କୁଲରେ ଉପଜିଲାପାଳ ପାଠ ପଢାଉଛନ୍ତି।

### ପ୍ରାଥମିକ ଚିକିତ୍ସା, ଚିତ୍ରାଙ୍କନ ପ୍ରତିଯୋଗିତା




**ନବରଙ୍ଗପୁର,୧୭।୧(ବି.ପ୍ର.)**

ଭାରତୀୟ ରେଡକ୍ରସ ସୋସାଇଟିର ୧୦୦ ତମ ବର୍ଷ ପୂର୍ତ୍ତି ଅବସରରେଜିଲା ଶାଖା ପକ୍ଷରୁ ନବରଙ୍ଗପୁର ମହାବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା(ଫାଷ୍ଟଏଡ୍) ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସହକାରୀ ଜିଲାପାଳ ତଥା ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷକ ରାଜେସ କୁମାର ଦାଶ, ଜିଲା ରେଡ୍କ୍ରସ ସଂଘ ସଂଯୋଜକ ଅଧ୍ୟାପକ ଅଖିଳ କୁମାର ଭଞ୍ଜ, ମହାବିଦ୍ୟାଳୟ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ରଞ୍ଜନ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପ ଶମ୍ଭୁ ପ୍ରସାଦ ହୋତା ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ଭାନୁମତି ସାହୁକାର ଧନ୍ୟବାଦ ଦେଥିଲେ। ନବରଙ୍ଗପୁର ମହାବିଦ୍ୟାଳୟର ଛାତ୍ର ଆନନ୍ଦ କୁମାର ଦାଶ, ସିଦ୍ଧାନ୍ତ ହରିଜନ ଜିଲାସ୍ତରୀୟ ପ୍ରତିଯୋଗୀତାକୁ ମନୋନିତ ହୋଇଛନ୍ତି। ସେହିଭଳି କୋଡିଙ୍ଗା ରାଜା ଚାଉଁରିଆ ମହାବିଦ୍ୟାଳୟ ଛାତ୍ର ଲକ୍ଷ୍ମୀଚନ୍ଦ୍ର ନାୟକ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ରୀ ଆକଂକ୍ଷା ବେହେରା ଚିତ୍ରାଙ୍କନ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇ ରାଜ୍ୟସ୍ତରକୁ ମନୋନିତ ହୋଇଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଏପରି ଏକ ଋଣ ଯାହା ଘରକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବିପିଏଲ୍ ଋଣ, ଆଦି ସମସ୍ତ ଋଣ
1% ସୁଧ 50% ଛାଡ଼ — ଲୋନ୍ ଧମାକା
ATM Card ଓ ପାସବୁକ୍ ଉପରେ ମଧ ଋଣ ଉପଲବ୍ଧ | ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

BUSINESS

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No 9453480851

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ୍ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

EDUCATION

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
ସରକାରଙ୍କ ପାଠ୍ୟକ୍ରମ ୨ବର୍ଷର Course ସରିଲାପରେ ଭାରତର ବିଭିନ୍ନ ହସ୍ପିଟାଲ ଓ Fire Sefty ବିଭିନ୍ନ ବିଭାଗର ନିଯୁକ୍ତି ସୁବିଧା ଉପଲବ୍ଧ
Nurshing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଡିଜିଟାଲ ମାଧ୍ୟମ ଗଣତନ୍ତ୍ରରେ ସହଭାଗିତା ବୃଦ୍ଧି କରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୭।୧ (ବ୍ୟୁରୋ)

ରାଜ୍ୟ ସରକାରଙ୍କ ୫-ଟି ମନ୍ତ୍ର ମଧ୍ୟରେ ଟେକ୍ନୋଲୋଜି (ବୈଷୟିକ ବିଦ୍ୟା) ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଡିଜିଟାଲ ମାଧ୍ୟମ ଦ୍ୱାରା ଲୋକମାନେ ଗଣତନ୍ତ୍ରରେ ସିଧାସଳଖ ଭାଗ ନେଇପାରିବେ। ତେଣୁ ଗଣତନ୍ତ୍ରରେ ଡିଜିଟାଲ ଗୁରୁତ୍ୱ

## ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାର

ଅନୁଭବ କରି ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ (ସିଏସ୍ଆଇ)ର ୫୩ ତମ ବାର୍ଷିକ କନଭେନ୍‌ଶନରେ ଶୁକ୍ରବାର ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଇ-ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।




ନବୀନ କହିଛନ୍ତି ଯେ, 'ଡିଜିଟାଲ ଡେମୋକ୍ରାସି-ଆଇଟି ଫର ଚେଞ୍ଜ' ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହା ବର୍ତ୍ତମାନ ଏବଂ ଭବିଷ୍ୟତର ମଧ୍ୟ ଆବଶ୍ୟକତା। ଏହି ମାଧ୍ୟମରେ ଜନଗଣଙ୍କୁ ବ୍ୟବସ୍ଥା ଏବଂ ପ୍ରଶାସନିକ ପ୍ରକ୍ରିୟାରେ ଭାଗୀଦାର କରାଇଥାଏ। ଏହା ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିଥାଏ। ଭାରତରେ ଦୈନିକ ବହୁ ପରିମାଣର ଡାଟା ବ୍ୟବହାର କରାଯାଇଥାଏ। ଏପରି କି 'ଡାଟା ରିଚ୍ ଏବଂ ଡାଟା ପୁଅର' ମଧ୍ୟରେ ତାରତମ୍ୟ ହ୍ରାସ ପାଇବାରେ ଲାଗିଛି। ସାମାଜିକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଡିଜିଟାଲାଇଜେଶନ୍ ଅଧିକ ତଥ୍ୟ ଯୋଗାଇ ପାରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ଡିଜିଟାଲ ଗଣତନ୍ତ୍ର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସମସ୍ତଙ୍କୁ ନିଜକୁ ବ୍ୟକ୍ତ କରିବାର ସମାନ ସୁଯୋଗ ଦେଉଛି। ବର୍ତ୍ତମାନ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଡିଜିଟାଲ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମରେ ଏହାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଏହା ସହାୟତାରେ ଶ୍ରମ ପରିଚାଳନା, ସ୍ୱାସ୍ଥ୍ୟ କ୍ଷେତ୍ର, ଦକ୍ଷତା ବିକାଶ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଆଇଟି ସଚିବ ମନୋଜ ମିଶ୍ର ଏବଂ ସିଏସ୍ଆଇର କନଭେନର ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବୋଟ୍‌କୁ ଦିଗହରା କଲା ଘନକୁହୁଡ଼ି

ଚାନ୍ଦବାଲି/ରାଜନଗର, ୧୭।୧ (ଡି.ଏନ.ଏ.)

ଘନକୁହୁଡ଼ି କାରଣରୁ ଶୁକ୍ରବାର ସକାଳେ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆରୁ ଭଦ୍ରକ ଜିଲ୍ଲା ଚାନ୍ଦବାଲିକୁ ଆସୁଥିବା ଏକ ସରକାରୀ ବୋଟ୍ ଧାମରା ମୁହାଣ ନିକଟରେ ଦିଗହରା ହୋଇଯାଇଥିଲା। ସକାଳ ପ୍ରାୟ ୭ଟା ବେଳେ ଏହି ଘଟଣା ଘଟିଥିଲା। ଏହାର ପ୍ରାୟ ୫ ଘଣ୍ଟା ପରେ ଧାମରା ମେରାଇନ ଥାନା ଓ ରାଜନଗର ଥାନା ପୋଲିସ ପକ୍ଷରୁ ସମୁଦ୍ରରେ ବୋଟ୍‌କୁ ଠାବ କରାଯିବା ସହ ସମସ୍ତ ୨୫ ଜଣ ଯାତ୍ରୀ ଓ ୫ ବୋଟ୍ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି।

ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା (ଆଇଡବ୍ଲ୍ୟୁଟି)ର ଏକ ମୋଟର ବୋଟ୍ ଏମ୍ଏଲ୍ ମା'ଗଙ୍ଗା ସକାଳ ୬ଟା ବେଳେ ୨୫ ଯାତ୍ରୀଙ୍କୁ ନେଇ ତାଳଚୁଆ ଘାଟରୁ ଚାନ୍ଦବାଲିକୁ ଯିବା ପାଇଁ ଧାମରା ଘାଟକୁ ଆସୁଥିଲା। ସେଥିରେ ୫ ଜଣ ବୋଟ୍ କର୍ମଚାରୀ ଥିଲେ। ଘନକୁହୁଡ଼ି ଯୋଗୁ ଧାମରା ମୁହାଣରେ ବୋଟ୍‌ଟି ବାଟହୁଡ଼ି ବିପରୀତ ଦିଗରେ ମୁହାଣରୁ ସମୁଦ୍ର ମଧ୍ୟକୁ ପ୍ରାୟ ୧୦ କି.ମି. ଦୂରକୁ ଚାଲିଯାଇଥିଲା। ଏହା ଜଣାପଡ଼ିବା ପରେ ବୋଟ୍‌ରେ ଥିବା କର୍ମଚାରୀ ଓ ଯାତ୍ରୀ ମୋବାଇଲ ଯୋଗେ ସହାୟତା ପାଇଁ ମେରାଇନ ଥାନାକୁ ଯୋଗାଯୋଗ କରିଥିଲେ। ୫ ଘଣ୍ଟା ଧରି ଯାତ୍ରୀମାନେ ସମୁଦ୍ରରେ ଫଶି ରହିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଧାମରା ମେରାଇନ ଥାନାର ୬ କର୍ମଚାରୀ ଏକ ସ୍ପିଡ୍‌ବୋଟ୍ ସହାୟତାରେ ସେମାନଙ୍କୁ ଉଦ୍ଧାର କରିବାକୁ ସମୁଦ୍ରକୁ ଯାଇଥିଲେ। ଦିଗହରା ବୋଟ୍ କାଲାମ ଦ୍ୱୀପ ଓ ଉଡ଼ାବାଲି ଚଡ଼ା ମଝି ଅଞ୍ଚଳରେ ଲଙ୍ଗର ପକାଇ ଅଟକି ରହିଥିଲା।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୯୪୩୭୩୯୧୧୯୨**

## ପୃଥକ୍ ପୃଥକ୍ ଦୁର୍ଘଟଣାରେ ୬ ଆହତ

କାଲିମେଲା, ୧୭।୧ (ଡି.ଏନ.ଏ.)

ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ପୃଥକ୍ ପୃଥକ୍ ଦୁର୍ଘଟଣା ଘଟି ୫ ଜଣ ପୁରୁଷ ଓ ଜଣେ ନାବାଳକ ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି-କାଲିମେଲା ୩୨୬ ନଂ. ଜାତୀୟ ରାଜପଥର ଏମପିଭି-୨୩ ନିକଟରେ ଏକ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ରେ ପଡିଥିଲେ। ସେ ପେଦାୱାଡା ଗ୍ରାମର ପଦିଆ ମାଡକାମିଙ୍କ ପୁଅ ଭୀମା ମାଡକାମି ବୋଲି ଜଣାପଡିଛି। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଗମ୍ପାକୋଣ୍ଡା ପଞ୍ଚାୟତ ଏମପିଭି-୨୬ ଗ୍ରାମର ଜଣେ ମହିଳା ଭୀମାଙ୍କୁ ସେଠାରୁ ଉଦ୍ଧାର କରି ଏକ ଅଟୋ ଯୋଗେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଭୀମାଙ୍କ ପ୍ରାଥମିକ ଚିକିତ୍ସା କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଭୀମାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଭୀମା ହେଲମେଟ ପିନ୍ଧି ନ ଥିବା ଯୋଗୁ ତାଙ୍କ ମୁଣ୍ଡରେ ଜୋର ଆଘାତ ଲାଗିଥିବା କୁହାଯାଉଛି। ସେହିପରି ଶୁକ୍ରବାର ସନ୍ଧ୍ୟା ସାଢେ ୬ଟାରେ କାଲିମେଲା ପଡିଆ ଜାତୀୟ ରାଜପଥର ଏମଭି-୬୮ ଗ୍ରାମ ନିକଟରେ ଜଣେ ଛୋଟ ପିଲା ରାସ୍ତା ପାର ହେଉଥିବା ସମୟରେ ବାଇକ୍ ସମ୍ମୁଖକୁ ଆସିଯାଇଥିଲେ। ଫଳରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ରାସ୍ତା ଉପରେ ପଡିଯାଇଥିଲେ। ବାଇକ୍‌ରେ ବସିଥିବା ବାପନପାଲିର ପୂର୍ବତନ ସରପଞ୍ଚ ତଥା ରଡନପାଲି ଗ୍ରାମର ସିଙ୍ଗା ମାଡ଼କାମି ଓ ବିଷୟ ରାଜୁ ଆହତ ହୋଇଥିଲେ। ସେମାନେ କାଲିମେଲାରୁ ପଡିଆ ଅଭିମୁଖେ ଯାଉଥିଲେ। ଏହି ଦୁର୍ଘଟଣାରେ ସମ୍ପୃକ୍ତ ନାବାଳକ ଜଣକ ମଧ୍ୟ ଆହତ ହୋଇଛନ୍ତି। ସମସ୍ତେ କାଲିମେଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ସନ୍ଧ୍ୟା ପ୍ରାୟ ୭ଟାରେ କାଲିମେଲା-ମୋଟୁ ଜାତୀୟ ରାଜପଥର ଏମପିଭି-୧୨୬ ନିକଟରେ ଏକ ବାଇକ୍‌କୁ ଗୋଟିଏ ଟିପର ଧକ୍କା ଦେବାରୁ ବାଇକରେ ବସିଥିବା ଏମଭି-୯୬ ଗ୍ରାମର ତାରୁଣ ହାଲଦାରଙ୍କ ପୁଅ ତାପସ ହାଲଦାର ଓ ଅନ୍ୟ ଏକ ଗ୍ରାମର ଅନିଲ କୀର୍ତ୍ତନିଆଙ୍କ ପୁଅ ପ୍ରସନ୍ନଜିତ କିର୍ତ୍ତନିଆ ଗୁରୁତର ଆହତ ହୋଇଛନ୍ତି। ତାପସଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପ୍ରସନ୍ନଜିତଙ୍କ ଗୋଡ଼ ଭାଙ୍ଗିଯାଇଛି। ଦୁର୍ଘଟଣା ଘଟାଇଥିବା ଟିପରକୁ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି।

## ୧କୁ ଘୁଞ୍ଚିଲା ...

ପ୍ରଥମ ପୃଷ୍ଠାରୁ...

ଏହିକ୍ରମରେ ମୁକେଶ ଓ ବିନୟଙ୍କ ପକ୍ଷରୁ ଦାଏର କ୍ୟୁରେଟିଭ୍ ପିଟିଶନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିସାରିଛନ୍ତି। ମୁକେଶ ବୁଧବାର ଦୟା ଆବେଦନ କରିଥିଲେ, ଯାହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଗୁରୁବାର ରାତିରେ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲା। ଦିଲ୍ଲୀ ସରକାର ମଧ୍ୟ ଦୟା ଆବେଦନକୁ ଖାରଜ କରିବା ପାଇଁ ଲ୍ୟୁଟ୍‌ନାଣ୍ଟ ଗଭର୍ଣ୍ଣରଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଏହାକୁ ଖାରଜ କରିବାର କିଛି ସମୟ ପରେ ମୁକେଶ ଜାନୁୟାରୀ ୨୨ ବଦଳରେ ଅନ୍ୟ ତାରିଖକୁ ଫାଶୀ ଘୁଞ୍ଚାଇବା ପାଇଁ ପୁଣି ଟ୍ରାଏଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ସେସନ୍ସ ଜଜ୍ ସତୀଶ କୁମାର ଆରୋରା ତାଙ୍କ ଆବେଦନର ଶୁଣାଣି କରିଥିଲେ। ଶୁଣାଣି ବେଳେ ତିହାର ଜେଲ୍ କର୍ତ୍ତୃପକ୍ଷ ଉପରୋକ୍ତ ଦୋଷୀମାନଙ୍କ ପାଇଁ ନୂଆ ଡେଥ୍ ୱାରେଣ୍ଟ ଜାରି ପାଇଁ ଅଦାଲତଙ୍କୁ ନିବେଦନ କରିଥିଲେ। ବିଚାରପତି ଆରୋରା ସମସ୍ତ ବିଷୟ ବିଚାର କରି ଫେବୃୟାରୀ ୧ ସକାଳ ୬ଟାରେ ୪ ଦୋଷୀଙ୍କୁ ଜେଲ୍ ନମ୍ବର ୩ରେ ଫାଶୀ ଦେବା ପାଇଁ ଧାର୍ଯ୍ୟ କରିଛନ୍ତି।

ଦୋଷୀଙ୍କ ଫାଶୀ ତାରିଖ ଯେପରି ଘୁଞ୍ଚିବାରେ ଲାଗିଛି ତାକୁ ନେଇ ନିର୍ଭୟାଙ୍କ ମା' ଆଶା ଦେବୀ କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝିଅଙ୍କ ବଳାତ୍କାରୀ ଓ ହତ୍ୟାକାରୀଙ୍କ ମୃତ୍ୟୁ ଦଣ୍ଡାଦେଶକୁ ନେଇ ରାଜନୀତି ହେଉଛି। ତାରିଖ ପରେ ତାରିଖ ଗଡ଼ିଚାଲିଛି। ବର୍ଷ ବର୍ଷ ଧରି କୋର୍ଟ କଚେରି ଧାଇଁବା ପରେ ମୋତେ କ'ଣ ମିଳିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନିର୍ଭୟାଙ୍କ ବାପା ମଧ୍ୟ ମର୍ସି ପିଟିଶନ ଖାରଜ କରାଯିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ହେଁ ଫାଶୀ ଦଣ୍ଡାଦେଶର କାର୍ଯ୍ୟକାରିତାରେ ବିଳମ୍ବିତ ହେବା ତାଙ୍କୁ ନିରାଶ କରିଛି ବୋଲି କହିଛନ୍ତି।

## କୃଷକଙ୍କ ଆୟ ଦ୍ୱିଗୁଣିତ କରିବ ପାଣି ପଞ୍ଚାୟତ

ଭୁବନେଶ୍ୱର, ୧୭।୧ (ବ୍ୟୁରୋ)

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ପାଣି ପଞ୍ଚାୟତର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ୨୦୦୨ ମସିହା ପାଣି ପଞ୍ଚାୟତ ଆଇନ, ୨୦୦୩ ଏବଂ ୨୦୦୮ରେ ପ୍ରଣୀତ ନିୟମାବଳୀ ଅନୁସାରେ ପାଣିପଞ୍ଚାୟତ ଗଠନ କରାଯାଇଛି ଏବଂ ଏହି ପ୍ରକ୍ରିୟା ଚାଲୁ ରହିଛି। ଏହି ସୁବିଧା ଉପଯୋଗ କରି ଚାଷୀମାନଙ୍କ ଆୟକୁ ୨ ଗୁଣ କରିବା ଲକ୍ଷ୍ୟ ନେଇ ସମସ୍ତ ସଦସ୍ୟ କାର୍ଯ୍ୟ କରିବା ଉଚିତ ବୋଲି ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରୀ କହିଛନ୍ତି। ଓ.ଏଲ.ଆଇ.ସି ଭୁବନେଶ୍ୱର ଡିଭିଜନ ତରଫରୁ ଆୟୋଜିତ ପାଣିପଞ୍ଚାୟତପକ୍ଷ ପାଳନ ସଭାରେ ମୁଖ୍ୟ ଅତିଥିଭାବେ ପତ୍ରୀ ଯୋଗଦେଇ ଆହୁରି କହିଲେ, ସବୁ ଜିଲାରେ ଜଳସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ପାଣି ପଞ୍ଚାୟତମାନ ଗଠନ କରାଯାଇଛି। ସେଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବାକୁ ସରକାର ସମସ୍ତ ସହାୟତା ଦେବାକୁ ପ୍ରଯତ୍ନ କରୁଛନ୍ତି।



## କେନ୍ଦୁଝରଗଡ଼ ପୌରପରିଷଦ କାର୍ଯ୍ୟାଳୟ

କେନ୍ଦୁଝରଗଡ଼

**ନୋଟିସ**

ସଂଖ୍ୟା: ୭୬୧, ତାରିଖ: ୧୭।୦୧।୨୦୨୦

**ଆପଣଙ୍କ ଅଳିଆ ଆବର୍ଜନା ଆପଣଙ୍କ ଦାୟିତ୍ୱ**

ଏତଦ୍ୱାରା କେନ୍ଦୁଝରଗଡ଼ ପୌରାଞ୍ଚଳ ମଧ୍ୟରେ ବସବାସ କରୁଥିବା ସମସ୍ତ ଅଧିବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ନେସ୍‌ନାଲ ଗ୍ରୀନ୍ ଟ୍ରିବୁନାଲ୍‌ଙ୍କ ଆଦେଶ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୌଣସି ବ୍ୟକ୍ତି ନିଜସ୍ୱ ଅଳିଆ ଆବର୍ଜନା ଜମା କରିପାରିବେ ନାହିଁ କିମ୍ବା ପୌର ପରିଷଦ ତରଫରୁ କୌଣସି ଅଳିଆ ଆବର୍ଜନା ଉଠାଯାଇ ଡମ୍ପିଂ କରି ପରିବେଶ ଦୂଷିତ କରିପାରିବେ ନାହିଁ। ଏଥିରେ ବ୍ୟତିକ୍ରମ ହେଲେ ନିୟମ ଅନୁଯାୟୀ ଫୌଜଦାରୀ ମକଦ୍ଦମା କରାଯିବ। ତେଣୁ ପୌରପାଳିକା ତରଫରୁ ବିଭିନ୍ନ ୱାର୍ଡରେ ଖାଲିଥିବା ସରକାରୀ ଜାଗାରେ M.C.C. ତିଆରି କରି ସେଥିରେ ଉକ୍ତ ଅଳିଆ ଆବର୍ଜନାକୁ ବୈଜ୍ଞାନିକ ଉପାୟରେ ପ୍ରକ୍ରିୟାକରଣ ପୂର୍ବକ କମ୍ପୋଷ୍ଟ ଭାବେ ବ୍ୟବହାର କରାଯିବ। ତେଣୁ ସମସ୍ତ ୱାର୍ଡରେ M.C.C. ସକାଶେ ଆବଶ୍ୟକ ଜାଗା ଯୋଗାଇ ଦେବା ପାଇଁ ଜଣାଇ ଦିଆଯାଉଛି। ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ସମ୍ପୃକ୍ତ ୱାର୍ଡରୁ ପୌରପାଳିକା ତରଫରୁ ଅଳିଆ ଉଠାଯିବ ନାହିଁ। ସହରର ଉନ୍ନତି ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ।

ସ୍ୱା./- ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ଼ ପୌରପାଳିକା

## ODISHA STATE FOOD COMMISSION

A-1, 9th Floor, Toshali Bhawan,
Satyanagar, Bhubaneswar,751007
Ph: 0674-2570213 /FAX-0674-2570141
email-odishafoodcom@gmail.com

Notice No: 132/FC. Dt. 16.01.2020

**TENDER CALL NOTICE**

No.: CAD-826: Sealed tenders are invited from interested reputed Travel Agencies / Tour Operators /Service Providers/Private Individuals for providing 02 (two) nos. of **AC Petrol** driven vehicle **(Ciaz/Honda City)** on hire, for use of the Members of the Odisha State Food Commission, Bhubaneswar on monthly basis. The application form of tender containing General Bid Information and terms and conditions for hiring of vehicles etc. will be available with the Odisha State Food Commission on payment of **Rs.500/-** in shape of Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** from **18.01.2020 to 11.02.2020** or can be downloaded from Odisha Government website **www.odisha.gov.in** or **www. odishafoodcommission.nic.in** from **18.01.2020 to 11.02.2020**. In case the application form is downloaded from Government Website, the applicant shall furnish an Account Payee Bank Draft drawn in favour of the **Odisha State Food Commission, Bhubaneswar** payable at **Bhubaneswar** for an amount of Rs.500/- (Rupees Five hundred) only towards the cost of application along with the tender application.

The Service Provider must have **GST** Registration Certificate & registered with **GeM** (Government e- Marketplace).The vehicles must not be more than three years old as on the date of the service request from the date of initial registration.

The tender documents should be submitted to the **Member Secretary, Odisha State Food Commission, A-1 Block, 9th Floor, Toshali Bhawan, Satyanagar, Bhubaneswar - 751007** on or before **11.02.2020 by 5.30 P.M.** through **SPEED POST** only & the same tender will be opened at **11.30 A.M. on dt.12.02.2020**. The other modes of submission of tender documents will not be entertained.

Sd./- (Smt.Sibani Mohanty, OAS(S))
Member Secretary

07019/11/0002/1920

## ଓଡ଼ିଶା ସରକାର
## ସ୍ୱରାଷ୍ଟ୍ର ବିଭାଗ

**ବିଜ୍ଞାପନ**

ସଂଖ୍ୟା: ୨୩୧୧ ତା. ୧୬।୦୧।୨୦୨୦

**No.D-264:-** ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନଠାରେ ଜାନୁୟାରୀ, ୨୦୨୧ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲ୍ଲାପାଳଙ୍କ ମାଧ୍ୟମରେ ଆଗାମୀ ତା.୦୧।୦୬।୨୦୨୦ରିଖ (ସୋମବାର) ଏବଂ ତା.୦୨।୦୬।୨୦୨୦ ରିଖ (ମଙ୍ଗଳବାର) ଦିବା ୧୦ ଘଟିକା ସମୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ପରୀକ୍ଷା କେବଳ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ନାମ ଲେଖାଇବା ସମୟରେ ପ୍ରାର୍ଥୀଙ୍କର ବୟସ ଜାନୁୟାରୀ ୧ ତାରିଖ ୨୦୨୧ ସୁଦ୍ଧା ୧୧ ବର୍ଷ ୬ ମାସରୁ କମ୍ କିମ୍ବା ୧୩ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇନଥିବ। ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା.୦୨।୦୧।୨୦୦୮ରିଖ ପୂର୍ବରୁ କିମ୍ବା ତା.୦୧।୦୭।୨୦୦୯ରିଖ ପରେ ହୋଇନଥିବା ଆବଶ୍ୟକ। ପ୍ରାର୍ଥୀ ରାଷ୍ଟ୍ରୀୟ ସାମରିକ ବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଇଂରାଜୀ ତା.୦୧।୦୬।୨୦୨୦ରିଖ ଦିନ ୧୦.୦୦ ଘଟିକାରୁ ୧୨.୦୦ ଘଟିକା ପର୍ଯ୍ୟନ୍ତ ଇଂରାଜୀ, ଗଣିତ, ୧୪.୦୦ ଘଟିକାରୁ ୧୫.୩୦ ଘଟିକା ପର୍ଯ୍ୟନ୍ତ ଏବଂ ସାଧାରଣଜ୍ଞାନ ତା.୦୨।୦୬।୨୦୨୦ ରିଖ ଦିନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖି ପାରିବେ। ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା.୦୬।୧୦।୨୦୨୦ ରିଖ (ମଙ୍ଗଳବାର) ଦିନ ଦେବା ପାଇଁ ସୁଯୋଗ ଦିଆଯିବ। ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସୈନିକ ଡାକ୍ତରଖାନାରେ କରାଯିବ। ସମ୍ପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ। ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ। ଆବଶ୍ୟକ ଦରଖାସ୍ତ ଫର୍ମ ତଥା ସୂଚନାପତ୍ରର ପ୍ରତ୍ୟେକ ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ COMMANDANT, RASHTRIYA INDIAN MILITARY COLLEGE, DEHRADUN, DRAWEE BRANCH, STATE BANK OF INDIA, TEL BHAVAN, DEHRADUN (BANK CODE-01576), UTARAKHANDଙ୍କ ସପକ୍ଷରେ Rs. 600/- ସାଧାରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ Rs.555/- ଅଣସୂଚିତ ଜାତି ଓ ଅଣସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନ୍, ଉତ୍ତରାଖଣ୍ଡ ପିନ୍-୨୪୮୦୦୩ରୁ ମଗାଇ ପାରିବେ। ଉକ୍ତ websiteରେ ଉପଲବ୍ଧ ଥିବା ଚାଲାଣ କେବଳ ଗ୍ରହଣଯୋଗ୍ୟ। ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସପୋର୍ଟ ସାଇଜ୍ ଫଟୋ, ଡୋମିସାଇଲ୍ ସାର୍ଟିଫିକେଟ୍, ମ୍ୟୁନିସିପାଲିଟି/ଗ୍ରାମପଞ୍ଚାୟତର ଜନ୍ମ ରେଜିଷ୍ଟରର ବୟସ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଏବଂ ଆଟେଷ୍ଟେଡ୍ ଫଟୋଗ୍ରାଫ ସହ ଜନ୍ମ ତାରିଖ ଓ ଛାତ୍ର ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କଠାରୁ ମୂଳ ପ୍ରମାଣପତ୍ର ଇତ୍ୟାଦି କଟକ ଜିଲ୍ଲାପାଳଙ୍କ ନିକଟରେ ତା.୩୧।୦୩।୨୦୨୦ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ୱରାଷ୍ଟ୍ର ବିଭାଗ ୱେବ୍‌ସାଇଟ୍ **(http://homeodisha.gov.in)** ରେ ମିଳିପାରିବ।

(ଡଃ. ସନ୍ତୋଷ ବାଲା)
ସ୍ୱତନ୍ତ୍ର ଶାସନ ସଚିବ

12001/11/0026/1920

## BHUBANESWAR MUNICIPAL CORPORATION

No.1628 Date.17.01.2020

**NATIONAL COMPETITIVE BIDDING THROUGH e-Procurement**
**Bid Reference No - BMC-DIV-I-10/2019-20**

On behalf of the Commissioner, Bhubaneswar Municipal Corporation (BMC), **City Engineer**, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website **www.tendersodisha.gov.in** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - 1/City Engineer, Bhubaneswar Municipal Corporation. Bhubaneswar.

| Sl. No. | Name of the work | Approx. Estimated. Cost in Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Road & drain from Sishu Vihar Culvert to Sishu Vihar Main Road via Plot No. 414/2 of Bajaranga Vihar in Ward No.6 | 1,57,33,044/- | 1,57,400/- | 11,200/- | 6 (Six) Months | 'B' and "A" Class |

**1. Time Schedule for Bidding:**

| Sl.No. | Description | Critical Dates |
|---|---|---|
| i | Period of availability of tenders on-line for bidding | From Dt. 21.01.2020 (11.00 AM) to Dt.05.02.2020 (5.00 PM) |
| ii | Last date & time of seeking clarifications (if any) | Dt.04.02.2020 (5.00 PM) |
| iii | Last date & time of bidding on-line | Dt.05.02.2020 (5.00 PM) |
| iv | Date & time of opening of the Technical Bids received on-line | Dt.06.02.2020 (11.00 AM onwards) |
| v | Date & time of Opening of Price Bid/Financial Bid/ DTCN Part-II | To be intimated later to the bidder(s) found qualified after checking and evaluation of Technical Bids received on-line |

2. Other details can be seen in the bidding document/DTCN available in website **www.tendersodisha.gov.in** *(for view, download and bidding)* and in BMC website **www.bmc.gov.in** *(for view and download only)*.
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

By Order of Commissioner, BMC
City Engineer
Bhubaneswar Municipal Corporation

**Progress Through Partnership for a Better Bhubaneswar**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

ପତ୍ରସଂଖ୍ୟା: ୦୯ **ବିଜ୍ଞାପନ** ତା: ୧୦।୦୧।୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଘର ନଂ. ଏଲ୍ଆଇଜି-୧୬୮୧ (L.I.G.-1681), ଡୁମୁଡୁମା, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହନିର୍ମାଣ ପ୍ରକଳ୍ପରେ (୧) ଅନିତା ଘୋଡ଼ା, ସ୍ୱାମୀ: ୰ମହେନ୍ଦ୍ର କୁମାର ପାଲ୍, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍, ନାବାଳକ, ପିତା: ୰ମହେନ୍ଦ୍ର କୁମାର ପାଲ୍‌ଙ୍କ ତରଫରୁ ପ୍ରତିନିଧି: ମାତା ଅନିତା ଘୋଡ଼ା, ସା: ସୁଆଁପଡ଼ା, ପୋ: କାଦବାରଙ୍ଗ, ଥାନା: ଅଗରପଡ଼ା, ଜିଲ୍ଲା: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା (୧) ଅନିତା ଘୋଡ଼ା, (୨) ଭୂମିକା ପାଲ୍, (୩) ରୟାଂଶୁ ପାଲ୍ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କେଦାରନାଥ ବେହେରା, ପିତା: ନାରାୟଣ ବେହେରା, ସା: ମହ୍ଲାସାହି, ପୋ: ତାଳଦଣ୍ଡା, ଥାନା: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦରଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## ODISHA SPACE APPLICATIONS CENTRE (ORSAC)

**Dept. of Science & Technology, Govt. of Odisha,**
**Plot No.45/48 (P), Jayadev Vihar, Unit-16,**
**Bhubaneswar-751023, Odisha, India**
**E-mail-orsac2012@gmail.com**
**Website : www.orsac.gov.in**

**RECRUITMENT NOTICE No.01/2020**

No.CAD-832 :- Odisha Space Applications Centre (ORSAC), an Autonomous Scientific Organisation wants to recruit dynamic professional for the following post.

| Name of the Post | Pay Scale | No. of Vacancies & Category |
|---|---|---|
| Accounts Officer | Rs.15600-29100, Grade Pay-Rs.5400/-, Level-12 as per ORP Rule-2017 with Usual DA and other allowance revised from time to time. | 1 Post (Open) |

The detailed advertisement containing qualification / experience / Pay Scale / Age Limit & prescribed format of application etc. is available on Notice board at Odisha Space Applications Centre and ORSAC website **www.orsac.gov.in** and Government of Odisha Portal. The last date for receipt of application is 17.02.2020.

ORSAC
17.01.2020 28007/11/0016/1920 Chief Executive

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## KALAHANDI (R&B) DIVISION, BHAWANIPATNA

**E-mail : eekalahandi@gmail.com**
**Fax No.06670-230512, Cell No.9437050413**
**E-Procurement Notice**
**Bid Identification No.BC KLD-15/2019-20**

No.B-584

**No.342 Dated: 13.01.2020**

| | | | |
|---|---|---|---|
| 1 | Name of the work | : | 05 (Five) Nos. of Road works. |
| 2 | estimated Cost | : | Rs.39.00 lakhs to Rs.88.00 lakhs |
| 3 | Period of completion | : | 02 (Two) Calendar Months. |
| 4 | date and time of availability of bid document in the portal | : | 11.00 hours of 20.01.2020 to 17.00 hours of 28.01.2020 |
| 5 | Last date / Time for receipt of bid in the portal | : | 17.00 hour of 28.01.2020 |
| 6 | Name and address of the officer inviting bid | : | Executive Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single & Double Cover Bid and Technical Bid (Cover 1) of Double Cover Bid. | : | On 29.01.2020 at 11.00 A.M. in the office of the Executive Engineer, Kalahandi (R&B) Division, Bhawanipatna |

Further details can be seen from the e-procurement portal **https://tendersorissa.gov.in**

Sd./- (Er. A.K. Babu)
34017/11/0007/1920 Executive Engineer, Kalahandi (R&B) Division

# ଆର୍ଥିକ ସଙ୍କଟ ଉପରୁ ଦୃଷ୍ଟି ହଟାଇବାକୁ ଚେଷ୍ଟା ଚାଲିଛି: ଦିଗ୍‌ବିଜୟ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

୨୦୧୪ରୁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଅଛନ୍ତି। ଦେଶବାସୀ ଯେଉଁ ଆଶା ନେଇ ତାଙ୍କୁ ପ୍ରଧାନମନ୍ତ୍ରୀ କେଲେ ତା'ର କିଛି ମୂଲ୍ୟ ରହିଲାନାହିଁ। ମୋଦି ସରକାରରେ ଦେଶର ଆର୍ଥିକ ଅବସ୍ଥା ଖରାପ ସ୍ଥିତି ଦେଇ ଗତିକରୁଛି। ଏଥିରୁ ନଜର ହଟାଇବାକୁ ନାଗରିକତ୍ୱ ସଂଶୋଧନ ଆଇନ, ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଆଦି ନାଟକ କେନ୍ଦ୍ର ସରକାର ଚଳାଇଛନ୍ତି। ନିର୍ବାଚନ ପୂର୍ବରୁ ମୋଦି ଦେଇଥିବା କୌଣସି ଗୋଟିଏ ପ୍ରତିଶ୍ରୁତି ରଖିଲେନାହିଁ। ଦେଶରୁ ଭ୍ରଷ୍ଟାଚାର ଦୂର କରିବେ, ବେକାର ଯୁବତୀ, ଯୁବକଙ୍କୁ ରୋଜଗାର ଦେବେ, ଦେଶର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହାସହ ବିମୁଦ୍ରୀକରଣ କରି ଆତଙ୍କବାଦୀ ରୋକିବେ, ଜାଲ୍ ନୋଟ୍ କାରବାର ବନ୍ଦ କରିବେ ବୋଲି ଯୁକ୍ତି ରଖିଥିଲେ। ହେଲେ ସବୁଠାରୁ ଅଧିକ ୪୬ପ୍ରତିଶତ ଜାଲ୍ ୨୦୦୦ ଟଙ୍କିଆ ନୋଟ୍ ମାଧ୍ୟମରେ ହେଉଛି। ଦେଶର ଜିଡିପି ନିମ୍ନଗାମୀ ହେଉଛି, ଲୋକଙ୍କ ରୋଜଗାର ଛଡାଇ ନିଆଯାଉଛି, ପିଏସ୍‌ୟୁରେ ଯେଉଁମାନେ ଥିଲେ ସେମାନଙ୍କୁ ଚାକିରିରୁ ହଟାଯାଉଥିବା କଂଗ୍ରେସ ବରିଷ୍ଠ କେନ୍ଦ୍ରୀୟ ନେତା ଦିଗ୍‌ବିଜୟ ସିଂ ଅଭିଯୋଗ କରିଛନ୍ତି।

ଶୁକ୍ରବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦିଗ୍‌ବିଜୟ କହିଛନ୍ତି, ୨୦୦୪-୦୭ ପର୍ଯ୍ୟନ୍ତ ଓଡ଼ିଶାର ଦାୟିତ୍ୱରେ ଥିଲି। ୧୨ବର୍ଷ ପରେ ଏଠାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଭଲ ନେତା। ମାତ୍ର ସେ ଭାଜପା ସହ କାହିଁକି ଅଛନ୍ତି ତାହା ଜଣାପଡୁନାହିଁ। ଓଡ଼ିଶାରେ ପ୍ରଶାସନିକ ଅଧିକାରୀ ବହୁତ ଶକ୍ତିଶାଳୀ। ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ, ଏମ୍‌ପିମାନେ ଭେଟି ପାରୁନାହାନ୍ତି ମାତ୍ର ପ୍ରଶାସନିକ ଅଧିକାରୀ ଭେଟୁଛନ୍ତି। ବିଜେଡି ଦିଲ୍ଲୀରେ ସିଏଏକୁ ସମର୍ଥନ ଦେଉଛନ୍ତି ହେଲେ ରାଜ୍ୟରେ ଏନ୍‌ଆରସିକୁ ବିରୋଧ କରୁଛନ୍ତି। ବିଜେଡି ହେଉଛି ଭାଜପାର ବି ଟିମ୍। ଉଜ୍ଜ୍ୱଳା ଦୁର୍ନୀତି କଥା ଏଠି ବିଜେଡି ଉଠାଉନାହିଁ। ସେହିପରି କାଳିଆ ଦୁର୍ନୀତି କଥା ଭାଜପା ଉଠାଉନି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ହଇରାଣ କରିବା ଭାଜପାର ମୂଳ ଲକ୍ଷ୍ୟ। ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଯେପରି ଗୁଜରାଟରେ ଲୋକଙ୍କୁ ଡରାଇ ଶାସନ କଲେ ସେମିତି ଦେଶରେ କରିବାକୁ ଚାହୁଁଛନ୍ତି। ମାତ୍ର ସେମାନେ ଜାଣିନାହାନ୍ତି ଗୁଜରାଟ ଭାରତ ନୁହେଁ। ଦେଶସାରା ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଲାଣି। ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିବା ଯୋଗୁ ଦେଶବାସୀ ରାଗିଗଲେଣି ବୋଲି ଦିଗ୍‌ବିଜୟ କହିଛନ୍ତି।

ଦିଗ୍‌ବିଜୟଙ୍କ ସମାଲୋଚନାର ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, କଂଗ୍ରେସର ଏହି ନେତା ତାଙ୍କ ହାଲୁକା ଓ ବିବାଦୀୟ ମନ୍ତବ୍ୟ ପାଇଁ ଜଣାଶୁଣା। ତାଙ୍କ ବୟାନର କୌଣସି ଗୁରୁତ୍ୱ ନାହିଁ ବୋଲି ପାତ୍ର କହିଛନ୍ତି।

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର, ଯୁବକ ଅଟକ

**ଭବାନୀପାଟଣା,୧୭।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ମ.ରାମପୁରର ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରିରଖି ଥିବା ଥାନା ଅଧିକାରୀ ଗୋବିନ୍ଦ ମାଝି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ପ୍ରକାଶ କରିଛନ୍ତି। ଅଭିଯୋଗ ମୁତାବକ ସଂପୃକ୍ତା ଭିନ୍ନକ୍ଷମ ଯୁବତୀ ବଡ଼ଭାଇଙ୍କ ଦୋକାନରୁ ଘରକୁ ଫେରୁଥିଲେ। ମ.ରାମପୁରର ରାକେଶ ନାୟକ ସେହି ଯୁବତୀଙ୍କୁ ତାଙ୍କ ଘରେ ଛାଡ଼ି ଦେବାକୁ କହି ବଳପୂର୍ବକ ବାଇକ୍‌ରେ ବସାଇ ତୁଜୁଙ୍ଗ ଗ୍ରାମ ପଟକୁ ନେଇ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ଏଥିସହିତ ରାକେଶ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ କାମୁଡ଼ି କ୍ଷତବିକ୍ଷତ କରି ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ହୋଇଛି। ବଳାତ୍କାର ପରେ ସଂପୃକ୍ତା ଯୁବତୀଙ୍କୁ ଅଭିଯୁକ୍ତ ଗାଡ଼ିରେ ବସାଇ କୁଆଡ଼େ ନେଇଯାଉଥିଲେ। ସେହି ଗାଡ଼ିରୁ ତାଙ୍କୁ ଉଦ୍ଧାର କରାଯାଇଥିବା ଯୁବତୀଙ୍କ ଭାଉଜ କହିଛନ୍ତି। ଯଦି କାହାକୁ ଏହି ବିଷୟରେ କୁହ ତାହା ହେଲେ ତୁମମାନଙ୍କୁ ଜୀବନରୁ ମାରିଦେବି ବୋଲି ଧମକ ଦେଇ ରାକେଶ ଦ୍ରୁତଗତିରେ ବାଇକ୍ ନେଇ ପଳାଇଯାଇଥିବା ସେ ଅଭିଯୋଗ କରିଛନ୍ତି।

### ୨୦ଫୁଟ ରାସ୍ତା ତଳକୁ ଖସିଲା ବାଇକ, ୨ ମୃତ

**ବଣାଇ, ୧୭।୧(ସ୍ୱ.ପ୍ର.):** ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ ନରେନ୍ଦ୍ର-ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ରାଜାବସା ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ୨୦ଫୁଟ ରାସ୍ତାକଡକୁ ଖସି ପଡ଼ିବା ଫଳରେ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ଯୁବକଦ୍ୱୟ ହେଲେ ବଣାଇ ଥାନା ଶିଶୁଡିହି ଗ୍ରାମର ସନ୍ତୋଷ କିଷାନ(୨୩), ସାନରଜାବସା ଗ୍ରାମର ଅଭିମନ୍ୟୁ ମୁଣ୍ଡା(୨୫) ଓ ଆହତ ଯୁବକ ହେଲେ ଶିଶୁଡିହି ଗ୍ରାମର କୈବଲ୍ୟ କିଷାନ(୧୯)। ସନ୍ତୋଷ, ଅଭିମନ୍ୟୁ, କୈବଲ୍ୟ ଏକ ନୂଆ ନମ୍ବର ବିହୀନ ବାଇକରେ ଗୁରୁଣ୍ଡିଆ ସାପ୍ତାହିକ ବଜାରରୁ ଘରକୁ ଫେରୁଥିଲେ। ସେମାନେ ଗୁରୁଣ୍ଡିଆ ଘାଟି ଅତିକ୍ରମ କରିବା ପରେ ହଠାତ୍ ବାଇକ୍‌ରୁ ଭାରସାମ୍ୟ ହରାଇବାରୁ ରଜାବସା ନିକଟରେ ୨୦ଫୁଟ ରାସ୍ତା ତଳକୁ ଖସି ପଡିଥିଲେ। ଘଟଣାସ୍ଥଳରେ ସନ୍ତୋଷ ଏବଂ ଅଭିମନ୍ୟୁଙ୍କ ମୃତ୍ୟୁ ହୋଇଥିଲା। କୈବଲ୍ୟଙ୍କୁ ଅଚେତ ଅବସ୍ଥାରେ ପ୍ରଥମେ ବଣାଇ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଣାଇ ଥାନା ପୋଲିସ ୨ ମୃତଦେହ ଜବତ କରି ବଣାଇ ଉପଖଣ୍ଡ ଡାକ୍ତରଖାନାରେ ରଖିଛି। ଶନିବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଖସିପଡିଥିବା ବାଇକକୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ତେଲ;**
**ପାଣି ପାଣି ।**

ତେଲ ସହ ତେଲ ସହଜରେ ମିଶିଯାଏ। ସେହିପରି ପାଣି ମଧ୍ୟ ପାଣି ସହ ମିଶିଯାଇଥାଏ। ପରନ୍ତୁ ତେଲ ସହ ପାଣି କସ୍ମିନ କାଳେ ମିଶିପାରି ନ ଥାଏ। ପରୋକ୍ଷରେ ସମ ସ୍ୱଭାବ ବ୍ୟକ୍ତି ପରସ୍ପର ସହ ଅଚିରେ ମେଳ ଖାଇଯାଉଥିବା ବେଳେ ଅସମାନ ଦୁଇ ବ୍ୟକ୍ତିଙ୍କର ମିଳନ ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୁ କାର ପଦ ମୁଁ ସହିବି ନାହିଁ,**
**କି ତାଟିକିଲା ମାଡ଼ ଖାଇବି ନାହିଁ**
**କି ଖଣ୍ଡିଆ ପଥୁରି ଧୋଇବି ନାହିଁ ।**

ଯେଉଁ ଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ଫିକା ପଡ଼ିଯାଇଥାଏ। ଏପରିସ୍ଥଳେ ଶାଶୁଘର ସଦସ୍ୟଙ୍କଠାରୁ କଥା କଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲରେ ବାବୁଲା ଦହିବରା ପୁରସ୍କୃତ

**କଟକ ଅଫିସ,୧୭।୧**






**ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରଥମ**

ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୧୧ତମ ଜାତୀୟ ଷ୍ଟ୍ରିଟ୍ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଦେଉଳସାହିର ପ୍ରଦୀପ୍ତ କୁମାର ସାହୁ ଓରଫ ବାବୁଲାଙ୍କ ଦହିବରା ଷ୍ଟଲ୍ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ଏଥିପାଇଁ ଉକ୍ତ ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଛି। ଦହିବରା ପାଇଁ ପ୍ରସିଦ୍ଧ କଟକ ସହର ପୁର୍ନବାର ଜାତୀୟ ସ୍ତରରେ ଆଉ ଏକ ନିଆରା ରେକର୍ଡ ସୃଷ୍ଟି କରିଛି।

ଏହି ଫେଷ୍ଟିଭାଲରେ ଦେଶର ସମସ୍ତ ରାଜ୍ୟରୁ ୨୫୦ ଭେରାଇଟିର ଖାଦ୍ୟ ଷ୍ଟଲ ପଡ଼ିଥିଲା, ଯେଉଁଥିରେ ଓଡ଼ିଶାର ରହିଥିଲା ମାତ୍ର ଦୁଇଟି ଷ୍ଟଲ। ବାବୁଲା ଦହିବରା ଷ୍ଟଲ ପକାଇଥିବା ବେଳେ ଆଉ ଏକ ମିଠା ଷ୍ଟଲ ଥିଲା। ବାବୁଲାଙ୍କ ଦହିବରାର ଭିଡ଼ିଓ ୟୁ-ଟ୍ୟୁବରେ ଭାଇରାଲ ହୋଇଥିବାରୁ ଫେଷ୍ଟିଭାଲ ଆୟୋଜକ ଫୋନ୍ ଯୋଗେ ତାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ନୂଆଦିଲ୍ଲୀରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗ ନେବାକୁ କହିଥିଲେ। ଦହିବରା, ଘୁଗୁନି ଓ ଆଳୁଦମ୍ ପରଷି ବାବୁଲା ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ସେଠାରେ ଖାଦ୍ୟ ତିଆରି କରିବା ଓ ପରଷିବା କ୍ଷେତ୍ରରେ ପରିଷ୍କାର ପ୍ରତି ବିଶେଷ ଧ୍ୟାନ ଦିଆଯାଉଥିଲା। ଏପରିକି ସିସିଟିଭି କ୍ୟାମେରାରେ ସମସ୍ତ କାର୍ଯ୍ୟକୁ ଆୟୋଜକ ନଜର ରଖୁଥିଲେ ବୋଲି ବାବୁଲା କହିଛନ୍ତି। ସୂଚନାଥାଉ କି, ବାବୁଲା ଦୀର୍ଘ ୩୦ବର୍ଷ ହେବ ଦେଉଳସାହିରେ ଦହିବରା ବ୍ୟବସାୟ କରୁଛନ୍ତି। ପ୍ରଥମେ ସାଇକେଲରେ ବୁଲି ବୁଲି ସେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ହେଲେ ଏବେ ଠେଲାଗାଡ଼ିରେ ଦହିବରା ବିକ୍ରି କରୁଛନ୍ତି। ବ୍ୟବସାୟରେ ସ୍ତ୍ରୀ ମଲ୍ଲିକାରାଣୀ ସାହୁ, ପୁଅ ଚିନ୍ମୟ ସାହୁ ଓ ଝିଅ ବିଜୟଲକ୍ଷ୍ମୀ ସାହୁ ସହଯୋଗ କରନ୍ତି ବୋଲି ବାବୁଲା କହିଛନ୍ତି।

# ଅର୍ଥ ବାଟମାରଣା ରୋକିବାକୁ ପଡ଼ିବ: ସମୀର

**ପୁରୀ ଅଫିସ, ୧୭।୧**

**ମହାପ୍ରଭୁଙ୍କୁ ଦର୍ଶନ କଲେ**

ଭାଜପା ରାଜ୍ୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମୀର ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଦଳୀୟ ନେତା ଓ କର୍ମୀଙ୍କ ସହ ଆସି ସିଂହଦ୍ୱାରରେ ପହଞ୍ଚିଥିଲେ। ତାଙ୍କୁ ଜିଲାର ଭାଜପା କର୍ମୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହାପରେ ସେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟା ରହି ମନ୍ଦିରରୁ ଫେରିବା ପରେ ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛି। ବଡ଼ଠାକୁର ହେଉଛନ୍ତି ଆମ ଜଗନ୍ନାଥ। ବଡ଼ଦେଉଳରେ ରୁହନ୍ତି ଓ ବଡ଼ଦାଣ୍ଡରେ ଯାଆନ୍ତି। ଛପନ ଭୋଗ ଲଗାଯାଏ। ତଥାପି ଓଡ଼ିଶା କ'ଣ ଗରିବ ହୋଇ ରହିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅପାର ସହଯୋଗ ରହିଛି। ଦିଲ୍ଲୀ ଦରବାରରେ ଓଡ଼ିଶାର ସ୍ୱରକୁ ବଳ ଦେବା ପାଇଁ ଦୁଇ ଜଣ କେନ୍ଦ୍ରମନ୍ତ୍ରୀ, ୮ଜଣ ଏମ୍‌ପି ଏବଂ ୨ଜଣ ରାଜ୍ୟପାଳଙ୍କୁ ମଧ୍ୟ ନିଯୁକ୍ତି ଦେଇଛନ୍ତି। କିନ୍ତୁ ଦୀର୍ଘବର୍ଷ ଧରି ଯେଉଁ ଦୁଇଦଳ ଓଡ଼ିଶାର ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଭୁଲ୍ ରହିଛି। ତାକୁ ସୁଧାରିବା ଦରକାର। ଭାଜପା ୩୭ହଜାର ବୁଥ୍‌ରେ ନିଜ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରିବ। ଦଳ ପାଖରେ ଯେଉଁ ଅନୁଭବୀ ନେତୃତ୍ୱ ରହିଛି ସେମାନଙ୍କ ସହଯୋଗ ଓ ପ୍ରେରଣା ମୋତେ ଆଗାମୀ ଦିନରେ ସହାୟ ହେବ। ରାଜନୀତି ପଶାପାଲିରେ ଯେଉଁ ଅର୍ଥ ବାଟମାରଣା ହେଉଛି ତାହାକୁ ନିଶ୍ଚିତ ଭାବେ ରୋକିବାକୁ ପଡ଼ିବ। ଏଥିରେ ଯଦି ବାଧାବିଘ୍ନ ଆସେ ତେବେ ଲୋକେ ରାସ୍ତାକୁ ବାହାରିବେ। ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଅବା ଫନୀ ସହାୟତା, ଜନସାଧାରଣଙ୍କ ଅର୍ଥ ସେମାନଙ୍କ ପାଖରେ ପହଞ୍ଚିବା ଦରକାର। ମହାପ୍ରଭୁ ଏ ଦିଗରେ ଭାଜପାର କର୍ମକର୍ତ୍ତାଙ୍କୁ ଶକ୍ତି ଦିଅନ୍ତୁ ବୋଲି ସମୀର କହିଥିଲେ।

### ଦୁର୍ଘଟଣାରେ ହାଉସ୍ ସର୍ଜନ ମୃତ

**ସମ୍ବଲପୁର,୧୭।୧(ବ୍ୟୁରୋ)**

ଟ୍ରକ ପଛରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ହାଉସ୍ ସର୍ଜନଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ଆଶିଷ ଅଗ୍ରୱାଲ। ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରର ହାଉସ ସର୍ଜନ ଆଶିଷ ଶୁକ୍ରବାର ନିଜ ବାଇକ୍‌ରେ ଆସୁଥିଲେ। ଅଇଁଠାପାଲି ଥାନା ପାଞ୍ଚଗୋଛିଆ ଛକରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଜମନକିରା ଥାନା ଭୋଇପୁର ଗ୍ରାମର ଆଶିଷଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅଇଁଠାପାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ଜିଲା ଚିଠି



### ବୌଦ୍ଧ

### ମହୋତ୍ସବ ଋତୁ

ବୌଦ୍ଧ ଜିଲା ସଂସ୍କୃତିସମ୍ପନ୍ନ ଐତିହାସିକ, ଶାନ୍ତି, ପ୍ରୀତି ଓ ମୈତ୍ରୀର ପବିତ୍ର ମାଟି। ସେହି ଜିଲାରେ ବର୍ଷସାରା ମହୋତ୍ସବର ଋତୁ ଚାଲିଛି। ହରଭଙ୍ଗା ବ୍ଲକ ପୁରୁଣାକଟକରେ ମା' ଭୈରବୀ ମହୋତ୍ସବ, ବୀରନରସିଂହପୁରରେ ଗଡଜାତ ଲୋକ ମହୋତ୍ସବ, ବୌଦ୍ଧରେ ଜିଲା ମହୋତ୍ସବ ପାଳନ ହୋଇଥିବାବେଳେ ମାତ୍ର ଅଳ୍ପଦିନ ପୂର୍ବରୁ ପୁସ୍ତକମେଳା ମଧ୍ୟ ସମ୍ପନ୍ନ ହୋଇଛି। ସେହିପରି କଣ୍ଟାମାଳ ବ୍ଲକର ଖଟଖଟିଆରେ ଉଷତ ମହୋତ୍ସବ, ବ୍ରାହ୍ମଣୀରେ ବଉଳ ମହୋତ୍ସବ, ସିମିଳିପଦରରେ ମହକ ଉତ୍ସବ, କଣ୍ଟାମାଳରେ ଦୁଇ ଦୁଇଟି ମହୋତ୍ସବ, ଖୁଣ୍ଟିଗୋରାର ଖଡଙ୍ଗ ମହୋତ୍ସବ, ବିଳାସପୁରର ଲୋକ ମହୋତ୍ସବ ଓ ବାଉଁଶୁଣୀରେ ବାଉଁଶୁଣୀ ଲୋକ ମହୋତ୍ସବ ସାଙ୍ଗକୁ ରହିଛି ପଲଶାଗୋରାର ମୁରାସୁର ଦରବାର, କଲରାକୋଠାର ମହିଷାସୁର ଦରବାର, ମଲକିପଦର ଓ ଦପଲାର ଧନୁଯାତ୍ରା। ବୌଦ୍ଧ ସହରରେ ମଧ୍ୟ ଧନୁଯାତ୍ରା ଓ ରାମଲୀଳା ପର୍ବପାଳନ ହେଉଛି। ଏହାବ୍ୟତୀତ ବ୍ଲକର ପ୍ରସିଦ୍ଧ ଗନ୍ଧରାଡୀ ଶୈବପୀଠରେ ଗନ୍ଧରାଡୀ ମହୋତ୍ସବ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବ ଦ୍ୱାରା ସାରା ଜିଲାରେ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ହେଉଛି। ମହୋତ୍ସବ ଫଳରେ ବ୍ୟବସାୟୀମାନେ ଭଲ ବେପାର କରିବା ସହ ଅଧିକ ଲାଭ ଉଠାଉଛନ୍ତି। ଏହାସହ ସାରା ଜିଲାରେ କଳାସୀ ଯାତ୍ରା, ଝାମୁଯାତ୍ରା, ଝୁଡାଖାଇ ଯାତ୍ରା, ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପଲଶାଗୋରା ଓ ପାତାଳୀ ଶ୍ରୀକ୍ଷେତ୍ର ନାୟକପଡାର ମକରମେଳା ଓ ଆମ୍ବଗହଣାର ରାହାସ ଯାତ୍ରା ମଧ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ ଜିଲା ମହୋତ୍ସବ ଖୁବ୍ ଧୁମଧାମରେ ପାଳନ ହୋଇଥିବା ବେଳେ ମହୋତ୍ସବ ସହ କୃଷି, ପର୍ଯ୍ୟଟନ ପର୍ବ, କ୍ରୀଡା ମହୋତ୍ସବ ପାଳନ ହୋଇଥିଲା। ଏହି ଗୌରବମୟ ମାଟିର ମହାନ୍ ପରମ୍ପରାକୁ ଜାବୁଡି ଧରିଥିବା କଳାକାରମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ବୌଦ୍ଧ ଗଡଜାତର ରାଜାମାନେ କଳାପ୍ରିୟ ଓ ପ୍ରଜାବତ୍ସଳ। ସେହି ସମୟରୁ ବିକାଶ ପ୍ରଦର୍ଶନୀ ସହ ବିଭିନ୍ନ ଗ୍ରାମରେ ଯାନିଯାତ୍ରାର ପରିବେଶ ସୃଷ୍ଟି ହୋଇଥିଲା, ଯାହାକି ବର୍ତ୍ତମାନ ପର୍ଯ୍ୟନ୍ତ ପାରମ୍ପରିକ ଭାବେ ଲୋକମାନଙ୍କ ଦ୍ୱାରା ପାଳନ ହୋଇଆସିଛି। ଖାଲି ଏତିକି ନୁହେଁ, ଏହି ଜିଲାରେ ରଥଯାତ୍ରା ଓ ବାହୁଡାଯାତ୍ରା ପାଳନ ମଧ୍ୟ ସମ୍ପୂର୍ଣ୍ଣ ନିଆରା। ବୌଦ୍ଧ ସହରରେ ମୁଖ୍ୟ ରଥଯାତ୍ରା ପାଳିତ ହେଉଥିବାବେଳେ ରାଜାଙ୍କ ଆଦେଶକ୍ରମେ ଆବହମାନ କାଳରୁ ଗ୍ରାମାଞ୍ଚଳବାସୀ ରଥଯାତ୍ରା ଓ ବାହୁଡାଯାତ୍ରା ଗୋଟିଏ ଦିନ ପରେ ପାଳନ କରିଥାନ୍ତି। ତେଣୁ ବୌଦ୍ଧର ଗରିମାମୟ ଐତିହ୍ୟର ମୂକସାକ୍ଷୀ ଭାବେ ଏହି ଯାନିଯାତ୍ରାର ପରମ୍ପରା ଚିରକାଳ ବଞ୍ଚି ରହୁ ଓ ଜିଲାର କଳାକାରମାନେ ଦେଶ ବିଦେଶରେ ସୁନାମ ଅର୍ଜନ କରି ମାଟିର ପରିଚୟ ସୃଷ୍ଟି କରନ୍ତୁ ଏହାହିଁ ସମସ୍ତଙ୍କ କାମନା।

– ଅଜିତ୍ କୁମାର ବାରିକ


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly Salary upto Rs. 25,000/-
Contact : Immediately
Mob : 8763257042

**ମାଗଣାରେ ନିଯୁକ୍ତି**
ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରେ Old Patient and Child Care ନେବା ପାଇଁ ମହିଳା ପ୍ରାର୍ଥୀ ଆବଶ୍ୟକ। ଯୋଗ୍ୟତା: 8th above, 7,000 to 15,000 ମାସିକ।
Number - 7751841577
7894397909

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**Officially Staff**
For BBSR, CTC, Puri, Berhampur.
*Qualification 10th above.*
Salary upto Rs.25,000/-
M-9938699963

**WANTED**
ବଗିଚା କାମ କରିବା ପାଇଁ ମାଳୀ ଆବଶ୍ୟକ। ରହିବା ଘର ଓ ଖାଇବା ସହ 7500/-
ଫୁଲନଖରା, କଟକ
7809525452

**REQUIRED** - Marketing boy with minimum 1 yr. exp. in Sanitaryware for BBSR. Reqd. Boys for Showroom / Godown & general work.
**H.R. Trading Co.,** 57, Budha Nagar, Bhubaneswar - 751 006.
Ph (0674) 2310921, Email : hrtrading.co.in@gmail.com

**HAIRDRESSER REQUIRED**
ଭୁବନେଶ୍ୱର ଜେଣ୍ଟସ୍ ପାର୍ଲର ପାଇଁ ଅଭିଜ୍ଞ ଓ କୁଶଳୀ କାରିଗର ଆବଶ୍ୟକ।
ଦରମା 10,000 ରୁ 30,000
ରହିବା ଓ ଖାଇବା ମାଗଣା।
ଯୋଗାଯୋଗ :
+91 9853410081
+91 8658511010

**TEACHERS REQUIREMENT MALE OR FEMALE**
MONTESORY- 1 TO STD- 7 FOR
ST. XAVIER HIGH SCHOOL
Pandav Nagar, Plot No.4916, Tankapani Road, Bhubaneswar-18
Contact : 7978084379
8249088768

**WANTED**
CAR DRIVER FOR OFFICE AT CUTTACK.
CONTACT :9437021279
9437496020

**Required 4 Nos of Hardware Engineer**
Free Accomodation
B-25, Saheed Nagar, Bhubaneswar
Mob : 9438091660

**WANTED**
ଓଡ଼ିଆ, ହିନ୍ଦୀ, ଇଂରାଜୀରେ DTP କରିପାରୁଥିବା ସହିତ Computer ସମ୍ପର୍କରେ ସାଧାରଣ ଜ୍ଞାନ ରଖିଥିବା ପାର୍ଥୀ part time worker ହିସାବରେ ଆବଶ୍ୟକ।
0674-2421358

**Aurea Aviation**
Recruitment for BPI Airport
*Fresher or Experience*
Con :- 9582775827

**ସେଲ୍ସମ୍ୟାନ୍ ଆବଶ୍ୟକ**
ସୋନୁ ଇଲେକ୍ଟ୍ରିକାଲ୍ସ ୧୫୯, ବାପୁଜୀନଗର, ଗଳି ନଂ.-୧୨
ଆଲ୍ଲାହାବାଦ ବ୍ୟାଙ୍କ ପାଖ, ଭୁବନେଶ୍ୱର

**WANTED**
ଧରିତ୍ରୀ DHARITRI Oriya daily
is looking for
**ASSISTANT NEWS EDITORS**
- Candidate should have at least 7 years experience in Desk work.
- Must have Masters Degree in Journalism.
- Candidate should be proficient in understanding, translating and editing news stories as well as coming up with attractive headlines.

**SENIOR SUB-EDITORS**
- Candidate must have at least 3 years experience in desk work.
- Should have a degree in Journalism.
- Should have expertise in translation.

Apply immediately to :
recruitment@dharitri.com
Attractive salary commensurate with experience

**ଆବଶ୍ୟକ**
**ସିକ୍ୟୁରିଟି ଗାର୍ଡ**
(ରହିବା ମାଗଣା)
ମାସିକ ଦରମା - 9000/- ରୁ 16000/-
ଏବଂ EPF+ESI ଅଛି ।
ନିଯୁକ୍ତି ସ୍ଥାନ - ଭୁବନେଶ୍ୱର, କଟକ, ଯାଜପୁର, ପାରାଦ୍ୱୀପ, ଝାରସୁଗୁଡା
M : 9777086435, 9556496258

**FELLOWSHIP ON IOL & ANTERIOR SEGMENT**
MNC-LEPRA Society is looking for candidates having certificate on MS (Optha), DNB or Diploma in Ophthalmology for fellowship programme of one & half year duration. Selected candidates will get attractive stipend with other facilities as per Lepra HR rule. Interested candidates are invited to send updated resume & testimonials to the below mentioned address on or before **31st January 2020.**
To
Medical Superintendent, MNC-Lepra Society Pandapali, Birmaharajpur, Subarnapur, Odisha-767018
Mail- debendra@leprahealthinaction.in, Mob-9437198482

**REQUIRED**
VIGEN INDIA REQUIRED
Smart Boys and Girls Candidates for Office Job. Age- 20-30
EDU - +2 to Graduate
Job Location - Rabi Talkies Squire and Sastri Nagar
Contact : 9348916882

**JOB OPPORTUNITY !**
HIGHLANDs AGRIVENTURE LTD. (An ISO 9001: 2015 Certified Public Company) requires candidates for the position of
**AGRICULTURAL PROJECT IN-CHARGE**
at- KEONJHAR, MAYURBHANJ, BALASORE & SAMBALPUR.
- Minimum Graduate (preferably experienced)
- Knowledge of Computer is essential.
- Willing to work with farmer base of semi-urban.
- Having own 2 Wheeler and willing to travel.

Joining Date : *Immediately.*
Gross Salary per month: 15, 000/- (apart from other benefits).
Send us your latest CV, within 10 days from the date of advertisement by email-: highlands.co.hr.@gmail.com,
Cont. No. – 6371 811 350.
(Deserving candidate will be called for a personal interview)

**URGENTLY REQUIRED**
Principal -7 to 8 Yrs Exp.
Teacher (Eng.) 2 to 3 Yrs
Teacher (Math & Sc.) 2 to 3 Yrs
Qualification B.Ed
Female Candidates only
SALARY NEGOTIABLE
LUCKY PUBLIC SCHOOL
Charichhak, Nimapara, Puri
Mob.: 7894447001, 7894447111
luckypublicschool2015@gmail.com

See Career Appointment on every Wednesday & Saturday

**ନୋଟିସ**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**COLOR CLASSIFIED DISPLAY**
on Every **Tuesday and Friday**



୨୦୨୫ ସୁଦ୍ଧା ଭାରତରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

– ଜେଫ୍ ବେଜୋସ, ଆମାଜନ ସିଇଓ



ଭାରତକୁ ଆସୁଥିବା ପ୍ରତି ନିବେଶକୁ ସ୍ୱାଗତ କରୁଛୁ। ହେଲେ ଏହା ଆଇନ ଅନୁସାରେ ହେବା ଆବଶ୍ୟକ।

– ପୀୟୂଷ ଗୋୟଲ, କେନ୍ଦ୍ର ମନ୍ତ୍ରୀ

## ସଂକ୍ଷେପରେ

### ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ବିରୋଧରେ ଇଡି ଚାର୍ଜସିଟ୍

**ନୂଆଦିଲ୍ଲୀ,୧୭-୧:** ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ(ବିପିଏସ୍ଏଲ୍) ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚାର୍ଜସିଟ୍ ଫାଇଲ କରିଛି। ବ୍ୟାଙ୍କ ଠକେଇ ଏବଂ ବେଆଇନ ଅର୍ଥ କାରବାର ମାମଲାରେ ଇଡି ଏବେ ଭୂଷଣ ବିରୋଧରେ ତଦନ୍ତ କରୁଥିବା ଜଣାପଡିଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ଇଡି ଗତ ବର୍ଷ ଅକ୍ଟୋବରରେ ଭୂଷଣର ୪୦୨୫.୨୩ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ଜବତ କରିଥିଲା। ବିଭିନ୍ନ ବ୍ୟାଙ୍କ ଏବଂ ବିତ୍ତ ପ୍ରତିଷ୍ଠାନଗୁଡ଼ିକରୁ ଏହି କମ୍ପାନୀ ଋଣ ନେଇ ଏହାକୁ ବିଭିନ୍ନ ଉପାୟରେ ଅନ୍ୟତ୍ର ପଠାଇ ଦେଉଥିବା ଇଡି ପକ୍ଷରୁ କୁହାଯାଇଛି।

### ୩୦ ବର୍ଷର ସର୍ବନିମ୍ନ ସ୍ତରରେ ଚାଇନା ଜିଡିପି

**ନୂଆଦିଲ୍ଲୀ,୧୭-୧:** ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଚାଇନା ଉପରେ ନକାରାତ୍ମକ ପ୍ରଭାବ ପକାଇଛି। ଏଭଳି କାରଣ ଯୋଗୁ ଚାଇନାର ଜିଡିପି ବିକାଶ ହାର ୩୦ ବର୍ଷର ସର୍ବନିମ୍ନ ସ୍ତର ୬.୦%କୁ ଖସିଛି। ନ୍ୟାଶନାଲ ବ୍ୟୁରୋ ଅଫ ଷ୍ଟାଟିଷ୍ଟିକ୍ସ ପକ୍ଷରୁ ଶୁକ୍ରବାର ଜାରି କରାଯାଇଥିବା ଡାଟା ମୁତାବକ ଆର୍ଥିକ ବର୍ଷ ଲାଗି ଏହି ବିକାଶ ହାର ୬.୧% ରହିବ ବୋଲି ଅନୁମାନ କରାଯାଇଛି। ଏହା ୧୯୯୦ ପରଠାରୁ ସବୁଠାରୁ ନିମ୍ନ ସ୍ତର ବୋଲି କୁହାଯାଇଛି।

### ମିସ୍ଡ କଲ୍‌ରେ ଜାଣି ହେବ ଫାଷ୍ଟାଗ୍ ବାଲାନ୍ସ




**ନୂଆଦିଲ୍ଲୀ,୧୭-୧:** ଫାଷ୍ଟାଗ୍ ପ୍ରିପେଡ ୱାଲେଟରେ କେତେ ଟଙ୍କା ବାଲାନ୍ସ ରହିଛି ତାହା କେବଳ ଗୋଟିଏ ମିସ୍ଡ କଲ୍ ଦ୍ୱାରା ଜାଣି ହେବ। ଫାଷ୍ଟାଗ ବ୍ୟବହାରକାରୀଙ୍କୁ ବାଧାମୁକ୍ତ ଓ ସୁବିଧା ଜନକ ସେବା ଯୋଗାଣ ଲକ୍ଷ୍ୟରେ ଏନ୍ଏଚ୍ଏଆଇର ସହଯୋଗୀ କମ୍ପାନୀ ଇଣ୍ଡିଆନ ହାଇୱେଜ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏଭଳି ସୁବିଧା କରାଯାଇଥିବା ଜଣାପଡିଛି। ନିଜର ପଞ୍ଜୀକୃତ ମୋବାଇଲ ନମ୍ବରରୁ ଫାଷ୍ଟାଗ ବ୍ୟବହାରକାରୀମାନେ ନିର୍ଦ୍ଧାରିତ ନମ୍ବରକୁ ଡାଏଲ କରିବେ। ଏହା ପରେ ଏସ୍ଏମ୍ଏସ୍ ମାଧ୍ୟମରେ ଏ ସମ୍ପର୍କିତ ସୂଚନା ବ୍ୟକ୍ତିବିଶେଷଙ୍କୁ ଜଣାଇ ଦିଆଯିବ।

### ନାରେଡ୍‌କୋ ଆଣିଲା ନୂଆ ହାଉସିଂ ଇ-କମର୍ସ ପୋର୍ଟାଲ

**ନୂଆଦିଲ୍ଲୀ,୧୭-୧:** ନ୍ୟାଶନାଲ ରିୟଲ ଇଷ୍ଟେଟ ଡେଭଲପମେଣ୍ଟ କାଉନସିଲ (ନାରେଡକୋ) ପକ୍ଷରୁ ଦେଶର ପ୍ରଥମ ଇ-କମର୍ସ ହାଉସିଂ ପୋର୍ଟାଲ ଶୁଭାରମ୍ଭ କରାଯାଇଛି। ହାଉସିଂ ଫର୍ ଅଲ୍ ଡଟ୍ କମ୍ ନାମରେ ଏହି ପୋର୍ଟାଲ କେନ୍ଦ୍ର ସରକାରଙ୍କ ହାଉସିଂ ଫର୍ ଅଲ୍ ଏବଂ ଡିଜିଟାଲ ଇଣ୍ଡିଆ ଭଳି କାର୍ଯ୍ୟକ୍ରମକୁ ଧ୍ୟାନରେ ରଖି ଶୁଭାରମ୍ଭ କରାଯାଇଛି। ଏହାକୁ ବାସଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗାଶଙ୍କର ମିଶ୍ର ଶୁଭାରମ୍ଭ କରିଛନ୍ତି। ଏହାସହ ନାରେଡ୍‌କୋ ଆନୁକୂଲ୍ୟରେ ୪୫ ଦିନିଆ ଅଲ୍ ଇଣ୍ଡିଆ ଅନ୍‌ଲାଇନ ହୋମ ବାଇଙ୍ଗ ଫେଷ୍ଟିଭାଲ ଆରମ୍ଭ କରାଯାଇଛି। ଏଥିରେ ରେଡି ଟୁ ମୁଭ୍ ବାସଗୃହ ଲାଗି ପ୍ରାୟ ୧୦୦୦ ପ୍ରକଳ୍ପକୁ ସ୍ଥାନିତ କରାଯାଇଥିବା ଜଣାପଡିଛି।

# ଅଭିବୃଦ୍ଧି ପୂର୍ବାନୁମାନ କମାଇଲା ଜାତିସଂଘ

**ନୂଆଦିଲ୍ଲୀ,୧୭-୧**




- ୫.୭% ରହିବ ବିକାଶ ହାର
- ସଂସ୍କାର ପ୍ରକ୍ରିୟା ଜାରି ରଖିବାକୁ ପରାମର୍ଶ

ଆର୍ଥିକ ବର୍ଷ ୨୦୧୯-୨୦ରେ ଭାରତର ବିକାଶ ହାର ୫.୭% ରହିବା ନେଇ ଶୁକ୍ରବାର ମିଳିତ ଜାତିସଂଘ ପୂର୍ବାନୁମାନ କରିଛି। ପୂର୍ବରୁ କରାଯାଇଥିବା ପୂର୍ବାନୁମାନଠାରୁ ଏହା କମ୍ ବୋଲି ଜଣାପଡିଛି। ମିଳିତ ଜାତିସଂଘ ପକ୍ଷରୁ କରାଯାଇଥିବା ଅଧ୍ୟୟନ ମୁତାବକ ଭାରତର ବିକାଶ ହାରରେ ସକାରାତ୍ମକ ପରିବର୍ତ୍ତନ ଆସିବା ସମ୍ଭାବନା ରହିଛି। ଭାରତୀୟ ଅର୍ଥ ବ୍ୟବସ୍ଥା ଏବେ ମାନ୍ଦାବସ୍ଥା ଦେଇ ଗତି କରୁଥିବାରୁ ସରକାର ଏ ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଅଭିବୃଦ୍ଧି ଧାରାକୁ ପ୍ରୋତ୍ସାହିତ କରିବା ଲାଗି ସରକାର ସଂସ୍କାର ପ୍ରକ୍ରିୟାକୁ ନିରନ୍ତର କରିବାର ଆବଶ୍ୟକତା ରହିଛି। ଆର୍ଥିକ କ୍ଷେତ୍ର ସଂସ୍କାର ଏବଂ ଅର୍ଥନୈତିକ ସଂସ୍କାରଧାରା ଦ୍ୱାରା ଭାରତର ଚାହିଦାକୁ ବୃଦ୍ଧି କରାଯାଇପାରିବ ବୋଲି ମିଳିତ ଜାତିସଂଘ ଏହାର ୱାର୍ଲ୍ଡ ଇକୋନୋମିକ ସିଚୁଏଶନ ଆଣ୍ଡ ପ୍ରସପେକ୍ଟ ୨୦୨୦ ରିପୋର୍ଟରେ ପ୍ରକାଶ କରିଛି।

ଚାହିଦା ଉନ୍ନତ ହେଲେ ଭାରତର ବିକାଶ ହାର ୬.୬% ଛୁଇଁପାରେ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଘରୋଇ ବଜାରର ବିକାଶ ହାର ୫% ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହା ଆସନ୍ତା ଆର୍ଥିକ ବର୍ଷରେ ୫.୯% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଏସିଆ ଏବଂ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ସାମାଜିକ ଏବଂ ଅର୍ଥନୈତିକ କମିଶନ ନାଗେସ କୁମାର କହିଛନ୍ତି। ଭାରତର ମୌଳିକ ଢାଞ୍ଚା ଦୃଢ ଥିବା ସେ ମତ ରଖିଛନ୍ତି। ସୂଚନାଯୋଗ୍ୟ, ଦେଶରେ ଚାହିଦା ଏବଂ ନିବେଶ କମିବା ଯୋଗୁ ଦେଶର ଜିଡିପି ବିକାଶ ହାର ୫%କୁ ଖସିବ ବୋଲି କୁହାଯାଇଛି। ଏହା ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ପ୍ରାୟ ଅଧିକାଂଶ ଅନ୍ତର୍ଜାତୀୟ ଏଜେନ୍ସି ଭାରତର ବିକାଶ ହାର କମିବ ବୋଲି ପୂର୍ବାନୁମାନରେ କହିଛନ୍ତି। ଦେଶରେ ନିଯୁକ୍ତି ମଧ୍ୟ ଏବେ ପ୍ରଭାବିତ ସ୍ଥିତିରେ ରହିଛି। ଦରଦାମ ବଢି ଚାଲିଥିବା ବେଳେ ମାନ୍ଦାବସ୍ଥା ଯୋଗୁ ସରକାରଙ୍କ ରାଜସ୍ୱ ମଧ୍ୟ କମିଛି। ବିଶେଷକରି ଚାହିଦା କମିବା ଯୋଗୁ ଏହାର ପ୍ରଭାବ ବଜାର ଉପରେ ପଡିଛି। ଆର୍ଥିକ କାର୍ଯ୍ୟକଳାପ ଖସିବା ଯୋଗୁ ଜିଡିପି ବିକାଶ ହାର ନିମ୍ନଗାମୀ ହୋଇଥିବା କୁହାଯାଉଛି।

# ହୋଣ୍ଡାର ନୂଆ ଦକ୍ଷତା ବିକାଶ କେନ୍ଦ୍ର




**କଟକ,୧୭-୧**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ କଟକସ୍ଥିତ ସରକାରୀ ଆଇଟିଆଇଠାରେ ଦକ୍ଷତା ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଭାରତ ସରକାରଙ୍କ ଦକ୍ଷତା ମିଶନ କାର୍ଯ୍ୟକ୍ରମ ପ୍ରତି ନିଜର ଯୋଗଦାନ ଆଧାରରେ କମ୍ପାନୀ ପକ୍ଷରୁ ଏଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ଯୁବବର୍ଗଙ୍କୁ ନିଯୁକ୍ତି କୈନ୍ଦ୍ରିକ ବୈଷୟିକ ଦକ୍ଷତା ତାଲିମ ପ୍ରଦାନ କରିବା ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ରାଜ୍ୟ ବୈଷୟିକ ଶିକ୍ଷା ତାଲିମ ଉପନିର୍ଦ୍ଦେଶକ ଏ.କେ. ପଣ୍ଡା, ପ୍ରତିଷ୍ଠାନର ଅଧ୍ୟକ୍ଷ ଡ.ହୃଷୀକେଶ ମହାନ୍ତି, ହୋଣ୍ଡାର ଅତିରିକ୍ତ ସାଧାରଣ ପରିଚାଳକ ସଞ୍ଜୁଲ ସକ୍ସେନା ପ୍ରମୁଖ ଉପସ୍ଥିତ ଥିଲେ। ଦୁଇଚକିଆ ଯାନ ମରାମତି, ରକ୍ଷଣାବେକ୍ଷଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ ଲାଗି ସ୍ୱୟଂସମ୍ପୂର୍ଣ୍ଣ କର୍ମଶାଳା ଏଠାରେ ରହିଛି। ଯାନର ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଆବଶ୍ୟକ ପ୍ରୟୋଗାତ୍ମକ ତାଲିମ ନେଇପାରିବେ। ୧ ବର୍ଷର ତାଲିମ ପରେ ବିଦ୍ୟାର୍ଥୀମାନଙ୍କୁ ହୋଣ୍ଡାର ବିଭିନ୍ନ ଡିଲରଶିପରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ କମ୍ପାନୀ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରାଯିବ। ଦକ୍ଷ ଶ୍ରମ ଶକ୍ତିର ଆବଶ୍ୟକତାକୁ ଉପଲବ୍ଧି କରି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ଗ୍ରାହକ ସେବା ବିଭାଗ ବରିଷ୍ଠ ଉପସଭାପତି ପ୍ରଦୀପ ପାଣ୍ଡେ କହିଛନ୍ତି।

# ଆଦାନୀ ବିରୋଧରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୧୭-୧**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଆଦାନୀ ଏଣ୍ଟରପ୍ରାଇଜେସ ବିରୋଧରେ ଆପରାଧିକ ମାମଲା ରୁଜୁ ହୋଇଛି। ନ୍ୟାଶନାଲ କୋଅପରେଟିଭ କନ୍‌ଜ୍ୟୁମର ଫେଡେରେଶନ (ଏନ୍‌ସିସିଏଫ୍) ଅଧିକାରୀଙ୍କ ସହ ମିଳିତ ହୋଇ ବେଆଇନ ଭାବେ ଏକ କୋଇଲା ଯୋଗାଣ କଣ୍ଟ୍ରାକ୍ଟ ଆଦାନୀ ଲାଭ କରିଥିବା ଅଭିଯୋଗ ଆସିଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଏକ କମ୍ପାନୀକୁ ଆଦାନୀ କୋଇଲା ଯୋଗାଣ ନେଇ ଏହି ଚୁକ୍ତି ଲାଭ କରିଥିଲା। ସିବିଆଇ ପୂର୍ବତନ ଏନ୍‌ସିସିଏଫ୍ ଅଧ୍ୟକ୍ଷ ବିରେନ୍ଦର ସିଂ, ପରିଚାଳନା ନିର୍ଦ୍ଦେଶକ ଜି.ପି.ଗୁପ୍ତା, ପୂର୍ବତନ ବରିଷ୍ଠ ପରାମର୍ଶଦାତା ଏସ୍.ସି. ସିଂଘଲଙ୍କ ନାମ ଏଫ୍ଆଇଆର୍‌ରେ ଉଲ୍ଲେଖ କରିଛି। ଦୁର୍ନୀତି ନିରୋଧ ଆଇନରେ ଏମାନଙ୍କ ବିରୋଧରେ ମାମଲା ଦାୟର ହୋଇଥିବା ଜଣାପଡ଼ିଛି। ଆନ୍ଧ୍ରପ୍ରଦେଶ ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡକୁ ୨୦୧୦ରେ ୬ ଲକ୍ଷ ଟନ୍ କୋଇଲା ଯୋଗାଣ ନେଇ ଟେଣ୍ଡର ଆସିଥିଲା। ସିଂ ଏବଂ ଗୁପ୍ତା ଅହମ୍ମଦାବାଦ ଭିତ୍ତିକ ଆଦାନୀ ଏଣ୍ଟରପ୍ରାଇଜେସକୁ ଉକ୍ତ ଟେଣ୍ଡର ପାଇବାରେ ଅନୁକମ୍ପା କରିଥିବା ଅଭିଯୋଗ ଆସିଛି। ମାମଲାରେ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କୁ ଶୀଘ୍ର ସମନ ଜାରି କରାଯିବ ବୋଲି ସିବିଆଇ କହିଛି। କୋଇଲା ଯୋଗାଣ କଣ୍ଟ୍ରାକ୍ଟ ଲାଭ କରିବା ଲାଗି ସମସ୍ତ ନିୟମ ଦେଇ ଯାଇଥିବା ଆଦାନୀ ଏଣ୍ଟରପ୍ରାଇଜେସ ମୁଖପାତ୍ର କହିଛନ୍ତି। ଏ ଦିଗରେ କମ୍ପାନୀ କୌଣସି ବେଆଇନ କାର୍ଯ୍ୟ କରିନାହିଁ। ଏହା ଏକ ପ୍ରାଥମିକ ତଦନ୍ତ ରିପୋର୍ଟ ହୋଇଥିବାବେଳେ କର୍ତ୍ତୃପକ୍ଷଙ୍କୁ ତଦନ୍ତର ସବୁ ରିପୋର୍ଟ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।




# ଆଇସିଏସ୍ଆଇ ପକ୍ଷରୁ ବିଜ୍‌ନେସ ଲ କର୍ମଶାଳା

**ଭୁବନେଶ୍ୱର,୧୭-୧**

ଇନଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ କର୍ପୋରେଟ ଏବଂ ବାଣିଜ୍ୟ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ, କମ୍ପାନୀ ସେକ୍ରେଟାରିମାନେ କେବଳ ଅନୁପାଳନ ଅଧିକାରୀ ହୋଇ ନ ଥାନ୍ତି, ସେମାନେ ପରିଚାଳନା ଦିଗରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ରାଜ୍ୟ ସରକାର ନିୟମ ଏବଂ ଟେକ୍ନୋଲୋଜିରେ ସରଳୀକରଣ ଦ୍ୱାରା ଇଜ୍ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ଶ୍ରୀଧର ପାତ୍ର କହିଛନ୍ତି ଯେ, କମ୍ପାନୀଗୁଡିକ କ୍ଷେତ୍ରରେ ଲାଗୁ ହେଉଥିବା ବିଭିନ୍ନ ଆଇନ କ୍ଷେତ୍ରରେ କମ୍ପାନୀ ସେକ୍ରେଟାରୀମାନେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ୨ ଦିନିଆ କର୍ମଶାଳାରେ କମ୍ପାନୀ ଆଇନ, ନିଧି କମ୍ପାନୀ, ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା, ରିୟଲ ଇଷ୍ଟେଟ ନିୟାମକ କର୍ତ୍ତୃପକ୍ଷ, ମଧ୍ୟସ୍ଥତା ଏବଂ ବୌଦ୍ଧିକ ସମ୍ପତ୍ତି ଅଧିକାର ଭଳି ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିଲା।

# ଏନ୍ଏଚ୍ଏଆଇର ସଡ଼କ ସୁରକ୍ଷା ସପ୍ତାହ ପାଳନ



**ଭୁବନେଶ୍ୱର,୧୭-୧**

ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏଥିରେ ସଡକ ସୁରକ୍ଷା ବିଶେଷଜ୍ଞ, ଏନ୍ଏଚ୍ଏଆଇର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ବିଭିନ୍ନ ପ୍ରକଳ୍ପର ସୁରକ୍ଷା ପରାମର୍ଶଦାତା ଏହି କର୍ମଶାଳାରେ ଯୋଗ ଦେଇଥିଲେ। ବିଭିନ୍ନ ଦୁର୍ଘଟଣା ପ୍ରବଣ ବ୍ଲାକ୍ ସ୍ପଟ୍, ସମ୍ବେଦନଶୀଳ ସ୍ଥାନଗୁଡିକର ସମୀକ୍ଷା କରାଯାଇଥିଲେ। ଏଥିରେ ଆଞ୍ଚଳିକ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜୟଦେବ ବିହାରଠାରୁ ବରମୁଣ୍ଡା ମଧ୍ୟରେ ଏକ ସଡ଼କ ସୁରକ୍ଷା ୱାକାଥନ ମଧ୍ୟ ଅନୁଷ୍ଠିତ ହୋଇଥିବା ଏନ୍ଏଚ୍ଏଆଇ ପକ୍ଷରୁ ସୂଚନା ରହିଛି।

# ଏଲ୍‌ପିୟୁର ପ୍ଲେସ୍‌ମେଣ୍ଟ ଡେ

**ଜଲନ୍ଧର,୧୭-୧:** ଲଭଲି ପ୍ରଫେସନାଲ ୟୁନିଭର୍ସିଟି(ଏଲ୍‌ପିୟୁ) ପକ୍ଷରୁ ପ୍ଲେସମେଣ୍ଟ ଡେ ପାଳନ କରାଯାଇଛି। ଉତ୍ତର ଭାରତରେ ଛାତ୍ରୀଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ରେକର୍ଡ କରିଥିବା କହିଛି। କେବଳ ଫର୍ଚ୍ୟୁନ ୫୦୦ କମ୍ପାନିଙ୍କ ଦ୍ୱାରା ୫୦୦ ଜବ୍ ଅଫର ପ୍ରଦାନ କରାଯାଇଛି। ଅନୁଷ୍ଠାନର ଜଣେ ଛାତ୍ର ମାଇକ୍ରୋସଫ୍ଟରେ, ଅନ୍ୟ ଜଣେ ଇଞ୍ଜିନିୟରିଂ ଛାତ୍ର ବାର୍ଷିକ ୪୨ ଲକ୍ଷ ଟଙ୍କାର ପ୍ୟାକେଜରେ ନିଯୁକ୍ତି ପାଇଛନ୍ତି। ମ୍ୟାନେଜମେଣ୍ଟ ବର୍ଗରେ ୧୯.୭୫ ଲକ୍ଷ ପ୍ୟାକେଜରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଲାଭ କରିଛନ୍ତି। କ୍ୟାମ୍ପସକୁ ଆସିଥିବା ପ୍ରମୁଖ କମ୍ପାନୀଙ୍କ ମଧ୍ୟରେ ଆମାଜନ, ବୋସ୍, କ୍ୟାପଜେମିନି, କଗନିଜାଣ୍ଟ, ଭିର୍ଚୁଶା ଏବଂ ଟିସିଏସ୍ ଭଳି କମ୍ପାନୀ ରହିଛନ୍ତି। ଛାତ୍ରୀଛାତ୍ରଙ୍କ କ୍ୟାରିୟର ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ଏଲ୍‌ପିୟୁର ପ୍ରୋ ଭାଇସ ଚାନସେଲର ରଶ୍ମି ମିତ୍ତଲ କହିଛନ୍ତି।




ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

**ODISHA POWER TRANSMISSION CORPORATION LIMITED**

OPTCL Lifeline of Odisha

(A Government of Odisha Undertaking)

Regd.Office: Janpath, Bhubaneswar-751022, CIN:U4102OR2004SGC007553

**TENDER NOTICE NO. SRGM (S&S)-32/2019-20**

No. EMC-185/19/23 Dt. 17.01.2020

For and on behalf of **ODISHA POWER TRANSMISSION CORPORATION LTD., Sr. G.M. (S&S)** invites Tenders from reputed firms for internal rewiring of office of Bharatnet, Technical building, OPTCL, Bhubaneswar duly superscribed on the cover as: **"Tender for Internal rewiring of office of Bharatnet, Technical building, OPTCL, Bhubaneswar"**. Tender papers can be downloaded from the OPTCL website from **dt. 18.01.2020** to **dt. 05.02.2020** upto **1.00PM**. The last date for receipt of tender is **dt. 05.02.2020** upto **1.00PM.** The tender will be opened on **dt. 05.02.2020** at **4.00PM.** Interested firms may visit OPTCL's official website **www.optcl.co.in** for detail specifications.

Sd/-
SR. GENERAL MANAGER (S&S)

Please connect us: optcl.odisha optcl_odisha energyodisha



**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751007

Tel. No. 0674-2545586/2545852, E-mail : serifedodisha@gmail.com, website- www.serifedodisha.in

**INVITATION FOR BIDS (e-Procurement)**

**Bid identification no :- VI-30 (05)/SERIFED/2019-20/73/ Dt. 16.01.2020**

The MANAGING DIRECTOR, SERIFED invites Item rate Tenders in single cover system in ONLINE MODE only, for the work **"Renovation of Art & Craft Show House for SIDAC"** at Gandamunda, Bhubaneswar as follows. **(1) Nature of the work :** Renovation of Art & Craft Show House Building etc. **(2) Value of Tender : Rs.20,63,977/-** (Excluding GST), **(3) Cost of Bid Document** : Rs.6,000/- + 1080 (GST @ 18%), **(4)** EMD : **Rs.20,640/-**, **(5) Class of Contractor :** "C" & "B" Class, **(6) Availability of Bid Documents in the website - www.tendersodisha.gov.in :** Dt.25.01.2020 to 10.02.2020 up to 5.00 PM, **(7) Pre bid meeting for clarification of bidders :** Dt.31.01.2020 at 3.00 P.M. in the office of SERIFED, **(8) Last date / time of receipt of Bids in the Portal :** Dt.10.02.2020 up to 5.00 PM, **(9) Date of Opening of Technical Bid (Online)** : 11.30 A.M. on Dt.11.02.2020. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.** Any addendum/corrigendum / cancellation of tender can also be seen in the said website.

Sd/- Managing Director



**ODISHA STATE MEDICAL CORPORATION LTD.** No. CAD-827

(A Govt. of Odisha Undertaking)

*(Assuring Quality, Saving lives)*

Phone No. : (0674) 2380660,2380950
Website: www.osmcl.nic.in
Email: admn.osmcl@nic.in

**NOTICE** Date: 16.01.2020

**INFORMATION FOR TENDER FOR PROCUREMENT OF MOTHER AND BABY KIT (SAMMPurNA KIT)**

Odisha State Medical Corporation Ltd (OSMCL) is shortly going to float the tender in GeM portal for the **Mother and Baby kit (SAMMPurNA kit)**. The Bunched bids will be floated for the following products **(1) "Baby Care Kit-ICDS" under the category of Bath and Body (2) "Baby Wrapping Sheet" under the category of Overalls and Coveralls (3) "Baby cap for Newborn" under the category of Overalls and Coveralls (4) "Mother Care kit" under the category of Bath and Body (5) "Outer Carry Bag for Mother and Baby Care kit" under the category of Bags**. So, Prospective bidders are here by requested to register **all** the above products in GeM portal. For detailed specifications of the products, the Prospective bidders are requested to refer to Odisha State Medical Corporation Ltd (OSMCL) website (**http:// www.osmcl.nic.in**)

Sd/- Managing Director

10112/11/0023/1920

Regd. Office: Odisha State Medical Corporation Ltd., Convent Square, Bhubaneswar – 751007, Odisha



**GOVERNMENT OF ODISHA**
**Office of the Executive Engineer** No. b-75

N.H. Division, Bhubaneswar Email-eenh_bbsr@yahoo.co.in Ph No-0674-2972908

**INVITATION FOR BIDS**

**BID IDENTIFICATION NO. 09 EE NH, BBSR of 2019-20**

The Executive Engineer, National Highways Division, Bhubaneswar on behalf of Governor of Orissa invites **percentage rate bids in single cover system** on **online mode** for construction of works as detailed in the table below **from eligible contractors as mentioned in Col. 7** registered with the State Govt. and Contractors of equivalent Grade or Class registered with Central Government/Other State Government/MES/Railways for execution of Civil Works, on production of definite proof from the appropriate authority.

| Sl No | Name of work | Approximate Estimated cost put to Tender | Concerned Sub-Division | Bid security EMD (online) | Cost of Bid documents (Rs online) | Class of Bidder | Period of completion. |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Costruction of 1 Row 1200mm dia. HP Culvert at chainage 299/900Km on NH-57 for the year 2019-20. (Under Urban Link) | Rs. 1056804/- | NH Sub Division Khordha | Rs. 10568/- | Rs.6,000/- | "D"&"C" | 01(One) calendar month |

The bidders have to participate in ONLINE bidding only. The web-site for "ONLINE BIDDING" is http://tendersodisha.gov.in.

2. Bid documents will be available in above website from **Dt. 21.01.2020 to Dt.05.02.2020 up to 17.00 Hours**. The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened **at 11.30 hours on Dt.06.02.2020.** The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in
3. Subsequent corrigendum / addendum if required shall be available in the website as indicated above.
4. The authority reserves the right to cancel any/all bids without assigning any reason.

Sd/- Ajit Prasad Mohapatra Executive Engineer
N.H. Division, Bhubaneswar

34044/11/0002/1920



**OFFICE OF THE COACH IN CHARGE, SPORTS HOSTEL, BRAHMAPUR**

Email address - shbrahmapur@gmail.com

Phone No.- 0680-2228522

Letter No.12 /SHB. Dated: 16.01.2020

**TENDER CALL NOTICE**

Sealed Quotations are invited from the Manufacturers/ Dealers/Agency/ Suppliers for supply of Game equipments, Dress, shoes materials, Cot, Bed sheet, Mosquito net, Mattress & Blanket for use of the inmates of Sports Hostel, Brahmapur, The last date of receipt of quotation is 30.01.2020 at 3.00 PM and will be opened on 30.01.2020 at 4.00 PM. At Sports Hostel, Brahmapur. The details in this regard can be downloaded from the website of Ganjam Collectorate i.e. ganjam.nic.in or obtain from the Office of Sports Hostel Brahmapur.

The authority reserves the right to reject any or all quotations or cancel the entire process without assigning any reason thereof.

*By Order of ADM,Ganjam*

Sd./-
Coach In Charge
Sports Hostel, Brahmapur



**Odisha State Medical Corporation Limited (OSMCL)**

*(Assuring Quality, Saving Lives)*

In front of Ram Mandir, Convent Square, Unit – III, Bhubaneswar -751 001

Tel. : (0674) 2380660/2380608

*Website :* www.osmcl.nic.in Email : logistics.osmcl.od@nic.in

**Tel.** : (0674) 2380950, **Website** : *www.osmcl.nic.in*, **Email** : logistics.osmcl.od@nic.in

No. CAD-829

Bid Ref. No.: **OSMCL/2019-20/DRUGS-DHS-RE-TENDER/08** Date: **16 /01 /2020**

**Online Bids** through **e-Tender portal** (https://tendersodisha.gov.in) are invited from eligible bidders for **supply of Drugs, Medical Consumables, Surgical & Suture Items as per the particulars mentioned below:**

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 20 / 01 / 2020, 3 PM | |
| 2. | Date & time of Pre-bid meeting | 27 / 01 / 2020, 11:00 AM Venue : Tender Evaluation Room, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | Start Date & Time: 01 /02 / 2020, 3.00 PM | End Date & Time: 15/ 02/2020, 6.00 PM |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 17 /02 /2020, 10.00 AM | End Date & Time: 25/02 /2020, 11.00 AM |
| 5. | Date & time for submission of Samples as per section-IV of tender document | 17 /02 /2020, 10.00 AM | 25/ 02 /2020, 5.00 PM |
| 6. | Date & time of online Technical bid opening | 25 /02 /2020, 11:30 AM | |
| 7. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: www.osmcl.nic.in and https://tendersodisha.gov.in The Authority reserves the right to accept / reject any part thereof or all the bids without assigning any reason thereof.

10112/11/0024/1920 Sd/- Managing Director OSMCL

ଇଞ୍ଜୁରୀରୁ ଫେରିବା ଲାଗି ତରବର ନୁହେଁ, ବିଳମ୍ବ ଘଟିପାରେ। ମୁଁ କେବେ ଫିଟ୍ ହେବି କହିବା ମୁସ୍କିଲ।

–ଆଣ୍ଡି ମୁରେ, ବ୍ରିଟିଶ ଟେନିସ ଖେଳାଳି



ଚଳିତ ବର୍ଷ ଟି୨୦ ବିଶ୍ୱକପ୍ ଖେଳିସାରିବା ପରେ ମୁଁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବି।

–ମହମ୍ମଦ ହାଫିଜ୍, ପାକିସ୍ତାନ ଅଲରାଉଣ୍ଡର



## ସଂକ୍ଷେପରେ

### ଭାରତୀୟ ଦଳରେ କେ.ଏସ୍. ଭରତ

ରାଜକୋଟ,୧୭।୧(ପି.ଟି.)- ଆହତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରୁ ବାଦ୍ ପଡ଼ିଥିବା ରିଷଭ ପନ୍ତଙ୍କ ବ୍ୟାକଅପ୍ ଖେଳାଳି ଭାବେ ଆନ୍ଧ୍ର ପ୍ରଦେଶ ଉଇକେଟକିପର କେ.ଏସ୍. ଭରତଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। କିନ୍ତୁ ତାଙ୍କୁ ପଦାର୍ପଣ ସୁଯୋଗ ମିଳିନାହିଁ। ମ୍ୟାଚ୍‌ରେ ଲୋକେଶ ରାହୁଲ ଉଇକେଟକିପର ଦାୟିତ୍ୱରେ ରହିଥିଲେ। ୨୬ ବର୍ଷୀୟ ଭରତ ୭୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୪୧୪୩ ରନ୍ କରିସାରିଛନ୍ତି। ଟି୨୦ କ୍ରିକେଟରେ ତାଙ୍କ ଷ୍ଟ୍ରାଇକରେଟ୍ ୧୦୦ରୁ ଅଧିକ ରହିଛି। ସର୍ବଭାରତୀୟ ସିନିୟର ଚୟନ କମିଟି ବ୍ୟାକଅପ ଉଇକେଟକିପର ଭାବେ ଭରତଙ୍କ ନାମ ଘୋଷଣା କରିଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ସଞ୍ଜୁ ସାମସନ ଓ ଇଶାନ କିଷନ ଭାରତୀୟ 'ଏ' ଦଳର ସଦସ୍ୟ ଭାବେ ନ୍ୟୁଜିଲାଣ୍ଡ ଗସ୍ତ କରିଛନ୍ତି। ଏଣୁ ଚୟନ କମିଟି ଭରତଙ୍କ ନାମ ଘୋଷଣା କରିଛି। ଉଲ୍ଲେଖଥାଉ କି, ମୁମ୍ବାଇଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ପନ୍ତଙ୍କ ମୁଣ୍ଡରେ ବଲ ବାଜିଥିଲା।

### ଟେଷ୍ଟରୁ ବାସନ୍ଦ ରାବାଡା

ପୋର୍ଟ ଏଲିଜାବେଥ,୧୭।୧- ଦକ୍ଷିଣ ଆଫ୍ରିକାର ଅଗ୍ରଣୀ ପେସର କାଗିସୋ ରାବାଡା ଇଂଲଣ୍ଡ ବିପକ୍ଷ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ସେଣ୍ଟ ଜର୍ଜସ ପାର୍କଠାରେ ଇଂଲଣ୍ଡ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନରେ ରାବାଡା ପ୍ରତିପକ୍ଷ ଦଳର ଅଧିନାୟକ ଜୋ ରୁଟଙ୍କୁ କ୍ଲିନ ବୋଲ୍ଡ କରିବା ପରେ ଉତ୍ତେଜନାମୂଳକ ପ୍ରତିକ୍ରିୟା ଦେଇଥିଲେ। ସେଥିନେଇ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ କାଟ କରାଯିବା ସହ ଏକ ଡିମେରିଟ ପଏଣ୍ଟ ଦିଆଯାଇଛି। ଗତ ୨୪ ମାସ ମଧ୍ୟରେ ଏହା ତାଙ୍କର ୪ର୍ଥ ଡିମେରିଟ ପଏଣ୍ଟ। ଏଥିଯୋଗୁ ଗୋଟିଏ ଟେଷ୍ଟରୁ ରାବାଡା ବାସନ୍ଦ ହେବା ସ୍ପଷ୍ଟ ହୋଇଛି। ସିରିଜ୍‌ର ଅନ୍ତିମ ଟେଷ୍ଟ ଜୋହାନ୍ସବର୍ଗର ୱାଣ୍ଡରସ ଗ୍ରାଉଣ୍ଡରେ ଖେଳାଯିବ। ସୂଚନାଯୋଗ୍ୟ, ଉଇକେଟ ନେବା ପରେ ରାବାଡା ରୁଟଙ୍କ ସାମ୍ନାରେ ଚିତ୍କାର କରିଥିଲେ।

### ଫାଇନାଲରେ ମଙ୍ଗଳା କ୍ଲବ

ଭୁବନେଶ୍ୱର,୧୭।୧(ସ୍ପୋର୍ଟ୍ସ ବ୍ୟୁରୋ)- ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନିଷ୍ଟାଡିୟମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ମଙ୍ଗଳା କ୍ଲବ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପୂର୍ବତଟ ରେଲୱେକୁ କଟକର ମଙ୍ଗଳା କ୍ଲବ ୧-୦ ଗୋଲରେ ହରାଇ ଦେଇଛି। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୫୪ତମ ମିନିଟ୍‌ରେ ରାକେଶ ସାହୁଙ୍କ ଗୋଲ ମଙ୍ଗଳା କ୍ଲବ ପାଇଁ ବିଜୟ ସୂଚକ ସାବ୍ୟସ୍ତ ହୋଇଥିଲା। ଟି. ମୋହନ ରାଓ, ପ୍ରିୟବ୍ରତ ବାହିନିପତି, ଅବିନାଶ ପଟ୍ଟନାୟକ, ବେଣୁଧର ଦାସ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ବିଜୟୀ ଦଳର ଆର୍ତ୍ତ ସାମଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଶକ୍ତିଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ରବିବାର ଫାଇନାଲ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ଓ ସଂଘର୍ଷ କ୍ଲବ ପରସ୍ପରକୁ ଭେଟିବେ।

## ଦ୍ୱିତୀୟ ଦିନିକିଆ: ଭାରତର ଦୃଢ଼ ପ୍ରତ୍ୟାବର୍ତ୍ତନ

# ଅଷ୍ଟ୍ରେଲିଆ ୩୬ ରନରେ ପରାସ୍ତ

ରାଜକୋଟ,୧୭।୧(ପି.ଟି.)

ୱାଙ୍ଖେଡେରେ ଲଜ୍ଜାଜନକ ପରାଜୟ କରିବା ପରେ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଶୁକ୍ରବାର ଦ୍ୱିତୀୟ ଦିନିକିଆରେ ଭାରତ ୩୬ ରନରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ହରାଇବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୧-୧ ସ୍ତରକୁ ଆଣିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୩୪୦ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୪୯.୧ ଓଭରରେ ୩୦୪ ରନକରି ଅଲଆଉଟ ହୋଇଥିଲା। ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ବେଙ୍ଗାଲୁରୁରେ ତୃତୀୟ ତଥା ନିର୍ଣ୍ଣାୟକ ଦିନିକିଆ ମ୍ୟାଚ୍ ଖେଳାଯିବ।

୩୪୧ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ସ୍ୱଳ୍ପ ରନ୍‌ରେ ଅଷ୍ଟ୍ରେଲିଆ ଦୁଇ ଇନ୍‌ଫର୍ମ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚଙ୍କୁ ହରାଇଥିଲା। ୧୫ ରନ କରିଥିବା ବେଳେ ୱାର୍ନର ଓ ୩୩ ରନ କରି ଫିଞ୍ଚ୍ ଆଉଟ ହୋଇଥିଲେ। ୪୭ ବଲରୁ ୪ ଚୌକା ସହ ମାର୍ନସ ଲାବୁସେନ ୪୬ ରନକରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ଓ ଷ୍ଟିଭ୍ ସ୍ମିଥ୍ ଲଢୁଆ ବ୍ୟାଟିଂ କରି ସ୍କୋରକୁ ଆଗେଇ ନେଉଥିବା ବେଳେ ରିଷ୍ଟ ସ୍ପିନର କୁଲଦୀପ ଗୋଟିଏ ଓଭରରେ ଏ ଦୁଇ ଜଣଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇ ଦେଇଥିଲେ। କାରେ ୧୮ ଓ ସ୍ମିଥ୍ ୯୮ ରନ କରି କୁଲଦୀପଙ୍କ ଶିକାର ହୋଇଥିଲେ। ଏହାପରେ ସାମି କ୍ରମାଗତ ଦୁଇଟି ବଲ୍‌ରେ ଅଷ୍ଟନ ଟର୍ନର ଓ ପ୍ୟାଟ୍ କମିନ୍ସଙ୍କୁ ଆଉଟ କରି ହ୍ୟାଟ୍ରିକ ସମ୍ଭାବନା ସୃଷ୍ଟି କରିଥିଲେ। ସେହିପରି ଆଷ୍ଟନ ଅଗର ୨୫ ଓ ମିଚେଲ ଷ୍ଟାର୍କ ୬ ରନକରି ଗୋଟିଏ ଓଭରରେ ନବଦୀପ ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। କେନ୍ ରିଚାର୍ଡସନ ୧୧ ବଲରୁ ୪ ଚୌକା ଓ ୧ ଛକା ସହ ୨୪ ରନକରି ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ସାମି ୩, ଜାଡେଜା, ସଇନି ଓ କୁଲଦୀପ ୨ଟି ଲେଖାଏ, ବୁମ୍‌ରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଏହି ମ୍ୟାଚରେ ଭାରତୀୟ ଟପ୍ ଅର୍ଡର ଭଲ ଖେଳିଥିଲା। ଅଭିଜ୍ଞ ଓପନର ଶିଖର ଧାୱନ, ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ବିଶାଳ ସ୍କୋର କରିଥିଲା। ପ୍ରଥମ ଉଇକେଟରେ ରୋହିତ ଶର୍ମା ଓ ଧାୱନ ୮୧ ବଲରୁ ୮୧ ରନ ସଂଗ୍ରହ କରିଥିଲେ। ୪୪ଟି ବଲ ଖେଳି ୬ ଚୌକା ସହ ରୋହିତ ୪୨ ରନକରି କ୍ରିଜ୍‌ରେ ଜମିଆସୁଥିବା ବେଳେ ସୁଇପ୍ କରିବାକୁ ଯାଇ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଧାୱନ ୯୦ ବଲରୁ ୧୩ ଚୌକା ଓ ୧ ଛକା ସହ ୯୬ ରନକରି ଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ କେନ୍ ରିଚାର୍ଡସନଙ୍କ ବଲ୍‌ରେ ସୁନ୍ଦର ଶଟ୍ ଖେଳିଥିଲେ ମଧ୍ୟ ଫାଇନ ଲେଗ୍‌ରେ ମିଚେଲ ଷ୍ଟାର୍କଙ୍କ ହାତରେ ଧରା ପଡିଥିଲେ। ଦ୍ୱିତୀୟ ଉଇକେଟରେ ଅଧିନାୟକ କୋହଲି ଓ ଧାୱନ ୯୧ ବଲରୁ ୧୦୩ ରନ ସଂଗ୍ରହ କରିଥିଲେ। ଶ୍ରେୟାସ ଆୟାର ମାତ୍ର ୭ ରନ କରିଥିବା ବେଳେ ଜାମ୍ପାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ କୋହଲି ୭୬ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ ୭୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗକୁ ନେଉଥିବା ବେଳେ ଜାମ୍ପାଙ୍କ ଦ୍ୱାରା ପୁଣି ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ରାହୁଲ ୬୩ ବଲରୁ ୭୮ ରନ ସଂଗ୍ରହ କରିଥିଲେ। ମନୀଷ ପାଣ୍ଡେ ଫେଲ୍ ମାରିଥିବାବେଳେ ଲୋକେଶ ରାହୁଲ ଚମତ୍କାର ପ୍ରଦର୍ଶନ କରିଥିଲେ। ମାତ୍ର ୫୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୩ ଛକା ସହ ସେ ଦ୍ରୁତ ୮୦ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଶତକ ଆଡ଼କୁ ମୁହାଁଉଥିବା ରାହୁଲ ଉଇକେଟକିପର ଆଲେକ୍ସ କାରେଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ତରଫରୁ ଜାମ୍ପା ୩ ଓ ରିଚାର୍ଡସନ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମିଚେଲ ଷ୍ଟାର୍କ ବ୍ୟୟବହୁଳ ରହିଥିଲେ। ସେ ୧୦ ଓଭର ବୋଲିଂ କରି ସର୍ବାଧିକ ୭୮ ରନ ବ୍ୟୟ କରିଥିଲେ ମଧ୍ୟ କୌଣସି ଉଇକେଟ ପାଇ ନ ଥିଲେ।



ଷ୍ଟିଭ ସ୍ମିଥଙ୍କ ଉଇକେଟ ନେବା ପରେ କୁଲଦୀପ ଯାଦବଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**କମ୍ ଇନିଂସରେ ୧୦୦୦ ରନ ପୂରଣ (ଭାରତ)**

| | |
|---|---|
| ୨୫ | ବିରାଟ୍ କୋହଲି/ ଶିଖର ଧାୱନ |
| ୨୫ | ନଭଜୋତ ସିଂ ସିଦ୍ଧୁ |
| ୨୭ | ଲୋକେଶ ରାହୁଲ |
| ୨୯ | ମହେନ୍ଦ୍ର ସିଂ ଧୋନୀ/ ଅମ୍ବାତି ରାୟୁଡୁ |

**କମ୍ ମ୍ୟାଚ୍‌ରେ ୧୦୦ ଉଇକେଟ (ସ୍ପିନର)**

| | |
|---|---|
| ୪୪ | ରସିଦ ଖାଁ |
| ୫୩ | ସାକଲିନ ମୁସ୍ତାକ |
| ୫୮ | ଇମ୍ରାନ ତାହିର/ କୁଲଦୀପ ଯାଦବ |
| ୬୦ | ଶେନ ୱାର୍ନ |
| ୬୩ | ଅଜନ୍ତା ମେଣ୍ଡିସ୍ |

## ସ୍କୋର ବୋର୍ଡ

**ଭାରତ ଇନିଂସ**
ରୋହିତ-ଏଲ୍‌ବିଡବ୍ଲ୍ୟୁ-ଜାମ୍ପା-୪୨
ଧାୱନ-କ-ଷ୍ଟାର୍କ-ବୋ-ରିଚାର୍ଡସନ-୯୬
କୋହଲି-କ-ଷ୍ଟାର୍କ-ବୋ-ଜାମ୍ପା-୭୮
ଆୟାର-ବୋ-ଜାମ୍ପା-୭
ରାହୁଲ-ରନଆଉଟ(କାରେ)-୮୦
ମନୀଷ-କ-ଅଗର-ବୋ-ରିଚାର୍ଡସନ-୨
ଜାଡେଜା-ନଟଆଉଟ-୨୦
ଶାମି-ନଟଆଉଟ-୧
ଅତିରିକ୍ତ-୧୪
**ମୋଟ :** (୫୦ ଓଭର, ୬ ଉଇକେଟ) ୩୪୦।
**ଉଇକେଟ ପତନ:** ୧/୮୧, ୨/୧୮୪, ୩/୧୯୮, ୪/୨୭୬, ୫/୨୮୦, ୬/୩୩୮।
**ବୋଲିଂ (ଅଷ୍ଟ୍ରେଲିଆ)**
ପ୍ୟାଟ କମିନ୍ସ ୧୦-୧-୫୩-୦
ମିଚେଲ ଷ୍ଟାର୍କ ୧୦-୦-୭୮-୦
କେନ୍ ରିଚାର୍ଡସନ ୧୦-୦-୭୩-୨
ଆଡାମ ଜାମ୍ପା ୧୦-୦-୫୦-୩
ଅଷ୍ଟନ ଅଗର ୮-୦-୬୩-୦
ମାର୍ନସ ଲାବୁସେନ୍ ୨-୦-୧୪-୦।

**ଅଷ୍ଟ୍ରେଲିଆ ଇନିଂସ**
ୱାର୍ନର-କ-ମନୀଷ-ବୋ-ଶାମି-୧୫
ଫିଞ୍ଚ୍-ଷ୍ଟମ୍ପ- ରାହୁଲ-ବୋ-ଜାଡେଜା-୩୩
ସ୍ମିଥ୍-ବୋ-କୁଲଦୀପ-୯୮
ଲାବୁସେନ-କ-ଶାମି-ବୋ-ଜାଡେଜା-୪୬
କାରେ-କ-କୋହଲି-ବୋ- କୁଲଦୀପ-୧୮
ଟର୍ନର-ବୋ-ଶାମି-୧୩
ଅଗର-ଏଲବିଡବ୍ଲ୍ୟୁ-ସଇନି-୨୫
କମିନ୍ସ-ବୋ-ଶାମି-୦
ଷ୍ଟାର୍କ-କ-ରାହୁଲ-ବୋ-ସଇନି-୬
ରିଚାର୍ଡସନ-ନଟଆଉଟ-୨୪
ଜାମ୍ପା-ରାହୁଲ-ବୋ-ବୁମ୍‌ରା-୬
ଅତିରିକ୍ତ:-୨୦
**ମୋଟ:** (୪୯.୧ ଓଭର, ଅଲ୍‌ଆଉଟ) ୩୦୪।
**ଉଇକେଟ ପତନ:** ୧/୨୦, ୨/୮୨, ୩/୧୭୮, ୪/୨୨୦, ୫/୨୨୧, ୬/୨୫୯, ୭/୨୫୯, ୮/୨୭୪, ୯/୨୭୫, ୧୦/୩୦୪।
**ବୋଲିଂ (ଭାରତ)**
ଯଶପ୍ରୀତ୍ ବୁମ୍‌ରା ୯.୧-୨-୩୨-୧
ମହମ୍ମଦ ଶାମି ୧୦-୦-୭୭-୩
ନବଦୀପ ସଇନି ୧୦-୦-୬୨-୨
ରବୀନ୍ଦ୍ର ଜାଡେଜା ୧୦-୦-୫୮-୨
କୁଲଦୀପ ଯାଦବ ୧୦-୦-୫୬-୨
**ଲୋକେଶ ରାହୁଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

## ଆନନ୍ଦଙ୍କ ପ୍ରଥମ ବିଜୟ

ଇଣ୍ଡୋଭେନ୍ (ନେଦରଲାଣ୍ଡ୍ସ), ୧୭।୧ (ପି.ଟି.)

୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଟାଟା ଷ୍ଟିଲ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ହାସଲ କରିଛନ୍ତି। ଶୁକ୍ରବାର ସେ ଯୁକ୍ତରାଷ୍ଟ୍ର ଆମେରିକାର ଜେଫ୍ରି ଜିଅଙ୍ଗଙ୍କୁ ହରାଇ ଦେଇଛନ୍ତି। ଏହା ପୂର୍ବରୁ ଆନନ୍ଦ ଖେଳିସାରିଥିବା ୪ଟି ଗେମ୍ ମଧ୍ୟରୁ ୩ଟି ଡ୍ର ରଖିଥିବାବେଳେ ଗୋଟିଏରେ ପରାଜିତ ହୋଇଛନ୍ତି। ଶୁକ୍ରବାର ବିଜୟ ଦ୍ୱାରା ଆନନ୍ଦ ୨.୫ ପଏଣ୍ଟ ସହ ମିଳିତ ୬ଷ୍ଠ ସ୍ଥାନରେ ଅଛନ୍ତି। ଫିରୋଜା ଆଲିରେଜା ନେଦରଲାଣ୍ଡ୍ସର ଆନିଶ ଗିରିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛି। ଇରାନର ଏହି ଖେଳାଳି ଅଳ୍ପ କେତେଦିନ ହେଲା ଫିଡେ ଅଧୀନରେ ଖେଳୁଛନ୍ତି। ବର୍ତ୍ତମାନ ସେ ୩.୫ ପଏଣ୍ଟ ଅର୍ଜନ କରି ଯୁକ୍ତରାଷ୍ଟ୍ର ଆମେରିକାର ୱେସ୍‌ଲେ ସୋ'ଙ୍କ ସହିତ ମିଳିତ ଅଗ୍ରଣୀ ଲାଭ କରିଛନ୍ତି। ଉଭୟେ ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରୁଷିଆର ଭ୍ଲାଡିସ୍ଲାଭ ଆର୍ଟେମିଭ୍, ଯୁକ୍ତରାଷ୍ଟ୍ର ଆମେରିକାର ଫାବିଆନୋ କାରୁଆନା ଏବଂ ନେଦରଲାଣ୍ଡର ଜୋର୍ଡେନ ଭାନ୍ ଫୋରିଷ୍ଟଙ୍କଠାରୁ ମାତ୍ର ଅଧା ପଏଣ୍ଟ ଆଗରେ ରହିଛନ୍ତି। ଏହା ପଛକୁ ପ୍ରତ୍ୟେକ ୨.୫ ପଏଣ୍ଟ ସହ ଆନନ୍ଦ, ବିଶ୍ୱ ଚାମ୍ପିୟନ ନରୱେର ମାଗ୍ନେସ କାର୍ଲସେନ୍, ପୋଲାଣ୍ଡର ଜାନ୍-କ୍ରିଜଫ୍ ଡୁଡା, ରୁଷିଆର ଡୁବୋଭ ଡାନିଲ ଏବଂ ଜିଅଙ୍ଗ ରହିଛନ୍ତି।

## ପାକିସ୍ତାନ ଗସ୍ତରୁ ଓହରିଲେ ମୁଶଫିକର

ଢାକା,୧୭।୧

ବାଂଲାଦେଶ ଉଇକେଟକିପର ମୁଶଫିକର ରହିମ ପାକିସ୍ତାନ ଯିବାକୁ ମନା କରି ଦେଇଛନ୍ତି। ଏ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ଜଣାଇ ଦେଇଛନ୍ତି। ମୁଶଫିକରଙ୍କ ପତ୍ର ଆମର ହସ୍ତଗତ ହୋଇଛି। ସେ ବ୍ୟକ୍ତିଗତ କାରଣରୁ ପାକିସ୍ତାନ ଗସ୍ତରୁ ଓହରି ଯାଇଛନ୍ତି ବୋଲି ବିସିବିର କ୍ରିକେଟ ଅପରେଶନ ଚେୟାରମ୍ୟାନ ଆକ୍ରମ ଖାଁ କହିଛନ୍ତି। ତେବେ ଗସ୍ତର କେବଳ ପ୍ରଥମ ଚରଣରୁ ଓହରିଛନ୍ତି କି ଦ୍ୱିତୀୟ ଓ ତୃତୀୟ ଚରଣ ଗସ୍ତରୁ ଓହରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ।

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବାଳିକା ଫୁଟବଲ

## ଓଡ଼ିଶା ୧୬-୦ରେ ପଞ୍ଜାବକୁ ହରାଇଲା

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)


ଆସାମର ଗୁଆହାଟୀଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଶୁକ୍ରବାର ଅନୁଷ୍ଠିତ ୨୧ ବର୍ଷରୁ କମ୍ ବାଳିକା ଫୁଟବଲ ମ୍ୟାଚରେ ଓଡ଼ିଶା ୧୬-୦ ଗୋଲରେ ପଞ୍ଜାବକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଦୀପା ନାୟକ ୨୭, ୫୮, ୭୮, ୮୬ ମିନିଟରେ ହ୍ୟାଟ୍ରିକ ସହ ୪ଟି ଗୋଲ ଦେଇଥିବାବେଳେ ବନ୍ୟା କବିରାଜ ୧୭,୬୩, ସୁସ୍ମିତା ତନ୍ତି ୪୮, ୬୮, ଯଶୋଦା ମୁଣ୍ଡା ୫୧, ୬୦ତମ ମିନିଟରେ ୨ଟି ଲେଖାଏ ଏବଂ ସୁମନ ମହାପାତ୍ର, ସୁସ୍ମିତା ଦଳେଇ, ସୋନୀ ବେହେରା, ରୁନି ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପଞ୍ଜାବ ପକ୍ଷରୁ ମହିଳା ବିଷ୍ଣୋଇ ୭ମ ଓ କାଜଲ ୬୫ତମ ମିନିଟରେ ଗୋଟିଏ ଲେଖାଏ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ।

## କାର୍ଲୋସ ସେଞ୍ଜ୍‌ଙ୍କୁ ତୃତୀୟ ଟାଇଟଲ

**ଡାକାର ରାଲି**

କ୍ୱିଦିୟା (ସୌଦି ଆରବ), ୧୭।୧ (ଏଏଫ୍‌ପି)

ଭେଟେରାନ ସ୍ପାନିଶ ଡ୍ରାଇଭର କାର୍ଲୋସ ସେଞ୍ଜ୍ ଶୁକ୍ରବାର ତୃତୀୟ ଥରପାଇଁ ଡାକାର ରାଲି ଜିତିଛନ୍ତି। ୫୭ ବର୍ଷୀୟ ଏହି ଡ୍ରାଇଭର ଅନ୍ତିମ ତଥା ଦ୍ୱାଦଶ ଷ୍ଟେଜ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଗତଥରର ଚାମ୍ପିୟନ କାତାରର ନାସେର ଅଲ୍ ଆଟିୟାଙ୍କୁ ୬ ମିନିଟ୍ ୨୧ ସେକେଣ୍ଡ ପଛରେ ପକାଇ ଦେଇଥିଲେ। ନାସେର ମଙ୍ଗଳବାର ସେଞ୍ଜଙ୍କୁ ୨୪ସେକେଣ୍ଡ ପଛରେ ପକାଇ ଅଗ୍ରଣୀ ଲାଭ କରିଥିଲେ। ମାତ୍ର ଏହାପରେ ସେ ଗତିପଥ ନିର୍ଦ୍ଧାରଣ ପଦ୍ଧତିରେ ତ୍ରୁଟି କରି ବସିଥିଲେ। ରେସ୍ ପରେ ସେଞ୍ଜ ଆନନ୍ଦ ପ୍ରକାଶ କରିବା ସହ ସୌଦି ଆରବରେ ପ୍ରଥମ ଅଭିଜ୍ଞତା ବେଶ୍ ରୋମାଞ୍ଚକ ଥିଲା ବୋଲି କହିଛନ୍ତି। ଆସନ୍ତା ବର୍ଷ ରେସ୍‌ରେ ସେ ଅଂଶଗ୍ରହଣ କରିବେ କି ପଚରାଯିବାରେ ଏବେଠୁ କହିବା ଠିକ୍ ହେବ ନାହିଁ ବର୍ତ୍ତମାନ ମୁଁ ବିଜୟ ଖୁସିକୁ ଉପଭୋଗ କରିବାକୁ ଚାହେଁ ବୋଲି କହିଥିଲେ। ସେଞ୍ଜ ହେଉଛନ୍ତି ଫର୍ମୁଲା ୱାନ ଡ୍ରାଇଭର କାର୍ଲୋସ ସେଞ୍ଜ ଜୁନିୟରଙ୍କ ପିତା। ସେ ତାଙ୍କ ଏକ୍ସ-ରେଡ୍ ମିନିରେ ତୃତୀୟ ଷ୍ଟେଜ୍‌ରୁ ରେସ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ସେଞ୍ଜ ବର୍ତ୍ତମାନ ପୃଥକ୍ ପୃଥକ କମ୍ପାନୀର ପ୍ରତିନିଧିତ୍ୱ କରି ଏହି ପ୍ରତିଯୋଗିତାରେ ତୃତୀୟ ଥର ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ପୂର୍ବରୁ ସେ ୨୦୧୦ରେ ଭୋକ୍ସୱାଗନ ଏବଂ ୨୦୧୮ରେ ପିଜଟ ତରଫରୁ ପ୍ରତିନିଧିତ୍ୱ କରି ଟାଇଟଲ ଜିତିସାରିଥିଲେ। ଷ୍ଟିଫାନେ ପିଟରହାନ୍‌ସେଲ ତାଙ୍କ ମିନିରେ ୯ ମିନିଟ୍ ୫୮ ସେକେଣ୍ଡ ପଛରେ ରହି ତୃତୀୟ ହୋଇଥିଲେ। କଷ୍ଟସାଧ୍ୟ ଡାକାର ରାଲି ୧୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ୭,୮୦୦ କିଲୋମିଟର ଅତିକ୍ରମ କରିବାକୁ ହୋଇଥିଲା। ମୋଟରବାଇକ୍ ବିଭାଗରେ ରିକି ବ୍ରାବେକ୍ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ରାଇଡର ଭାବେ ରେସ୍ ଜିତିଥିଲେ। ଦୁଇଥର ଫର୍ମୁଲା ୱାନ ଚାମ୍ପିୟନ ଫର୍ନାଣ୍ଡୋ ଆଲୋଁସୋ ତାଙ୍କ ଡାକାର ପଦାର୍ପଣରେ ୧୩ତମ ସ୍ଥାନ ଅଧିକାର କରିଥିଲେ। ରବିବାର ପର୍ତ୍ତୁଗୀଜ୍ ରାଇଡର ପଲୋ ଗୋନକ୍ଲେଭ୍ସଙ୍କ ମୃତ୍ୟୁ ଶୋକ ପରିବେଶ ସୃଷ୍ଟି କରିଥିଲା।




ଡାକାର ରାଲି ଜିତିବା ପରେ କାର୍ଲୋସ ସେଞ୍ଜ୍।

## ଆଜିଠୁ ରାଜ୍ୟ କୁଡୋ ତାଲିମ ଶିବିର

କଟକ ଅଫିସ,୧୭।୧

କୁଡୋ ଆସୋସିଏଶନ ଅଫ ଓଡ଼ିଶା ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହେବ ରାଜ୍ୟ କୁଡୋ ତାଲିମ ଶିବିର। ରାଜ୍ୟର ବିଭିନ୍ନ ଜିଲାରୁ ୧୦୦ରୁ ଊର୍ଦ୍ଧ୍ୱ କୁଡ଼ୋ ପ୍ରଶିକ୍ଷାର୍ଥୀ ଏଥିରେ ଅଂଶଗ୍ରହଣ କରିବେ। ଦୋଳମୁଣ୍ଡାଇସ୍ଥିତ ବିଜୟ ଗୋବିନ୍ଦ ଭବନରେ ଏହି ଶିବିର ୨ଦିନ ଧରି ଚାଲିବ। କୁଡୋ ଆସୋସିଏଶନ ଅଫ ଇଣ୍ଡିଆର ସଭାପତି ତଥା ମୁଖ୍ୟ ପ୍ରଶିକ୍ଷକ ସୋସିହାନ ମେହୁଲ ବୋରା ପ୍ରଶିକ୍ଷଣ ପ୍ରଦାନ କରିବେ। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ସମ୍ପାଦକ ସିହାନ ନିତାଇ ଶଙ୍କର ଗୁଇଁ ଉପସ୍ଥିତ ରହି ଶିବିର ସମ୍ପର୍କରେ ଆଲୋକପାତ କରିଥିଲେ। କଟକ, ଖୋର୍ଦ୍ଧା, ଭଦ୍ରକ, ଯାଜପୁର, ବାଲେଶ୍ୱର, ପୁରୀ ଜିଲାରୁ ଅଧିକାଂଶ ଖେଳାଳି ଶିବିରରେ ଯୋଗ ଦେବେ। ରାଜ୍ୟରେ କୁଡୋ ମାର୍ଶଲ ଆର୍ଟକୁ ନୂତନ ଭାବେ ପଦାର୍ପଣପାଇଁ ଚେଷ୍ଟା କରାଯାଉଛି ବୋଲି ସମ୍ପାଦକ ଗୁଇଁ କହିଥିଲେ। ଏହି ଅବସରରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ନର୍ମଦା ଗୁଇଁ, ଉପସଭାପତି ମନୀଷ ନାଥାନି, ପ୍ରଶିକ୍ଷକ ସେନସାଇ ମେହୁଲ ଦେଧିଆ ଓ ସେନସାଇ ବିପୁଲ ସୁରୁ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ଫାଇନାଲରେ ଆର୍‌ୱାଇସିସି ରାଉରକେଲା

**ସର୍ବଭାରତୀୟ ବୋରାସମ୍ବର କପ୍**

ପଦ୍ମପୁର, ୧୭।୧ (ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଆର୍‌ବି ହାଇସ୍କୁଲ ପଡିଆରେ ଚାଲିଥିବା ୨୬ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟର ଶୁକ୍ରବାର ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ପରାସ୍ତ କରି ଆରୱାଇସିସି ରାଉରକେଲା ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ଟି୨୦ ମ୍ୟାଚରେ ଇଷ୍ଟକୋଷ୍ଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୧୨୭ ରନର ଲକ୍ଷ୍ୟ ରଖିଥିଲେ। ଦଳର ଦେବାଂଶ ସିଂହ ୩୧ ବଲରେ ୩୨ ଓ ସମୀର ମହାନ୍ତି ୨୦ ବଲରେ ୨୪ ରନ କରିଥିଲେ। ରାଉରକେଲା ଦଳର ସନ୍ତୋଷ ମହାରଣା ୪ ଓଭରରେ ୧୭ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ଦଳ ୧୮.୪ ଓଭରରେ ୪ ଉଇକେଟ ବିନିମୟରେ ବିଜୟ ହାସଲ କରିଥିଲା। ଦଳର ହେମନ୍ତ ୩୧ ବଲରେ ୪୦, ବାସୁଦେବ ବେହେରା ୩୧ ବଲରେ ୪୨ ରନ କରିଥିଲେ। ସେହିପରି ଟି୧୦ ମ୍ୟାଚରେ ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ୫୮ ରନ କରି ବିଜୟୀ ହୋଇଥିଲା। ରାଉରକେଲା ଦଳ ଉଭୟ ଟି୨୦ ଏବଂ ଟି୧୦ ମ୍ୟାଚ ଜିଣି ଫାଇନାଲକୁ ପ୍ରବେଶ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପଦ୍ମପୁର ଟ୍ରକ ମାଲିକ ସଂଘ ସମ୍ପାଦକ ହେମନ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଉରକେଲା ଦଳର ସନ୍ତୋଷ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟର ଚୂଡାମଣି ପାଢ଼ୀ ଓ ଅମୀୟ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅମରେଶ ବେହେରା ସ୍କୋରର, ଦିବ୍ୟକିଶୋର ପଣ୍ଡା ଏବଂ ଦେବାଶିଷ ଚକ୍ରବର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପ୍ରଦର୍ଶନୀ ମ୍ୟାଚରେ ବୋରାସମ୍ବର ସ୍ପୋର୍ଟିଂ ଭେଟେରାନ ସହିତ ଟିଟରେ ଇଲେଭେନ ଏବଂ ରବିବାର ଫାଇନାଲ ଅନୁଷ୍ଠିତ ହେବ।




ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### କଳିଙ୍ଗ ଷ୍ଟାଡିୟମରେ ଭାରତ-ନେଦରଲାଣ୍ଡ୍ସ ହକି ମ୍ୟାଚ୍ ଆଜି

# ପ୍ରୋ ଲିଗ୍‌ରୁ ଅଲିମ୍ପିକ୍ସ ପ୍ରସ୍ତୁତି

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଆଉ ଏକ ହାଇ ପ୍ରୋଫାଇଲ ହକି ମୁକାବିଲା ପାଇଁ କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ହକି ବିଶ୍ୱକପ ସମେତ ଅନେକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ସଫଳ ଆୟୋଜନର ମୂକ ସାକ୍ଷୀ ରହିଥିବା ଏହି ଷ୍ଟାଡିୟମରେ ଏଥର ହେବ ଏଫଆଇଏଚ୍ ହକି ପ୍ରୋ ଲିଗ୍। ପରସ୍ପରର ସମ୍ମୁଖୀନ ହେବେ ବିଶ୍ୱର ଦୁଇ ହକି ମହାଶକ୍ତି ଭାରତ ଓ ନେଦରଲାଣ୍ଡ୍ସ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୫ ଓ ନେଦରଲାଣ୍ଡ୍ସ ୩ ନମ୍ବରରେ ଥିବାରୁ କଡ଼ା ମୁକାବିଲା ଅବଶ୍ୟମ୍ଭାବୀ। ତେବେ ଫଳାଫଳ ଯାହା ହେଉନା କାହିଁକି ପ୍ରୋ ଲିଗ୍‌ରୁ ହିଁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ହେବ ବୋଲି ଉଭୟ ଦଳର କୋଚ୍ ପ୍ରକାଶ କରିଛନ୍ତି। ୨୦୨୦ ଅଲିମ୍ପିକ୍ସ ଜାପାନର ଟୋକିଓରେ ଜୁଲାଇ ୨୪ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଭାରତ ପାଇଁ ପ୍ରଥମ

ହକି ପ୍ରୋ ଲିଗ୍‌ର ଏହା ଦ୍ୱିତୀୟ ସଂସ୍କରଣ ହୋଇଥିଲେ ହେଁ ଭାରତ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ। ପ୍ରଥମ ସଂସ୍କରଣରେ ଭାରତ ଭାଗ ନେଇ ନ ଥିଲା। ଏଥର ପ୍ରୋ ଲିଗ୍‌ରେ ମୋଟ ୯ଟି ଦଳ ଭାଗ ନେଉଛନ୍ତି। କଳିଙ୍ଗ ଷ୍ଟାଡିୟମରୁ ହିଁ ପ୍ରତିଯୋଗିତାର ଶୁଭାରମ୍ଭ ହେବ। ଘରୋଇ ପରିବେଶରେ ଭାରତ ୪ଟି ଦଳକୁ ବିଭିନ୍ନ ସମୟରେ ଭେଟିବ। ପ୍ରଥମ ଦଳ ନେଦରଲାଣ୍ଡ୍ସ ବିପକ୍ଷରେ ଶନିବାର ଓ ରବିବାର ୨ଟି ମ୍ୟାଚ ଖେଳିବ। ଏହାପରେ ବିଶ୍ୱ ଚାମ୍ପିୟନ ବେଲଜିୟମ ବିପକ୍ଷରେ ଫେବୃୟାରୀ ୮,୯ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ଫେବୃୟାରୀ ୨୨, ୨୩ ତାରିଖରେ ଖେଳିବ। ଏହାପରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ବାହାର ପରିବେଶରେ ଏପ୍ରିଲ ୨୫,୨୬ରେ ଜର୍ମାନୀ ଏବଂ ମେ ୨,୩ରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳିବାକୁ ପଡ଼ିବ। ପରବର୍ତ୍ତୀ ମ୍ୟାଚ ଘରୋଇ ପରିବେଶରେ ମେ ୨୩,୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାପରେ ଆର୍ଜେଣ୍ଟିନା ଯାଇ ଜୁନ ୫,୬ରେ ଏହି ଦଳ ସହିତ ମୁକାବିଲା କରିବ। ଭାରତୀୟ ଦଳ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ ସ୍ପେନରେ ଜୁନ ୧୩,୧୪ ତାରିଖରେ ଖେଳିବ।

## ମଧୁର ପ୍ରତିଶୋଧ ପାଇଁ ସୁଯୋଗ

ଭାରତୀୟ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପୂର୍ବରୁ ନେଦରଲାଣ୍ଡ୍ସ ଦଳର ସହକାରୀ କୋଚ୍ ଥିଲେ। ତେଣୁ ଏହି ଦଳର ଶକ୍ତି ଓ ଦୁର୍ବଳତା ତାଙ୍କୁ ଭଲଭାବେ ଜଣା। ସେହି ଅନୁସାରେ ସେ ନିଜ ଦଳକୁ ପ୍ରସ୍ତୁତ କରିଛନ୍ତି। ୨୦୧୮ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ଭାରତ ୧-୨ ଗୋଲରେ ନେଦରଲାଣ୍ଡ୍ସଠାରୁ ହାରିଥିଲା।


ଭାରତୀୟ ଦଳ ଅଧିନାୟକ ମନପ୍ରୀତ ସିଂ ଓ କୋଚ୍ ଗ୍ରାହାମ୍ ରିଡ୍।

ତେଣୁ ଏବେ ମଧୁର ପ୍ରତିଶୋଧ ନେବାର ସମୟ ଆସିଛି। ଉଭୟ ଦଳ ମଧ୍ୟରେ ହୋଇଥିବା ଗତ ୧୦ଟି ମ୍ୟାଚ ମଧ୍ୟରୁ ନେଦରଲାଣ୍ଡ୍ସ ୫ଟି ଜିତିଥିବାବେଳେ ଭାରତ ୪ଟିରେ ବିଜୟୀ ହୋଇଛି। ଅବଶିଷ୍ଟ ଗୋଟିଏ ମ୍ୟାଚ ଡ୍ର ରହିଛି।

## ଭଲ ଆରମ୍ଭ ଗୁରୁତ୍ୱପୂର୍ଣ୍ଣ

ପ୍ରୋ ଲିଗ୍‌କୁ ଅଲିମ୍ପିକ୍ସ ପ୍ରସ୍ତୁତିର ପ୍ଲାଟଫର୍ମ ବୋଲି ବର୍ଣ୍ଣନା କରିଛନ୍ତି ରିଡ୍। ଆମେ ପ୍ରଥମ ତିନୋଟି ମୁକାବିଲାରେ ଶୀର୍ଷସ୍ଥାନୀୟ ଦଳ ଗୁଡ଼ିକୁ ଭେଟିବୁ। ତେଣୁ ଭଲ ଆରମ୍ଭ କରିବା ହିଁ ଗୁରୁତ୍ୱପୂର୍ଣ୍ଣ। ଆମର ଅଲିମ୍ପିକ୍ସ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରୋ ଲିଗ୍‌ରେ ବଡ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଦ୍ୱାରା ଦୋଷ ଦୁର୍ବଳତା ଜାଣିହେବ। ତେଣୁ ଏହି ପ୍ରତିଯୋଗିତା ଏକ ଭଲ ପ୍ଲାଟ୍‌ଫର୍ମ ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ କଳିଙ୍ଗ ଷ୍ଟାଡିୟମରେ ଦୀର୍ଘଦିନ ଅଭ୍ୟାସ କରିଛି। ଏଠାରେ ଅନେକ ମ୍ୟାଚ ମଧ୍ୟ ଖେଳି ସାରିଛି। ତେଣୁ ଟର୍ଫ ସହ ଦଳର ଖେଳାଳିମାନେ ଭଲଭାବେ ଅଭ୍ୟସ୍ତ।

**ମ୍ୟାଚ ଆରମ୍ଭ: ରାତି ୭ଟା**

ଗତବର୍ଷ ନଭେମ୍ବରରେ ଏହି ଭେନ୍ୟୁରେ ରୁଷିଆକୁ ୧୧-୩ ଏଗ୍ରିଗେଟ୍‌ରେ ହରାଇ ଭାରତ ଟୋକିଓ ଟିକେଟ ପାଇଥିଲା। ଏଥିରୁ ଦଳକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି। ଚିଙ୍ଗଲେନସାନା ସିଂ ଓ ସୁମିତ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତୀୟ ଦଳର ଶକ୍ତି ବୃଦ୍ଧି ପାଇଛି।

## ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ

ଭାରତ ବିପକ୍ଷରେ ଏହାର ଘରୋଇ ଗ୍ରାଉଣ୍ଡରେ ଖେଳିବା ସବୁବେଳେ ଚ୍ୟାଲେଞ୍ଜିଂ ହୋଇଥାଏ। ଭାରତ ବିପକ୍ଷ ପ୍ରଥମ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ତେବେ ଆମେ ଭୁବନେଶ୍ୱରରେ ଖେଳିବାକୁ ଭଲ ପାଉ। ତେଣୁ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିର ଏହା ଏକ ଭଲ ମାଧ୍ୟମ ବୋଲି ସେ ସ୍ୱୀକାର କରିଛନ୍ତି। ପ୍ରୋ ଲିଗ୍‌ର ଗତ ସଂସ୍କରଣରେ ଆମେ କମ୍ବିନେଶନକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରିଥିଲୁ। ଏହି ସଂସ୍କରଣକୁ ଆମେ ଶକ୍ତିଶାଳୀ ଦଳ ନେଇ ଆସିଛୁ। ଟୋକିଓ ଅଲିମ୍ପିକ୍ସ ପାଇଁ ଭଲଭାବେ ପ୍ରସ୍ତୁତ ହେବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କାଲଡାସ କହିଛନ୍ତି।



ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ପାଇଁ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ନେଦରଲାଣ୍ଡ୍ସ ଦଳର ଅଭ୍ୟାସ। (ଫଟୋ: ବିକାଶ ନାୟକ)

**୧୫ତମ ଜନ୍ମଦିନ ଶୁଭେଚ୍ଛା**



**ଅଭିଜିତ୍ ସାହୁ (ଟିଟୁନ୍)**
ଆଜି ତୋର ୧୫ତମ ଜନ୍ମବାର୍ଷିକୀ ଅବସରରେ ପ୍ରଭୁ ଶ୍ରୀସର୍ପେଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ। ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି: ବଡବାବା, ବଡମାମା, ବାବା, ମାମା, ଅପା, ପିଉସା, ଦାଦା, ଖୁଡୀ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଦିଦି, ନନା, ସାନଭାଇ, ଭଉଣୀ ଓ ପରିବାରବର୍ଗ ।
ଧ-୧୬୧୯୨

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଇପ୍ସିତା ସାହୁ (ପିହୁ)**
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା', ଜେଜେବାପା, ଅଜା, ଆଈ, ବାବା, ମାମା, ମାମୁ, ମାଇଁ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୨୬୧

# ଓଡ଼ିଶା ଏଫ୍‌ସି ସହ ଭିନିତଙ୍କ ଚୁକ୍ତି ମିଆଦ ବୃଦ୍ଧି

ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପରଲିଗ୍ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସି ଅନ୍ତର୍ଜାତୀୟ ଖେଳାଳି ଭିନିତ ରାୟଙ୍କ ଚୁକ୍ତି ମିଆଦ ବୃଦ୍ଧି କରିଛି। ସେ ୨୦୨୩ ପର୍ଯ୍ୟନ୍ତ ଦଳସହ ରହିବେ ବୋଲି ଶୁକ୍ରବାର ଭୁବନେଶ୍ୱର ଭିତ୍ତିକ ଆଇଏସଏଲ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି। ''ଭିନିତ ଜଣେ ଦକ୍ଷ ଖେଳାଳି। ସେ ଓଡ଼ିଶା ଏଫସିର ସଫଳତାରେ ବଡ଼ ଅଂଶୀଦାର। ଗତ ୩ ବର୍ଷ ମଧ୍ୟରେ ସେ ନିଜ ଖେଳରେ ବହୁ ଉନ୍ନତି ଆଣିଛନ୍ତି। ତେଣୁ ଆମେ ଆଗାମୀ ୩ ବର୍ଷ ପାଇଁ ତାଙ୍କ ଚୁକ୍ତି ମିଆଦ ବଢ଼ାଇବାକୁ ନିଷ୍ପତ୍ତି ନେଇଛୁ'' ବୋଲି ଓଡ଼ିଶା ଏଫସି ମାଲିକ ରୋହନ ଶର୍ମା ପ୍ରକାଶ କରିଛନ୍ତି। ନିଜ ଚୁକ୍ତିର ନବୀକରଣରେ ଖୁସି ଜାହିର କରିଛନ୍ତି ଭିନିତ। ଏହି କ୍ଲବ ପକ୍ଷରୁ



ମୁଁ କ୍ରମାଗତ ଆଇଏସଏଲ ମ୍ୟାଚ ଖେଳିବାକୁ ସୁଯୋଗ ଦେଇଛି। ଜଣେ ଖେଳାଳିଭାବେ ମଧ୍ୟ ମୁଁ ଅନେକ କିଛି ଶିଖିବାକୁ ପାଇଛି। ଚଳିତ ସିଜନରେ ଆମେ ପ୍ଲେ-ଅଫ୍‌କୁ ଉନ୍ନୀତ ହେବାର ଯଥେଷ୍ଟ ସମ୍ଭାବନା ରହିଛି'' ବୋଲି ୨୨ ବର୍ଷୀୟ ଭିନିତ କହିଛନ୍ତି।

# ୱାର୍ମଅପ୍ ମ୍ୟାଚ୍ ଜିତିଲା ଭାରତ ଏ'

ଲିନକନ(ନ୍ୟୁଜିଲାଣ୍ଡ),୧୭।୧

ନ୍ୟୁଜିଲାଣ୍ଡ ଏକାଦଶ ବିପକ୍ଷ ପ୍ରଥମ ୱାର୍ମଅପ୍ ମ୍ୟାଚ୍‌କୁ ଭାରତ ଏ' ୯୨ ରନ୍‌ରେ ଜିତିଛି। ଶୁକ୍ରବାର ପ୍ରଥମ ଦିନିକିଆରେ ରୁତୁରାଜ ଗାଏକ୍ୱାଡ, ଅଧିନାୟକ ଶୁବମନ ଗିଲ ଓ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଭାରତ ଏ' ୫୦ ଓଭରରେ ୮ ଉଇକେଟ ହରାଇ ୨୭୯ ରନ୍ କରିଥିଲା। ରୁତୁରାଜ ସର୍ବାଧିକ ୯୩, ଗିଲ ୫୦ ଓ ସୂର୍ଯ୍ୟକୁମାର ୫୦ ରନ୍ କରିଥିଲେ। ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ୩୧ ବଲରେ ୪୧ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ମୟଙ୍କ ଅଗ୍ରୱାଲ (୮), ସଞ୍ଜୁ ସାମସନ (୪) ଓ ବିଜୟ ଶଙ୍କର (୧୩) ବିଫଳ ହୋଇଥିଲେ। ଜବାବରେ ଘରୋଇ ନ୍ୟୁଜିଲାଣ୍ଡ ଏକାଦଶ ମାତ୍ର ୪୧.୧ ଓଭରରେ ୧୮୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ଖଲିଲ ଅହମ୍ମଦ ୪ ଓ ମହମ୍ମଦ ସିରାଜ ୨ ଉଇକେଟ ନେଇଥିଲେ।

# ପ୍ରଥମ ମ୍ୟାଚ୍ ଜିତିଲା ଆଫଗାନିସ୍ତାନ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

କିମ୍ବରଲେ(ଦକ୍ଷିଣ ଆଫ୍ରିକା),୧୭।୧

୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଶାଫିକୁଲା ଗଫାରିଙ୍କ ୬ ଉଇକେଟ ସଫଳତା ଯୋଗୁ ଆୟୋଜକ ଦକ୍ଷିଣ ଆଫ୍ରିକାକୁ ୭ ଉଇକେଟରେ ହରାଇ ଦେଇଛି ଆଫଗାନିସ୍ତାନ। ୧୫ ରନ୍ ବ୍ୟୟରେ ୬ ଉଇକେଟ ଅକ୍ତିଆର କରି ଗଫାରି ୧୯ ବର୍ଷରୁ କମ୍ ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ପେଲ ପକାଇଛନ୍ତି। ଟସ୍ ଜିତି ପ୍ରଥମେ ବାଟିଂ କରିଥିବା ଘରୋଇ ଦକ୍ଷିଣ ଆଫ୍ରିକା ଦୁଇ ଓପନରଙ୍କୁ ଆଫଗାନିସ୍ତାନ ପେସର ଫାଜଲ ହକ ପ୍ୟାଭେଲିୟନ ପଠାଇଥିଲେ। ପରେ ଗଫାରିଙ୍କ ଯାଦୁଗରି ବୋଲିଂ ଯୋଗୁ ଦଳ ୨୯.୧ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଅଧିନାୟକ ବ୍ରାଇସ ପାର୍ସନ୍ସ ୪୦ ଓ ଗେରାଲ୍ଡ କୋଟଜି ୩୮ ରନ୍ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ଗଫାରିଙ୍କ ଛଡ଼ା ନୁର ଅହମ୍ମଦ ଓ ଫାଜଲ ହକ୍ ଦୁଇ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଆଫଗାନିସ୍ତାନ ୩ ଉଇକେଟ ହରାଇ ବିଜୟଲକ୍ଷ୍ୟ ୧୩୦ ରନ୍ ହାସଲ କରିନେଇଥିଲା। ଜାତୀୟ ଦଳ ପାଇଁ ଦୁଇ ଟେଷ୍ଟ ଖେଳିସାରିଥିବା ଇବ୍ରାହିମ ଜର୍ଡାନ ୫୨ ଓ ଇମରାନ ମିର ୫୭ ରନ୍ କରିଥିଲେ। ଆଚିଲେ କ୍ଲୋଟ ୨ ଉଇକେଟ ହାସଲ କରିଥିଲେ।

# ସ୍କୋପମ୍ୟାନ ଭାରତ ମହିଳା ହକି ଦଳର ଆନାଲିଟିକାଲ କୋଚ୍

ନୂଆଦିଲ୍ଲୀ,୧୭।୧(ପି.ଟି.)

ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ପୂର୍ବତନ ଡଚ୍ ମହିଳା ହକି ତାରକା ଜାନେକ୍ ସ୍କୋପ୍‌ମ୍ୟାନ ଭାରତୀୟ ମହିଳା ହକି ଦଳର ଆନାଲିଟିକାଲ କୋଚ୍ ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ହକି ଇଣ୍ଡିଆ ଏ ନେଇ ଘୋଷଣା କରିଛି। ଚଳିତ ବର୍ଷ ଆୟୋଜନ ହେବାକୁ ଥିବା ଟୋକିଓ ଅଲିମ୍ପିକ୍ସର ପ୍ରସ୍ତୁତି ପାଇଁ ତାଙ୍କ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍ ୟୁନିଟ୍ ଆହୁରି ଦୃଢ଼ ହେବ। ଅଲିମ୍ପିକ୍ସ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିବେ।

୨୦୦୮ ବେଜିଂ ଅଲିମ୍ପିକ୍ସରେ ସ୍କୋପମ୍ୟାନ ନେଦରଲାଣ୍ଡ୍ସ ମହିଳା ଦଳ ତରଫରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହାପୂର୍ବରୁ ସେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ହକି ଖେଳାଳି ଥିଲେ। ଶନିବାର ସେ ବେଙ୍ଗାଲୁରୁସ୍ଥିତି ସାଇ ସେଣ୍ଟରରେ ଚାଲିଥିବା ଜାତୀୟ ହକି କ୍ୟାମ୍ପ ଅବସରରେ ଦଳରେ ଯୋଗଦେବେ। ଭାରତ ସିଜିନ ଆରମ୍ଭରେ ନ୍ୟୁଜିଲାଣ୍ଡକୁ ଭେଟିବ। ଆୟୋଜକ ଗ୍ରେଟ ବ୍ରିଟେନ ସହିତ ମଧ୍ୟ ଭାରତ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ସ୍କୋପ୍‌ମ୍ୟାନ ଭାରତୀୟ ଦଳ ସହ ଯାତ୍ରା


କୋଚ୍ ଜୋର୍ଡ ମାରିଜନେଙ୍କ ସହ ଜାନେକ୍ ସ୍କୋପମ୍ୟାନ।

କରିବେ। ଭାରତୀୟ ମହିଳ ଦଳ ସହ କାର୍ଯ୍ୟକରିବାକୁ ବେଶ୍ ଆଗ୍ରହୀ ବୋଲି ସ୍କୋପମ୍ୟାନ କହିଛନ୍ତି। ଭାରତୀୟ ଦଳରେ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସଫଳତା ପାଇଁ ଖେଳାଳିମାନେ ବେଶ୍ ବ୍ୟଗ୍ର ଅଛନ୍ତି। ଦଳ ସହିତ କାର୍ଯ୍ୟ କରି ଭାରତକୁ ସଫଳ କରାଇବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି।

ଦୁଇବର୍ଷ ସଫଳତାର ସହ ନେଦରଲାଣ୍ଡ୍ସର ନେତୃତ୍ୱ ନେବା ପରେ ସେ ଅବସର ଗ୍ରହଣ କରିଥିଲେ। ୨୦୦୬ରେ ନେଦରଲାଣ୍ଡ୍ସ ବିଶ୍ୱକପ୍ ଜିତିଥିଲା ଓ ସେ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ୨୦୦୨ ଓ ୨୦୧୦ ବିଶ୍ୱକପ୍‌ରେ ମଧ୍ୟ ସେ ରୌପ୍ୟ ପଦକ ହାସଲ କରିଥିଲେ। ୪୨ ବର୍ଷୀୟା ସ୍କୋପମ୍ୟାନ ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ଆମେରିକା ମହିଳା ହକି ଦଳର କୋଚ୍ ରହିଥିଲେ। ଏହା ବ୍ୟତୀତ ସେ ଆମେରିକା ୨୧ ବର୍ଷରୁ କମ୍ ମହିଳା ଦଳ ସହିତ ଜଡିତ ରହିଆସିଥିଲେ। ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ସେ ଆମେରିକା ମହିଳା ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଫଳରେ ଏହାପରେ ତାଙ୍କୁ ହେଡ୍ କୋଚ୍ ଦାୟିତ୍ୱ ଦିଆଯାଇଥିଲା।

ଭାରତୀୟ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ସ୍କୋପମ୍ୟାନଙ୍କ ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତାଙ୍କୁ ପୂର୍ବରୁ ଜାଣିଛି। ଭାରତୀୟ ଦଳର ପ୍ରଦର୍ଶନରେ ଉନ୍ନତି ଆଣିବାରେ ସେ ସହାୟ ହେବେ ବୋଲି ମାରିଜନେ କହିଛନ୍ତି।

# ଜେକେଏସ୍ କରାଟେରେ ୭୦୦ ପ୍ରତିଯୋଗୀ

ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି)

ଓକିନୱା କରାଟେ ସ୍କୁଲ ଆନୁକୂଲ୍ୟରେ ଜାପାନ କରାଟେ ସୋତୋକାଇ(ଜେକେଏସ)ର ରାଜ୍ୟ ଚାମ୍ପିୟନଶିପ୍ ଚଳିତମାସ ୧୯ ତାରିଖରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱରସ୍ଥିତ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ହେବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ ଓ କଲେଜରୁ ୭୦୦ ପ୍ରତିଯୋଗୀ ଭାଗନେବେ। ୧୫୦ ଅଫିସିଆଲ ମ୍ୟାଚ ପରିଚାଳନା କରିବେ। ପ୍ରତିଯୋଗୀ, ଅଫିସିଆଲ, କର୍ମକର୍ତ୍ତା ଓ ଅଭିଭାବକଙ୍କୁ ମିଶାଇ ୧୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟୁର୍ନାମେଣ୍ଟ ଭେନ୍ୟୁରେ ଏକତ୍ରିତ ହେବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜାପାନ କରାଟେ ଓଡ଼ିଶାର ସଭାପତି ତଥା ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାରେ ୬, ୮, ୯, ୧୦, ୧୧, ୧୨, ୧୩, ୧୪, ୧୫, ୧୬, ୧୭, ୨୧ ବର୍ଷରୁ କମ୍ ଏବଂ ସିନିୟର ବର୍ଗରେ ଓଜନ ଓ ବେଲ୍ଟ ଭିତ୍ତିରେ ମୋଟ ୧୫୦ କାଟେଗୋରିରେ ପ୍ରତିଦ୍ୱନ୍ଦ୍ୱିତା ହେବ। ପ୍ରତିଯୋଗିତା ସକାଳ ୯ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ। ବିଧାୟକ ଅତନୁ ସାବ୍ୟସାଚୀ ନାୟକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୌମ୍ୟ ପ୍ରକାଶ କରିଛନ୍ତି। ଜାପାନ କରାଟେ ସୋତୋକାଇ ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ମଧ୍ୟ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ଗତବର୍ଷ ଆସାମର ଗୁଆହାଟୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାର ୨୧ ବର୍ଷରୁ କମ୍ ବିଭାଗରେ ଚିରସ୍ମିତା ଭଞ୍ଜ ରୌପ୍ୟ ପଦକ ହାସଲ କରିଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟ ପ୍ରତିଯୋଗିତାରେ ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ ହେବେ ବୋଲି ସୌମ୍ୟ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଷ୍ଟ୍ରକ୍ଟର ଜ୍ଞାନରଞ୍ଜନ ନନ୍ଦ, ଦୀପକ କୁମାର ପଟ୍ଟୱାରସିଂ, ସନ୍ଦୀପ ପଟ୍ଟନାୟକ, ଦେବାଶିଷ ରାଉତ ଏବଂ କରାଟେକା ତଥା ଯାଆଁଳା ଭଉଣୀ ମଧୁସ୍ମିତା ଭଞ୍ଜଦେଓ ଓ ଚିରସ୍ମିତା ଭଞ୍ଜଦେଓ ଉପସ୍ଥିତ ଥିଲେ।


ଜାପାନ କରାଟେ ସୋତୋକାଇ ରାଜ୍ୟ ଚାମ୍ପିୟନଶିପ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାୟକ**
ସହପ୍ରତିଋତ୍ୱିକ, ସତ୍‌ସଙ୍ଗ
ଆବିର୍ଭାବ: ୨୨।୦୪।୧୯୨୯
ତିରୋଧାନ: ୦୬।୦୧।୨୦୨୦
ଆପଣଙ୍କ ତିରୋଧାନର ଚତୁର୍ଦ୍ଦଶ ଦିବସରେ ପରମପିତାଙ୍କ ଶ୍ରୀଚରଣରେ 'ସତ୍‌ସଙ୍ଗ' ନିବେଦନ କରି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକାନ୍ତ ପ୍ରାର୍ଥନା ଜଣାଉଛୁ।
ଶ୍ରଦ୍ଧାଞ୍ଜଳି ସହ:
ପୁତ୍ର: ପ୍ରଦ୍ୟୁମ୍ନ କୁମାର, ରାଜପ୍ରସାଦ, ହରପ୍ରସାଦ, ଦେବୀପ୍ରସାଦ ତଥା ସମସ୍ତ ଆତ୍ମୀୟସ୍ୱଜନ ଏବଂ ପରିବାରବର୍ଗ।
ବି:ଦ୍ର: ଆଗାମୀ ୧୯।୦୧।୨୦୨୦ ସନ୍ଧ୍ୟାରେ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଠାରେ ସତ୍‌ସଙ୍ଗ ଅନୁଷ୍ଠାନରେ ଯୋଗଦେବା ପାଇଁ ସମସ୍ତ ସତ୍‌ସଙ୍ଗୀ ଭାଇ ଏବଂ ମା' ମାନଙ୍କୁ ବିନମ୍ର ଅନୁରୋଧ ଜଣାଉଛୁ।
ଧ-୧୬୧୭୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଲୋଚନ ସାମଲ**
ଆବିର୍ଭାବ: ୧୦।୦୩।୧୯୩୪
ତିରୋଧାନ: ୨୩।୦୧।୨୦୧୯
**ସ୍ୱର୍ଗତ ଗଣେଶ୍ୱର ସାମଲ**
ଆବିର୍ଭାବ: ୦୧।୦୧।୧୯୩୦
ତିରୋଧାନ: ୨୮।୦୧।୨୦୧୯
ଆପଣମାନଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ।
ଧ-୧୬୨୬୦

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ରତ୍ନମଣୀ ଚୌଧୁରୀ**
ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୦୭।୧୯୪୨
ତିରୋଧାନ: ୦୮।୦୧।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ନିଷ୍ଠା, ଧର୍ମପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୩୬୪୭

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଆର୍ତ୍ତତ୍ରାଣ ମହାଖୁଡ**
ଅବସରପ୍ରାପ୍ତ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ
କଣ୍ଟାପାଳ, ଢେଙ୍କାନାଳ
ଆବିର୍ଭାବ: ୦୭।୦୧।୧୯୩୯
ତିରୋଧାନ: ୦୮।୦୧।୨୦୨୦
ତୁମ ଶୂନ୍ୟସ୍ଥାନ ଝୁରେ ସଦା ମନ, କିଏ ହେବ ତୁମ ଭଳି। ଅମର ଆତ୍ମାର ସଦ୍‌ଗତି ହେଉ, ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଇତି:
ତୁମର ପତ୍ନୀ: ଶୁକାନ୍ତୀ, ପୁତ୍ର: ପ୍ରବୀଣ, ପ୍ରଦ୍ୟୁତ, ପ୍ରତାପ, ପ୍ରବୀର, ଝିଅ: ପ୍ରବାସିନୀ, ରଶ୍ମିତା, ଜ୍ୱାଇଁ: ନରେଶ, ଶ୍ରୀକାନ୍ତ, ପୁତ୍ରବଧୂ: ମମତା, ରାଜଶ୍ରୀ, ସସ୍ମିତା, ମୀନାକ୍ଷୀ ଏବଂ ନାତିନାତୁଣୀମାନେ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୬୮୪୪

# ସଂକ୍ଷେପରେ

## ୨ଟି ସ୍ଥାନରେ ଭିନ୍ନକ୍ଷମ ଚିହ୍ନଟ ଶିବିର

**କାଲିମେଲା,୧୭।୧(ଡି.ଏନ.ଏ)-** ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତର ଏମଭି-୭୯ ଏବଂ କାଲିମେଲା ସଦରଠାରେ କ୍ଷମତା ଏକ୍ସପ୍ରେସ ମାଧ୍ୟମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଟି ସ୍ଥାନରେ ୨୪୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ଉପସ୍ଥିତ ରହି ନିଜ ରୋଗ ଚିହ୍ନଟ କରିବା ସହ ସରକାରୀ ପ୍ରମାଣପତ୍ର ପାଇଛନ୍ତି । ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚୁଟ ଅଫ ହେଲ୍‌ଥ ସାଇନ୍ସସ ଏବଂ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହିଳାପୁରୁଷ ଭିନ୍ନକ୍ଷମ, ବରିଷ୍ଠ ନାଗରିକଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କୁ ବହୁବିଧ ସେବା ପ୍ରଦାନ ଲାଗି ଏଭଳି ଶିବିର ହୋଇଥିଲା। ଗୁରୁବାର ଏମଭି-୭୯ ସ୍ଥିତ ଏକ ବିଦ୍ୟାଳୟରେ ଅନୁଷ୍ଠିତ ଶିବିରକୁ ବ୍ଲକ ଅଧକ୍ଷ ମାଲା ମାଡି , ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ମୁଖାର୍ଜୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଧାମଣି ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୧୦ ପଞ୍ଚାୟତରୁ ମୋଟ ୧୨୬ ଜଣ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଚିହ୍ନଟ ହୋଇଥିଲେ। ଉଭୟ ଶିବିରରେ ଡା. ଅଭିଦ ହୁସେନ ଖାନ, ସୁଚିତ୍ରା ଜେନା, ଡି.ଏସ ପ୍ରଦୀପ ରାଓ, ରାକେଶ ନାୟକ, ପାର୍ବତୀ ସିଂ ପ୍ରମୁଖ ଉପସ୍ଥିତ ରହି ଏହି ଭିନ୍ନକ୍ଷମ ଚିହ୍ନଟ କରିଥିଲେ। ଭିନ୍ନକ୍ଷମ ଚିହ୍ନଟ ସହ ନିରୂପଣ, କାନ ପରୀକ୍ଷା, ସ୍ପିଚ ଥେରାପି, ମାନସିକ ପରୀକ୍ଷା, ଦୃଷ୍ଟିଶକ୍ତି ପରୀକ୍ଷା, ଫିଜିଓଥେରାପି, ଧନ୍ଦାମୂଳକ ଓ ଦକ୍ଷତା ତାଲିମ ସହ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଇ ସ୍ୱତନ୍ତ୍ର ବିଦ୍ୟାଳୟ ପଠାଇବା ଲାଗି ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେଶା କାମରାମ ପରିଚାଳନା କରିଥିଲେ। ଜିଲାର ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ।

# ଧାନ ମଣ୍ଡି,ଚାଷୀ ସମସ୍ୟା ଉପରେ ଗୁରୁତ୍ୱ

**ଜିଲା ପରିଷଦ ବୈଠକ**

- ମଣ୍ଡିରେ ପ୍ରକୃତ ଚାଷୀ ଧାନ ବିକ୍ରି କରିପାରୁନି
- ସହଯୋଗ କରୁଛନ୍ତି ବିଭାଗୀୟ ଅଧିକାରୀ,କର୍ମଚାରୀ
- ଅଟକି ରହିଥିବା କାର୍ଯ୍ୟ ମାର୍ଚ୍ଚ ପୂର୍ବରୁ ଶେଷ କର

**ମାଲକାନଗିରି,୧୭।୧ (ଡି.ଏନ୍.ଏ.)**



ଜିଲା ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାରପ୍ରାପ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧକ୍ଷତାରେ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନବରଙ୍ଗପୁର ଏମପି ରମେଶ ମାଝି, ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ଉପାଧକ୍ଷା ସୁଲତା ମଣ୍ଡଳ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମାନସ ମିଶ୍ରଙ୍କ ସମେତ ପ୍ରତ୍ୟେକ ବିଭାଗର ଅଧିକାରୀ, ଜିଲା ପରିଷଦ ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲାରେ ମଣ୍ଡିରେ ପ୍ରକୃତ ଚାଷୀ ଧାନ ବିକ୍ରି କରି ପାରୁ ନ ଥିବାବେଳେ ନକଲି ଚାଷୀ ଏବଂ ଦଲାଲ ମାନେ କମ୍ ଦରରେ ଚାଷୀଙ୍କଠାରୁ ଧାନ କିଣି ଚାଷୀଙ୍କ ନାମରେ ବିକ୍ରି କରୁଛନ୍ତି। ଏଥିରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ ରହୁଥିବା ବୈଠକରେ ଆଲୋଚନା ହୋଇଥିଲା। ଚାଷୀଙ୍କ ଜମିକୁ ଜଳ, ଆଭ୍ୟନ୍ତରୀଣ ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ, ସ୍ୱାସ୍ଥ୍ୟ, ପରିମଳ, ଶିକ୍ଷା, ସମବାୟ, ଗୋସମ୍ପଦ, ଜଙ୍ଗଲ ଓ ପରିବେଶ, ମତ୍ସ୍ୟ, ବିଭାଗର କାର୍ଯ୍ୟ ଦକ୍ଷତା ସମୀକ୍ଷା କରାଯାଇଥିଲା। ଜିଲାରେ ଅପପୁଷ୍ଟି ରୋକିବା ପାଇଁ ପ୍ରସ୍ତୁତ ହେଉଥିବା ଛତୁଆ ନିମ୍ନମାନର ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଛତୁଆ ପ୍ରସ୍ତୁତ କରୁଥିବା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀମାନଙ୍କୁ କୁହାଯାଇଥିଲା। ବୈଠକରେ ଏମପି ମାଝି ପ୍ରତ୍ୟେକ କର୍ମଚାରୀ ଓ ଅଧିକାରୀମାନେ ପ୍ରତି ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ଅଧାରେ ଅଟକି ରହିଥିବା କାର୍ଯ୍ୟଗୁଡିକୁ ମାର୍ଚ୍ଚ ମାସ ପୂର୍ବରୁ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ।

# ୧୨ ଘଣ୍ଟା ଗୁଳି ବିନିମୟ ପରେ କୋମ୍ବିଂ ଅପରେଶନ ଶେଷ

**ମାଲକାନଗିରି, ୧୭।୧ (ଡି.ଏନ.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲା ମୁଦୁଲିପଡ଼ା ଥାନା ଅନ୍ତର୍ଗତ ବଡଡୁରାଲ ପଞ୍ଚାୟତ ଗୋରେଇଗୁଡା ନିକଟସ୍ଥ ଜଙ୍ଗଲରେ ମାଓବାଦୀ ଏବଂ ସୁରକ୍ଷାବାହିନୀ ମଧ୍ୟରେ ଗୁଳି ବିନିମୟ ୧୨ ଘଣ୍ଟା ପରେ ଶେଷ ହୋଇଛି। ଘଟଣା ସ୍ଥଳରୁ ବହୁ ପରିମାଣର ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି। ଏହି ଜଙ୍ଗଲରେ ମାଓବାଦୀଙ୍କ କ୍ୟାମ୍ପ ଚାଲିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ମାଲକାନଗିରି ଏସପିଙ୍କ ନେତୃତ୍ୱରେ ଡିଭିଏଫ ଓ ବିଏସଏଫ ଯବାନମାନେ କୋମ୍ବିଂ ଅପରେସନ କରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ସେମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚାଳନା କରିବାରୁ ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଘଟଣା ସ୍ଥଳରୁ ୨୦ରୁ ଊର୍ଦ୍ଧ୍ୱ ବ୍ୟାଗ୍, ମାଓବାଦୀ ପୋଷାକ, ଅଫୁଟା ଗୁଳି, ବିଦ୍ୟୁତ୍ ତାର, ଜେନ୍ ସେଟ୍, ଔଷଧ, ବିଭିନ୍ନ ପୁସ୍ତିକା, ଖାଦ୍ୟ ସାମଗ୍ରୀ, ଜବତ ହୋଇଛି। ଅପରେଶନ ପରେ ଯବାନମାନେ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ଫେରିଥିବା ଏକ ଖବରଦାତା ସମ୍ମିଳନୀରେ କୋରାପୁଟ ଡିଆଇଜି ସୋପିନ ଅହମ୍ମଦ କେ. ସୂଚନା ଦେଇଛନ୍ତି। ତେବେ ମାଓବାଦୀମାନେ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କୁ ଡରାଇବା ପାଇଁ ଏପରି କ୍ୟାମ୍ପ କରିଛନ୍ତି। ସେମାନେ କିଛି ଅଘଟଣ ଘଟାଇବା ପାଇଁ ଚେଷ୍ଟା କରିଥିଲେ। ଏହା ପୂର୍ବରୁ ପୋଲିସ ଖବର ପାଇ ସେମାନଙ୍କ ଯୋଜନାକୁ ପଣ୍ଡ କରି ଦେଇଛି। ସ୍ୱାଭିମାନ ଅଞ୍ଚଳର ବିକାଶରେ ମାଓବାଦୀମାନେ ବାଧା ସୃଷ୍ଟି କରିପାରିବେ ନାହିଁ। ଉକ୍ତ ଅଞ୍ଚଳରେ ପୋଲିସ ଏବଂ ବିଏସଏଫ୍‌ର ମିଳିତ ଉଦ୍ୟମରେ ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ଏହି ସମୟରେ ମାଲକାନଗିରି ଏସପି ଋଷିକେଶ ଡି. ଖିଲାରି, ଏସଡିପିଓ ପ୍ରହଲ୍ଲାଦ ସହାଇ ମୀନା, ଆଇଆଇସି ରାମ ପ୍ରସାଦ ନାଗ ଉପସ୍ଥିତ ଥିଲେ।


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ ।

# ନବରଙ୍ଗପୁର ଏମପିଙ୍କ ବାଲିମେଲା ଗସ୍ତ

**କୋରୁକୋଣ୍ଡା ୧୭।୧(ଡି.ଏନ. ଏ)**

ମାଲକାନଗିରି ଜିଲା ବାଲିମେଲା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଶୁକ୍ରବାର ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଗସ୍ତ କରି ଫେରିଛନ୍ତି। ଏହି ଅବସରରେ ବାଲିମେଲା ନଗର ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ଏମପି ମାଝି ଯୋଗଦେଇ ପରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିଲେ। ପରେ ସେ ବାଲିମେଲା ଏନଏସିର ୮ ନମ୍ବର ୱାର୍ଡରେ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, କାଉନସିଲର ପ୍ରମିଳା ମହାପାତ୍ର, ବିଜେଡି କର୍ମୀ ରାଜେନ୍ଦ୍ର ପଣ୍ଡା, ପୂର୍ଣ୍ଣ ଭାତ୍ରା, ମଙ୍ଗଳା ପାଙ୍ଗି, ସନ୍ତୋଷ ଖେମୁଣ୍ଡୁ, ରଞ୍ଜନ ମହାରଣା, ଲଡ୍ଡୁ କିଶୋର ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଏମପି ରମେଶ ମାଝି ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ଜଳ ସଂରକ୍ଷଣ ଉପରେ ତର୍କ ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

**କାଲିମେଲା,୧୭।୧(ଡି.ଏନ.ଏ.)–** ଜଳ ସଂରକ୍ଷଣ, ଗୁଣବତ୍ତା ଓ ଏହାର ସଦୁପଯୋଗ ଉପରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ତର୍କ ପ୍ରତିଯୋଗିତା ମାଲକାନଗିରି ଜିଲା କାଲିମେଲାସ୍ଥିତ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଲିମେଲା ଓ ପଡିଆ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଷ୍ଟମରୁ ଦଶମ ଶ୍ରେଣୀର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସ୍ଥାନୀୟ ଗୋପବନ୍ଧୁ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧାପକ ଡ.ପ୍ରକାଶ ଚନ୍ଦ୍ର ମିଶ୍ର ଏବଂ ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧାପକ ଡ.ପଦ୍ମଲୋଚନ ରାଉତ ଓ ଏମଭି–୭୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଠାଣି ବାରିକ ବିଚାରକ ଭାବେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ସଭାରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ରୋହନ ସିଂ, କାଲିମେଲା ସିଆରସିସି ରଞ୍ଜିତ ସରକାର, ପ୍ରଧାନ ଶିକ୍ଷକ ଧ୍ରୁବ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଡିଭିଜନସ୍ତରୀୟ ଉତ୍ସବରେ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବ । ବିଜୟୀ ପ୍ରତିଯୋଗୀମାନେ ମଧ୍ୟ ମାଲକାନଗିରିଠାରେ ହେବାକୁ ଥିବା ଜିଲାସ୍ତରୀୟ ଉତ୍ସବରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ କାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅଞ୍ଜନା ମିସ୍ରି ପ୍ରଥମ ହୋଇଥିବା ବେଳେ ନବମ ଶ୍ରେଣୀ ଛାତ୍ର ରାମେଶ୍ୱର ପାଢୀ ଦ୍ୱିତୀୟ ଏବଂ ସେହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଉଷା ଘୋଷ ତୃତୀୟ ହୋଇଛନ୍ତି।

# ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରତିଯୋଗିତା

**ମାଲକାନଗିରି,୧୭।୧(ଡି.ଏନ୍.ଏ.)–** ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଛି। ମାଲକାନଗିରି ସଦର ମହକୁମାସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ଶିକ୍ଷକ ଶିବ ପ୍ରସାଦ କିର୍ତ୍ତନିଆଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ ।


ସାଧାରଣତନ୍ତ୍ର ଦିବସ ପାଇଁ ଅନୁଷ୍ଠିତ ପ୍ରତିଯୋଗିତାରେ ସାମିଲ ଛାତ୍ରୀଛାତ୍ର ।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଦିବସ ରାଇକା ଗୁଣପୁର ବ୍ଲକ ଏମ୍‌ପି ପ୍ରତିନିଧି

ଗୁଣପୁର,୧୭।୧(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ଦିବସ ରାଇକାଙ୍କୁ ଏମ୍‌ପି ପ୍ରତିନିଧି ଭାବେ ନିଯୁକ୍ତି ମିଳିଛି। କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ତାଙ୍କୁ ଗୁଣପୁର ବ୍ଲକ ପାଇଁ ଏହି ନିଯୁକ୍ତି ଦେଇଛନ୍ତି। ଏନେଇ ସେ ଜିଲାପାଳଙ୍କଠାରୁ ବିଡିଓଙ୍କୁ ପତ୍ରାଳାପ କରି ଅବଗତ କରିଛନ୍ତି। ଏମ୍‌ପି ପ୍ରତିନିଧି ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି।

### ବଟି ଆଦାୟ କରି ଧରାପଡ଼ିଲେ ୨

ବିଷମକଟକ,୧୭।୧(ଡ଼ି.ଏନ.ଏ) ପୋଲିସ ପରିଚୟ ଦେଇ ବଟି ଆଦାୟ କରିବା ଅଭିଯୋଗରେ ଶୁକ୍ରବାର ବିଷମକଟକ ପୋଲିସ ୨ ଜଣଙ୍କୁ ଧରିଛି। ସେମାନେ ହେଲେ ଗୌରୀ ହିଆଲ ଓ ଅନ୍ୟ ଜଣେ ନାବାଳକ। ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ଓ ତିନୋଟି ମୋବାଇଲ ଜବତ କରାଯାଇଛି। କଲ୍ୟାଣସିଂପୁର ଗ୍ରାମର ବୃନ୍ଦାବନ ପାଢୀ ତାଙ୍କର ଜଣେ ସମ୍ପର୍କୀୟ ମହିଳାଙ୍କ ସହ ବାଇକରେ ଆସି ଥେରୁବାଲିସ୍ଥିତ ଏକ ହୋଟେଲରେ ଖାଉଥିଲେ। ଏହି ସମୟରେ ଉକ୍ତ ଦୁଇଜଣ ଆସି ତାଙ୍କ ଫଟୋ ଉଠାଇବା ସହ ଅସଭ୍ୟ ଭାଷାରେ ଗାଲି ଗୁଲଜ କରିଥିଲେ। ପରେ ନିଜକୁ ପୋଲିସ ଏଏସ୍‌ଆଇ ଓ ଡ୍ରାଇଭର ପରିଚୟ ଦେଇ ୧ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ନ ଦେଲେ ଫଟୋକୁ ଭାଇରାଲ କରିବେ ବୋଲି ଧମକ ଦେଇଥିଲେ। ଭୟଭୀତ ହୋଇ ବୃନ୍ଦାବନ ଗତ ୧୦ ତାରିଖରେ ୫୦ହଜାର ଟଙ୍କା ଦେଇଥିଲେ। ବଳକା ୫୦ ହଜାର ଟଙ୍କା ନ ଦେବାରୁ ଉକ୍ତ ଦୁଇ ଯୁବକ ହତ୍ୟା ଧମକ ଦେଇଆସୁଥିଲେ। ସେମାନେ ନକଲି ପୋଲିସ ସନ୍ଦେହ କରି ବୃନ୍ଦାବନ ଏନେଇ ବିଷମକଟକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେମାନଙ୍କ ଫୋନ ଟ୍ରାକ୍ କରି ସେମାନେ ବିଷମକଟକ ଥାନା ବାଣପୁର ଗ୍ରାମର ବୋଲି ଜାଣିବାକୁ ପାଇଥିଲା। ପରେ ସେମାନଙ୍କୁ ଗିରଫ କରିଛି।

### ଥେରୁବାଲିରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ



ଥେରୁବାଲି,୧୬।୧: ରାୟଗଡ଼ା ଜିଲା ଥେରୁବାଲିଠାରେ ୩୧ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଗତ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଥେରୁବାଲି ଓ ଇମ୍ଫା କାରଖାନା, ଥେରୁବାଲି, ଚାନ୍ଦିଲି ପୋଲିସ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ଏଥିରେ ଇମ୍ଫା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ର ହାତରେ ପ୍ଲାକାର୍ଡ଼ ଧରି ଥେରୁବାଲି ଫାଣ୍ଡି ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରା ଇମ୍ଫା ଥେରୁବାଲି ମୁଖ୍ୟ ଫାଟକ ଦେଇ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଥେରୁବାଲି ଡ଼ିପି କ୍ୟାମ୍ପ ଛକଠାରେ ସୁରକ୍ଷା ଲାଗି ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଥେରୁବାଲି ଇମ୍ଫା କମ୍ପାନୀର ଲୋକ ସମ୍ପର୍କ ସୂଚନା ଅଧିକାରୀ ଶକ୍ତିପ୍ରସାଦ ପାଣିଗ୍ରାହୀ, ଅଜୟ କୁମାର ସିଂହ, ପ୍ରଫୁଲ୍ଲ କୁମାର ନନ୍ଦ, ସଞ୍ଜୟ ତ୍ରିପାଠୀ, ଅସିତ ମିଶ୍ର,ଚାନ୍ଦିଲି ଆଇଆଇସି ଅଜିତ୍ କୁମାର ସ୍ୱାଇଁ, ଥେରୁବାଲି ଫାଣ୍ଡି ଅଧିକାରୀ ଜଗନ୍ନାଥ ବେହେରା, ସୂର୍ଯ୍ୟ ଦଣ୍ଡସେନା, ଅଶୋକ କୁମାର ମିଶ୍ର, ନିରାକାର ଆରକା ପ୍ରମୁଖ ଉପସ୍ଥିତ ଥିଲେ।

# ଏକାଠି ହେଲେ ୮ ପଞ୍ଚାୟତବାସୀ

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ଚନ୍ଦ୍ରପୁର,୧୭।୧(ଡି.ଏନ୍.ଏ.)

ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ତୁରନ୍ତ ଫାଶୀଦଣ୍ଡରେ ଦଣ୍ଡିତ କରିବା ଦାବି କରି ଶୁକ୍ରବାର ୮ ପଞ୍ଚାୟତବାସୀ ଏକାଠି ହୋଇଛନ୍ତି। ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଚନ୍ଦ୍ରପୁର ବ୍ଲକର ବିଜାପୁର, ଚନ୍ଦ୍ରପୁର, ହନୁମନ୍ତପୁର, ସାରିକିମା, ଡାଙ୍ଗସୋରଡା,ପିସ୍କାପଙ୍ଗା, ଝୁଁରିଗୁଡା ପଞ୍ଚାୟତର ଏକ ହଜାରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଏକଜୁଟ ହୋଇ ବୈଠକ କରିଛନ୍ତି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ୍‌ଙ୍କୁ ପ୍ରଦାନ କରିଥିଲେ। ବୈଠକରେ ବିଷମକଟକ ପୋଲିସ, ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା, ଚନ୍ଦ୍ରପୁର ଥାନାଧିକାରୀ ଅରୁଣ ନାୟକ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ ଡୁଙ୍ଗ ଉପସ୍ଥିତ



ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

ଥିଲେ। ବର୍ତ୍ତମାନ ଅଭିଯୁକ୍ତ ଜେଲରେ ଅଛନ୍ତି। ସରକାରଙ୍କ ତରଫରୁ ରିପୋର୍ଟ ଆସିବା ପରେ ପୋଲିସ ବିଭାଗ ତରଫରୁ ଚାର୍ଜଶିଟ୍ ଦାଖଲ ପରେ ଦୋଷୀକୁ ଦଣ୍ଡ ମିଳିବ ବୋଲି ଏମଡିପିଓ ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ପୋଲିସ କର୍ମଚାରୀମାନେ ଯିବା ସମୟରେ ଆମକୁ ଶୀଘ୍ର ନ୍ୟାୟ ମିଳୁ, ଦୋଷୀକୁ ଶୀଘ୍ର ଫାଶୀ ଦିଆଯାଉ ବୋଲି ନାବାଳିକାଙ୍କ ମା' ଜାନକୀ କ୍ରୀଟାଙ୍ଗାଙ୍କ ସମେତ ଶତାଧିକ ମହିଳା ପୋଲିସ ଗାଡିକୁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଟକ ରଖିଥିଲେ। ଚନ୍ଦ୍ରପୁର ସରପଞ୍ଚ ସୁଜିତ ବ୍ରେଡେକାଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷ ସଙ୍ଗୀତା ପ୍ରତିଙ୍ଗା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଷୋୟୀ, ବ୍ଲକ ବିଜେଡି ସଭାପତି ପ୍ରମୋଦ ସାହୁକାର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭୀମ ଗଗେରେଙ୍ଗା, ମଙ୍ଗଳା ହିକ୍କା, ଧରଣୀ ପ୍ରତିକା, ଚନ୍ଦ୍ରପୁର ସରପଞ୍ଚ ସୁଜିତ ବ୍ରେଡେକା, କାଉ ମୁନି, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ସୁନାମଣି ପ୍ରତିକା, ସତ୍ୟ ନାରାୟଣ ପ୍ରତିକା, ରାମଚନ୍ଦ୍ର ବ୍ରେଡେକା, ସୁବାସ ମାଝି, ସୁରେନ୍ଦ୍ର ବିଡିକା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଦୋଷୀକୁ ପୋକ୍‌ସୋ ଆଇନ ଅନୁଯାୟୀ ଶୀଘ୍ର ଫାଶୀଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ଦାବି କରିଥିଲେ। ବୈଠକରେ ଚନ୍ଦ୍ରପୁର ବ୍ଲକର ବିଜାପୁର, ଚନ୍ଦ୍ରପୁର, ହନୁମନ୍ତପୁର, ସାରିକିମା, ଡାଙ୍ଗସୋରଡା,ପିସ୍କାପଙ୍ଗା, ଝୁଁରିଗୁଡା ପଞ୍ଚାୟତରୁ ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଅସ୍ଥାୟୀ ଶ୍ରମିକ କରିବେ ସହର ସଫେଇ

ଗୁଣପୁର,୧୭।୧(ଡି.ଏନ.ଏ)

ଗୁଣପୁର ପୌର ପରିଷଦରେ ୫ ଦିନ ହେଲା ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା। ଶୁକ୍ରବାର ଏଥିରେ କିଛିଟା ସୁଧାର ଆସିଛି। ବିଭିନ୍ନ ସ୍ଥାନରେ ଜମା ହୋଇଥିବା କୁଢ କୁଢ ଓଳିଆ ଆବର୍ଜନାଗୁଡିକ ସ୍ଥାୟୀ କର୍ମଚାରୀଙ୍କ ସହଯୋଗରେ କେତେକ ସ୍ଥାନରେ ଉଠାଯାଇଛି। ଅନ୍ୟପଟେ ପୌର ପ୍ରଶାସନ ପକ୍ଷରୁ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନକୁ ଦେଖି ଅସ୍ଥାୟୀ ଶ୍ରମିକ ଯୋଗାଡ କରାଯାଇଛି। ଶନିବାର ସେମାନଙ୍କୁ ସହରର ବିଭିନ୍ନ ସ୍ଥାନରେ ନିୟୋଜିତ କରାଯାଇ ସଫେଇ କାର୍ଯ୍ୟ କରାଯିବାକୁ ସ୍ଥିର ହୋଇଛି। ଅପରପକ୍ଷେ ଆନ୍ଦୋଳନରତ ଅସ୍ଥାୟୀ ସଫେଇ କର୍ମଚାରୀ ଏବଂ ପୌର ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡିଛି। ଅଚଳାବସ୍ଥା ଦୂରହେବ। ସେମାନେ ମଧ୍ୟ କିଛି ଦିନ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବେ ବୋଲି ପୌର ନିର୍ବାହି ଅଧିକାରୀ ଉମା ପ୍ରସାଦ ଦାସ ସୂଚନା ପ୍ରଦାନ କରିଛନ୍ତି। ୨୦୧୪ରୁ ଇପିଏଫ ଟଙ୍କା ପାଇ ନ ଥିବା ଅଭିଯୋଗ କରି ଅସ୍ଥାୟୀ ଠିକା କର୍ମଚାରୀମାନେ ଆନ୍ଦୋଳନ ଚାଲୁ ରଖିଥିଲେ। ଫଳରେ ସହରର ଓଳିଆ ଆବର୍ଜନା ସଫେଇ କରାଯାଉ ନ ଥିଲା।

ସୂଚନାଯୋଗ୍ୟ ଯେ, ଏଠାରେ ପରିମଳ ସେବା ପାଇଁ ୭୦ କର୍ମଚାରୀ ନିୟୋଜିତ ଥିଲେ। ୭୦ ଜଣଙ୍କ ମଧ୍ୟରୁ ୧୮ ଜଣ ସ୍ଥାୟୀ ରହିଥିବାବେଳେ ବଳକା ଠିକାଦାରଙ୍କ ଅଧିନରେ କାର୍ଯ୍ୟରତ ଅଛନ୍ତି। ସଫେଇ ଠିକାକର୍ମଚାରୀଙ୍କୁ ଦୈନିକ ୨୮୯ ଟଙ୍କା ପ୍ରଦାନ କରାଯାଉଛି। ସେମାନେ ଆନ୍ଦୋଳନ ଚାଲୁ ରଖିଥିଲେ ମଧ୍ୟ ଠିକା ନେଇଥିବା ଠିକାଦାରଙ୍କ ବର୍ତ୍ତମାନ ସୁଧା ଦେଖା ମିଳିନାହିଁ।

# ବନ୍ଧରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଗୁଣପୁର,୧୭।୧(ଡି.ଏନ.ଏ)

ଗୁଣପୁର ସହର ସୌରା ପ୍ରଧାନୀଗୁଡା ନିକଟରେ ଥିବା ଏକ ବନ୍ଧରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୁଣା ଗୁଣପୁର ପାଇକସାହି ଅଞ୍ଚଳର ଶିବ ପ୍ରସାଦ ଗୌଡ(୧୭)। ସେ ଗୁମୁଡା କଲେଜର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସେ ମଇଁଷି ଚରାଇବାକୁ ଯାଇଥିବା ବେଳେ ବନ୍ଧରେ ଗାଧେଇବାକୁ ଯାଇଥିଲେ। ସେଠାରେ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲେ। ଦୀର୍ଘ ସମୟ ଧରି ଦେଖା ନ ଯିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଖବରପାଇ ଦମକଳ ବାହିନୀକ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## କାଳୀରାମ ହେଲେ ଭାଜପା ଜାତୀୟ ପରିଷଦ ସଦସ୍ୟ

ରାୟଗଡ଼ା ଅଫିସ,୧୭।୧:

ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଭଜପା ରାଜ୍ୟ ସଭାପତି ଭାବରେ ସମୀର ମହାନ୍ତିଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଥିଲା। ସେହିପରି ଓଡ଼ିଶା ପ୍ରଦେଶରୁ ଜାତୀୟ ପରିଷଦ ସଦସ୍ୟ ଭାବେ କାଳୀରାମ ମାଝିଙ୍କୁ ନିର୍ବାଚିତ କରାଯାଇଛି। ସେ ଏହା ପୂର୍ବରୁ ୨ ଥର ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ରାୟଗଡ଼ା ଜିଲା ପୂର୍ବତନ ସଭାପତି, ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଉପ ସଭାପତି ରୂପେ ମଧ୍ୟ ଥିଲେ। ଏ ନେଇ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟୁଛି।



# ଚିକିତ୍ସାରେ ଅବହେଳା ଯୋଗୁ ଶିଶୁର ମୃତ୍ୟୁ

ରାୟଗଡ଼ା ଅଫିସ,୧୭।୧

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା ଯୋଗୁ ଜଣେ ୩ ମାସର ଶିଶୁର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ହସପିଟାଲରେ ଉତ୍ତେଜନା ଦେଖାଦେଇଥିଲା। ଅନ୍ୟପକ୍ଷେ ଶିଶୁ ଗୁରୁତର ଥିବାରୁ ଅନ୍ୟ ହସପିଟାଲ ନେବା ପାଇଁ କୁହାଯାଇଥିଲା। ହେଲେ ସେମାନେ ନେଇ ନ ଥିଲେ। ଫଳରେ ଶିଶୁର ମୃତ୍ୟୁ ହୋଇଥିବା ହସପିଟାଲ କର୍ତ୍ତୃପକ୍ଷ କହିଛନ୍ତି

କଲ୍ୟାଣସିଂପୁର ବ୍ଲକ ମାଝିଗୁଡ଼ା ଗ୍ରାମର ସସ୍ମିତା ହିଆଲ ଏବଂ ମହେନ୍ଦ୍ର ହିଆଲଙ୍କ ୩ ମାସ ଶିଶୁର ବାନ୍ତି ହେବାରୁ ସେମାନେ ମଙ୍ଗଳବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ସୁଧାର ଆସିଥିଲା। ହେଲେ ଗୁରୁବାର ରାତିରୁ ତାର ଦେହ ଅତ୍ୟନ୍ତ ଖରାପ ହୋଇଥିଲା। ଯାହାଦ୍ୱାରା ଶୁକ୍ରବାର ଶିଶୁଟିର ମୃତ୍ୟୁ ହୋଇଛି। ଶିଶୁର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଦେଖି ଡ଼ାକ୍ତର ବାହାରକୁ ନେବା ପାଇଁ କହିଥିଲେ। କିନ୍ତୁ ପରିବାର ଲୋକେ ନେଇ ନ ଥିଲେ ବୋଲି ମେଡ଼ିକାଲ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ ଡ଼ାକ୍ତରଙ୍କ ଅବହେଳା ଯୋଗୁ ଶିଶୁଟିର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଏଡ଼ିଏମଓ ଶକ୍ତିବ୍ରତ ମହାନ୍ତିଙ୍କୁ ପଚାରିବାରୁ, ଶିଶୁର ସବୁ ପ୍ରକାରର ଚିକିତ୍ସା କରାଯାଇଛି। ପିଲାର ସ୍ୱାସ୍ଥ୍ୟାବସ୍ଥା ଅତ୍ୟ' ଖରାପ ହେବାରୁ ରେଫର କରାଗଲା। ସେମାନେ ବାହାରକୁ ନେଲେ ନାହିଁ ବୋଲି କହିଛନ୍ତି।

# ବିଭିନ୍ନ ସମସ୍ୟା ନେଇ ସ୍କୁଲରେ ତାଲା ଝୁଲିଲେ ଗ୍ରାମବାସୀ



ସ୍କୁଲ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି ଗ୍ରାମବାସୀ।

କୋଲନରା/ଜେକେପୁର, ୧୭।୧(ଡି.ଏନ୍.ଏ.)

କୋଲନରା ବ୍ଲକ ସୂରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରାମବାସୀ ତାଲା ପକାଇଛନ୍ତି। ସ୍କୁଲର ବିଭିନ୍ନ ସମସ୍ୟା ସମାଧାନ ନ ହେବାରୁ ଗ୍ରାମବାସୀ ଏହି ପଦକ୍ଷେପ ନେଇଛନ୍ତି। ଏଠାରେ ଥିବା ପ୍ରଧାନଶିକ୍ଷକଙ୍କ ଦୀର୍ଘ ଦିନ ହେବ ବଦଳି ନ ହେବା ଓ ଶିକ୍ଷକ ନିଜ ଇଚ୍ଛାମୁତାବକ ପାଠ ପଢ଼ାଇବା, ଉପସ୍ଥାନ ପକାଇ ବାହାରେ ନିଜ ବ୍ୟବସାୟ କରିବା ଆଦି ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସହ ୫୫ ଛାତ୍ରୀଛାତ୍ର ଓ ଅଭିଭାବକ ଫାଟକରେ ତାଲା ପକାଇ ଆନ୍ଦୋଳନ ଚଳାଇଥିଲେ। ଏଠାରେ ପ୍ରଧାନଶିକ୍ଷକଙ୍କ ସମେତ ୫ ଶିକ୍ଷୟିତ୍ରୀ ଶିକ୍ଷକ ଥିଲେ ମଧ୍ୟ ପାଠପଢା ଠିକ୍ ଭାବେ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ କୋଲନରା ବିଇଓ ଖଗେଶ୍ୱର ରାଓ ବିଦ୍ୟାଳୟରେ ପହଞ୍ଚି ୧୫ ଦିନ ମଧରେ ପ୍ରଧାନଶିକ୍ଷକଙ୍କୁ ବଦଳି କରିବା ସହ ବିଦ୍ୟାଳୟର ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନର ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା ସଭାପତି ଚେତାବନୀ ଦେଇଛନ୍ତି।

# ଗୋଲାପ ଫୁଲ ଦେଇ ସଚେତନତା



ହେଲ୍‌ମେଟ ପିନ୍ଧି ଥିବା ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ କରାଯାଉଛି।

ଗୁଣପୁର,୧୭।୧(ଡି.ଏନ.ଏ)

ଗୁଣପୁରଠାରେ ଶୁକ୍ରବାର ଲୋକଙ୍କୁ ଗୋଲାପ ଫୁଲ ଦେଇ ସଡକ ସୁରକ୍ଷା ଲାଗି ସଚେତନତା କରାଯାଇଛି। ଯେଉଁ ବାଇକ୍ ଚାଳକମାନେ ହେଲମେଟ ପିନ୍ଧିଥିଲେ, ସେମାନଙ୍କୁ ଅଟକାଇ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କୁ ନିୟମ ମାନିବା ସହ ହେଲମେଟ ଓ ସିଟ୍ ବେଲ୍‌ଟ ପିନ୍ଧିବା ଲାଗି ବୁଝାଇଥିଲେ॥ ଗୁଣପୁର କଲେଜ ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ବାହାରି ବାଇପାସ ଛକଠାରେ ପହଁଞ୍ଚିଥିଲେ। ଗୁଣପୁର ପୋଲିସ ସହାୟତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର, ଶଶୀଭୂଷଣ ମହାନ୍ତି, କାର୍ଯ୍ୟକ୍ରମ ଅଧିକାରୀ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଡ.ଜୟଶ୍ରୀ ଜେଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୋକନୃତ୍ୟ ମାଧ୍ୟମରେ ସଡ଼କ ସୁରକ୍ଷା ବାର୍ତ୍ତା

ରାୟଗଡ଼ା ଅଫିସ,୧୭।୧

ନିୟମ ମାନନ୍ତୁ, ଜୀବନ ବଞ୍ଚାନ୍ତୁ। ଲୋକେ ସଚେତନ ହେଲେ ଧନଜୀବନ ସୁରକ୍ଷିତ ରହିବ। ରାୟଗଡ଼ାରେ ଆୟୋଜିତ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏସ୍‌ପି ଶ୍ରବଣ ବିବେକ ଏମ୍ ଏହା ପ୍ରକାଶ କରିଛନ୍ତି। ୨୦୧୮-୧୯ ରେ ୨୪୬ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ମୃତ୍ୟୁବରଣ କରିଛନ୍ତି ୧୧୮। ଦୁଇଚକିଆ ଯାନରେ ୪୧ଟି ଦୁର୍ଘଟଣା ଘଟିଥିବା ବେଳେ ୩୫ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ସେ କହିଛନ୍ତି। ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ, ଡ଼ିଏସ୍‌ପି ଶିବରାମ ନାୟକ ,ଏସଡ଼ିପିଓ ତପନ ନାରାୟଣ ରଥ, ଆରଟିଓ ଦିଲୀପ କୁମାର ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଛାତ୍ରଛାତ୍ରୀ ଲୋକନୃତ୍ୟ ମାଧ୍ୟମରେ ହେଲମେଟ ପିନ୍ଧିବା, ନୂଆ ମୋଟରଯାନ ନିୟମ ମାନିବା ନେଇ ଲୋକଙ୍କୁ ସଚେତନ କରିଥିଲେ। ଏଥିପୂର୍ବରୁ ଏକ ର୍‍ୟାଲି ସ୍ଥାନୀୟ ଜିସିଡ଼ି ହାଇସ୍କୁଲଠାରୁ ବାହାରି ସ୍ଥାନୀୟ ଅଭିନନ୍ଦନ ମଣ୍ଡପଠାରେ ପହଞ୍ଚିଥିଲା। ଏଥିରେ ଶତାଧିକ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ରାୟଗଡ଼ାବାସୀଙ୍କୁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଥାନା ଏସଆଇ ରିଗାନ କିଣ୍ଡୋ, ଏସଆଇ ମାନସ ସାହୁ, ଆରଟିଓ ଦିଲୀପ ଦଳେଇ ଯୋଗ ଦେଇଥିଲେ। ଏହି ଅବସରରେ ଦୁର୍ଘଟଣାର ଆହତ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରିଥିବା ୩୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଜାତୀୟ ସଡ଼କ ସୁରକ୍ଷା ଦିବସ ଉପଲକ୍ଷେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇ ୨୧ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଇଆଇସି ନିହାର ରଞ୍ଜନ ପ୍ରଧାନ ଏବଂ ଏସଆଇ କିଣ୍ଡୋ ପରିଚାଳନା କରିଥିଲେ।



ଅତିଥିଙ୍କ ଗ୍ରହଣରେ ସମ୍ମାନିତ ବ୍ୟକ୍ତିମାନେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

## ସାମାଜିକ ବିଜ୍ଞାନ (SOCIAL SCIENCE)

(ii) କୃଷି ଭୂମିର ଆୟତନ ବୃଦ୍ଧି, ଶିକ୍ଷାନୁଷ୍ଠାନ, ଗମନାଗମନ ପଥର ବିସ୍ତୃତି, ଖଣିଜ ପଦାର୍ଥ ଉତ୍ତୋଳନ ଏବଂ ଜଳଭଣ୍ଡାର ଓ ନଦୀ ଉପତ୍ୟକା ଯୋଜନା ଇତ୍ୟାଦି ପାଇଁ ଅରଣ୍ୟ କ୍ଷୟ ହେଉଛି।

(iii) ପ୍ରାକୃତିକ ବିପର୍ଯ୍ୟୟ ତଥା ମାନବୀୟ କାର୍ଯ୍ୟ ଯୋଗୁଁ ଅରଣ୍ୟ କ୍ଷୟ ହେଉଛି।

**କିମ୍ବା,**

(i) ଗାଈ-ଗୋରୁମାନଙ୍କର ମଳମୂତ୍ର ବ୍ୟବହାର କରି ଯେଉଁ ଜୈବଗ୍ୟାସ୍ ଉତ୍ପାଦନ କରାଯାଏ, ତାହାକୁ ଗ୍ରାମାଞ୍ଚଳରେ ଗୋବର ଗ୍ୟାସ୍ ପ୍ଲାଣ୍ଟ କୁହାଯାଏ।

(ii) ରନ୍ଧନ କାର୍ଯ୍ୟରେ ଜାଳେଣି କାଠ ଓ ଗୋବର ଘସି ବଦଳରେ ଏହି ଗ୍ୟାସ୍‌ର ବ୍ୟବହାର ଦ୍ୱାରା ଗଛ ରକ୍ଷା ପାଇଥାଏ ଏବଂ କୃଷି କ୍ଷେତ୍ର ପାଇଁ ଜୈବିକ ସାର ମଧ୍ୟ ମିଳିଥାଏ।

(iii) ଏହାଦ୍ୱାରା ଜୈବଗ୍ୟାସ୍ ଏବଂ ଉତ୍କୃଷ୍ଟ ମାନର ଜୈବିକ ସାର ପାଇବାଦ୍ୱାରା ଚାଷୀ ଦୁଇଆଡୁ ଲାଭାନ୍ୱିତ ହୋଇଥାଏ।

(ଖ)(i) ଫେଡାଲଫର ମୃତ୍ତିକା ଲବଣାମ୍ଳଯୁକ୍ତ ଓ ସ୍ୱଳ୍ପ ଜୈବାଂଶବିଶିଷ୍ଟ ହୋଇଥାଏ।

(ii) ଏହା ଏକ ଲାଲ ମୃତ୍ତିକା।

(iii) ଦକ୍ଷିଣ ଭାରତର ବିଭିନ୍ନ ଆର୍ଦ୍ର ଅଞ୍ଚଳରେ ଏହି ପେଡ଼ାଲଫର ମୃତ୍ତିକା ଦେଖାଯାଏ।

**କିମ୍ବା,**

(i) ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।

(ii) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା।

(iii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହୃତ ହୁଏ।

(ଗ)(i) **ପୂରଣୀୟ ସମ୍ବଳ:** ମନୁଷ୍ୟର ବ୍ୟବହାର ଦ୍ୱାରା ଯେଉଁ ସମ୍ବଳର ପରିମାଣରେ କୌଣସି ହ୍ରାସ ପରିଲକ୍ଷିତ ହୋଇ ନ ଥାଏ, ତାକୁ ପୂରଣୀୟ ବା ଅବିରାମ ସମ୍ବଳ କହନ୍ତି। ଉଦାହରଣ - ସୌରଶକ୍ତି, ପବନଶକ୍ତି ଓ ଜୁଆର ଶକ୍ତି।

(ii) **ଅପୂରଣୀୟ ସମ୍ବଳ:** ଯେଉଁ ସମ୍ବଳ ମନୁଷ୍ୟର ବ୍ୟବହାର ଦ୍ୱାରା ସଂପୂର୍ଣ୍ଣ ଶେଷ ହୋଇଯାଏ; କିନ୍ତୁ ପୁନଃ ସୃଷ୍ଟି କରାଯାଇପାରେ ନାହିଁ ତାହାକୁ ଅପୂରଣୀୟ ସମ୍ବଳ କୁହନ୍ତି। ଉଦାହରଣ-ଖଣିଜ ପଦାର୍ଥ ଓ ଖଣିଜ ତୈଳ।

**କିମ୍ବା,**(i) **କଙ୍କର :** ଭାଙ୍ଗର ମୃତ୍ତିକାର ଚୂନଗୋଡ଼ି ଅଧିକ ପରିମାଣରେ ଥିଲେ ତାହାକୁ କଙ୍କର ମୃତ୍ତିକା ବୋଲି କୁହାଯାଏ। ଏହି ମୃତ୍ତିକା ଗାଙ୍ଗେୟ ସମତଳ ଭୂମିରେ ପ୍ରାୟତଃ ଦେଖାଯାଏ।

**ଖାଦର :** ଗାଙ୍ଗେୟ ସମତଳ ଭୂମିର ନୂତନ ପଟୁ ମୃତ୍ତିକାକୁ ଖାଦର ମୃତ୍ତିକା କୁହାଯାଏ। ଏହା ମୁଖ୍ୟତଃ ନଦୀ ଶଯ୍ୟାର ପ୍ଲାବନଭୂମିରେ ଦେଖାଯାଏ।

(ଘ) (A)(i) ଲୌହ-ଇସ୍ପାତ ଶିଳ୍ପର ଉତ୍ପାଦିତ ଲୌହ ଇସ୍ପାତ ଅନ୍ୟ ମେସିନ ବା କଳକବ୍‌ଜାର କଞ୍ଚାମାଲ ରୂପେ ବ୍ୟବହୃତ ହୁଏ।

(ii) ଲୌହ-ଇସ୍ପାତ ଶିଳ୍ପର ସର୍ବଶେଷ ଉତ୍ପାଦ ଅନ୍ୟ ଏକ ଶିଳ୍ପର କଞ୍ଚାମାଲ ରୂପେ ବ୍ୟବହୃତ ହେଉଥିବାରୁ ଏହି ଶିଳ୍ପକୁ ମୌଳିକ ଶିଳ୍ପ କୁହାଯାଏ।

**କିମ୍ବା,**

(i) ଆଲୁମିନିୟମ୍ ଲୁହା ଭଳି ଶକ୍ତ ଏବଂ ହାଲୁକା।

(ii) ଏହା ତାପ ସୁପରିବାହୀ ଏବଂ ପ୍ରସାରଣଶୀଳ। ତେଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଅଟେ।

(B) (i) ଭାରତର ପଶ୍ଚିମ ଉପକୂଳ ଅପ୍ରଶସ୍ତ, ଗଭୀର ଓ କମ୍ ଜୁଆର ଦେଖାଯାଏ।

(ii) ତେଣୁ ଏଠାରେ ଜୁଆରିଆ ଅରଣ୍ୟ ଦେଖାଯାଏ ନାହିଁ।

**କିମ୍ବା,**

(i) ଜନସଂଖ୍ୟାର ସ୍ୱଳ୍ପତା ଓ ଅଧିକ ଚାଷଜମି ଥିବା ଅଞ୍ଚଳରେ ବ୍ୟାପକ କୃଷି କରାଯାଏ।

(ii) ବ୍ୟାପକ କୃଷିଭୂମି ଥିବାରୁ ଯାନ୍ତ୍ରିକ ଉପକରଣ ଦ୍ୱାରା କୃଷିକାର୍ଯ୍ୟ କରାଯାଏ।

**3. (a)**(i) ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ମୁକ୍ତ ଅବାଧ ଓ ନିରପେକ୍ଷ ବାଣିଜ୍ୟ କାରବାର ପ୍ରଚଳନ।

(ii) ଦେଶ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ବଦଳରେ ବହୁପାକ୍ଷିକ ରାଜିନାମାର ପ୍ରବର୍ତ୍ତନ।

(iii) ବିଭିନ୍ନ ଦେଶମାନଙ୍କ ମଧ୍ୟରେ ପୂର୍ବ ପ୍ରଚଳିତ ଆମଦାନି, ରପ୍ତାନୀ ନିୟମ ଓ କଟକଣା ଉଚ୍ଛେଦ କରାଯାଇଛି।

**କିମ୍ବା,**

(i) ବିକାଶୋନ୍ମୁଖୀ ଦେଶଗୁଡ଼ିକର ମୁଖ୍ୟ ଲକ୍ଷଣ ହେଉଛି ଜନସଂଖ୍ୟା ବୃଦ୍ଧି।

(ii) ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ ନ କରି ପାରିବା ଯୋଗୁଁ ସମ୍ବଳ ଉପରେ ଅତ୍ୟଧିକ ଚାପ ପଡ଼େ ଓ ଲୋକମାନଙ୍କ ମୁଣ୍ଡପିଛା ଆୟରେ ଆଶାନୁରୂପ ବୃଦ୍ଧି ପରିଲକ୍ଷିତ ହୋଇପାରେ ନାହିଁ।

(iii) ଏହି ଦେଶମାନଙ୍କରେ ବସବାସ କରୁଥିବା ଅଧିକାଂଶ ଲୋକ ଗରିବ ହୋଇଥାନ୍ତି। ସେମାନଙ୍କ ମୁଣ୍ଡପିଛା ଆୟ କମ୍ ଓ ଜୀବନଯାପନ ମାନ ଅତି ନିମ୍ନ ଧରଣର।

**4. (a)**(i) **ସରକାରୀ ମାଲିକାନା:** ସରକାରୀ ଉଦ୍ୟମରେ ପ୍ରତିଷ୍ଠିତ ଓ ପରିଚାଳିତ ବିଭିନ୍ନ ଦ୍ରବ୍ୟ ଓ ସେବା ଉତ୍ପାଦନକାରୀ ସଂସ୍ଥା, ଯଥା- ଭାରତୀୟ ରେଳ ବିଭାଗ ଓ ଡାକ ବିଭାଗ ସରକାରୀ ମାଲିକାନାରେ ଥାଆନ୍ତି। ଏମାନେ ଜନକଲ୍ୟାଣ ପାଇଁ କାମ କରନ୍ତି।

(ii) **ଘରୋଇ ମାଲିକାନା:** ଭାରତର କୃଷି ଓ ଘରୋଇ କଳକାରଖାନା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ଥିବାରୁ ଏହାକୁ ଘରୋଇ ମାଲିକାନା କହନ୍ତି। ଏମାନେ ଲାଭ ଆଶାରଖି କାର୍ଯ୍ୟ କରିଥାନ୍ତି।

**କିମ୍ବା,**

(i) **ଜାତୀୟ ଖାଉଟି କମିଶନ :** ଜାତୀୟ ସ୍ତରରେ ଖାଉଟି ଅଦାଲତକୁ ଜାତୀୟ ଖାଉଟି କମିଶନ ବୋଲି କୁହାଯାଏ। ଆମ ଦେଶରେ ଏହାର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ।

(ii) **ରାଜ୍ୟ ଖାଉଟି କମିଶନ :** ରାଜ୍ୟ ସ୍ତରରେ ଖାଉଟି ଅଦାଲକୁ ରାଜ୍ୟ ଖାଉଟି କମିଶନ ବୋଲି କୁହାଯାଏ। ଓଡ଼ିଶାରେ ଏହାର କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ।

□□□

## ସଂକ୍ଷେପରେ

### ୪୯ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ



ପାରଳାଖେମୁଣ୍ଡି,୧୭।୧ (ସ୍ୱ.ପ୍ର.) - ଗଜପତି ଜିଲା ମୋହନା ଥାନା ଅଧୀନ ପାଟପୁର ମୌଜା ଅଞ୍ଚଳରେ ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୪୯.୦୮୪ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଚଢ଼ାଉ ସମୟରେ ପ୍ରାୟ ୯ଲକ୍ଷ ୮ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ପୋଡ଼ାଯାଇଥିବାବେଳେ ଏହାର ମୂଲ୍ୟ ୯.୮ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ଜିଲାପାଳ ଅନୁପମ ଶାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା ।

# ଯୁବତୀ ଯୁବକଙ୍କୁ ସ୍ନେହରେ ବାନ୍ଧିଲା ମକର

ଗୋଷାଣୀ/ପାରଳାଖେମୁଣ୍ଡି ୧୭।୧(ଡି.ଏନ.ଏ./ସ୍ୱ.ପ୍ର.)

**ସୀତା ପାହାଡ଼ରେ ଭିଡ଼**
- ଜମିଲା ବିଜୟ ମହୋତ୍ସବ
- ଆନ୍ଧ୍ର, ଓଡ଼ିଶାର ଶ୍ରଦ୍ଧାଳୁଙ୍କ ସମାଗମ

ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମହେନ୍ଦ୍ରଗିରି ପାଦ ଦେଶରେଥିବା 'ସୀତା ପାହାଡ଼'ରେ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ମକର ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ସାରିଆପଲ୍ଲୀ ଗ୍ରାମ ଉପକଣ୍ଠସ୍ଥ ଏହି ପାହାଡ଼ରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ମେଳା ଯାକଜମକରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

ଏହି ପର୍ବତ ଉପରେ ମକର ମେଳା ସହ ସଂକ୍ରାନ୍ତି ପର ଦିନ 'ବିଜୟ ମହୋତ୍ସବ' ଅନୁଷ୍ଠିତ ହୋଇଥାଏ । ଭ୍ରାତୃତ୍ୱ ତଥା ମକର ସଙ୍ଗାତ ବନ୍ଧନରେ ବାନ୍ଧି ହେବା ପାଇଁ ଯୁବତୀ ଯୁବକ ଏଠାରେ ପହଞ୍ଚିଥାନ୍ତି। ସୀତା ଦେବୀ ଓ ଅଗ୍ନିକୁଣ୍ଡକୁ ସାକ୍ଷୀ ରଖି ସାରା ଜୀବନ ପାଇଁ ସ୍ନେହର ବନ୍ଧନରେ ବାନ୍ଧି ହୋଇଥାନ୍ତି। ଏହି ସମ୍ପର୍କ ଅତୁଟ ରହିଥାଏ ବୋଲି ବିଶ୍ୱାସ ରହିଛି। ଏଠାକାର ପୂଜକ ତଥା ମହେନ୍ଦ୍ରଗିରି ଆଶ୍ରମର ସ୍ୱାମୀ ଭାସ୍କରତୀର୍ଥ (ଲକ୍ଷ୍ମୀବାବା) ଏହି ସୀତା ପାହାଡ଼ ଓ ଏଠାରେ ଅନୁଷ୍ଠିତ ହେଉଥିବା ମକର ମେଳା ବିଷୟରେ କହିଛନ୍ତି, ପ୍ରଭୁ ରାମଚନ୍ଦ୍ର ବନବାସ ସମୟରେ ଭ୍ରାତା ଲକ୍ଷ୍ମଣ ଓ ସୀତାଙ୍କ ସହ ଏହି ସ୍ଥାନକୁ ଆସିଥିଲେ। ସେ ସମୟରେ ଏହି ପାହାଡ଼ରେ ସୀତା ଦେବୀଙ୍କ ଏକାନ୍ତ ବାସ ହୋଇଥିବା ପୁରାଣ ବର୍ଣ୍ଣିତ। କିମ୍ବଦନ୍ତୀ ଅନୁଯାୟୀ, ଏଠାରେ ସୀତାଙ୍କ ଆଣ୍ଠେଇବା ଚିହ୍ନ ମଧ୍ୟ ରହିଥିବାବେଳେ ସେହି ସ୍ଥାନରେ ସୀତାଙ୍କ ମନ୍ଦିର ମଧ୍ୟ ସ୍ଥାପନ କରାଯାଇଛି । ମେଳା ସମୟରେ ଏହି ମନ୍ଦିରରେ ହଳଦୀ, କୁଙ୍କୁମ ଓ ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରାଯାଇଥାଏ। ଅନ୍ୟପକ୍ଷରେ ଏହି ପାହାଡ଼ ଶ୍ୱେତ ପର୍ବତ ଭାବେ ବେଶ୍ ପରିଚିତ ଥିବାବେଳେ ଏଠାରେ ଶ୍ୱେତେଶ୍ୱର ମହାଦେବ ରହିଛନ୍ତି। ରାମଚନ୍ଦ୍ରଙ୍କ ପରମ ଭକ୍ତ ହନୁମାନ ମଧ୍ୟ ଏହି ପର୍ବତକୁ ଆସିଥିଲେ। ମହେନ୍ଦ୍ର ଯିବା ସମୟରେ ଏହି ସ୍ଥାନରେ ହିଁ ହନୁମାନଙ୍କ ନିବାସ ହୋଇଥିଲା ଏବଂ ସେ ଏଠାରେ ତପସ୍ୟା କରିଥିଲେ। ତେଣୁ ଏହି ପାହାଡ଼ରେ ମକର ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ମେଳାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ଗାରାବନ୍ଧ ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।



ମକର ମେଳାରେ ସୀତା ପାହାଡ଼ରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ଗଜପତି ଜିଲାରେ ଲାଗିଲା ତାପ ମାପକ ଯନ୍ତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ପାରଳାଖେମୁଣ୍ଡି, ୧୭।୧ (ସ୍ୱ.ପ୍ର.)

ଏଣିକି ବାୟୁମଣ୍ଡଳର ତାପମାତ୍ରା ଜାଣିବାକୁ ଆଉ ମୋବାଇଲ୍ ଉପରେ ନିର୍ଭର କରିବାକୁ ପଡ଼ିବନି। ଗଜପତି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭାରତୀୟ ପାଣିପାଗ ବିଭାଗ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସହଯୋଗରେ ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଏକ ତାପ ମାପକ ଯନ୍ତ୍ର ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ବାୟୁମଣ୍ଡଳର ତାପମାତ୍ରାକୁ ମାପିପାରିବ। ଏହା ମାନୁଆଲ ସର୍ଫେସ ଅବ୍‌ଜର୍ଭେଟୋରୀ ଦ୍ୱାରା ନିମ୍ନତମ ଏବଂ ଉଚ୍ଚତମ ତାପମାତ୍ରା ମାପିବ। ଏଥିରୁ ବୃଷ୍ଟିପାତର ପରିମାଣ ମଧ୍ୟ ଜାଣିହେବ ବୋଲି ଜରୁରୀକାଳୀନ ବିଭାଗ ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଜିଲା ଜରୁରୀକାଳୀନ ଅଧିକାରୀ ଏସ୍. ରାଉତ, ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗର ଭରତ ଚନ୍ଦ୍ର ବେହେରା, ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟର ନରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

# ଲାଞ୍ଜିଆ ସଉରାଙ୍କ ଜୀବନ ଜୀବିକାର ସହଜ ଉପାୟ

ଗୁମ୍ମା,୧୭।୧

**ଏସ୍ଏଚ୍‌ଜିଙ୍କୁ ମହୁମାଛି ଚାଷ ପ୍ରଶିକ୍ଷଣ**




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ।

ଗଜପତି ଜିଲା ଗୁମ୍ମା ବ୍ଲକ୍ ଅଧୀନ ଭୂବନି ଗ୍ରାମରେ ଶୁକ୍ରବାର ବୈଜ୍ଞାନିକ ପଦ୍ଧତିରେ ମହୁମାଛି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇସିଏଆର୍, ସିଆଇଏଫ୍ଏ, ଗଜପତି କୃଷି ବିଜ୍ଞାନ କେନ୍ଦ୍ର, ଗୁମ୍ମା ଏଲ୍ଏସ୍‌ଡିଏ, ଚନ୍ଦ୍ରଗିରି ଏସ୍‌ଡିଏର ମିଳିତ ଆନୁକୂଲ୍ୟରେ ଜନକଲ୍ୟାଣ ପ୍ରତିଷ୍ଠାନ ଓପିଲିପ୍ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଆ-ସଉରା ଏସ୍ଏଚ୍‌ଜିର ମହିଳାଙ୍କୁ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏପିସି ଇଣ୍ଡିକା ସପ୍ତଫେଣୀ ମହୁମାଛି ପାଳନ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ବିଭିନ୍ନ ଏସ୍ଏଚ୍‌ଜିର ୫୦ ମହିଳା ଯୋଗ ଦେଇଥିଲେ। ମହୁମାଛି ଚାଷ ପାଇଁ ଜାନୁୟାରୀରୁ ଜୁନ୍ ମାସ ପ୍ରକୃଷ୍ଟ ସମୟ। ତେଣୁ ଲାଞ୍ଜିଆ ସଉରାମାନଙ୍କ ଜୀବନ ଜୀବିକା ପାଇଁ ଏହା ସହଜ ଉପାୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆଇସିଏଆର୍-ସିଆଇଏଫ୍ଏର ସୁଧାଂଶୁ ଶେଖର ମିଶ୍ର, ଗୁମ୍ମା ଏଏଫ୍‌ଓ କାରୁଣ୍ୟ ଗିରିଧାରୀ, ସେରଙ୍ଗ ଓପିଲିପ୍‌ର ରାଧା ଚରଣ ପାଢ଼ୀ, ଭୂବନୀ ପଞ୍ଚାୟତର ସମିତି ସଭ୍ୟ ମାଗନ ରଇତ, ତାଲିମ ପ୍ରଶିକ୍ଷକ ଘନଶ୍ୟାମ ପରିଡ଼ା, ଜନକଲ୍ୟାଣ ପ୍ରତିଷ୍ଠାନର ଟିମ୍ ଲିଡର୍ ବିଉଟି ଲିମ୍ମା ଉପସ୍ଥିତ ଥିଲେ।

# ପଦ୍ମ ପଙ୍କରେ ଲୀନହେଲା କଣ୍ଠାସାଗର

ରାୟଗଡ଼(ଗଜପତି),୧୭।୧ (ଡି.ଏନ.ଏ.)



କଣ୍ଠାସାଗରର ଦୃଶ୍ୟ।

- ପାନୀୟ ଜଳ, ଜଳସେଚନ, ପଞ୍ଚାୟତର ବିକାଶର ଉତ୍ସ ଥିଲା
- ଗାଡ଼ି ଧୋଇ ଅପରିଷ୍କାର ହେଲା ପୋଖରୀ ଜଳ
- ପଙ୍କ ଉଦ୍ଧାର କରି ବ୍ୟବହାର ଉପଯୋଗୀ କରିବାକୁ ଦାବି

ଗଜପତି ଜିଲା ରାୟଗଡ଼ସ୍ଥିତ ଶତାୟୁ 'କଣ୍ଠାସାଗର' ପୋଖରୀ ଆଉ ଅଞ୍ଚଳବାସୀଙ୍କ କାମରେ ଲାଗୁନି। ଦିନେ ଅଞ୍ଚଳ ପାଇଁ ଆଶୀର୍ବାଦ ପାଲଟିଥିବା ଏହି ପୋଖରୀ ଏବେ ପଦ୍ମ ପଙ୍କରେ ଭର୍ତ୍ତି ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ରାୟଗଡ଼ ଗ୍ରାମର ଉଭୟ ପାର୍ଶ୍ୱର ପ୍ରାୟ ଦୁଇ କିଲୋମିଟର ଦୂରରେ ପ୍ରବାହିତ ମହେନ୍ଦ୍ରତନୟା ଓ ରାଜପୁର ନଦୀ ଦୂର ହେଉଥିବାରୁ ଶହେ ବର୍ଷ ପୂର୍ବେ ରାୟଗଡ଼ ସମେତ ନିକଟସ୍ଥ ପଣ୍ଡାସାହି, ଚମ୍ପାସାହି, ଉପରସାହି, କଇଡ଼ପଦର ଆଦି ଗ୍ରାମର ଲୋକଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଏହି ପୋଖରୀ ଖୋଳାଯାଇଥିଲା।

କଣ୍ଠାସାଗରର ପରିଷ୍କାର ଜଳ ପାନୀୟ ଉପଯୋଗୀ ହୋଇଥିବାରୁ ଅଞ୍ଚଳରେ ଜଳକଷ୍ଟ ନ ଥିଲା। ଏପରିକି ପୋଖରୀରେ ମାଛଚାଷ ମାଧ୍ୟମରେ ଆଦାୟ ଅର୍ଥ ପଞ୍ଚାୟତର ଜଳ, ପରିମଳ ଓ ବିଦ୍ୟୁତୀକରଣ କାର୍ଯ୍ୟରେ ମଧ୍ୟ ବିନିଯୋଗ ହୋଇପାରୁଥିଲା। ବର୍ଷା ଅଭାବରୁ ମରୁଡି ପରିସ୍ଥିତି ସୃଷ୍ଟି ହେଲେ ଏହି ପୋଖରୀ ତଳ ଅଞ୍ଚଳର ଜମିକୁ ପାଣି ଯୋଗାଇ କୃଷକଙ୍କ ପାଇଁ ମଧ୍ୟ ସହାୟକ ହେଉଥିଲା। ହେଲେ ସାପ୍ତାହିକ ବଜାରକୁ ଆସୁଥିବା ଶହ ଶହ ଯାନବାହନ ପୋଖରୀ ହୁଡ଼ାରେ ଧୋଇବା ଦ୍ୱାରା ପେଟ୍ରୋଲ, ଡିଜେଲ୍ ମିଶ୍ରିତ ଜଳ ପୋଖରୀରେ ପଶି ଏହାର ସ୍ୱଚ୍ଛତା ନଷ୍ଟ ହୋଇଛି। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିବା ସହ ଏହି ପୋଖରୀ ଏବେ ପଦ୍ମ ପଙ୍କରେ ଲୀନ ହୋଇଯାଇଥିବା ଦେଖିବାକୁ ମିଳିଛି। ଅଞ୍ଚଳର ଜନସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏକମାତ୍ର କରଣ ବନ୍ଧ ଅଞ୍ଚଳବାସୀଙ୍କ ପାଇଁ ସାହା ଭରସା ହୋଇଛି। ତେଣୁ କଣ୍ଠାସାଗର ବନ୍ଧର ପଙ୍କ ଉଦ୍ଧାର କରିବା ସହ ଏହାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବୈଜ୍ଞାନିକ ଜ୍ଞାନକୌଶଳ ଦ୍ୱାରା ଲାଭାନ୍ୱିତ ହେବେ ଚାଷୀ

ପାରଳାଖେମୁଣ୍ଡି, ୧୭।୧(ସ୍ୱ.ପ୍ର.)-

ଗଜପତି ଜିଲା ଆର୍. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତିଭାବେ ଆଇସିଏଆର୍-ଅଟାରୀ କୋଲକୋତାର ନିର୍ଦ୍ଦେଶକ ଡ. ଏସ୍.ଏସ୍. ସିଂ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉପନିର୍ଦ୍ଦେଶକ ଡ. ହେମନ୍ତ କୁମାର ସାହୁ, କେନ୍ଦ୍ରୀୟ କୃଷିଜୀବୀ ମହିଳା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଏସ୍. କେ. ଶ୍ରୀବାସ୍ତବ, କୃଷି ବିଜ୍ଞାନ କେନ୍ଦ୍ରରର ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ, ଜିଲା ମୁଖ୍ୟ କୃଷି ଅଧିକାରୀ ଇଗ୍ନିୟାସ ପ୍ରଧାନ, ଜିଲା ନାବାର୍ଡ ଅଧିକାରୀ ଏସ୍.ପାଲ୍, ଲିଡ୍ ବ୍ୟାଙ୍କ ପରିଚାଳକ କିଶୋର ଚନ୍ଦ୍ର ନାଇକ ଉପସ୍ଥିତ ଥିଲେ। ମୁଖ୍ୟତଃ କୃଷି ବିଜ୍ଞାନ କେନ୍ଦ୍ରର ଚଳିତ ବର୍ଷ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ଓ ଆଗାମୀ ବର୍ଷର ପ୍ରାୟୋଜିତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି କୃଷି କ୍ଷେତ୍ରରେ କିପରି ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ କିପରି କୃଷକମାନେ ଅଧିକ ଲାଭାନ୍ୱିତ ହୋଇପାରିବେ ଏବଂ ବିଭିନ୍ନ ଅଞ୍ଚଳର ମାଟିର ଗୁଣବତ୍ତାକୁ ଆଧାର କରି ଭିନ୍ନ ଭିନ୍ନ ଚାଷ କରିପାରିବେ ସେ ନେଇ ଆଲୋଚନା କରାଯାଇଥିଲା। କେଭିକେର ବୈଜ୍ଞାନିକ ଡ. ରଶ୍ମିତା ଟପ୍ପୋ, ଇଂ. ଦ୍ୱାରିକା ମୋହନ ଦାସ, ସଞ୍ଜୀବ ମାଣ୍ଡି, ମମତା ମାହାଳୀ, ରଞ୍ଜନ ପଟ୍ଟନାୟକ, ରାମ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ବୈଠକରେ ଓୟୁଏଟିର ଉପନିର୍ଦ୍ଦେଶକ, କେନ୍ଦ୍ରୀୟ କୃଷିଜୀବୀ ମହିଳା ଅନୁଷ୍ଠାନର ନିର୍ଦ୍ଦେଶକ ଓ ଅନ୍ୟମାନେ।

## ସନ୍ଦେହଜନକ କାର୍ ଜବତ, ୩ ଅଟକ

ଭଞ୍ଜନଗର,୧୭।୧(ଡି.ଏନ.ଏ.):

ଭଞ୍ଜନଗର ପୋଲିସ ସନ୍ଦେହଜନକ ଭାବେ ଆସୁଥିବା ଏକ ନୂଆ କାର୍‌କୁ ଜବତ କରିବା ସହ ୩ ଯୁବକଙ୍କୁ ଅଟକ ରଖିଛି। ଉକ୍ତ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ସକାଳେ ସନ୍ଦେହଜନକ ଭାବେ ଆସୁଥିବା ଉକ୍ତ କାରକୁ ଭଞ୍ଜନଗର କଲେଜ ନିକଟରେ ଯାଞ୍ଚ ପାଇଁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ହେଲେ କାର୍‌ଟି ଦ୍ରୁତ ଗତିରେ ଚାଲି ଯାଇଥିଲା । ପୋଲିସ ପାଟ୍ରୋଲିଂ ଗାଡ଼ି ପିଛା କରିବାରୁ କାର୍‌ଟି ଗାମୁଣ୍ଡି ରାସ୍ତାରେ ଯାଇଥିଲା। ମାତ୍ର ଗାମୁଣ୍ଡି ଠାରେ ରାସ୍ତାରେ ଏକ ଅଟୋ ଅଟକି ଥିବାରୁ କାର୍‌ଟି ଆଗକୁ ଯାଇପାରି ନ ଥିଲା । ସେଠାରେ କାରକୁ ପୋଲିସ ଅଟାଇବା ସହ ସେଥିରେ ଥିବା ୩ ଯୁବକଙ୍କୁ କାବୁ କରି ଥାନାକୁ ନେଇ ଆସିଛି । ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ଅଟକ ଯୁବକମାନଙ୍କ ଘର ପଶ୍ଚିମବଙ୍ଗ ଓ କନ୍ଧମାଳ ଜିଲାରେ। ହେଲେ ପୋଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଏପରି ଏକ ତଣ ଯାହା ଘଟକୁ ଖୁସି ଆଣେ
ଭାରତୀୟ ମୁଦ୍ରା ଯୋଜନା ଅଧୀନରେ
ଭାରତୀୟଙ୍କ ସବୁଠାରୁ ଭରସାଯୋଗ୍ୟ କମ୍ପାନୀ
ବ୍ୟବସାୟ ଋଣ 1% ସୁଧ
ପ୍ରପର୍ଟି ଋଣ
ମାର୍କସିଟ୍ ଋଣ 50% ଛାଡ଼
ଆଧାରକାର୍ଡ ଋଣ
ପର୍ସନାଲ ଋଣ
ବିପିଏଲ୍ ଋଣ
ଆଦି ସମସ୍ତ ଋଣ
ଲୋନ୍ ଧମାକା
ATM Card ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ | ସବୁ ପ୍ରକାର ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
(କାମ ଆମର, ବିଶ୍ୱାସ ଆପଣଙ୍କର)
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ଅଫର୍
073763-45374
087219-21764

BUSINESS

JOB JOB
ଶିବାନୀ SMS ଜବ୍ ପାର୍ଟ ଟାଇମ୍/ଫୁଲ ଟାଇମ୍ JOB ALL ଓଡ଼ିଶାର ସବୁ ଜିଲ୍ଲା ଅନୁସାରେ ପୁଅ/ଝିଅ, ବେରୋଜଗାର, ଗୃହିଣୀ, ବେରୋଜଗାରୀ/ମାନ୍ଦାବସ୍ଥା ସମୟରେ ଆୟର ସୁବର୍ଣ୍ଣ ସୁଯୋଗ 15,000/-ରୁ 20,000/- ରୋଜଗାର କରନ୍ତୁ । ଲାପଟପ୍, ମୋବାଇଲ, ବାଇକ୍ ମାଗଣା । ଅନ୍‌ଲାଇନ୍ SMS କରନ୍ତୁ । ଜବ୍ ଆଇ.ଡି. ପାଇଁ ଯୋଗାଯୋଗ କରନ୍ତୁ ।
7265982706
7064678575

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

EDUCATION

SHINGHANIA TOWER
ଖାଲିଥିବା ଜମି ଓ ଛାତ ଉପରେ Shinghania Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: shinghaniatowercompany4242@gmail.com
WhatsApp No
9453480851

ASTROLOGY

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କସିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଭାରତ ସରକାରଙ୍କ ନର୍ସିଂ ଓ ଫାୟାର ସେଫଟି ପାଠ୍ୟକ୍ରମ ଓ ନିଯୁକ୍ତି ସୁଯୋଗ
Nursing: OT.TECH, DM.L.T TECH, PHRAMACY, I.C.U, DIALYSIS, E.C.G, G.N.M
Fire Safety: Fire & Safety Engg. Tech., Fire and Industrial Safety Management
Hospital Practical, Hostel, Transport Facility Available Here
KIMS, KHANDAGIRI, BBSR
8658179869
7752094125

2003ଠାରୁ ଆପଣଙ୍କ ସେବାରେ
TOWER VISION CO.
ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ସିଧା କମ୍ପାନୀ ସହ କଥା ହୋଇ ନିଜର ଖାଲି ଜମି, ଛାତ, କ୍ଷେତ ଓ ପ୍ଲଟ୍‌ରେ ମଲ୍ଟିମିଡିଆ ଡିଜିଟାଲ ଟାୱାର୍ ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ | ଭଡ଼ା: 60 ହଜାର
+ କୋର୍ଟ ଏଗ୍ରିମେଣ୍ଟ + ବାଇକ୍
073762-57896
094994-92906
ADDRESS: T-51, GAUTAMPURI, DELHI

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।